# ସକାଳ
THE SAKALA

- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-23 ◆THURSDAY ◆17 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୨୩ ◆ଗୁରୁବାର ◆୧୭ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


## ଆଜି ୧୨ ଘଣ୍ଟିଆ ଓଡ଼ିଶା ବନ୍ଦ

### ସାମିଲ ହେବେ ୮ ଟି ରାଜନୈତିକ ଦଳ

**ସାରା ରାଜ୍ୟରେ ବନ୍ଦ ରହିବ ପେଟ୍ରୋଲ ପମ୍ପ**

■ **ଭୁବନେଶ୍ୱର, ୧୬।୭ (ସମିସ):** ଫକୀରମୋହନ ଛାତ୍ରୀ ମୃତ୍ୟୁ ଘଟଣାରେ କଂଗ୍ରେସ ସମେତ ୮ ଟି ରାଜନୈତିକ ଦଳ ପକ୍ଷରୁ ଗୁରୁବାର ଓଡ଼ିଶା ବନ୍ଦ ଡକରା ଦିଆଯାଇଛି। ବୁଧବାର ପୂର୍ବାହ୍ନରେ ଭୁବନେଶ୍ୱରରେ ଆୟୋଜିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ବନ୍ଦ ସଫଳ କରିବାକୁ ଓଡ଼ିଶାର ସମସ୍ତ ବାମପନ୍ଥୀ ଓ ଗଣତାନ୍ତ୍ରିକ ଦଳ, ଟ୍ରେଡ୍ ୟୁନିୟନ, କୃଷକ ସଂଗଠନ, ମହିଳା, ଯୁବକ, ଛାତ୍ର ଏବଂ ସମାଜର ସମସ୍ତବର୍ଗଙ୍କୁ ନିବେଦନ କରାଯାଇଛି। ଏକ ମିଳିତ ପ୍ରେସ୍‌ବାର୍ତ୍ତାରେ ବିରୋଧୀ ଦଳଗୁଡ଼ିକ ପକ୍ଷରୁ କୁହାଯାଇଛି ଯେ ଡବଲ ଇଞ୍ଜିନ ବିଜେପି ସରକାରଙ୍କ କୁଶାସନ ବିରୋଧରେ ଏହି ବନ୍ଦ ଡକରା ▶ପୃଷ୍ଠା-୭

## ବିଜେଡିର ଲୋକସେବା ଭବନ ଘେରାଉ

# ବର୍ବରତାର ସୀମା ଟପିଲା ପୁଲିସ

### ଆନ୍ଦୋଳନକାରୀଙ୍କ ଉପରେ ପାଣି, ଲୁହବୁହା ଗ୍ୟାସ୍, ରବର ବୁଲେଟ୍ ମାଡ଼

### ପ୍ରଣବ ପ୍ରକାଶ, ପ୍ରୀତିରଞ୍ଜନ ଓ ସୁଲତା ଗୁରୁତର, ଶତାଧିକ କର୍ମୀ ଆହତ

### ପୁଲିସକୁ ସରକାର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି: ବିଜେଡି



■ **ଭୁବନେଶ୍ୱର, ୧୬।୭ (ସମିସ):** ନିର୍ଯାତନା ନିଆଁରେ ଦଗ୍ଧ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ଦାବିରେ ଲୋକସେବା ଭବନ ଘେରାଉ କରିଥିବା ବିଜେଡି କର୍ମୀ ଓ କର୍ମକର୍ତ୍ତାଙ୍କ ଉପରେ ପୁଲିସ କରିଛି ପ୍ରଚଣ୍ଡ ଆକ୍ରମଣ। ଲୋୟର ପିଏମ୍‌ଜିରେ ଶାନ୍ତିପୂର୍ଣ୍ଣ ଭାବରେ ଘେରାଉ ବେଳେ ବର୍ବରତାର ସୀମା ଟପିଛି ପୁଲିସ। ବିଜେଡି କର୍ମୀଙ୍କ ଉପରେ ଆଖିବୁଜା ପାଣିମାଡ଼, ଲୁହବୁହା ଗ୍ୟାସର ପ୍ରୟୋଗ କରି ସେମାନଙ୍କୁ ଘାଇଲା କରିଛି। ଏତିକିରେ ପୁଲିସର ହିଂସ୍ର ଆଚରଣ ଅଟକି ନାହିଁ; ସବୁ ଆଇନ କାନୁନକୁ ମୋଡି ମକଚି ଦେଇ ପୁଲିସ ବିଜେଡି କର୍ମୀଙ୍କ ଉପରକୁ ବେଆଇନ ଭାବେ ରବର ଗୁଳି ଚାଳନା କରିଥିବା ଅଭିଯୋଗ ହୋଇଛି। ପୁଲିସ ଆକ୍ରମଣରେ ବିଜେଡି ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡ଼ାଇ ଓ ରାଜ୍ୟସଭା ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇ ହସ୍ପିଟାଲରେ ଭର୍ତ୍ତି ହୋଇଛନ୍ତି। ସେହିପରି ଦଳର ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଘରୋଇ ହସପିଟାଲରେ ଭର୍ତ୍ତି ହୋଇଛନ୍ତି। ପୁଲିସର ମାତ୍ରାଧିକ ପ୍ରତିକ୍ରିୟାଶୀଳ ଆଚରଣ ଓ ବର୍ବରୋଚିତ ଆକ୍ରମଣକୁ ସାରା ରାଜ୍ୟରେ ନିନ୍ଦା କରାଯାଇଛି। ବିଜେଡିର ଜୋରଦାର ପ୍ରତିବାଦରେ ସରକାର ଡରିଯାଇଛନ୍ତି ବୋଲି ସାଧାରଣରେ ପ୍ରତିକ୍ରିୟା ପ୍ରକାଶ ପାଇଛି। ଅନ୍ୟପକ୍ଷରେ ପୁଲିସକୁ ସରକାର ଗୁଣ୍ଡାବାହିନୀରେ ପରିଣତ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି।

ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ଦାବିରେ ବିଜେଡି ପକ୍ଷରୁ ଦିଆ ଯାଇଥିବା ଲୋକସେବା ଭବନ ଘେରାଉରେ ଆଜି ଦଳର ବରିଷ୍ଠ ନେତାମାନଙ୍କ ସହ ହଜାର ହଜାର କର୍ମୀ ସାମିଲ ହୋଇଥିଲେ। ମାଷ୍ଟର କ୍ୟାଣ୍ଟିନ ଛକଠାରୁ ପିଏମଜି ଛକ ପର୍ଯ୍ୟନ୍ତ ବିଜେଡି କର୍ମୀମାନେ ଏକଜୁଟ ହୋଇ ମୋହନ ସରକାରଙ୍କ ବିରୋଧରେ ସ୍ଲୋଗାନ ସହ ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ପ୍ରଦାନ ଦାବି କରିଥିଲେ। ଏହି ଘଟଣାରେ ରାଜ୍ୟ ▶ପୃଷ୍ଠା-୭

## ୮ ଘଣ୍ଟା ଅଟକିଲା ବାଲେଶ୍ୱର

**ଗଡ଼ିଲାନି ଚକ-ଅଖ**

■ **ବାଲେଶ୍ୱର, ୧୬।୭ (ସମିସ):** ଆତ୍ମାହୁତି ଦେଇଥିବା ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀଙ୍କୁ ନ୍ୟାୟ ଦାବିରେ ସ୍ୱରକୁ ଅଧିକ ଶାଣିତ କରିଛି ବିଜେଡି। ବାଲେଶ୍ୱର, ରେମୁଣା, ନୀଳଗିରି, ସୋର, ସିମୁଳିଆ, ବସ୍ତା, ଜଳେଶ୍ୱର, ଭୋଗରାଇ ନିର୍ବାଚନମଣ୍ଡଳୀରେ ବିଜେଡିର ପ୍ରତିବାଦ ଜୋର୍‌ଦାର୍ ହୋଇଛି। ଦଳ ପକ୍ଷରୁ ଦିଆଯାଇଥିବା ଜିଲ୍ଲା ବନ୍ଦ ଡକରାକୁ ମଧ୍ୟ ସ୍ୱତଃସ୍ଫୂର୍ତ୍ତ ଜନସମର୍ଥନ ମିଳିଛି। ସବୁଠି ଲୋକଙ୍କ ମଧ୍ୟରେ କୋହ ଦେଖିବାକୁ ମିଳିଥିବାବେଳେ ଚକ-ଅଖ ନ ଗଡ଼ିବା ଫଳରେ ବୁଧବାର ୮ ଘଣ୍ଟା କାଳ ଅଟକିଯାଇଥିଲା ପୂରା ଜିଲ୍ଲା। ବାଲେଶ୍ୱର ଛାତ୍ରୀ ମୃତ୍ୟୁ ଘଟଣାରେ ଆନ୍ଦୋଳନକୁ ଓହ୍ଲାଇ ବିଜୁ ଜନତା ଦଳ କହିଛି, ସରକାରଙ୍କ ଅବହେଳା ପାଇଁ ଛାତ୍ରୀଙ୍କ ଜୀବନ ଯାଇଛି। ଏଥିପାଇଁ ରାଜ୍ୟ ସରକାର ସଂପୂର୍ଣ୍ଣ ଭାବେ ଉତ୍ତରଦାୟୀ। ପୀଡ଼ିତା ଜଣକ ବାରମ୍ବାର ଅଭିଯୋଗ କରିବା ସତ୍ତ୍ୱେ କେହି ତାଙ୍କ କଥା ଶୁଣିଲେନି। ନ୍ୟାୟ ପାଇଁ ଏଠି ସେଠି ଘୂରି ▶ପୃଷ୍ଠା-୭

## ପୁଲିସର ଆକ୍ରମଣ ଅମାନୁଷିକ: ନବୀନ

### ସ୍ପଷ୍ଟୀକରଣ ରଖନ୍ତୁ ସରକାର



**"ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ"**

■ **ଭୁବନେଶ୍ୱର, ୧୬।୭ (ସମିସ):** ଲାୟର ପିଏମଜିରେ ଏଫ୍‌ଏମ୍ ସ୍ୱୟଂଶାସିତ କଲେଜର ମୃତ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବିଜେଡିର ଶାନ୍ତିପୂର୍ଣ୍ଣ ଆନ୍ଦୋଳନ ଉପରେ ପୁଲିସର ଅମାନୁଷିକ ଆକ୍ରମଣକୁ କଠୋର ଶବ୍ଦରେ ନିନ୍ଦା କରିଛନ୍ତି ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ପୁଲିସର ଏହି ଆକ୍ରମଣ ବର୍ବରୋଚିତ ବୋଲି ବର୍ଣ୍ଣନା କରି ମୃତ ଛାତ୍ରୀଙ୍କୁ ନ୍ୟାୟ ନ ମିଳିବା ପର୍ଯ୍ୟନ୍ତ ବିଜେଡି ଅବିଚଳିତ ଭାବରେ ଲଢ଼େଇ ଜାରି ରଖିବ ବୋଲି ସେ ଘୋଷଣା କରିଛନ୍ତି। ପାଣି ମାଡ଼, ରବର ଗୁଳି, ଲୁହବୁହା ଗ୍ୟାସ ଆମର ସଂକଳ୍ପକୁ ଦୁର୍ବଳ କରିପାରିବ ନାହିଁ ବୋଲି ଶାସକ ବିଜେପିକୁ ସିଧାସଳଖ ଆହ୍ୱାନ ଦେଇଛନ୍ତି ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ନବୀନ କହିଛନ୍ତି ଯେ ଓଡ଼ିଶାରେ ଗଣତାନ୍ତ୍ରିକ ▶ପୃଷ୍ଠା-୭

## ସଂସଦ ଘେରିବ କଂଗ୍ରେସ




**ମହିଳାଙ୍କ ପାଇଁ ଓଡ଼ିଶା ମୃତ୍ୟୁକୂପ: ଅଳକା ଲାମ୍ବା**

■ **ଭୁବନେଶ୍ୱର, ୧୬।୭ (ସମିସ):** ଆସନ୍ତା ୨୧ ତାରିଖରେ ସଂସଦର ମୌସୁମୀ ଅଧିବେଶନ ଆରମ୍ଭ ହେବ। ଏହି ସମୟରେ କଂଗ୍ରେସ ସଂସଦ ଘେରାଉ କରିବ। ଘେରାଉ ବେଳେ ଓଡ଼ିଶା ପ୍ରସଙ୍ଗକୁ ପ୍ରାଥମିକତା ଦିଆଯିବ। ମହିଳାଙ୍କ ପାଇଁ ଓଡ଼ିଶା ଆଜି ମୃତ୍ୟୁକୂପ ପାଲଟିଛି। ଏଠି ସରକାରୀ ବ୍ୟବସ୍ଥା ସମ୍ପୂର୍ଣ୍ଣ ଫେଲ୍। ତେଣୁ ଓଡ଼ିଶାରେ ରାଷ୍ଟ୍ରପତି ଶାସନ ଲାଗୁ କରାଯାଉ ବୋଲି କଂଗ୍ରେସ ଦାବି କରିଛି। ବୁଧବାର କଂଗ୍ରେସ ଭବନରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଅଖିଳ ଭାରତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଳକା ଲାମ୍ବା କହିଛନ୍ତି ଯେ ▶ପୃଷ୍ଠା-୭







ସମ୍ପୂର୍ଣ୍ଣା
ସକାଳ THE SAKALA
www.sakalaepaper.com

## ସବୁଠୁ ପତଳା କାର୍



ସାମାଜିକ ଗଣମାଧ୍ୟମରେ ବିଭିନ୍ନ ସମୟରେ ବେଶ୍ ଅଜବ ଜିନିଷ ସବୁ ଭାଇରାଲ ହୋଇଥାଏ । ଏହି କ୍ରମରେ ଏବେ ସାମାଜିକ ଗଣମାଧ୍ୟମରେ ଏକ କାର୍‌ର ଫଟୋ ସମସ୍ତଙ୍କ ଦୃଷ୍ଟିଆକର୍ଷଣ କରିବା ସହ ଚର୍ଚ୍ଚା ସାଉଁଟୁଛି । ତେବେ ଏହାର ଡିଜାଇନ୍ ଏଭଳି ଭାବେ କରାଯାଇଛି ଯେ, ଏହାକୁ ବିଶ୍ୱର ସବୁଠୁ ପତଳା କାର୍ ବୋଲି କୁହାଯାଉଛି । ଏହାର ଚଉଡ଼ା ମାତ୍ର ୧୯ ଇଞ୍ଚ । ଏହି ମଡେଲର ନାଁ ପାଣ୍ଡା ରଖାଯାଇଛି । ହାଲୁକା ନୀଳ ରଙ୍ଗର ଏହି କାର୍ ଏତେ ପତଳା ଯେ, ଏହା ଦେଖିବାକୁ ୨ଡି କାର୍ଟୁନ ଭଳି । ଏହାର ସାମ୍ନାରେ ଗୋଟିଏ ହେଡ୍‌ଲାଇଟ୍ ଏବଂ ଏହାର ଦୁଇ ପାର୍ଶ୍ୱରେ ଦୁଇଟି ଛୋଟ ଇଣ୍ଡିକେଟର ଲାଇଟ୍ ଅଛି । କାର୍‌ଟିର ଚାରିଟି ଚକ ରହିଛି । ଏହାର ଚକ ମଧ୍ୟ ଖୁବ୍ ପତଳା । ଏହି କାର୍‌ରେ ଗୋଟିଏ ଫ୍ରଣ୍ଟ ସିଟ୍ ଅଛି । ଏହା ପଛରେ ଅତିରିକ୍ତ ସିଟ୍‌ଟିଏ ଅଛି । ଏହିପ୍ରକାରେ ଉକ୍ତ ଅଜବ କାର୍‌ର ଦୁଇଟି ସିଟ୍ ହୋଇଯାଉଛି । ଅନ୍ୟପଟେ ଡ୍ରାଇଭର ସିଟ୍ ପାଖରେ କାର୍‌ର ଗୋଟିଏ ଡୋର୍ ଅଛି । ଯିଏ ବି ପଛରେ ବସିବାକୁ ଚାହିଁବେ, ଏହି ଡୋର୍ ଦେଇ ଯିବାକୁ ହେବ । ଅବଶ୍ୟ ପଛ ସିଟ୍ କେବଳ ଜଣେ ଛୋଟ ପିଲା ପାଇଁ ପର୍ଯ୍ୟାପ୍ତ କହିଲେ ଭୁଲ ହେବ ନାହିଁ। କାର୍‌ର ଭିଡିଓ ସାମାଜିକ ଗଣମାଧ୍ୟମରେ ସେୟାର୍ ହେବା ପରେ ସମସ୍ତଙ୍କ ନଜରକୁ ଆସିଛି । ତା’ସହ କାର୍‌ଟିକୁ ଲୋକେ ଖୁବ୍ ପସନ୍ଦ କରୁଛନ୍ତି ଏବଂ ଏଥିରେ ବେଶ୍ ମଜାଳିଆ ପ୍ରତିକ୍ରିୟା ବି ଦେଉଛନ୍ତି ।

## ଅନ୍ତରାଷ୍ଟ୍ରୀୟ ନ୍ୟାୟ ଦିବସ



ପ୍ରତିଟି ମଣିଷକୁ ନ୍ୟାୟ ପ୍ରଦାନ ସୁନିଶ୍ଚିତ କରିବା ଯେତିକି ଗୁରୁତ୍ୱପୂର୍ଣ୍ଣ, ସେତିକି ପ୍ରାସଙ୍ଗିକ ମଧ୍ୟ । ସମସ୍ତଙ୍କ ପାଇଁ ନ୍ୟାୟ ଅପରିହାର୍ଯ୍ୟ । ଏହାକୁ ଦୃଷ୍ଟିରେ ରଖି ପ୍ରତିବର୍ଷ ଜୁଲାଇ ୧୭ ତାରିଖକୁ ଅନ୍ତର୍ଜାତୀୟ ନ୍ୟାୟ ଦିବସ ଭାବେ ପାଳନ କରାଯାଇ ଆସୁଛି । ସମସ୍ତଙ୍କୁ ନ୍ୟାୟ ପ୍ରଦାନ କରିବା ଏବଂ ବିଶ୍ୱଶାନ୍ତି ପ୍ରତିଷ୍ଠା କରିବା ଏହି ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ ଓ ଉଦ୍ଦେଶ୍ୟ । ପୃଥିବୀର ପ୍ରତିଟି ନିଷ୍ପେଷିତ, ପୀଡ଼ିତଙ୍କୁ ନ୍ୟାୟ ପ୍ରଦାନ କରିବାକୁ ରୋମ ସମ୍ମିଳନୀର ବର୍ଷପୂର୍ତ୍ତି ଅବସରରେ ସମ୍ମିଳିତ ହୋଇଥିବା ରାଷ୍ଟ୍ରସମୂହ ସ୍ୱତନ୍ତ୍ର ଭାବେ ଏକ ଅନ୍ତର୍ଜାତୀୟ ଅପରାଧିକ ନ୍ୟାୟାଳୟ ସ୍ଥାପନ କରିବା ଲାଗି ସହମତି ଜଣାଇଥିଲେ । ପରବର୍ତ୍ତୀ ସମୟରେ ଏଥିଲାଗି ବିଧିବଦ୍ଧ ପ୍ରକ୍ରିୟା ଆରମ୍ଭ ହୋଇଥିଲା । ୨୦୦୨ ଜୁଲାଇ ୧ଠାରୁ ନେଦରଲାଣ୍ଡ୍‌ର ହେଗ୍ ସହରରେ ବିଧିବଦ୍ଧ ଭାବେ ଏହା ଆରମ୍ଭ ହୋଇଥିଲା । ଆଇସିସି ହେଉଛି ସ୍ୱତନ୍ତ୍ର ଅନ୍ତର୍ଜାତୀୟ ନ୍ୟାୟିକ ସଂସ୍ଥାନ । ବିଶ୍ୱସ୍ତରରେ ହେଉଥିବା ଜଘନ୍ୟ ମାନବାଧିକାର ଉଲ୍ଲଂଘନ ମାମଲାଗୁଡ଼ିକର ଶୁଣାଣି ଏଠାରେ ହୋଇଥାଏ । ଗଣସଂହାର, ଯୁଦ୍ଧ ଅପରାଧ, ମାନବତା ପ୍ରତି ବିପଦ ଥିବା ପ୍ରତ୍ୟେକ ମାମଲାର ଶୁଣାଣି ଏହି ଅଦାଲତରେ କରାଯାଏ । ସେଇ ଐତିହାସିକ ମୁହୂର୍ତ୍ତକୁ ସ୍ମରଣୀୟ କରିବା ଲାଗି ୨୦୧୦ ମସିହାରୁ ପ୍ରତିବର୍ଷ ‘ଆନ୍ତର୍ଜାତିକ ନ୍ୟାୟ ଦିବସ’ ପାଳନ କରାଯାଇ ଆସୁଛି । ସଂପ୍ରତି ୧୨୫ଟି ରାଷ୍ଟ୍ର ଆଇସିସିର ସଦସ୍ୟ ଅଛନ୍ତି । ଅନ୍ତର୍ଜାତୀୟ ନ୍ୟାୟାଳୟରେ ୧୫ ଜଣ ନ୍ୟାୟାଧୀଶ ରହିଛନ୍ତି, ଯିଏକି ସଂଯୁକ୍ତ ରାଷ୍ଟ୍ର ମହାସଭା ଓ ସୁରକ୍ଷା ପରିଷଦ ଦ୍ୱାରା ୯ ବର୍ଷ ଲାଗି ଚୟନ ହୋଇଥାନ୍ତି । ଏହି ଦିବସ ଅପରାଧ ବିରୋଧରେ ଲଢ଼େଇ ଜାରି ରଖିବା ଲାଗି ଲୋକଙ୍କୁ ସଚେତନ କରେ । ଯୁଦ୍ଧପୀଡ଼ିତ, ମାନବିକତା ବିରୋଧରେ ସଂଘଠିତ ଅପରାଧ, ଅନ୍ୟ ଉପରେ ଆକ୍ରମଣ ଜନିତ ଅପରାଧ ତଥା ହତ୍ୟା ଶିକାର ହେଉଥିବା ଲୋକମାନଙ୍କୁ ନ୍ୟାୟ ଦେବା ଉପରେ ଏହି ଦିବସ ଗୁରୁତ୍ୱ ଦେଇ ଆସୁଛି ।

## ସୂର୍ଯ୍ୟାଲୋକରୁ ସୁରକ୍ଷା ଦେଉଛି ପଦ୍ମପତ୍ର




ଚୀନ୍‌ରେ ନିୟମିତ ନୂଆ ନୂଆ ଟ୍ରେଣ୍ଡ ସବୁ ଦେଖିବାକୁ ମିଳିଥାଏ । ଏହି କ୍ରମରେ ଏଠାରେ ଏବେ ଏକ ଅଜବ ଟ୍ରେଣ୍ଡ ଭାଇରାଲ ହେବାରେ ଲାଗିଛି । ଏଠାକାର ଲୋକେ ସନ୍‌ବର୍ଣ୍ଣରୁ ରକ୍ଷା ପାଇବା ପାଇଁ ପଦ୍ମପତ୍ରକୁ ଫେସ୍‌କଭର୍ ଭଳି ବ୍ୟବହାର କରୁଥିବାର ଦେଖାଯାଇଛି । ବିଶେଷକରି ଦକ୍ଷିଣ ଚୀନ୍‌ର ଝୋଜିଆଙ୍ଗ, ସିଚୁଆନ୍, ଏବଂ ଫୁଜିୟାନ ପ୍ରାନ୍ତର ଲୋକେ ଖରା ଏବଂ ଗରମରୁ ମୁହଁକୁ ସୁରକ୍ଷା ଦେବା ପାଇଁ ଏହି ନିଆରା ଉପାୟ ବାହାର କରିଛନ୍ତି । ଏବେ ସେମାନେ ବଜାରରୁ ସନ୍‌ସ୍କ୍ରିନ୍ ନ କିଣି, ପୋଖରୀରୁ ପଦ୍ମପତ୍ର ଛିଡ଼ାଇ ନିଜ ମୁହଁ ଘୋଡ଼ାଉ ଥିବା ଦେଖିବାକୁ ମିଳୁଛି । ସେହିପରି ବଡ଼ ବଡ଼ ପଦ୍ମପତ୍ରକୁ ହେଲ୍‌ମେଟ୍ କିମ୍ବା ଟୋପିରେ ସେଟ୍ କରି ମୁହଁରେ ବାନ୍ଧୁଥିବାର ଦେଖାଯାଉଛି । ଏହାସହ ଆଖି, ନାକ ଏବଂ ପାଟି ପାଖରେ ଛୋଟ ଛୋଟ ଛିଦ୍ର କରିଥାନ୍ତି । ଏନେଇ ଫୁଜିୟାନ ଅଞ୍ଚଳର ଜଣେ ଯୁବକଙ୍କ କହିବା କଥା, ସେ ପ୍ରଥମେ ବିୟୁଟି ମାସ୍କ ଲଗାଇବାକୁ ଭାବୁଥିଲେ । କିନ୍ତୁ ଘର ପାଖ ପୋଖରୀରେ ଥିବା ପଦ୍ମପତ୍ର ଦେଖି ତାଙ୍କ ମନ ବଦଳି ଯାଇଥିଲା । ତେବେ ଏହା ଏକ ପ୍ରାକୃତିକ ଉପଚାର ହେବା ସହ ମାଗଣାରେ ମିଳୁଥିବାରୁ ଲୋକେ ଏହି ଟ୍ରେଣ୍ଡକୁ ବେଶ୍ ପସନ୍ଦ କରୁଛନ୍ତି । କିଛି ଲୋକେ ଏହି ଟ୍ରେଣ୍ଡ ବେଶ୍ ମଜାଦାର କହୁଥିବାବେଳେ କିଛି ଏହାକୁ କ୍ଷତିକାରକ ବୋଲି କହିଛନ୍ତି । ଏଭଳି ପତ୍ର ପିନ୍ଧି ବାଇକ୍ ଚଲାଇବା ସମୟରେ ଦୁର୍ଘଟଣା ଘଟିପାରେ ବୋଲି କିଛି ଲୋକ ମନ୍ତବ୍ୟ ଦେଇଛନ୍ତି । ତେବେ ୧୦ ବର୍ଷ ପୂର୍ବେ ଚୀନ୍‌ର ସେଡୋଙ୍ଗ ପ୍ରାନ୍ତରେ ଫେସ୍‌କିନି ନାମକ ଏକ ଜିନିଷ ଭାଇରାଲ ହୋଇଥିଲା । ସମୁଦ୍ରକୂଳକୁ ଯାଉଥିବା ମହିଳାମାନେ ମୁହଁକୁ ସୂର୍ଯ୍ୟକିରଣରୁ ସୁରକ୍ଷା ଦେବା ପାଇଁ ଏହାକୁ ପିନ୍ଧୁଥିଲେ ।

## ‘ଦ ରାଜା ସାବ୍’

## ପ୍ରଭାସ ନେଇଛନ୍ତି ୧୫୦ କୋଟି


ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ପ୍ରଭାସଙ୍କ ଫିଲ୍ମ ‘ଦ ରାଜା ସାବ୍’ ରିଲିଜ୍ ହେବାକୁ ଆହୁରି ପାଞ୍ଚମାସ ବାକି ଅଛି । କିନ୍ତୁ ବକ୍ସ ଅଫିସ୍‌ରେ ଏହା ରେକର୍ଡ ଆୟ କରିବ ବୋଲି ଏବେଠୁ ଚର୍ଚ୍ଚା ହେଲାଣି । ମାରୁତିଙ୍କ ନିର୍ଦ୍ଦେଶିତ ଏହି ହରର୍ କମେଡି ଫିଲ୍ମର ବଜେଟ୍ ୪୫୦ କୋଟି ରହିଛି । ପ୍ରଭାସ ପାରିଶ୍ରମିକ ବାବଦରେ ନେଇଛନ୍ତି ୧୫୦ କୋଟି । ତେବେ ‘ଦ ରାଜା ସାବ୍’କୁ ବକ୍ସ ଅଫିସ୍‌ରେ ସଫଳ ହେବା ପାଇଁ ଅତି କମ୍‌ରେ ୯୦୦ କୋଟି ଆୟ କରିବାକୁ ହେବ । ଯଦି ଫିଲ୍ମଟି ସର୍ବଭାରତୀୟ ସ୍ତରରେ ବଜେଟ୍‌ର ୧୦୦ ପ୍ରତିଶତ ରିଟର୍ଣ୍ଣ ଦିଏ ତାହେଲେ ଯାଇ ଏହା ୯୦୦ କୋଟି ଆୟ କରିପାରିବ । ଯାହା ଏକପ୍ରକାର ଅସମ୍ଭବ ଜଣାପଡୁଛି । ‘ଦ ରାଜା ସାବ୍’ରେ ପ୍ରଭାସଙ୍କ ବ୍ୟତୀତ ସଞ୍ଜୟ ଦତ୍ତ, ନିଧି ଅଗ୍ରୱାଲ, ମାଲବିକା ମୋହନନ୍, ରିଦ୍ଧି କୁମାର, ଯୋଗୀ ବାବୁ ଆଦି କାମ କରୁଛନ୍ତି । ଏହା ଡିସେମ୍ବର ୫, ୨୦୨୫ରେ ରିଲିଜ୍ ହେବ ।




## ଆଜିର ଇତିହାସ


- ୧୯୨୯ - ସୋଭିଏତ୍ ସଂଘ ଚୀନ୍ ସହିତ କୂଟନୈତିକ ସମ୍ପର୍କ ଛିନ୍ନ କଲା ।
- ୧୯୪୮ - ଭାରତୀୟ ମହିଳାଙ୍କୁ ପ୍ରଶାସନିକ ସେବା ସହିତ ସାର୍ବଜନୀନ ସେବାଗୁଡ଼ିକରେ ଭର୍ତ୍ତି ହେବା ପାଇଁ ଅନୁମତି ମିଳିଲା ।
- ୧୯୫୦- ପଞ୍ଜାବର ପଠାନ୍‌କୋଟ୍ ଠାରେ ଭାରତର ପ୍ରଥମ ଯାତ୍ରୀବାହୀ ବିମାନ ଦୁର୍ଘଟଣାଗ୍ରସ୍ତ ।
- ୧୯୯୫- ଫୋର୍ବସ୍ ପତ୍ରିକା ମାଇକ୍ରୋସଫ୍ଟର ସଂସ୍ଥାପକ ବିଲ୍ ଗେଟସ୍‌ଙ୍କୁ ବିଶ୍ୱର ସବୁଠୁ ଧନୀ ବ୍ୟକ୍ତି ଭାବେ ଘୋଷଣା କଲା ।
- ୨୦୧୪- ମାଲେସିଆ ଏୟାରଲାଇନ୍ସର ବିମାନ-୧୭ ଦୁର୍ଘଟଣାଗ୍ରସ୍ତ ହେବାରୁ ୨୮୩ ଯାତ୍ରୀଙ୍କ ସହ ଚାଳକ ଦଳର ୧୫ ଜଣ ସଦସ୍ୟଙ୍କ ପ୍ରାଣହାନି ।

## ୫୨ ବର୍ଷ ଧରି ପେଟ ଭିତରେ ଥିଲା ଟୁଥ୍‌ବ୍ରଶ





ପୂର୍ବ ଚୀନ୍‌ର ଅନହୁଇ ଅଞ୍ଚଳରୁ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି । ଏଠାରେ ୬୪ ବର୍ଷ ବୟସ୍କ ୟାଙ୍ଗଙ୍କ ଅନ୍ତନଳୀରୁ ୧୭ ସେଣ୍ଟିମିଟର ଲମ୍ବା ଟୁଥ୍‌ବ୍ରଶ ବାହାର କରାଯାଇଛି । ବିଡମ୍ବନାର ବିଷୟ ହେଉଛି, ଟୁଥ୍‌ବ୍ରଶଟି ୫୨ ବର୍ଷ ଧରି ତାଙ୍କ ଅନ୍ତନଳୀରେ ରହି ଆସିଥିଲା । ଏହି ଘଟଣା କେବଳ ଡାକ୍ତରଙ୍କୁ ଆଶ୍ଚର୍ଯ୍ୟଚକିତ କରି ନାହିଁ, ସାଧାରଣ ଲୋକେ ବି ଏଥିରେ ବିସ୍ମିତ ହୋଇଛନ୍ତି । ୟାଙ୍ଗ ଦୀର୍ଘ ଦିନ ହେବ ପେଟରେ ଯନ୍ତ୍ରଣା ଅନୁଭବ କରୁଥିଲେ । ଏହାପରେ ସେ ହସ୍‌ପିଟାଲରେ ପରୀକ୍ଷା କଲେ । ତାଙ୍କ ପେଟରେ ଟୁଥ୍‌ବ୍ରଶ ଥିବା ଜଣାପଡ଼ିଥିଲା । ତେବେ ୧୨ ବର୍ଷ ବୟସରେ ସେ ଏହି ଟୁଥ୍‌ବ୍ରଶକୁ ଭୁଲବଶତଃ ଗିଳି ଦେଇଥିଲେ ବୋଲି ୟାଙ୍ଗ ଡାକ୍ତରଙ୍କୁ କହିଛନ୍ତି । ବାପାମାଆ ଗାଳି କରିବେ ବୋଲି ଭୟରେ ଏହି ଘଟଣାକୁ ସେ ସେତେବେଳେ ସମସ୍ତଙ୍କଠାରୁ ଲୁଚାଇ ରଖିଥିଲେ । ଅବଶ୍ୟ ସେ ଭାବିଥିଲେ ପରବର୍ତ୍ତୀ ସମୟରେ ଆପେ ଆପେ ଏହା ପେଟରୁ ବାହାରି ଯିବ, କିନ୍ତୁ ସେମିତି କିଛି ହେଲା ନାହିଁ । ତେବେ ସେବେଠୁ ସେ ସ୍ୱାଭାବିକ ଜୀବନ ଅତିବାହିତ କରି ଆସୁଥିଲେ । ଅଚାନକ ପେଟରେ ଯନ୍ତ୍ରଣା ବଢ଼ିବାରୁ ସେ ହସ୍‌ପିଟାଲ ଯାଇଥିଲେ ଓ ପେଟରେ ଟୁଥ୍‌ବ୍ରଶ୍ ଥିବା କଥା ଜାଣିବାକୁ ପାଇଥିଲେ । ୮୦ ମିନିଟ୍ ପର୍ଯ୍ୟନ୍ତ ତାଙ୍କ ଅପରେସନ୍ ଚାଲିଲା ଏବଂ ଡାକ୍ତର ତାଙ୍କ ପେଟରୁ ଟୁଥ୍‌ବ୍ରଶ ବାହାର କରିଥିଲେ । ଡାକ୍ତରଙ୍କ ମତରେ, ସାଧାରଣତଃ ଏତେ ବର୍ଷ ଧରି ଶରୀରରେ କୌଣସି ତୀକ୍ଷ୍ଣ କିମ୍ବା ସୂକ୍ଷ୍ମ ଜିନିଷ ଅନ୍ତନଳୀରେ ରହିଲେ ଛିଦ୍ର କିମ୍ବା ସଂକ୍ରମଣ ହୋଇପାରେ । ଯାହାକି ଜୀବନ ପାଇଁ ମାରାତ୍ମକ ହୋଇଥାଏ । ହେଲେ ୟାଙ୍ଗ ଭାଗ୍ୟବାନ ଯେ, ଟୁଥ୍‌ବ୍ରଶ ଅନ୍ତନଳୀରେ ଏଭଳି ଭାବେ ଅଟକି ରହିଥିଲା ଯେ, ତାଙ୍କୁ ଏ ଲାଗି କୌଣସି ଗୁରୁତର କ୍ଷତି ପହଞ୍ଚି ନାହିଁ । ଅନ୍ୟପଟେ ୨୦୧୯ ମସିହାରେ ଗୁଆଙ୍ଗଡୋଙ୍ଗ ଅଞ୍ଚଳର ୫୧ ବର୍ଷୀୟ ଜଣେ ବ୍ୟକ୍ତିଙ୍କ ଅନ୍ତନଳୀରୁ ୧୪ ସେଣ୍ଟିମିଟରର ଟୁଥ୍‌ବ୍ରଶ ବାହାର କରାଯାଇଥିଲା । ଏହି ବ୍ୟକ୍ତି ଜଣକ ଆତ୍ମହତ୍ୟା କରିବା ଉଦ୍ଦେଶ୍ୟରେ ଏହାକୁ ଗିଳି ଦେଇଥିଲେ ।



## ଭିନ୍ନ ଏକ ଗଛ

ବିଶ୍ୱରେ ଅନେକ ପ୍ରଜାତିର ଗଛଲତା ରହିଛି । ତନ୍ମଧ୍ୟରୁ କିଛି ଗଛଲତା ତା’ର ବିଶେଷତା ତଥା ସ୍ୱତନ୍ତ୍ରତା ପାଇଁ ଜଣାଯାଏ । ସେମିତି ଏକ ଗଛ ହେଉଛି ପୁୟା ରାଇମୋଣ୍ଡି । ଏହି ଗଛରେ ୧୦୦ ବର୍ଷରେ ମାତ୍ର ଥରେ ଫୁଲ ଫୁଟିଥାଏ । ତେଣୁ ଜଣେ ଲୋକ ତା’ର ଜୀବନକାଳରେ ଥରୁଟିଏ ଏହାର ଫୁଲକୁ ଦେଖିବାର ସୁଯୋଗ ପାଇଥାଏ । ଏହାକୁ ଆଣ୍ଡିଜ୍‌ର ରାଣୀ ମଧ୍ୟ କୁହାଯାଏ । ଗଛର ବୟସ ୮୦ ରୁ ୧୦୦ ବର୍ଷ ହେଲେ ହିଁ ଏଥିରେ ଫୁଲ ଦେଖାଯାଏ । ଏହା କାକଟସ୍ ପ୍ରଜାତିର । ଦକ୍ଷିଣ ଆମେରିକାରେ ୧୨,୦୦୦ ଫୁଟ ଉଚ୍ଚରେ ପୁୟା ରାଇମୋଣ୍ଡି ଦେଖିବାକୁ ମିଳିଥାଏ । ଏହି ଗଛଟି ଅତି ଅନୁନ୍ନତ ମାଟି ସହିତ ଥଣ୍ଡା ଏବଂ ଶୁଷ୍କ ଜଳବାୟୁରେ ବଢ଼ିଥାଏ । ପୁୟା ରାଇମୋଣ୍ଡି ହେଉଛି ବିଶ୍ୱର ସବୁଠାରୁ ବଡ଼ ବ୍ରୋମେଲିଆଡ ପ୍ଲାଣ୍ଟ । ତେବେ ଏହାର ଫୁଲ ଫୁଟିବାକୁ କେତେ ସମୟ ଲାଗେ ତାହା ଏବେ ବି ବିତର୍କର ବିଷୟ ହୋଇ ରହିଛି । ପୁୟା ରାଇମୋଣ୍ଡି ୩୩ ଫୁଟ ଉଚ୍ଚତା ପର୍ଯ୍ୟନ୍ତ ବଢ଼ିପାରେ । ଯେତେବେଳେ ଏଥିରେ ଫୁଲ ଫୁଟେ ଏହା ବହୁତ ସୁନ୍ଦର ଦେଖାଯାଏ । କାରଣ ଏଥିରେ ହଜାର ହଜାର ସଂଖ୍ୟାରେ ଧଳା ଫୁଲ ଫୁଟେ ଏବଂ ସମ୍ପୂର୍ଣ୍ଣ ଗଛ ଫୁଲରେ ପରିପୂର୍ଣ୍ଣ ହୋଇଯାଏ । କିନ୍ତୁ ଫୁଲ ଫୁଟିବା ପରେ ହିଁ ଗଛଟି ମରିଯାଏ ।

## ଆଜିର ରାଶିଫଳ

**ମେଷ:** ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ । ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେଇପାରେ । ଦାମ୍ପତ୍ୟ ଜୀବନ ସୁଖମୟ ହେବ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ସରକାରୀ କ୍ଷେତ୍ରରେ ସଫଳତା ଲାଭ କରିବେ । ଲୋକ ସମ୍ପର୍କ ବଢ଼ିବ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିପାରନ୍ତି । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ । ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ବିଦ୍ୟାର୍ଥୀ ସଫଳତା ପାଇଁ କଠିନ ପରିଶ୍ରମ କରିବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ସମାଜରେ ପ୍ରତିଷ୍ଠା ବଢ଼ିବ । ମାନ ସମ୍ମାନ ବୃଦ୍ଧି ହେବ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିପାରେ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଯାତାୟତ ସମୟରେ ଧ୍ୟାନ ଦିଅନ୍ତୁ । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ଉତ୍‌ଫୁଲ୍ଲିତ ରହିବେ । ଦୀର୍ଘ ଦିନର ଆଶା ପୂରଣ ହୋଇପାରେ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ । ଦାନଧର୍ମ କରନ୍ତୁ ।

**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିପାରନ୍ତି । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ । ଦାନ ଧର୍ମ କରିବେ ।






ବାଲେଶ୍ୱର ଛାତ୍ରୀ ଆତ୍ମାହୁତି ଘଟଣା ପ୍ରତିବାଦରେ ବୁଧବାର ବିଜେଡି ପକ୍ଷରୁ ଲୋକସେବା ଭବନ ଘେରଉ ବେଳେ ପୁଲିସ ଆକ୍ରମଣରେ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଏବଂ ସୁଲତା ଦେଓ ଆହତ

# ହସ୍ପିଟାଲରେ ଆହତ ବିଜେଡି ନେତାଙ୍କୁ ଭେଟିଲେ ପାଣ୍ଡିଆନ ଦମ୍ପତି

ଭୁବନେଶ୍ୱର,୧୬।୭ (ସମିସ): ବିଜେଡି ପକ୍ଷରୁ ଲୋକସେବା ଭବନ ଘେରାଉ ସମୟରେ ପୁଲିସ ଆକ୍ରମଣରେ ଆହତ ବିଜେଡି ନେତାମାନଙ୍କୁ ଡାକ୍ତରଖାନାରେ ଭେଟିଛନ୍ତି ପୂର୍ବତନ '୫-ଟି' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ତାଙ୍କ ପତ୍ନୀ ତଥା ପୂର୍ବତନ ଆଇଏଏସ୍ ସୁଜାତା ରାଉତ କାର୍ତ୍ତିକେୟନ। ଏହି ଅବସରରେ ସେ ଚିକିତ୍ସାଧୀନ ବିଜେଡି ନେତାଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିବା ସହ ଡାକ୍ତରଙ୍କ ସହ ମଧ୍ୟ ଚିକିତ୍ସା ସମ୍ପର୍କରେ ଆଲୋଚନା କରିଛନ୍ତି ।

ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାରେ ନ୍ୟାୟ ଦାବି କରି ବିଜେଡି ପକ୍ଷରୁ ଆଜି ଲୋକସେବା ଭବନ ଘେରଉ କରାଯାଇଥିଲା। ଏହି ସମୟରେ ଦଳର ବହୁ ବରିଷ୍ଠ ନେତା ଯୋଗ ଦେଇଥିଲେ। ମାତ୍ର ପୁଲିସର ପାଣିମାଡ଼, ଲୁହାବୁହା ଗ୍ୟାସ ଓ ରବର ଗୁଳି ମାଡ଼ରେ ଦଳର ଦୁଇ ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ, ପ୍ରୀତିରଞ୍ଜନ ଘଡ଼େଇ ଓ ସାଂସଦ ସୁଲତା ଦେଓ ଗୁରୁତର ଆହତ ହୋଇଥିଲେ। ଏହା ସହ ଶତାଧିକ କର୍ମୀ ଓ କର୍ମକର୍ତ୍ତା ଆହତ ହୋଇ ବିଭିନ୍ନ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ । ଏହି ସୂଚନା ପାଇବା ପରେ ପୂର୍ବତନ '୫-ଟି' ଅଧ୍ୟକ୍ଷ ଭି.କେ.ପାଣ୍ଡିଆନ ଓ ତାଙ୍କ ପତ୍ନୀ ସୁଜାତା ରାଉତ କାର୍ତ୍ତିକେୟନ ଆପୋଲୋ ହସ୍‌ପିଟାଲରେ ଚିକିତ୍ସାଧୀନ ବିଜେଡିର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ଉତ୍କଳ ହସ୍‌ପିଟାଲରେ ଚିକିତ୍ସାଧୀନ ପ୍ରୀତିରଞ୍ଜନ ଘଡ଼ାଇ ଓ ସୁଲତା ଦେଓଙ୍କୁ ଭେଟିଛନ୍ତି। ଏହି ସମୟରେ ପାଣ୍ଡିଆନ ଦମ୍ପତି ଡାକ୍ତରମାନଙ୍କ ସହ ମଧ୍ୟ ଆଲୋଚନା କରି ସେମାନଙ୍କୁ ଉତ୍ତମ ଚିକିତ୍ସା ଯୋଗାଇ ଦେବାକୁ ଅନୁରୋଧ କରିଛନ୍ତି ।

# ସରକାରଙ୍କ ସବୁ ଗୁଳି ସରିବା ପର୍ଯ୍ୟନ୍ତ ଲଢ଼େଇ ଜାରି ରହିବ: ସଂତୃପ୍ତ

ଭୁବନେଶ୍ୱର,୧୬।୭ (ସମିସ): ବୁଧବାର ଲୋକସେବା ଭବନ ଘେରଉ ସମୟରେ ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନକୁ ନେଇ ବର୍ଷିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ମୁଖ୍ୟମନ୍ତ୍ରୀଙ୍କ ରାଜନୈତିକ ସଚିବ ସଂତୃପ୍ତ ମିଶ୍ର। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ସେ ଲେଖିଛନ୍ତି ଯେ ରାଜ୍ୟ ସରକାର ନିଜର ଅପାରଗତା ଓ ଦୋଷକୁ ଘୋଡ଼ାଇବା ପାଇଁ ବିଜେଡ଼ି ନେତା ଓ କର୍ମୀମାନଙ୍କ ଉପରେ ବର୍ବର ଆକ୍ରମଣ କରିଛନ୍ତି। ଯଦି ସରକାର ଶାନ୍ତି ପୂର୍ବକ ଗଣତନ୍ତ୍ର ପ୍ରକ୍ରିୟାକୁ ସମ୍ମାନ ଦେଇପାରିବେ ନାହିଁ ଓ ପୁଲିସ ଶକ୍ତି ଦ୍ୱାରା ଲୋକଙ୍କର ସ୍ୱରକୁ ଚାପିବା ପାଇଁ ଚେଷ୍ଟା କରିବେ,ତେବେ ସେମାନେ ଗାଦି ଛାଡ଼ି ଦେବା ଉଚିତ୍। ଏପରି ଏକ ଭଣ୍ଡ ଓ ଭ୍ରଷ୍ଟ ସରକାର ଓଡ଼ିଶାରେ ଚାଲିବ ନାହିଁ। ରାଜ୍ୟବାସୀ ଏହାକୁ ସହିବେ ନାହିଁ। ଓଡ଼ିଶା ସରକାରଙ୍କର ସମସ୍ତ ଗୁଳି ସରିବା ପର୍ଯ୍ୟନ୍ତ ବିଜେଡିର ଲଢ଼େଇ ଜାରି ରହିବ ବୋଲି ଶ୍ରୀ ମିଶ୍ର କହିଛନ୍ତି ।

# ବିରୋଧୀଙ୍କ ସ୍ୱର ବନ୍ଦ ଲାଗି ଘୃଣ୍ୟ ରାଜନୀତି: ମାନସ

ଭୁବନେଶ୍ୱର,୧୬।୭ (ସମିସ): ବିଜେଡ଼ି ନେତା ଓ କର୍ମୀଙ୍କ ଉପରେ ପୁଲିସର ରବର ବୁଲେଟ ମାଡକୁ ଦୃଢ ନିନ୍ଦା କରିଛନ୍ତି ବିଜେଡି ରାଜ୍ୟସଭା ସାଂସଦ ମାନସ ମଙ୍ଗରାଜ। ସାମାଜିକ ଗଣମାଧ୍ୟମ 'ଏକ୍ସ' ସେ କହିଛନ୍ତି ଯେ ରବର ବୁଲେଟ ଗୁରୁତର ଆଘାତ ଦେଇପାରେ ଏହା ଓଡ଼ିଶା ପୁଲିସ ଜାଣିଛି। ଏହାର ବ୍ୟବହାର ପାଇଁ ନିର୍ଦ୍ଦିଷ୍ଟ ନିୟମାବଳୀ ରହିଛି। ଏହାସତ୍ତ୍ୱେ ପୁଲିସ ଶାନ୍ତିପୂର୍ଣ୍ଣ ଆନ୍ଦୋଳନ କରୁଥିବା ଆନ୍ଦୋଳନକାରୀଙ୍କ ବିରୋଧରେ ଏହାକୁ କେମିତି ପୁଲିସ ପ୍ରୟୋଗ କଲା ତାହା ସବୁଠାରୁ ବଡ଼ ପ୍ରଶ୍ନ। ସମସ୍ତ ଶାନ୍ତିପୂର୍ଣ୍ଣ ଉପାୟ ଯେତେବେଳେ ବିଫଳ ହୁଏ, ସେତେବେଳେ ରବର ବୁଲେଟ ବ୍ୟବହାର ବ୍ୟବହାର କରିବାର ନିୟମ ରହିଛି। ଏହାର ଅପବ୍ୟବହାର କାରଣରୁ ଆଇନଗତ ଏବଂ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯାଇପାରେ। ଆମେ ଆତଙ୍କବାଦୀ ନୋହୁଁ। ଘୃଣ୍ୟ ରାଜନୀତି ଦ୍ୱାରା ବିରୋଧୀଙ୍କ ମୁହଁ ବନ୍ଦ ବନ୍ଦ କରିବାର ଏପରି ଉଦ୍ୟମ ସରକାରଙ୍କ ପାଇଁ ମହଙ୍ଗା ପଡ଼ିବ ବୋଲି ମାନସ କହିଛନ୍ତି।

**ଆନ୍ଦୋଳନକାରୀଙ୍କ ଉପରେ ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ**

# ୮ ବିରୋଧୀ ଦଳର ନିନ୍ଦା



ଭୁବନେଶ୍ୱର,୧୬।୭ (ସମିସ): ରାଜ୍ୟର ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ପରିସ୍ଥିତି ଯୋଗୁଁ ଲୋକଙ୍କ ଧନଜୀବନ ବିପନ୍ନ ହୋଇଛି। ଆଇନର ଶାସନ ଭୁଶୁଡ଼ି ପଡିଛି। ଏହି ପ୍ରସଙ୍ଗରେ ବିଜେଡି ବିକ୍ଷୋଭ ପ୍ରଦର୍ଶନ କରୁଥିବା ବେଳେ ରବର ବୁଲେଟ୍ ଚାଳନା, ପାଣି ମାଡ଼ ଭଳି ଅମାନୁଷିକ ଆକ୍ରମଣକୁ କଂଗ୍ରେସ ସମେତ ୮ଟି ରାଜନୈତିକ ଦଳ ତୀବ୍ର ନିନ୍ଦା କରିଛନ୍ତି। ମିଳିତ ବିରୋଧୀ ଦଳ ପକ୍ଷରୁ କୁହାଯାଇଛି ଯେ ଲାଠି, ଗୁଳି, ପାଣି ମାଡ଼ ଏବଂ ଟିୟର ଗ୍ୟାସ୍ ପ୍ରୟୋଗରେ ଶାସନ ଚାଲେ ନାହିଁ। ବୁଧବାର ସରକାର ଓ ପୁଲିସ ପକ୍ଷରୁ ହୋଇଥିବା ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଉପରେ ବିରୋଧୀ ଦଳ ନେତାମାନେ ଉଦ୍‌ବେଗ ପ୍ରକାଶ କରି ଏହା କହିଛନ୍ତି। ଏହି ଘଟଣା ପରେ ରାଜ୍ୟରେ ମୋହନ ମାଝୀ ସରକାର ଶାସନ କରିବା ପାଇଁ ତାଙ୍କର ସମସ୍ତ ନୈତିକ ଅଧିକାର ହରାଇଛନ୍ତି ବୋଲି ବିରୋଧୀ ଦଳ ନେତୃବୃନ୍ଦ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ରାଜ୍ୟରେ ନାରୀମାନଙ୍କ ସୁରକ୍ଷା ଏବଂ ଆଇନର ଶାସନ ପ୍ରତିଷ୍ଠା ପାଇଁ ମିଳିତ ବିରୋଧୀ ଦଳ ପ୍ରସଙ୍ଗଭିତ୍ତିକ ଆନ୍ଦୋଳନ ଜାରି ରଖିବ ବୋଲି ଘୋଷଣା କରାଯାଇଛି।

# ସରକାରଙ୍କ ନିର୍ଦ୍ଦେଶରେ ପୁଲିସର ଆକ୍ରମଣ: ବିଜେଡି




**ବ୍ୟବସ୍ଥାଗତ ବିଫଳତା ପାଇଁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ଘଟିଛି**

ଭୁବନେଶ୍ୱର,୧୬।୭ (ସମିସ): ଲୋକସଭା ଭବନ ଘେରାଉ ସମୟରେ ବିଜେଡି କର୍ମୀଙ୍କ ଉପରେ ପୁଲିସ ଆକ୍ରମଣକୁ କଡ଼ା ଶବ୍ଦରେ ନିନ୍ଦା କରିଛି ବିଜୁ ଜନତା ଦଳ। ଶଙ୍ଖ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ଉପ ସଭାପତି ପ୍ରତାପ ଜେନା, ପୂର୍ବତନ ମନ୍ତ୍ରୀ ସୁଦାମ ମାରାଣ୍ଡି ଓ ପୂର୍ବତନ ସାଂସଦ ଶର୍ମିଷ୍ଠା ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ଆନ୍ଦୋଳକାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ କରିଛନ୍ତି। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଦେବାରେ ବିଫଳ ସରକାର ଭୟଭୀତ ହୋଇ ବିରୋଧୀଙ୍କ ପ୍ରତି ପ୍ରତିଶୋଧପରାୟଣ ହୋଇଛନ୍ତି। ପୁଲିସକୁ ସରକାରୀ ଗୁଣ୍ଡା ସଜାଇ ଆନ୍ଦୋଳନକାରୀଙ୍କ ଉପରେ ଆକ୍ରମଣ କରିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି ।

ପ୍ରତାପ ଜେନା କହିଛନ୍ତି ଯେ ବିଜେଡି ଦ୍ୱାରା ଗଣତାନ୍ତ୍ରିକ ପଦ୍ଧତିରେ ପ୍ରତିବାଦ କରିବା ପାଇଁ ହଜାର ହଜାର କର୍ମୀ ମାଷ୍ଟରକ୍ୟାଣ୍ଟିନରୁ ପିଏମଜି ଛକ ମଧ୍ୟରେ ଏକତ୍ରିତ ହୋଇଥିଲେ; ଶାନ୍ତିପୂର୍ଣ୍ଣ ଭାବେ ପ୍ରଦର୍ଶନ ଚାଲିଥିଲା। ମାତ୍ର ପୁଲିସ ଆନ୍ଦୋଳକାରୀଙ୍କ ଉପରେ ଅଚାନକ ବର୍ବରୋଚିତ ଆକ୍ରମଣ କରିଥିଲା, ପାଣି ମାଡ଼ କରାଗଲା। ମହିଳାମାନେ ବି ଏଥିରୁ ବାଦ୍ ପଡ଼ି ନ ଥିଲେ। ଯାହାଦ୍ୱାରା ବହୁ ସଂଖ୍ୟାରେ ମହିଳା ଆହତ ହୋଇଥିଲେ। ଦୁଇ ରାଉଣ୍ଡ ପାଣି ମାଡ ପରେ ଅନ୍ଧାଧୁନିଆ ଭାବେ ରବର ବୁଲେଟ୍ ମାଡ ଓ ଲୁହବୁହା ଗ୍ୟାସ ପ୍ରୟୋଗ କରାଗଲା। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୁଲିସ ଆନ୍ଦୋଳନକାରୀଙ୍କ ଉପରେ ଏଭଳି ବର୍ବରୋଚିତ ଆକ୍ରମଣ କରିଛି ବୋଲି ଶ୍ରୀ ଜେନା କହିଛନ୍ତି।

ସେହିପରି ସୁଦାମ ମାରାଣ୍ଡି କହିଥିଲେ ଯେ ସରକାରଙ୍କ ବ୍ୟବସ୍ଥାଗତ ବିଫଳତା ଯୋଗୁଁ ସୌମ୍ୟାଶ୍ରୀଙ୍କ ମୃତ୍ୟୁ ହୋଇଛି; କିନ୍ତୁ ବ୍ୟବସ୍ଥାକୁ ସୁଧାରିବା ପରିବର୍ତ୍ତେ ପୁଲିସ୍ ଦ୍ୱାରା ସରକାର ପ୍ରତିବାଦର ସ୍ୱରକୁ ଚପାଇ ଦେବା ପାଇଁ ଚେଷ୍ଟା କରିବା ଦୁର୍ଭାଗ୍ୟଜନକ। ପୁଲିସର ଦମନଲୀଳା ଦ୍ୱାରା ଶତାଧିକ ବିଜେଡି କର୍ମୀ ଓ ନେତା ଆହତ ହୋଇଛନ୍ତି। ଦଳର ବରିଷ୍ଠ ନେତା ପ୍ରଣବ ପ୍ରକାଶ ଦାସ, ପ୍ରୀତି ରଞ୍ଜନ ଘଡାଇ, ସାଂସଦ ସୁଲତା ଦେଓ, ଛବି ମାହାଲି, ନୀଳ ମାଧବ ମହାନ୍ତି ଓ ସଙ୍କେତ ରାୟଙ୍କ ସମେତ ଅନେକ ବିଜେଡି କର୍ମୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

ଶର୍ମିଷ୍ଠା ସେଠୀ କହିଥିଲେ ଆନ୍ଦୋଳନ ବେଳେ ପୁରୁଷ ପୁଲିସମାନେ ମହିଳା ନେତ୍ରୀମାନଙ୍କୁ ଯେଉଁଭଳି ବ୍ୟବହାର ପ୍ରଦର୍ଶନ କଲେ ତାହା ଅତ୍ୟନ୍ତ ନିନ୍ଦନୀୟ। ପୁଲିସ ଆକ୍ରମଣକୁ ବିଜେଡି ଦୃଢ଼ ନିନ୍ଦା କରୁଛି। ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଆଜିର ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି। ଶୃଙ୍ଖଳିତ ଏବଂ ଶାନ୍ତିପୂର୍ଣ୍ଣ ଢଙ୍ଗରେ ପ୍ରତିବାଦ କରୁଥିବା ବିଜେଡି କର୍ମୀଙ୍କ ଉପରେ ବିନା ଉତ୍ତେଜନାରେ ସରକାର କାହିଁକି ଦମନଲୀଳା ରଚିଲେ, ତାର ସ୍ପଷ୍ଟୀକରଣ ରଖିବା ଦରକାର। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ଓ ରାଜ୍ୟରେ ମହିଳା ନିର୍ଯ୍ୟାତନା ନିୟନ୍ତ୍ରଣରେ ନ ଆସିବା ଯାଏ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଶର୍ମିଷ୍ଠା କହିଛନ୍ତି।

# ସୌମ୍ୟାଶ୍ରୀଙ୍କ ବାପାଙ୍କୁ ରାହୁଲଙ୍କ ସାନ୍ତ୍ୱନା

ଭୁବନେଶ୍ୱର,୧୬।୭ (ସମିସ): ଓଡ଼ିଶାରୁ ଯାଇ ଦିଲ୍ଲୀରେ ପହଞ୍ଚିଛି ଏଫ୍‌ଏମ୍ ଛାତ୍ରୀ ସୌମ୍ୟାଶ୍ରୀ ଆତ୍ମାହୁତି ଘଟଣା। ଏହି ପ୍ରସଙ୍ଗରେ ଲୋକସଭା ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଗତକାଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ରାଜ୍ୟ ବିଜେପି ସରକାରଙ୍କୁ ଟାର୍ଗେଟ କରିଥିବା ବେଳେ ଆଜି ପୀଡ଼ିତାଙ୍କ ବାପାଙ୍କ ସହ ଫୋନ ଯୋଗେ କଥା ହୋଇ ସାନ୍ତ୍ୱନା ଦେଇଛନ୍ତି। ତାଙ୍କ ଦୁଃଖକୁ ସେ ଅନୁଭବ କରିପାରୁଛନ୍ତି ବୋଲି ଉଲ୍ଲେଖ କରି ଏହି ଲଢ଼େଇରେ ତାଙ୍କ ସହ କଂଗ୍ରେସ ଠିଆ ହୋଇଛି ବୋଲି ରାହୁଳ କହିଛନ୍ତି। ଓଡିଶା କଂଗ୍ରେସ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ଆଜି ରାହୁଲ ଗାନ୍ଧୀ ଓ ମୃତ ଛାତ୍ରୀଙ୍କ ପିତା ସହ କଥାବାର୍ତ୍ତାର ସଂଯୋଜନା କରାଇଥିଲେ। ରାହୁଲ ତାଙ୍କ ଟ୍ୱିଟର ହାଣ୍ଡେଲରେ ଲେଖିଛନ୍ତି, "ଓଡିଶାର ବାଲେଶ୍ୱର ଜିଲ୍ଲାରେ ନ୍ୟାୟ ପାଇଁ ଲଢେଇ କରି ଜୀବନ ଦେଇଥିବା ସାହସୀ ଝିଅର ବାପାଙ୍କ ସହ କଥା ହୋଇଥିଲି। ତାଙ୍କ ସ୍ୱରରେ ଝିଅକୁ ହରାଇଥିବାର ଦୁଃଖ, ସ୍ୱପ୍ନ ଏବଂ ସଂଘର୍ଷ ଅନୁଭବ କରିପାରିଲି। ତାଙ୍କ ସହ ଯାହା ହେଲା, ତାହା ଅତ୍ୟନ୍ତ ଅମାନବୀୟ ଏବଂ ଲଜ୍ଜାଜନକ। ପୂରା ସମାଜ ପାଇଁ ଏହା ଏକ ଆଘାତ। ଯେ କୌଣସି ପରିସ୍ଥିତିରେ ଆମେ ତାଙ୍କ ପରିବାରକୁ ସମ୍ପୂର୍ଣ୍ଣ ନ୍ୟାୟ ଦେବୁ ବୋଲି ରାହୁଲ ଉଲ୍ଲେଖ କରିଛନ୍ତି।

# ଓଡ଼ିଶା ଆସିପାରନ୍ତି ପ୍ରିୟଙ୍କା

ଭୁବନେଶ୍ୱର,୧୬।୭ (ସମିସ): କଂଗ୍ରେସ ମହାସଚିବ ପ୍ରିୟଙ୍କା ଗାନ୍ଧୀ ଖୁବ୍‌ଶୀଘ୍ର ଓଡ଼ିଶା ଆସି ବାଲେଶ୍ୱର ଗସ୍ତ କରିବା ସହ ଆତ୍ମାହୁତି ଦେଇଥିବା ଛାତ୍ରୀଙ୍କ ପରିବାରକୁ ସାକ୍ଷାତ କରିପାରନ୍ତି। ନିର୍ଦ୍ଦିଷ୍ଟ ଭାବେ ତାଙ୍କ ଗସ୍ତ ନେଇ ତାରିଖ ଧାର୍ଯ୍ୟ ହୋଇ ନଥିଲେ ହେଁ ପ୍ରିୟଙ୍କା ଗାନ୍ଧୀ ଓଡ଼ିଶା ଆସିବା ନେଇ ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ପ୍ରକ୍ରିୟା ଆରମ୍ଭ ହୋଇଥିବା ଜଣାପଡ଼ିଛି।

# ୧୩ ପ୍ରସ୍ତାବକୁ କ୍ୟାବିନେଟ ମୋହର

**ସମୃଦ୍ଧ ସହର ଯୋଜନାରେ ଖର୍ଚ୍ଚ ହେବ ୪୮୭୯ କୋଟି**

ଭୁବନେଶ୍ୱର,୧୬।୭ (ସମିସ): ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କ୍ୟାବିନେଟ୍ ବୈଠକରେ ୧୧ଟି ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ରାଜ୍ୟରେ ଯୋଜନାବଦ୍ଧ ସହରୀକରଣ ଏବଂ ସନ୍ତୁଳିତ ଆଞ୍ଚଳିକ ବିକାଶକୁ ପ୍ରୋତ୍ସାହନ ଦେବା ପାଇଁ ରାଜ୍ୟ ସରକାର ସମୃଦ୍ଧ ସହର ଯୋଜନା ଆରମ୍ଭ କରିବେ। ଏଥିପାଇଁ ୪୮୭୯ କୋଟି ୩୦ ଲକ୍ଷ ଟଙ୍କା ଖର୍ଚ୍ଚ କରାଯିବ। ସେହିପରି ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ ୨୦୨୫କୁ କ୍ୟାବିନେଟ୍ ଅନୁମୋଦନ ଦେଇଛି ଓ ଏହାଦ୍ୱାରା କୁଳପତି ନିଯୁକ୍ତି କ୍ଷେତ୍ରରେ କୁଳାଧିପତିଙ୍କ କ୍ଷମତା ପରିସର ବୃଦ୍ଧି ପାଇବ ବୋଲି କୁହାଯାଇଛି।

ମୁଖ୍ୟ ସଚିବ ମନୋଜ ଆହୁଜାଙ୍କ ସୂଚନା ଅନୁଯାୟୀ ରାଜ୍ୟ ସରକାର ସହର ପରିକଳ୍ପନା ଯୋଜନା ଅଧିନରେ ୪୧୧୪ କୋଟି ଟଙ୍କା ଖର୍ଚ୍ଚ କରିବେ ଓ ଏହା ରାସ୍ତା, ଜଳଯୋଗାଣ, ସ୍ୱରେଜ ଏବଂ କଠିନ ବର୍ଜ୍ୟ ପରିଚାଳନାରେ ବ୍ୟୟ କରାଯିବ। ପୁନଶ୍ଚ ୭୬୫.୩୦ କୋଟି ଟଙ୍କାରେ ସହରୀ ଅଞ୍ଚଳଗୁଡ଼ିକୁ ଅର୍ଥନୈତିକ ପରିବର୍ତ୍ତନର କେନ୍ଦ୍ର ଭାବେ ପ୍ରତିଷ୍ଠିତ କରାଯିବ। ସେହିପରି ରାଜ୍ୟର ୪୫୫ଟି ଆଦର୍ଶ ବିଦ୍ୟାଳୟ ଛାତ୍ରାବାସରେ ଛାତ୍ର ଛାତ୍ରୀ ହଷ୍ଟେଲ ଫି ବାବଦକୁ ପ୍ରତି ମାସରେ ପ୍ରଦାନ କରୁଥିବା ୨୦୦୦ ଟଙ୍କା ଛାଡ଼ କରାଯିବ। ଏହାଦ୍ୱାରା ୪୫୦୦୦ ଛାତ୍ରଛାତ୍ରୀ ଉପକୃତ ହେବେ। ପାଞ୍ଚ ବର୍ଷରେ ସରକାର ଏବାବଦକୁ ମୋଟ ୩୪୯ କୋଟି ୨୦ ଲକ୍ଷ ଟଙ୍କା ବହନ କରିବେ। କ୍ୟାବିନେଟ ବୈଠକରେ ରାଜ୍ୟ ସରକାର ଓଡ଼ିଶା ବିଶ୍ୱ ବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ, ୨୦୨୫କୁ ମଧ୍ୟ ମଞ୍ଜୁରୀ ପ୍ରଦାନ କରିଛନ୍ତି। ଏହାଦ୍ୱାରା କୁଳପତିଙ୍କର କ୍ଷମତା ପରିସର ବୃଦ୍ଧି ପାଇବ। ଏହା ସହିତ ସରକାର ମୟୂରଭଞ୍ଜ ପୁଲିସ ଜିଲ୍ଲାକୁ ୨ ଭାଗରେ ବିଭକ୍ତ କରି ରାଇରଙ୍ଗପୁରରେ ମୁଖ୍ୟାଳୟ ସହ ଏକ ନୂତନ ପୁଲିସ ଜିଲ୍ଲା ଗଠନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହି ନୂତନ ରାଇରଙ୍ଗପୁର ଜିଲ୍ଲା ଅଧିନରେ ୨ଟି ପୁଲିସ ସବ୍-ଡିଭିଜନ(ରାଇରଙ୍ଗପୁର, କରଞ୍ଜିଆ), ୧୪ଟି ଥାନା, ୫ଟି ଆଉଟପୋଷ୍ଟ ଏବଂ ୨ଟି ବିଟ ହାଉସ ରହିବ। ୨୦୨୯-୩୦ ଅର୍ଥାତ୍ ୫ ବର୍ଷ ଯାଏଁ ବୃଦ୍ଧି କରାଯାଇଛି। ଏଥିପାଇଁ ୨୨୬୦.୮୯ କୋଟି ଟଙ୍କା ଖର୍ଚ୍ଚ ହେବ। ଏହି ଯୋଜନାରେ ୪୧୯୫ ନୂଆ ପଦବୀ ସୃଷ୍ଟି ଏବଂ ୬୪୫ଟି ଜରୁରୀକାଳୀନ ପ୍ରତିକ୍ରିୟା ଯାନ ଯୋଗାଇ ଦେବାକୁ ବ୍ୟବସ୍ଥା ରହିଛି। ରାଜ୍ୟ ସରକାର ଓଡ଼ିଶା ଆୟୁଷ ସହାୟକ(ନିଯୁକ୍ତି ଓ ସର୍ତ୍ତାବଳୀ)ସଂଶୋଧନ ନିୟମ, ୨୦୨୫ ପ୍ରଣୟନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏହାଦ୍ୱାରା ଆୟୁଷ ସହାୟକ କ୍ୟାଡରର ପୁନର୍ଗଠନ ଦ୍ୱାରା ୩୫୦ ଗୋଟି ବରିଷ୍ଠ ଆୟୁଷ ସହାୟକ ପଦବୀ ଏବଂ ୧୨ଟି ମୁଖ୍ୟ ଆୟୁଷ ସହାୟକ ପଦବୀ ସୃଷ୍ଟି କରାଯାଇଛି।

- ଓଡ଼ିଶା ବିଶ୍ୱବିଦ୍ୟାଳୟ(ସଂଶୋଧନ) ଅଧ୍ୟାଦେଶ, ୨୦୨୫କୁ ମଞ୍ଜୁରୀ
- ଆଦର୍ଶ ବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କ ହଷ୍ଟେଲ ଫି' ଛାଡ଼
- ଓଡ଼ିଶା ରାଜସ୍ୱ ସେବା ନିୟମାବଳୀ, ୨୦୧୧ ସଂଶୋଧନକୁ ମଞ୍ଜୁରୀ
- ମୟୂରଭଞ୍ଜ ପୁଲିସ ଜିଲ୍ଲା ବିଭାଜିତ; ରାଇରଙ୍ଗପୁର ନୂଆ ପୁଲିସ ଜିଲ୍ଲା

ଅନ୍ୟଏକ ପ୍ରସ୍ତାବ କ୍ରମେ ରାଜ୍ୟ ସରକାର ଓଡ଼ିଶା ରାଜସ୍ୱ ସେବା ନିୟମାବଳୀ, ୨୦୧୧ର ସଂଶୋଧନ ପ୍ରସ୍ତାବକୁ ମଞ୍ଜୁରୀ ଦେଇଛନ୍ତି। ସଂଶୋଧନ ଅନୁଯାୟୀ ଓଡ଼ିଶା ରାଜସ୍ୱ ସେବା(ନିଯୁକ୍ତି) ନିୟମାବଳୀ ୨୦୧୧ର ନିୟମ୪(ସି) ଅନୁଯାୟୀ ଚୟନ ମାଧ୍ୟମରେ ଥିବା ଓଆରଏସ ନିଯୁକ୍ତି ପ୍ରକ୍ରିୟାରୁ ବାଦ୍ ଦିଆଯିବ। ପଦବୀର ଦୁଇ ତୃତୀୟାଂଶ ଓସିଏସ ପରୀକ୍ଷା ମାଧ୍ୟମରେ ପ୍ରତ୍ୟକ୍ଷ ନିଯୁକ୍ତି ଦ୍ୱାରା ପୂରଣ କରାଯିବ। ଏହାସହ ଏକ ତୃତୀୟାଂଶ ପଦବୀ ରାଜସ୍ୱ କ୍ଷେତ୍ର କର୍ମଚାରୀ/ରାଜସ୍ୱ ମନ୍ତ୍ରୀସ୍ତରୀୟ ଅମଲାମାନଙ୍କ ପଦୋନ୍ନତି ମାଧ୍ୟମରେ ପୂରଣ କରାଯିବ। ଜରୁରୀକାଳୀନ ପ୍ରଶମନ ସହାୟତା ବ୍ୟବସ୍ଥା-ଡାଏଲ-୧୧୨ ଯୋଜନାକୁ ୨୦୨୫-୨୬ରୁ

ଅନ୍ୟ ଏକ ନିଷ୍ପତ୍ତି ଅନୁଯାୟୀ ଓଡ଼ିଶା ସେମିକଣ୍ଡକ୍ଟର ଉତ୍ପାଦନ ଏବଂ ଫ୍ୟାବଲେସ ନୀତି-୨୦୨୩ର ଦ୍ୱିତୀୟ ସଂଶୋଧନ ପ୍ରସ୍ତାବକୁ ମଧ୍ୟ କ୍ୟାବିନେଟ ଅନୁମୋଦନ ଦେଇଛି। ଏହାବ୍ୟତୀତ ଓଡ଼ିଶା ପମ୍ପଡ ଷ୍ଟୋରେଜ ପ୍ରକଳ୍ପ (ପିଏସ୍‌ପି) ନୀତି, ଓଡ଼ିଶା କାରଖାନା ଓ ବାଷ୍ପିତ ନିରୀକ୍ଷଣ ସେବା(ନିଯୁକ୍ତି ଏବଂ ସେବା ସର୍ତ୍ତାବଳୀ)ନିୟମାବଳୀ, ୧୯୮୪ ସଂଶୋଧନ ପ୍ରସ୍ତାବକୁ କ୍ୟାବିନେଟ ଅନୁମୋଦନ ଦେଇଥିବା ବେଳେ ଓଡ଼ିଶା ରାଜ୍ୟ ବିଧିଆୟୋଗ ସଂକଳ୍ପ ସମ୍ପର୍କିତ ଏକ ପ୍ରସ୍ତାବକୁ ମଧ୍ୟ ଅନୁମୋଦନ ମିଳିଛି।

# କ୍ରାଇମବ୍ରାଞ୍ଚ କରିବ ସୌମ୍ୟାଶ୍ରୀ ଆତ୍ମାହୁତି ମାମଲାର ତଦନ୍ତ

ଭୁବନେଶ୍ୱର,୧୬।୭ (ସମିସ): ଅଧ୍ୟାପକଙ୍କ ନିର୍ଯାତନା ସହିନପାରି ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମାହୁତି ଘଟଣାର ତଦନ୍ତ କରିବ କ୍ରାଇମବ୍ରାଞ୍ଚ। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ବିରୋଧୀ ଅପରାଧ ନିରାକରଣ ଶାଖା (ସିଏଡବ୍ଲ୍ୟୁ ଓ ସିଡବ୍ଲୁ) ଏହି ମାମଲାର ତଦନ୍ତ କରିବ। ଏନେଇ ଆଜି କ୍ରାଇମବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର ନିର୍ଦ୍ଦେଶ ଦେଇଛନ୍ତି। କ୍ରାଇମବ୍ରାଞ୍ଚ ଡିଏସପି ଇମାନ କଲ୍ୟାଣ ନାୟକଙ୍କୁ ଏହି ମାମଲାର ତଦନ୍ତ ଦାୟିତ୍ୱ ଦିଆଯାଇଛି।

ପୁଲିସ ମାନୁଆଲ ରୁଲ୍ (ପିଏମ୍‌ଆର୍) ଧାରା ୪୧୦(ଏ) ଅନୁଯାୟୀ କ୍ରାଇମବ୍ରାଞ୍ଚ ନିଜ ଆଡୁ ଏହି ମାମଲାର ତଦନ୍ତ ଦାୟିତ୍ୱ ନେଇଛି। ଏ ସଂକ୍ରାନ୍ତରେ କ୍ରାଇମବ୍ରାଞ୍ଚର ସିଏଡବ୍ଲ୍ୟୁ ଓ ସିଡବ୍ଲୁ ଥାନା କେସ୍ ନଂ - ୫/୨୫ ରେ ମାମଲା ରୁଜୁ କରିଛି। ଦଫା ୭୫(୧)(୩), ୭୮, ୭୯, ୧୦୮, ୩୫୧(୨) ଓ ୩(୫) ବିଏନ୍‌ଏସରେ ଏହି ମାମଲା ରୁଜୁ ହୋଇଛି। କ୍ରାଇମବ୍ରାଞ୍ଚ କେବଳ ଏହି ମାମଲା ନୁହଁ, ବରଂ ଏହି ମାମଲାର ଲିଙ୍କରେ ଥିବା ଅନ୍ୟ ମାମଲାର ମଧ୍ୟ ତଦନ୍ତ କରିବ। କ୍ରାଇମବ୍ରାଞ୍ଚ ଏହି ମାମଲାର ତଦନ୍ତ ଉପରେ ସମ୍ପୂର୍ଣ୍ଣ ନିୟନ୍ତ୍ରଣ ରଖିବା ସହିତ ଶ୍ରୀମତୀ ନାୟକଙ୍କୁ ସହଦେବଖୁଣ୍ଟା ଥାନାର ଭାରପ୍ରାପ୍ତ ଅଧିକାରୀ (ତଦନ୍ତ ସମ୍ବନ୍ଧିତ) ଭାବେ ଦାୟିତ୍ୱ ଦିଆଯାଇଛି। ତଦନ୍ତକାରୀ ଅଧିକାରିଣୀଙ୍କୁ ସହଯୋଗ କରିବା ପାଇଁ ଇନ୍ସପେକ୍ଟର ପାଞ୍ଚାଳି ରାଉତଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଲା ଯୁବ କଂଗ୍ରେସ




ଭୁବନେଶ୍ୱର,୧୬।୭ (ସମିସ): ଏଫ୍‌ଏମ୍ ଛାତ୍ରୀ ଆତ୍ମାହୁତି ଘଟଣାରେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଛି ଯୁବ କଂଗ୍ରେସ। ସ୍ଥାନୀୟ ଭୁବନେଶ୍ୱର କ୍ଲବ ଠାରୁ ପ୍ରଦେଶ ଯୁବ କଂଗ୍ରେସର ଏକ ରାଲି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ପର୍ଯ୍ୟନ୍ତ ଯାଇଥିଲା। ସେଠାରେ ଯୁବ କଂଗ୍ରେସର କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ଧାରଣାରେ ବସିଥିଲେ। ପ୍ରାୟ ଘଣ୍ଟାଏ ଧାରଣା ପରେ ଯୁବ କଂଗ୍ରେସ କର୍ମୀମାନେ ପୁଲିସ ବାରିକେଡ଼ ଅତିକ୍ରମ ଉଦ୍ୟମ କରୁଥିବାବେଳେ ପୁଲିସ ସେମାନଙ୍କୁ ଗିରଫ କରିଥିଲା।

ଯୁବ କଂଗ୍ରେସ ସଭାପତି ରଞ୍ଜିତ ପାତ୍ର କହିଛନ୍ତି ଯେ, ମୁଖ୍ୟମନ୍ତ୍ରୀ, ଶିକ୍ଷାମନ୍ତ୍ରୀ, ସମଗ୍ର ସରକାର, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଓ ବିଶେଷ କରି ବାଲେଶ୍ୱର ସାଂସଦ ଏବେ ବହୁ ତତ୍‌ପରତା ଦେଖାଉଛନ୍ତି। ମାତ୍ର ତାହା ଯଦି ପୂର୍ବରୁ ଦେଖାଇଥାନ୍ତେ ତେବେ ବାଲେଶ୍ୱର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ରୀ ଆତ୍ମହତ୍ୟା କରିବା ପାଇଁ ନିଷ୍ପତ୍ତି ନେଇନଥାନ୍ତା। ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଅସହ୍ୟ ହେବାରୁ ଛାତ୍ରୀ ଜଣକ ଚରମ ନିଷ୍ପତ୍ତି ନେଲା। ଏଣୁ ଛାତ୍ରୀଙ୍କୁ ସୁରକ୍ଷା ଦେବାର ଅକ୍ଷମ ଓ ତା'ର ଅଭିଯୋଗ ଶୁଣିବାରେ ଉପେକ୍ଷା କରିଥିବା ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଓ ଶିକ୍ଷାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ତୁରନ୍ତ ଇସ୍ତଫା ଦିଅନ୍ତୁ ।

ଭୁବନେଶ୍ୱର କଂଗ୍ରେସ ଲୋକସଭା ପ୍ରାର୍ଥୀ ୟାସିର ନୱାଜ କହିଛନ୍ତି ଯେ ନିଜର ଦୋଷ ଲୁଚାଇବା ପାଇଁ ଏବେ ଏବିଭିପି, ବିଜେପି ଓ ମୋହନ ସରକାର ଉଦ୍ୟମ କରୁଛନ୍ତି। ମହାବିଦ୍ୟାଳୟର ସମ୍ମୁଖରେ ଏବିଭିପି ପକ୍ଷରୁ ଯେଉଁ ହେଲ୍ପ ଡେକ୍ସ ଖୋଲା ଯାଇଥିଲା ସେଠାରେ ଶିକ୍ଷାନୁଷ୍ଠାନର ଅପରାଧୀ ଅଧ୍ୟାପକ ଓ ଅଧ୍ୟକ୍ଷଙ୍କୁ ସମ୍ମାନିତ କରାଯାଇଛି। ଏହି ଦୁଇଜଣଙ୍କର ଏବିଭିପି ସଂଗଠନ ପ୍ରତି ଦୁର୍ବଳତା ରହିଛି। ତେଣୁ ଦିବଙ୍ଗତ ଛାତ୍ରୀ ପାଇଁ ଏବିଭିପି ଲଢ଼େଇ କରୁଥିଲା ନା ଡ୍ରାମା କରୁଥିଲା ବୋଲି ସେ ପ୍ରଶ୍ନ କରିଛନ୍ତି। ପୀଡ଼ିତା ଏବିଭିପିର, ଅପରାଧୀ ଏବିଭିପିର ଓ ରାଜ୍ୟରେ ବିଜେପିର ସରକାର। ତେଣୁ ଛାତ୍ରୀଙ୍କୁ ନ୍ୟାୟ ଦେବାରେ ଅସୁବିଧା କେଉଁଠି ରହିଲା ? ଛାତ୍ରୀ ଜଣଙ୍କ ହଠାତ୍ ପେଟ୍ରୋଲ ପାଇଲେ କେଉଁଠୁ? ଦିଆସିଲି ପାଇଲେ କେଉଁଠୁ? ଏହାର ତଦନ୍ତ ହେବା ଦରକାର ବୋଲି ସେ ଦାବି କରିଛନ୍ତି।

■ ଝିଅକୁ ଖୋଜିଲାନି ପୁଲିସ

## ନିରାଶ ହୋଇ ବିଷ ପିଇଦେଲେ ବାପା

କେନ୍ଦ୍ରାପଡ଼ା,୧୬।୭(ସମିସ): ନାବାଳିକା ଝିଅକୁ ଖୋଜିବାରେ ପୁଲିସ ଟାଳଟୁଳ ନୀତି ଅବଲମ୍ବନ କରିବାରୁ ଶେଷରେ ନିରାଶ ହୋଇ ବାପା ବିଷ ପିଇ ଦେଇଛନ୍ତି। ଏହିଭଳି ଅଭାବନୀୟ ଘଟଣା ମହାକାଳପଡ଼ା ବ୍ଲକ ତନ୍ତିଆପାଳ ଥାନା ଅଞ୍ଚଳରେ ଦେଖିବାକୁ ମିଳିଛି। ଚକଡ଼ା ଗୋଗୁଆ ଗ୍ରାମର କଳ୍ପତରୁ ଓଝା(୪୮)ଙ୍କ ୧୬ ବର୍ଷୀୟ ନାବାଳିକା ଝିଅଙ୍କୁ ସେହି ଗ୍ରାମର ଅଜୟ ଜେନାଙ୍କ ଭଣଜା ରାଜେଶ ଜେନା (ଚଗଲା) ବିବାହର ପ୍ରତିଶ୍ରୁତି ଦେଇ କେଉଁଆଡ଼େ ଅପହରଣ କରି ନେଇଛନ୍ତି। ଏନେଇ ନାବାଳିକାଙ୍କ ବାପା ଅଜୟ ୨୭ ମେରେ ତନ୍ତିଆପାଳ ଥାନାରେ ଅଭିଯୋଗ କରିଥିଲେ। ହେଲେ ଘଟଣାକୁ ୨ ମାସ ବିତିଯାଇଥିଲେ ମଧ୍ୟ ପୁଲିସ କେବଳ ମାମଲା ରୁଜୁ କରି ଚୁପ୍ ବସିଛି। ଝିଅକୁ ଖୋଜିବାରେ ବିଳମ୍ବ କରିବାରୁ ୯ ଜୁନ୍‌ରେ ପୁଲିସର ଅସହଯୋଗ ସମ୍ବନ୍ଧରେ କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକଙ୍କୁ ଭେଟି ମଧ୍ୟ ଅଭିଯୋଗ କରିଥିଲେ। ନାବାଳିକାକୁ ଖୋଜିବାରେ ସମସ୍ତଙ୍କୁ ଗୁହାରି କରିବା ପରେ କିଛି ସୁଫଳ ନମିଳିବାରୁ ଶେଷରେ ସେ ବାଧ୍ୟ ହୋଇ ବିଷ ପିଇ ଦେଇଥିବା ଅଭିଯୋଗ ହୋଇଛି। ଅବସ୍ଥା ଏବେ ସଙ୍କଟାପନ୍ନ ରହିଥିବା ବେଳେ କଟକ ବଡ ମେଡିକାଲ୍‌ରେ ଭର୍ତ୍ତି କରାଯାଇଛି। ଏହି ଘଟଣାରେ ସମାଜସେବୀ ସୌଭାଗ୍ୟ ପରିଡ଼ା ସାମାଜିକ ଗଣମାଧ୍ୟମରେ ଭିଡିଓ କରି ପୁଲିସର ଅବହେଳା ପାଇଁ ଏମିତି ପରିସ୍ଥିତି ସୃଷ୍ଟି ହେଲା ବୋଲି ଅଭିଯୋଗ କରିଛନ୍ତି।

## ବଜ୍ରାପାତରେ ଶାଶୂ-ବୋହୂ ସମେତ ୩ ମୃତ

ତେଲକୋଇ, ୧୬।୭(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ଥାନାଞ୍ଚଳର ବିଭିନ୍ନ ସ୍ଥାନରେ ଆଜି ବଜ୍ରପାତ ଘଟିବାରୁ ୩ ଜଣଙ୍କ ଜୀବନ ହାନି ହୋଇଛି। ବିଞ୍ଜାବାହାଳ ଗ୍ରାମରେ ଶାଶୂ-ବୋହୂ ପ୍ରାଣ ହରାଇଥିବା ବେଳେ ଶିବନାରାୟଣପୁର ଗୋଡ଼ା ଗ୍ରାମରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ବିଞ୍ଜାବାହାଳ ଗ୍ରାମର ମୃତକ ହେଲେ ଶାଶୂ ରୁକ୍ମଣୀ ନାୟକ(୫୦) ଓ ବୋହୂ ଲବଣୀ ନାୟକ (୩୦)। ସେହିପରି ଗୋଡ଼ା ଗ୍ରାମର ମୃତ ଯୁବକ ହେଲେ ବିପିନ ନାଏକ (୩୫)। ସୂଚନା ମୁତାବକ, ବୁଧବାର ମଧ୍ୟାହ୍ନ ସମୟରେ ତେଲକୋଇ ଅଞ୍ଚଳରେ ବର୍ଷା ସାଙ୍ଗକୁ ବଜ୍ରାଘାତ ହୋଇଥିଲା। ଉଭୟ ଶାଶୂ-ବୋହୂ ନିଜ ବିଲରେ କାମ କରୁଥିଲେ। ହଠାତ ବଜ୍ରାଘାତର ଶିକାର ହୋଇ ଘଟଣାସ୍ଥଳରେ ହିଁ ଉଭୟ ଟଳି ପଡ଼ିଥିଲେ। ସେହିପରି ଗୋଡା ଗ୍ରାମର ବିପିନ ନାଏକ ମଧ୍ୟ ବିଲ କାମ କରୁଥିବା ବେଳେ ବଜ୍ରାଘାତରେ ଶିକାର ହୋଇଥିଲେ। ପରିବାର ଲୋକେ ତାଙ୍କୁ ସଙ୍ଗେ ସଙ୍ଗେ ଉଦ୍ଧାର କରି ତେଲକୋଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

ସ୍ୱାମୀଙ୍କ ମୃତ୍ୟୁର ୯ ଦିନ ପରେ ବି ମିଳିଲାନି ନ୍ୟାୟ

# ଥାନା ସମ୍ମୁଖରେ ମହିଳାଙ୍କ ଆତ୍ମାହୁତି ଧମକ

ଡିଗିରିଆ,୧୬।୭(ସମିସ): ସୌମ୍ୟାଶ୍ରୀ ବିଶିଙ୍କ ମୃତ୍ୟୁ ଘଟଣାକୁ ନେଇ ସାରା ରାଜ୍ୟ ହୁଲସ୍ଥୁଳ ହେଉଥିବା ବେଳେ ଖୁଣ୍ଟୁଣୀ ଥାନା ଅଧୀନ ଦ୍ୱାରବତୀପୁର ଗ୍ରାମର ଜଣେ ମହିଳା ନିଜେ ଥାନା ସମ୍ମୁଖରେ ପେଟ୍ରୋଲ ଢାଳି ଆତ୍ମାହୁତି କରିବାକୁ ସରକାର ଓ ପୁଲିସ ବିଭାଗକୁ ଚେତାଇଛନ୍ତି।






### ମୁଖ୍ୟ ଅଭିଯୁକ୍ତଙ୍କୁ ଗିରଫ କରୁନି ପୁଲିସ

ଦ୍ୱାରବତପୁର ଗାଁର କାହ୍ନା ରାଉତଙ୍କ ହତ୍ୟା ଘଟଣାରେ ନଅଦିନ ପରେ ପୁଲିସର ନିଷ୍କ୍ରିୟତା ନେଇ ସାମ୍ବାଦିକ ସମ୍ମିଳନୀରେ ମୃତକଙ୍କ ପତ୍ନୀ ମମତା ବେହେରା ମୁହଁ ଖୋଲିଛନ୍ତି। ପୁଲିସ ତାଙ୍କ ସ୍ୱାମୀଙ୍କ ହତ୍ୟାକାରୀଙ୍କୁ କାହିଁକି ଗିରଫ କରୁନି ବୋଲି ପ୍ରଶ୍ନ କରିଛନ୍ତି। ଟଙ୍କା ନେଇ ମାମଲା ରଫାଦଫା କରିବା ପାଇଁ ତାଙ୍କ ଉପରେ ପୁଲିସ ଚାପ ପକାଉଛି। ମମତାଙ୍କ ସ୍ୱାମୀଙ୍କୁ ନ୍ୟାୟ ଦେବା ପାଇଁ କଟକ ଏସପିଙ୍କଠାରୁ ଆରମ୍ଭ କରି କଟକ ଜିଲ୍ଲାପାଳଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ଭେଟି ନେହୁରା ହେଲା ପରେ ମଧ୍ୟ କେହି ଶୁଣୁନାହାନ୍ତି। ଏନେଇ ସାମ୍ବାଦିକ ସମ୍ମିଳନୀରେ ଅଭିଯୋଗ ଆଣିଛନ୍ତି ମୃତକଙ୍କ ପତ୍ନୀ ଓ ପରିବାର ଲୋକେ। ନ୍ୟାୟ ନ ମିଳିଲେ ପେଟ୍ରୋଲ ଢାଳି ଆତ୍ମାହୁତି ଦେବାପାଇଁ ଚେତାବନୀ ଦେଇଛନ୍ତି। ସେଥିପାଇଁ ରାଜ୍ୟ ସରକାର ଓ ପୁଲିସ ବିଭାଗ ଦାୟୀ ରହିବେ ବୋଲି କହିଛନ୍ତି ମୃତ କାହ୍ନାଙ୍କ ପତ୍ନୀ ଓ ଭାଇ।

ଗତ ୮ ତାରିଖ ରାତି ୯ଟା ସମୟରେ ଭାଇ ଆଗରେ ଭାଇକୁ ପିଟିପିଟି ମାଡ ମାରିବା ସହ ଚଳନ୍ତା ଗାଡି ସମ୍ମୁଖକୁ ଠେଲିଦେବା ଘଟଣା ପଛରେ ରାଜନୈତିକ ଶତ୍ରୁତା ଥିବା ଅଭିଯୋଗ ଆଣିଛନ୍ତି ମୃତ କାହ୍ନାଙ୍କ ସ୍ତ୍ରୀ। ବାଇକ ଦୁର୍ଘଟଣାରେ ଉଭୟଙ୍କର କିଛି କ୍ଷତି ହୋଇ ନ ଥିଲେ ମଧ୍ୟ ଘଟଣାସ୍ଥଳରେ ମୃତ କାହ୍ନା ରାଉତଙ୍କ ଭାଇ ଭୁଲ ମାଗିବା ପରେ କାହିଁକି ଏତେବଡ ଘଟଣା ଘଟିଲା ତାକୁ ନେଇ ଏବେ ଭିନ୍ନ ମୋଡ ଦେଇଛନ୍ତି ମୃତକଙ୍କ ସ୍ତ୍ରୀ। ପୁରା ଘଟଣା ପଛରେ ରାଜନୈତିକ ଶତ୍ରୁତା ରହିଥିବାର ଅଭିଯୋଗ ଆଣିଛନ୍ତି। ବିଜେପିର ଗୋଟିଏ ଗୋଷ୍ଠୀ ପାଇଁ କାମ କରୁଥିଲେ ମୃତ କାହ୍ନା, ହେଲେ ବିଜେପିର ଅନ୍ୟ ଏକ ଗୋଷ୍ଠୀ ଏହି ଦୁର୍ଘଟଣାର ଫାଇଦା ନେଇ କାହ୍ନାକୁ ପିଟିପିଟି ମାରିଦେଲେ ବୋଲି ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି। ଯାହାକି ଦୁଇଟି ଗୋଷ୍ଠରର ଫଟୋ ସାମ୍ବାଦିକ ସମ୍ମିଳନୀରେ ଦେଖାଇଛନ୍ତି ମୃତ କାହ୍ନାଙ୍କ ପରିବାର। ଦୁର୍ଘଟଣା ପରେ ଖବର ପାଇ ମୃତ କାହ୍ନାର ଭାଇ ଘଟଣାସ୍ଥଳରେ ପହଞ୍ଚିବା ବେଳେ କିଛି ଦୁର୍ବୃତ୍ତ ତାଙ୍କୁ ମାଡ ମାରୁଥିଲେ। ସେ ଭୁଲ ମାଗିଥିଲେ ମଧ୍ୟ କେହି ଶୁଣି ନ ଥିଲେ କିନ୍ତୁ ତାଙ୍କ ଆଗରେ ଚଳନ୍ତା ଗାଡି ସମ୍ମୁଖକୁ ଠେଲିଦେଇଥିଲେ ବୋଲି ମୃତ କାହ୍ନାର ଭାଇ ଅଭିମନ୍ୟୁ ରାଉତ କହିଛନ୍ତି। ପରେ କାହ୍ନାକୁ ଗୁରୁତର ଅବସ୍ଥାରେ ପ୍ରଥମେ ମାଧପୁର ଓ ପରେ କଟକ ବଡଡାକ୍ତରଖାନା ନେଇଥିଲେ ମଧ୍ୟ ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

## ତରବରିଆ ଭାବେ ୨ ଜଣଙ୍କୁ ବାନ୍ଧିଲା ପୁଲିସ

ଖୁଣ୍ଟୁଣୀ ଥାନା ଅଧୀନ ଦ୍ୱାରବତପୁର ଗ୍ରାମରେ ସଂଗଠିତ ଯୋଜନାବଦ୍ଧ ହତ୍ୟାକାଣ୍ଡର ୯ ଦିନ ପରେ ହତ୍ୟାକାଣ୍ଡରେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ଜୁଲୁ ପୁହାଣଙ୍କୁ ଗିରଫ ନ କରି ଘଟଣାକ୍ରମରେ ଦିନେଶ ସ୍ୱାଇଁଙ୍କୁ ମୁଖ୍ୟଆସାମୀ ସଜାଇବା ସହିତ ସହଯୋଗୀ କୃଷ୍ଣଚନ୍ଦ୍ର ସେଠୀ ନାମକ ଅନ୍ୟ ଜଣେ ଯୁବକକୁ ବୁଧବାର ଖୁଣ୍ଟୁଣୀ ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ମୃତ କାହ୍ନା ରାଉତଙ୍କ ସ୍ତ୍ରୀ ସାମ୍ବାଦିକ ସମ୍ମିଳନୀରେ ସପରିବାର ଆତ୍ମାହୁତି ଦେବାର ଧମକ ପରେ ପୁଲିସ ଦିନେଶ ଓ କୃଷ୍ଣଚନ୍ଦ୍ରଙ୍କୁ ଗିରଫ କରିଛି। ମହିଳାଙ୍କ ଆତ୍ମାହୁତି ଧମକ ପରେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବା ଦୁଇ ଜଣଙ୍କୁ ଗିରଫ କରିଥିବା ନେଇ ଚୌଦ୍ୱାର ଏସଡିପିଓ ଉମାକାନ୍ତ ନାୟକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। ତେବେ ଘଟଣାକୁ ଚାପିଦେବାକୁ ଉଦ୍ୟମ, ଟଙ୍କା ନେଇ ରଫାଦଫା କରିବା ପାଇଁ ପୁଲିସ ବିରୋଧରେ ଆସିଥିବା ଅଭିଯୋଗ ଅମୂଳକ ଓ ଏଥିନେଇ ତାଙ୍କ ପାଖରେ କୌଣସି ଖବର ନ ଥିବା କହିବା ସହ ଅନ୍ୟ ଅଭିଯୁକ୍ତଙ୍କୁ ଖୁବଶୀଘ୍ର ଧରାଯିବା ବୋଲି ଚୌଦ୍ୱାର ଏସଡିପିଓ ଶ୍ରୀ ନାୟକ ଗଣମାଧ୍ୟମକୁ କହିଛନ୍ତି।


## ଜ୍ୟୋତି ପ୍ରକାଶଙ୍କୁ ଭେଟିଲେ ଜାତୀୟ ମହିଳା କଂଗ୍ରେସ ସଭାନେତ୍ରୀ ଅଲକା



କଟକ,୧୬।୭(ସମିସ): ବାଲେଶ୍ୱର ଫକୀରମୋହନ ମହାବିଦ୍ୟାଳୟରେ ଆତ୍ମଦାହ ଉଦ୍ୟମ କରିବା ବେଳେ ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ଉଦ୍ଧାର କରିବା ପାଇଁ ନିଜ ଜୀବନକୁ ବାଜି ଲଗାଇ ଦେଇଥିବା ଜ୍ୟୋତି ପ୍ରକାଶଙ୍କୁ ଆଜି ଅଖିଳ ଭାରତୀୟ ମହିଳା କଂଗ୍ରେସ କମିଟି ସଭାନେତ୍ରୀ ଅଲକା ଲାମ୍ବା ଓ ବିଧାୟିକା ସୋଫିଆ ଫିରଦୋସ ଏବଂ କଂଗ୍ରେସ ବିରୋଧୀ ଦଳ ନେତା ରାମଚନ୍ଦ୍ର କାଡାମ ଏସସିବି ମେଡିକାଲରେ ଭେଟିଛନ୍ତି। ତାଙ୍କର ବାପା ଓ ମା'ଙ୍କୁ ଭେଟି ପୁଅର ସାହାସିକତା ପାଇଁ ତାଙ୍କୁ ସାଧୁବାଦ ଜଣାଇବା ସହିତ ସ୍ୱାସ୍ଥ୍ୟାବସ୍ଥା ବିଷୟରେ ପଚାରି ବୁଝିଥିଲେ ଅଲକା ଲାମ୍ବା, ସିଏଲପି ଲିଡର କାଡାମ ଏବଂ ବିଧାୟିକା ସୋଫିଆ। ଏହି ଅବସରରେ ସେମାନେ ଜ୍ୟୋତି ପ୍ରକାଶଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ନଗର କଂଗ୍ରେସ ପୂର୍ବତନ ସଭାପତି ଗିରିବାଳା ବେହେରା, ଶୈଳବାଳା ଜେନା, କର୍ପୋରେଟର ଲିଜା ରାଉତ, ଭାନୁ ସେନାପତି, ସ୍ୱର୍ଣ୍ଣପ୍ରଭା ପଶାୟତ, ଜେ କାମେଶ୍ୱର ରାଓ ଓ ବଟକୃଷ୍ଣ ସାହୁ, କଂଗ୍ରେସ ନେତା ନିକୁଞ୍ଜ ପଶାୟତ, ସତ୍ୟାନନ୍ଦ ରାଉତ, ଅନିତା ନାୟକ, ଅମ୍ରିତା ଦାସ, ଆର୍ଯ୍ୟବୀର ଲେଙ୍କା, ବିକି ଚକ୍ରବର୍ତ୍ତୀ, ସ୍ମୃତିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଜନିତ ମୃତ୍ୟୁ ଘଟଣା

# ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବିକଲା ଏବିଭିପି




ସମ୍ବଲପୁର, ୧୬।୭ (ସମିସ) : ବାଲେଶ୍ୱରର ଏଫ୍ଏମ୍ ଅଟୋନୋମସ୍ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶି ଯେଉଁ ଆତ୍ମାହୁତି ଘଟଣାରେ ଦୋଷୀ ସମୀର ସାହୁଙ୍କୁ ରାଜ୍ୟ ସରକାର କଠୋରରୁ କଠୋର ଦଣ୍ଡ ଦିଅନ୍ତୁ। ଯେଉଁ ଇଣ୍ଟରନାଲ୍ କମ୍ପ୍ଲେଣ୍ଟ କମିଟି ହୋଇଥିଲା ସେହି କମିଟିରେ ଥିବା ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ସଦସ୍ୟମାନେ କେଉଁ ନିର୍ଣ୍ଣୟରେ ପହଞ୍ଚିଲେ ଯେ ସେହି ନିର୍ଣ୍ଣୟରେ ଭାଙ୍ଗିପଡ଼ି ସୌମ୍ୟାଶ୍ରୀ ବିଶି ଆତ୍ମାହୁତି ଦେଲେ। ସେମାନେ ବି ଏହି ଘଟଣାରେ ସମ୍ପୂର୍ଣ୍ଣ ଭାବେ ଦାୟୀ ଅଟନ୍ତି ଏଣୁ ସେମାନଙ୍କୁ ତୁରନ୍ତ ରାଜ୍ୟ ସରକାର ଗିରଫ କରନ୍ତୁ।

ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ସିମରନ ପ୍ରଧାନ, ମହାନଗର ସମ୍ପାଦକ ନିତେଶ ପାଣିଗ୍ରାହୀ, ନଗର ସମ୍ପାଦକ ଦେବାଶିଷ ସେହ୍ରିୟ,ଏବିଭିପି ଓଡ଼ିଶା (ପଶ୍ଚିମ) ରାଜ୍ୟ ସମ୍ପାଦକ ଶ୍ୱେତାଂଶୁ ଶେଖର ବରେଇ ପ୍ରମୁଖ ଉପରୋକ୍ତ ଦାବି ଉପସ୍ଥାପନା କରିଛନ୍ତି।

ଏହାସହ ସୌମ୍ୟାଶ୍ରୀ ବିଶି ତାଙ୍କ ନ୍ୟାୟର ଲଢ଼େଇ ଲଢ଼ିବା ସମୟରେ ଯେଉଁ ଛାତ୍ର ସଙ୍ଗଠନର ଛାତ୍ରମାନେ ସାମାଜିକ ଗଣମାଧ୍ୟମରେ ତାଙ୍କ ଚରିତ୍ର ସଂହାର କରିଥିଲେ ସେମାନେ ବି ଦାୟୀ ଏଣୁ ସେମାନଙ୍କୁ ମଧ୍ୟ ତୁରନ୍ତ ଗିରଫ କରାଯାଉ ବୋଲି ଶ୍ରୀ ବରେଇ ଦାବି କରିଛନ୍ତି।

ସୌମ୍ୟାଶ୍ରୀ ଜୁଲାଇ ୧ ତାରିଖରୁ ସାମାଜିକ ଗଣମାଧ୍ୟମ ଜରିଆରେ ତାଙ୍କ କଥା ରଖିଥିଲେ, ସେଥିରେ ସମ୍ପୂର୍ଣ୍ଣ ଭାବେ ଶିକ୍ଷା ବିଭାଗ, ରାଜ୍ୟ ସରକାର ଏବଂ ବାଲେଶ୍ୱର ଏସ୍‌ପିଙ୍କ ଦାୟିତ୍ୱହୀନତା ଓ ଅବହେଳା ଯୋଗୁଁ ଏହି ଘଟଣା ଘଟିଛି। ଏଥିରେ ସମ୍ପୂର୍ଣ୍ଣ ଭାବେ ଶିକ୍ଷା ବିଭାଗ ଏବଂ ବାଲେଶ୍ୱର ଏସ୍‌ପି ଦାୟୀ ଅଟନ୍ତି। ଏଥିପାଇଁ ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଏସ୍‌ପିଙ୍କ ଉପରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାସହ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରୁଛି ବୋଲି ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ବରେଇ କହିଛନ୍ତି। ଏନ୍‌ଏସ୍‌ୟୁଆଇ ପକ୍ଷରୁ ଅଧ୍ୟାପକ ସମୀର ସାହୁ ଭଲ ବ୍ୟକ୍ତି ଏବଂ ସୌମ୍ୟାଶ୍ରୀଙ୍କ ଚରିତ୍ର ସଂହାର କରି ଅଧ୍ୟାପକଙ୍କ ସପକ୍ଷରେ ଏକ ଦସ୍ତଖତ ଅଭିଯାନ କରି ଅଧ୍ୟକ୍ଷଙ୍କୁ ଦାବିପତ୍ର ଦେଇଥିଲେ ଏବଂ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରିଥିଲେ ବୋଲି ଶ୍ରୀ ବରେଇ ଅଭିଯୋଗ କରିଛନ୍ତି।

ଛାତ୍ରୀ ଜଣକ ସାମାଜିକ ଗଣମାଧ୍ୟମରେ ଅଭିଯୋଗ କଲାପରେ ମଧ୍ୟ ରାଜ୍ୟ ସରକାରଙ୍କ ଦାୟିତ୍ୱହୀନତା ପାଇଁ ଗୋଟେ ମୂଲ୍ୟବାନ ଜୀବନ ଆଜି ଚାଲିଗଲା। ପ୍ରଥମ ଦିନରୁ କଲେଜ କର୍ତ୍ତୃପକ୍ଷ ଏବଂ ଶିକ୍ଷା ବିଭାଗ ଘଟଣାକୁ ଗୁରୁତର ସହ ନେଇ ଛାତ୍ରୀଙ୍କୁ ନ୍ୟାୟ ପ୍ରଦାନ କରିଥାନ୍ତେ ତାହେଲେ ଏପରି ଦୁର୍ଭାଗ୍ୟଜନକ ଘଟଣା ଆଜି ଘଟିନଥାନ୍ତା। ଏହି ପରିପ୍ରେକ୍ଷୀରେ ରାଜ୍ୟ ସରକାରଙ୍କ ଅପାରଗତା ଓ ଶିକ୍ଷା ବିଭାଗର ଦାୟିତ୍ୱହୀନତା ସମସ୍ତଙ୍କ ସାମ୍ନାକୁ ଆସିଛି।

■ ଟ୍ରଷ୍ଟ ଦଲିଲ୍ ପାଇଁ ଲାଞ୍ଚ

## ଭିଜିଲାନ୍ସ ଜାଲରେ ସବ୍ ରେଜିଷ୍ଟ୍ରାର କନିଷ୍ଠ କିରାଣି

ଭୁବନେଶ୍ୱର,୧୬।୭(ସମିସ): ପଞ୍ଜିକୃତ ଟ୍ରଷ୍ଟ ଦଲିଲ୍ ଦେବାକୁ ଲାଞ୍ଚ ନେବା ବାଲିପାଟଣା ସବ୍‌ରେଜିଷ୍ଟ୍ରାର ଅଫିସ୍‌ର କନିଷ୍ଠ କିରାଣିଙ୍କ ପାଇଁ ମହଙ୍ଗା ପଡ଼ିଛି। ୨୫୦୦ ଟଙ୍କା ଲାଞ୍ଚ ନେବାବେଳେ କିରାଣି ସୁଶାନ୍ତ କୁମାର ସିଂ ଓ ସହଯୋଗୀ ମହେନ୍ଦ୍ର ସାହୁଙ୍କୁ ଗିରଫ କରିଛି ଭିଜିଲାନ୍ସ।






କିରାଣି ଓ ସହଯୋଗୀ ଗିରଫ

ସୂଚନା ଅନୁସାରେ, ବାଲିପାଟଣା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟରେ କିଛିଦିନ ପୂର୍ବେ ଏକ ଟ୍ରଷ୍ଟ ପଞ୍ଜିକରଣ ହୋଇଥିଲା। ସେହି ଟ୍ରଷ୍ଟ କରୁଥିବା ବ୍ୟକ୍ତିଙ୍କୁ ପଞ୍ଜିକୃତ ଟ୍ରଷ୍ଟ ଦଲିଲ୍ ଦେବା ପାଇଁ ସୁଶାନ୍ତ ସିଂ ୫୦୦୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଅଭିଯୋଗକାରୀ ଗତ ୧୧ ତାରିଖ ଦିନ ୧୫୦୦ ଟଙ୍କା ଦେଇଥିଲେ। ହେଲେ ଶ୍ରୀ ସିଂ ଦଲିଲ୍ ଦେବାପାଇଁ ବାକି ଟଙ୍କା ଦାବି କରିଥିଲେ। ଅନ୍ୟ କୌଣସି ଉପାୟ ନ ପାଇ ଅଭିଯୋଗକାରୀ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପୂର୍ବ ଯୋଜନା ମୁତାବକ କନିଷ୍ଠ କିରାଣି ଶ୍ରୀ ସିଂ ଆଜି ମହେନ୍ଦ୍ରଙ୍କ ମାଧ୍ୟମରେ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଟଙ୍କା ନେଉଥିବା ବେଳେ ଛକି ରହିଥିବା ଭିଜିଲାନ୍ସ ଟିମ୍ ଉଭୟଙ୍କୁ ମାଡ଼ି ବସିଥିଲେ।

## ହାତୁଡି ଓ ପଥରରେ ଛେଚି ବାପା-ମା'ଙ୍କୁ ହତ୍ୟା

ବେତନଟୀ/ମାଣତ୍ରୀ,୧୬।୭(ସମିସ): ବୈଶିଙ୍ଗା ଥାନା ଅଧୀନ ମାନଗୋବିନ୍ଦପୁର ପଞ୍ଚାୟତ ଉତ୍ତରପାଳ ଗାଁ ଉପକଣ୍ଠ ଧନାପାଳ ଗ୍ରାମରେ ନିଜର ଜନ୍ମକଲା ପୁଅ ବୃଦ୍ଧ ବାପା-ମା'ଙ୍କୁ ପଥର ଓ ହାତୁଡିରେ ଛେଚି ନୃଶଂସଭାବେ ହତ୍ୟା କରିଛି। ଏହି ଘଟଣା ସମଗ୍ର ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି। ଅଭିଯୁକ୍ତ ହତ୍ୟାକାରୀ ପୁଅ ହେଉଛି ଧନାପାଳ ଗ୍ରାମର ଶୁକୁରା ଓରଫ ହିମାଂଶୁ ସାହୁ (୫୦)। ପୁଲିସ ଅଭିଯୁକ୍ତକୁ ଗରିଫ କରିଛି। ସୂଚନା ଅନୁସାରେ, ଅଭିଯୁକ୍ତ ଶୁକୁରା ଓରଫ ହିମାଂଶୁ ପତ୍ନୀ ଓ ୨ ଝିଅଙ୍କୁ ଛାଡି ମାଣତ୍ରୀରେ ଅନ୍ୟ ଜଣେ ବିବାହିତା ମହିଳାଙ୍କ ସହିତ ରହୁଥିଲା। ପେଶାରେ ସେ ଅଟୋ ଚାଳକ। ଘରେ ରୋଗୀଣା ବୃଦ୍ଧ ବାପା-ମା' ରହୁଥିଲେ। ମଝିରେ ମଝିରେ ଶୁକ୍ରା ନିଶାସକ୍ତ ଅବସ୍ଥାରେ ଘରକୁ ଆସି ପାଟିତୁଣ୍ଡ କରେ। ଏପରି ସମସ୍ୟା ପାଇଁ ସ୍ତ୍ରୀ ଏବଂ ପିଲାଛୁଆ ଦୀର୍ଘଦିନ ହେବ ଶୁକୁରାଠାରୁ ଅଲଗା ହୋଇ ବାପଘରେ ରହିଆସୁଛନ୍ତି। ବୁଧବାର ସକାଳେ ବୃଦ୍ଧା ମା' ଶାନ୍ତିଲତା (୭୮)ଙ୍କ କ୍ଷତାକ୍ତ ଶରୀର ଆଶାବାଡି ସହ ଘର ବାରଣ୍ଡା ପାହାଚ ତଳେ ପଡ଼ିଥିବା ବେଳେ ସେ ନିଜେ ନିଶାସକ୍ତ ଭାବରେ ପଲଙ୍କ ଉପରେ ବସିଥିଲା। ଏହା ଦେଖୀ ଗ୍ରାମବାସୀଙ୍କ ମନରେ ସନ୍ଦେହ ହୋଇଥିଲା। ପରେ ଗ୍ରାମବାସୀ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ବେତନଟୀ ଏସଡିପିଓ, ବୈଶିଙ୍ଗା ଥାନା ଅଧିକାରୀ ଓ ମାଣତ୍ରୀ ଫାଣ୍ଡି ଅଧିକାରୀ ସଦଳବଳ ପହଞ୍ଚି ଯାଞ୍ଚ ଆରମ୍ଭ କରିଥଲେ। ଘର ଭିତରେ ୮୫ ବର୍ଷୀୟ ବୃଦ୍ଧ ବାପା ହାଡିବନ୍ଧୁ ସାହୁଙ୍କ ରକ୍ତ ଜୁଡୁବୁଡୁ ମୃତଦେହ ପାଇଥିଲେ ପୁଲିସ। ପରେ ହତ୍ୟାକାରୀ ପୁଅକୁ ପୁଲିସ ଗିରଫ କରିବା ସହିତ ସାଇଣ୍ଟିଫିକ ଦଳ ଦ୍ୱାରା ତଦନ୍ତ କରି ଏକ ନରହତ୍ୟା ମାମଲା ରୁଜୁ କରି ଶବବ୍ୟବଛେଦ ପାଇଁ ପଠାଇଛି।



## କନିଷ୍ଠ ଯନ୍ତ୍ରୀଙ୍କ ଘରୁ ୩୦ଲକ୍ଷ ଟଙ୍କାର ସୁନା ଅଳଙ୍କାର ଚୋରି

କେନ୍ଦ୍ରାପଡ଼ା,୧୬।୭(ସମିସ): କେନ୍ଦ୍ରାପଡ଼ା ଜିଲ୍ଲାର ମାର୍ଶାଘାଇ ଥାନା ଅଧୀନ ରାମିଆଗଞ୍ଜ ଗ୍ରାମରୁ ଜଣେ କନିଷ୍ଠ ଯନ୍ତ୍ରୀଙ୍କ ଘରୁ ୩୦ ଲକ୍ଷ ଟଙ୍କାର ସୁନା ଗହଣା ଚୋରି ହୋଇଛି। ଏନେଇ କନିଷ୍ଠ ଯନ୍ତ୍ରୀ ଜଣକ ମାର୍ଶାଘାଇ ଥାନାରେ ଅଭିଯୋଗ କରିବା ପରେ ପୁଲିସ ସନ୍ଧାନୀ କୁକୁର ଓ ସାଇଣ୍ଟିଫିକ ଟିମ ସହ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। କନିଷ୍ଠ ଯନ୍ତ୍ରୀ କମଳଲୋଚନ ଲେଙ୍କା କୌଣସି କାର୍ଯ୍ୟରେ ମଙ୍ଗଳବାର କେନ୍ଦ୍ରାପଡ଼ା ଯାଇ ରାତିରେ ଫେରି ନଥିଲେ। ଘରେ କେହି ସଦସ୍ୟ ନ ଥିବା ବେଳେ ଏହାର ସୁଯୋଗ ନେଇ ଚୋରମାନେ ତାଙ୍କ ଘରୁ କଳାକନା ବୁଲାଇଛନ୍ତି। ଗ୍ରୀଲ୍ ଓ କବାଟର ତାଲା ଭାଙ୍ଗି ଚୋରମାନେ ଘରେ ପଶି ଆଲମିରାରୁ ସୁନା ଅଳଙ୍କାର ଚୋରି କରିଛନ୍ତି। ଏସଂକ୍ରାନ୍ତରେ ମାର୍ଶାଘାଇ ଥାନାଧିକାରୀ ତପନ କୁମାର ନାୟକଙ୍କୁ ପଚାରିବାରୁ ସେ କହିଛନ୍ତି, କନିଷ୍ଠ ଯନ୍ତ୍ରୀଙ୍କ ଅନୁପସ୍ଥିତିର ସୁଯୋଗ ନେଇ ଚୋରି ହୋଇଛି। ଏସଂକ୍ରାନ୍ତରେ ଚୋରି ମାମଲା ରୁଜୁ ହୋଇଛି। ଦୁର୍ବୃତ୍ତଙ୍କୁ ଗିରଫ କରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ଉ ଚାଲିଛି ବୋଲି ସେ କହିଛନ୍ତି। ଅପରପକ୍ଷରେ ଜଣେ ଅବସରପ୍ରାପ୍ତ ପୁଲିସ ଅଧିକାରୀ କହିଛନ୍ତି। ଜଣେ କନିଷ୍ଠ ଯନ୍ତ୍ରୀଙ୍କ ମାସିକ ଆୟ କେତେ ଯେ ସେ ଘରେ ୩୦ ଲକ୍ଷ ଟଙ୍କାର ସୁନା ଗହଣା କିଣି ରଖିଥିଲେ। ତେଣୁ ଯନ୍ତ୍ରୀଙ୍କ ଆୟର ଉତ୍ସ ମଧ୍ୟ ତଦନ୍ତ ହେବା ଉଚିତ ବୋଲି ସେ କହିଛନ୍ତି।

## ସାପ କାମୁଡ଼ାରେ ଦମ୍ପତି ମୃତ

ନିଶ୍ଚିନ୍ତକୋଇଲି, ୧୬।୭(ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ଅଧୀନ କଳମିଶ୍ରୀ ପଞ୍ଚାୟତ ପୁରୁଣାପାରି ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ରାତିରେ ଘରେ ଶୋଇଥିଲା ବେଳେ ବିଷାକ୍ତ ସାପ କାମୁଡାରେ ଦମ୍ପତିଙ୍କ ଅକାଳ ବିୟୋଗ ଘଟିଛି। ଏହି ଘଟଣାକୁ ନେଇ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ମୃତକଙ୍କ ଦୁଇ ଶିଶୁ କନ୍ୟାଙ୍କ ପାଠ ପଢାରେ ଡୋରି ବନ୍ଧା ହେବା ନେଇ ଆଶଙ୍କା ପ୍ରକାଶ ପାଇଛି। ପୁରୁଣାପାରି ଗ୍ରାମର ମାନସ କୁମାର ବାରିକ (୪୫) ଓ ତାଙ୍କର ପତ୍ନୀ ନମିତା ରାଉତ (୩୫) ଗତକାଲି ରାତ୍ରରେ ଖାଇପିଇ ଘରେ ଶୋଇଥିଲେ। ତେବେ ଆଜି ସକାଳୁ ଉଠିଲା ବେଳକୁ ପତିପତ୍ନୀଙ୍କ ମୁଣ୍ଡ ବୁଲାଇବା ସହ ଦେହ ହାତ ଝିମଝିମ ଲାଗିଥିଲା। ସନ୍ଦେହ ହେବାରୁ ପତିପତ୍ନୀ ଚିକିତ୍ସା ନିମନ୍ତେ ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ଅବସ୍ଥା ଉଦବେଗଜନକ ହେବାରୁ ତାଙ୍କୁ ଚିକିତ୍ସା ନିମନ୍ତେ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ପତି-ପତ୍ନୀ ବିଷାକ୍ତ ସାପ କାମୁଡାରେ ଗୁରୁତର ଥିବାର ଡାକ୍ତର ପ୍ରକାଶ କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ପତି ପତ୍ନୀଙ୍କର ଅକାଳ ମୃତ୍ୟୁ ଘଟିଥିଲା। ଶବ ବ୍ୟବଚ୍ଛେଦ କରାଯାଇ ପୁରୁଣାପାରି ଗ୍ରାମକୁ ଅଣାଯାଇ ଗ୍ରାମ୍ୟ ଶ୍ମଶାନରେ ଦମ୍ପତିଙ୍କ ଶବଦାହ କରାଯାଇଛି। ମୃତ ଦମ୍ପତିଙ୍କ ବଡ ଝିଅ କଲ୍ୟାଣୀ ବାରିକ(୧୦) ଓ ସାନଝିଅ ଓମ ସିନ୍ଧୁ ବାରିକ(୫) ସ୍ଥାନୀୟ ବିଦ୍ୟାଳୟର ଯଥାକ୍ରମେ ୫ମ ଶ୍ରେଣୀ ଏବଂ ପ୍ରଥମ ଶ୍ରେଣୀରେ ଅଧ୍ୟୟନ କରୁଛନ୍ତି। ଏହି ଦୁଇ ଶିଶୁ କନ୍ୟାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବା ସହ ସେମାନଙ୍କର ଭବିଷ୍ୟତ ସୁରକ୍ଷା ସରକାର ବହନ କରିବାକୁ ଦାବି ହୋଇଛି।



## ଅନ୍ତର୍ଜାତୀୟ କ୍ରିକେଟ୍‌କୁ ରସେଲ୍‌ଙ୍କ ଅଲ୍‌ବିଦା

ସେଣ୍ଟ କିଟ୍ସ, ୧୬।୭ (ଏଜେନ୍ସି): ୱେଷ୍ଟଇଣ୍ଡିଜର ଭେଟେରାନ ଅଲ୍‌ରାଉଣ୍ଡର ଆନ୍ଦ୍ରେ ରସେଲ ଅନ୍ତର୍ଜାତୀୟ କ୍ରିକେଟ୍‌କୁ ଅଲ୍‌ବିଦା କରିଛନ୍ତି। ଜୁଲାଇ ୨୦ରୁ ଅଷ୍ଟ୍ରେଲିଆ ବିପକ୍ଷରେ ଆରମ୍ଭ ହେବାକୁ ଥିବା ଟି-୨୦ ସିରିଜର ଦ୍ୱିତୀୟ ମ୍ୟାଚ୍ ତାଙ୍କର ଅନ୍ତିମ ଅନ୍ତର୍ଜାତୀୟ ମ୍ୟାଚ୍ ହେବ ବୋଲି ୩୭ ବର୍ଷୀୟ ରସେଲ ବୁଧବାର ରାତିରେ ଘୋଷଣା କରିଛନ୍ତି। ଜୁଲାଇ ୨୨ରେ ଏହି ମ୍ୟାଚ୍ ରସେଲଙ୍କ ଘରୋଇ ପଡ଼ିଆ ଜାମାଇକାର ସାବିନା ପାର୍କରେ ଖେଳାଯିବ। ଘରୋଇ ଦର୍ଶକଙ୍କ ସାମ୍ନାରେ ମ୍ୟାଚ୍ ଖେଳି ରସେଲ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ସନ୍ନ୍ୟାସ ନେବେ। ତେବେ ସେ ବିଭିନ୍ନ ଦେଶରେ ଆୟୋଜିତ ଫ୍ରାଞ୍ଚାଇଜଭିତ୍ତିକ ଲିଗ୍ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟରେ ଖେଳ ଜାରି ରଖିବେ। ଏହି ବିସ୍ଫୋରକ ବ୍ୟାଟର୍ ୨୦୧୧ରେ ପାକିସ୍ତାନ ବିପକ୍ଷରେ ଖେଳି ଟି-୨୦ କ୍ରିକେଟ୍‌ରେ ପାଦ ଥାପିଥିଲେ। ବର୍ତ୍ତମାନ ସୁଦ୍ଧା ସେ ୱେଷ୍ଟଇଣ୍ଡିଜ ପାଇଁ ୮୪ ମ୍ୟାଚ୍ ଖେଳି ୧୦୭୮ ରନ କରିବା ସହ ୬୧ ୱିକେଟ୍ ନେଇଛନ୍ତି। ୨୦୧୨ ଓ ୨୦୧୬ରେ ଟି-୨୦ ବିଶ୍ୱକପ୍ ଜିତିଥିବା ଇଣ୍ଡିଜ ଦଳର ସେ ପ୍ରମୁଖ ସଦସ୍ୟ ରହିଥିଲେ। ସେହିଭଳି ୨୦୧୯ ବିଶ୍ୱକପ୍‌ରେ ବାଂଲାଦେଶ ବିପକ୍ଷରେ ସେ ତାଙ୍କର ଶେଷ ଦିନିକିଆ ମ୍ୟାଚ୍ ଖେଳିଥିଲେ। ସେ ୫୬ ଦିନିକିଆ ମ୍ୟାଚରେ ୧୦୩୪ ରନ ଓ ୭୦ ୱିକେଟ୍ ଅକ୍ତିଆର କରିଥିଲେ। କ୍ୟାରିୟରରେ ସେ ତାଙ୍କର ଏକମାତ୍ର ଟେଷ୍ଟ ମ୍ୟାଚ୍ ୨୦୧୦ରେ ଶ୍ରୀଲଙ୍କା ବିପକ୍ଷରେ ଖେଳିଥିଲେ। ୨୦୧୯ରୁ ସେ କେବଳ ଟି-୨୦ କ୍ରିକେଟ୍‌ରେ ଜାତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିଲେ।



## ଲଦାଖରେ ଆକାଶ ପ୍ରାଇମ୍‌ର ପରୀକ୍ଷଣ

ନୂଆଦିଲ୍ଲୀ,୧୬।୭(ଏଜେନ୍ସି): ଡିଆରଡିଓର ବରିଷ୍ଠ ଅଧିକାରୀଙ୍କ ସହଯୋଗରେ ଭାରତୀୟ ସେନା ଲଦାଖରେ ଆକାଶ ପ୍ରାଇମ୍ ଡିଫେନ୍ସ ସିଷ୍ଟମ୍‌ର ସଫଳ ପରୀକ୍ଷଣ କରିଛି। ଉଚ୍ଚ ସ୍ଥାନରେ ଏହା କିପରି କାର୍ଯ୍ୟ କରୁଛି ତାହା ଦେଖିବା ପାଇଁ ଏହି ପରୀକ୍ଷଣ କରାଯାଇଥିଲା। ଏହି ପ୍ରଣାଳୀର ମିସାଇଲ୍ ଦ୍ରୁତଗତିରେ ଆସୁଥିବା ଟାର୍ଗେଟ୍‌କୁ ଦୁଇଥର ମାଡ କରିବାର କ୍ଷମତା ରଖୁଛି। ଏହା ଆକାଶ ଏୟାର ଡିଫେନ୍ସ ସିଷ୍ଟମର ତୃତୀୟ ଓ ଚତୁର୍ଥ ରେଜିମେଣ୍ଟ ହେବ। ଅପରେସନ୍ ସିନ୍ଦୂର ଅବସରରେ ଚୀନ୍ ବିମାନ ଓ ତୁର୍କୀ ଡ୍ରୋନ ଦ୍ୱାରା ପାକିସ୍ତାନର ଆକ୍ରମଣକୁ ଏହାଦ୍ୱାରା ପଣ୍ଡ କରାଯାଇଥିଲା। ଆକାଶ ପ୍ରାଇମ୍ ହେଉଛି ଏକ ଆଧୁନିକ ଏୟାର ଡିଫେନ୍ସ ସିଷ୍ଟମ। ଏହା ଶତ୍ରୁ ଦେଶର ବିମାନ ଓ ଡ୍ରୋନ୍‌କୁ ମାରି ତଳକୁ ଖସାଇବାକୁ ସକ୍ଷମ।

■ କଲରାପତରିଆ ବାଘ ଚମଡ଼ା ଜବତ ଘଟଣା

## ଶିକ୍ଷକଙ୍କ ସମେତ ୭ ଗିରଫ

ବାରିପଦା,୧୬।୭(ସମିସ): ସୋମବାର ରାତିରେ ମୟୂରଭଞ୍ଜ ଜିଲ୍ଲା ବଡସାହି ଓ ଖୁଣ୍ଟା ଥାନା ଅଞ୍ଚଳରୁ ୩ଟି କଲରାପତରିଆ ବାଘ ଚମଡା ଜବତ ଘଟଣାରେ ବନବିଭାଗ ଜଣେ ଶିକ୍ଷକଙ୍କ ସମେତ ୭ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ନୀଳଗିରି ଥାନା ତେଣ୍ଡା ଗ୍ରାମର ଅମର କୁମାର ସିଂ(୪୦) ଓ ବରହମପୁର ଥାନା ଅଧୀନ କେନ୍ଦୁଆ ଗ୍ରାମର ସୁନାରାମ ହେମ୍ବ୍ରମ(୫୯), ବଡସାହି ଥାନା ଯଦୁନାଥପୁର ଗ୍ରାମର ରାଇସେନ ଚପିଆର(୪୫), ପାଉଁଶିଆ ଗ୍ରାମର ଗୁରୁ ପ୍ରସାଦ ପାତ୍ର ଓ କାଣିମହୁଲି ଗ୍ରାମର ଶିକ୍ଷକ ମନୋରଞ୍ଜନ ଟିପିରିଆ (୪୮), ଖୁଣ୍ଟା ଥାନା ପଶୁଦା ପଞ୍ଚାୟତ କୁଆଁରପାଳ ଗ୍ରାମର ଶେରମାଶ୍ରୀ ସୋରେନ(୨୭) ଏବଂ ଉଦଳା ଥାନା କୁଟଲିଙ୍ଗ ଗ୍ରାମର ଚମ୍ପାଇ ମୁର୍ମୁ(୩୨)। ମନୋରଞ୍ଜନ ଟିପିରିଆ ଶିକ୍ଷକତା କରୁଥିବା ବେଳେ ବାଘ ଚମଡା କାରବାରର ମୁଖ୍ୟ ଅଭିଯୁକ୍ତ ବୋଲି ଜଣାପଡିଛି। ଅଭିଯୁକ୍ତଙ୍କଠାରୁ ୭ଟି ମୋବାଇଲ ଓ ୨ଟି ବାଇକକୁ ଜବତ କରିବା ସହ ଏହି ଘଟଣାରେ ଅଧିକ ସଂଖ୍ୟାରେ ଅପରାଧୀ ଜଡିତ ଥିବା ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପ ଦକ୍ଷିଣ ଡିଭିଜନର ଉପନିର୍ଦ୍ଦେଶକ ସମ୍ରାଟ ଗୌଡାଙ୍କ ସୂଚନା ଦେଇଛନ୍ତି।

ଗିରଫ ୭ ଜଣଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ଛତିଶଗଡରୁ ଏହି ଚମଡା ଆସିଥିବା ନେଇ ପ୍ରାଥମିକ ତଦନ୍ତରୁ ଜଣାପଡିଛି ବୋଲି ଶ୍ରୀ ଗୌଡା ପ୍ରକାଶ କରିଛନ୍ତି। ଜବତ ଚମଡାରୁ ୨ଟି ପ୍ରାପ୍ତ ବୟସ୍କ ବାଘ ହୋଇଥିବା ବେଳେ ଅନ୍ୟଟି କମ ବୟସର ବୋଲି ଅନୁମାନ କରାଯାଉଛି।



ବରିଷ୍ଠ ନାଗରିକ ତୀର୍ଥଯାତ୍ରା

## ଆଜିଠୁ ଅଗଷ୍ଟ ୧୫ ଯାଏଁ ପଞ୍ଜୀକରଣ

ଭୁବନେଶ୍ୱର,୧୬।୭(ସମିସ): ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନାରେ ହିତାଧିକାରୀମାନେ ଆସନ୍ତାକାଲିଠାରୁ ଅଗଷ୍ଟ ୧୫ ତାରିଖ ପର୍ଯ୍ୟନ୍ତ ଉଭୟ ଅନଲାଇନ୍ ଓ ଅଫଲାଇନ୍‌ରେ ବ୍ଲକ ଓ ଜିଲ୍ଲା ପ୍ରଶାସନରେ ଆବେଦନପତ୍ର ଦାଖଲ କରିପାରିବେ। ଆଶାୟୀମାନେ ଅନ୍ତ୍ୟୋଦୟ, ଅନ୍ନପୂର୍ଣ୍ଣା କାର୍ଡ, ବିଧବା ଭତ୍ତା କାର୍ଡ, ଖାଦ୍ୟସୁରକ୍ଷା ରେସନ କାର୍ଡ, ମନରେଗା କାର୍ଡ ମଧ୍ୟରୁ ଯେକୌଣସି ଗୋଟିଏ ପ୍ରମାଣପତ୍ର ଭାବେ ଦାଖଲ କରିବେ। ବରିଷ୍ଠ ନାଗରିକ ଦମ୍ପତିଙ୍କ ମଧ୍ୟରେ ଜଣେ ୬୦ ରୁ ଊର୍ଦ୍ଧ୍ୱ ବୟସ୍କ ହେବା ଆବଶ୍ୟକ ଏବଂ ୭୦ରୁ ୭୫ ବର୍ଷ ବୟସର ବରିଷ୍ଠ ନାଗରିକମାନେ ୧୮ ବର୍ଷରୁ ଊର୍ଦ୍ଧ୍ୱ ଜଣେ ବ୍ୟକ୍ତିଙ୍କୁ ସହାୟକ ଭାବରେ ନେଇପାରିବେ ବୋଲି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।









ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କୁ ମାନସିକ ନିର୍ଯାତନା ଓ ଆତ୍ମଦାହ ଘଟଣାର ପ୍ରତିବାଦରେ ବିଜେଡି ପକ୍ଷରୁ ଗାନ୍ଧୀମାର୍ଗରେ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ ବେଳେ ଧସ୍ତାଧସ୍ତି

## ଗାଧୁଆ ବେଳର ଭିଡିଓ ଭାଇରାଲ୍ କରି ଗିରଫ

ଭୁବନେଶ୍ୱର, ୧୬।୭ (ସମିସ): ଗୋଟିଏ ପରିବାରର ଜଣେ ନାବାଳିକା ଓ ଦୁଇ ମହିଳାଙ୍କ ଗାଧୁଆ ବେଳର ଭିଡିଓ ଭାଇରାଲ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଚନ୍ଦକା ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ପାଣିଓରାରେ ରହୁଥିବା କେନ୍ଦ୍ରାପଡ଼ା ରାଜନଗରର



ନିର୍ମଳ କୁମାର ପ୍ରଧାନ ଓରଫ୍ କାର୍ତ୍ତିକ (୩୦)।

ପୁଲିସ ସୂଚନା ଅନୁସାରେ, କାର୍ତ୍ତିକ ପାଣିଓରା ଅଞ୍ଚଳରେ ଭଡ଼ାରେ ରହୁଥିଲା। ଗତ କିଛିଦିନ ହେବ ପଡ଼ୋଶୀ ଘରର ମହିଳାଙ୍କ ପ୍ରତି ମନରେ ମନ୍ଦ ଚିନ୍ତାଧାରା ରଖିଥିଲା। ପୀଡିତା ନିଜ ଘର ପଛ ପାଖରେ ଗାଧୋଉଥିବା ବେଳେ କାର୍ତ୍ତିକ କୌଶଳକ୍ରମେ ତାଙ୍କର ଭିଡିଓ କରି ନେଇଥିଲା। ସେହିଭଳି ଘରର ନାବାଳିକା ଏବଂ ତାଙ୍କ ପରିବାରର ଆଉ ଦୁଇ ମହିଳାଙ୍କ ଭିଡିଓ ମଧ୍ୟ ଉତ୍ତୋଳନ କରିଥିଲା। ସେହି ଭିଡିଓଗୁଡ଼ିକୁ ତା'ର ଜଣେ ବନ୍ଧୁ ନିକଟକୁ ପଠାଇ ଦେଇଥିଲା। ପୀଡିତାଙ୍କ ବାପା ଘଟଣା ବିଷୟରେ ଜାଣିବା ପରେ କାର୍ତ୍ତିକକୁ ପଚାରିବା ସହିତ ଭିଡିଓ ଡିଲିଟ କରିବାକୁ ଅନୁରୋଧ କରିଥିଲେ। କିନ୍ତୁ କାର୍ତ୍ତିକ ଭିଡିଓ ଡିଲିଟ କରିବା ପରିବର୍ତ୍ତେ ତାଙ୍କୁ ଗାଳିଗୁଲଜ କରିଥିଲା। ଭିଡିଓ ଡିଲିଟ କରିବା ପାଇଁ ଟଙ୍କା ମାଗିଥିଲା। ଏଥିସହିତ ସେହି ଭିଡିଓକୁ ପୁଣିଥରେ ତା'ର ସାଙ୍ଗକୁ ପଠାଇ ଦେଇଥିଲା। ଏନେଇ ଚନ୍ଦକା ଥାନାରେ ଅଭିଯୋଗ କରିବା ପରେ ପୁଲିସ କାର୍ତ୍ତିକକୁ ଗିରଫ କରି କୋର୍ଟ ଚାଲାଣ କରିଛି। ତା'ର ମୋବାଇଲ ଫୋନ ଓ ତାଙ୍କ ବନ୍ଧୁଙ୍କ ମୋବାଇଲ ଫୋନକୁ ଜବତ କରିଥିଲା ପୁଲିସ।

## ରେଳ ଧାରଣାରୁ ଛାତ୍ରଙ୍କ ମୃତଦେହ ଉଦ୍ଧାର

ଭୁବନେଶ୍ୱର, ୧୬।୭ (ସମିସ): ସରକନ୍ତରା ଲେବଲ କ୍ରସିଂ ନିକଟସ୍ଥ ରେଳ ଧାରଣାରୁ ଛାତ୍ରଙ୍କ ମୃତଦେହ ଠାବ ହୋଇଛି। ମୃତକ ହେଉଛନ୍ତି ସରକନ୍ତରା ଗାଁର ରୁଦ୍ରନାରାୟଣ ଦାସ ଓରଫ ଗୁଡ୍ଡୁ (୧୭)। ଭୁବନେଶ୍ୱର ଜିଆରପି ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

ମିଳିଥିବା ସୂଚନା ଅନୁସାରେ, ସରକନ୍ତରାର ଗୁଡ୍ଡୁ ମହୁରାସ୍ଥିତ ମାମୁ ଘରେ ରହି ମଦନପୁରସ୍ଥିତ ଏକ ଘରୋଇ କଲେଜରେ ଆଇଟିଆଇ ପଢୁଥିଲେ। ସବୁଦିନ ଭଳି ଗତକାଲି ସକାଳେ ମାମୁଘରୁ କଲେଜ ଯାଇଥିଲେ ମଧ୍ୟ ଅପରାହ୍ନରେ ଘରକୁ ଫେରି ନ ଥିଲେ। ସେ ନିଜ ଗାଁ ସରକନ୍ତରା ଯାଇଥିବା ଭାବି ମାମୁ ତାଙ୍କ ବାପାଙ୍କୁ ଫୋନ କରି ପଚାରିଥିଲେ। ହେଲେ ସେଠାକୁ ମଧ୍ୟ ଯାଇ ନ ଥିବାରୁ ଦୁଇ ପରିବାର ଖୋଜାଖୋଜି କରିଥିଲେ। ପୁଲିସ ସହାୟତାରେ ମୋବାଇଲ ଟ୍ରାକିଂ କରିବା ପରେ ଲୋକେସନ ରେଳ ଧାରଣା ନିକଟରେ ଦେଖାଇଥିଲା। ଗାଁ ଲୋକେ ଖୋଜାଖୋଜି କରିବା ପରେ ରେଳ ଧାରଣାରୁ ରୁଦ୍ରଙ୍କୁ କ୍ଷତାକ୍ତ ଅବସ୍ଥାରେ ଉଦ୍ଧାର କରିଥିଲେ। ପରିବାର ଲୋକେ ତାଙ୍କୁ ଏମ୍ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ, ହେଲେ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଅଭିଯୋଗ ଆଧାରରେ ଜିଆରପି ଥାନା ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହିତ ମୃତଦେହ ବ୍ୟବଚ୍ଛେଦ କରି ହସ୍ତାନ୍ତର କରିଛି। ତେବେ ପୁଅର ମୃତ୍ୟୁକୁ ପରିବାର ଲୋକେ ସହଜରେ ଗ୍ରହଣ କରି ପାରୁନାହାନ୍ତି। ସେ ଆତ୍ମହତ୍ୟା କରିଛନ୍ତି ନା ତାଙ୍କୁ ହତ୍ୟା କରି ରେଳ ଧାରଣାରେ ଫୋପାଡ଼ି ଦିଆଯାଇଛି, ସେନେଇ ମଧ୍ୟ ସ୍ପଷ୍ଟ ହୋଇ ପାରିନାହିଁ। ତେବେ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସି ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ପୁଲିସ କହିଛି।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରଉ




ଭୁବନେଶ୍ୱର, ୧୬।୭ (ସମିସ) : ବାଲେଶ୍ୱର ଫକୀର ମୋହନ କଲେଜର ଛାତ୍ରୀ ସୌମ୍ୟାଶ୍ରୀ ବିଶିଙ୍କ ଆତ୍ମଦାହ ଘଟଣାରେ ମୁଖ୍ୟମନ୍ତ୍ରୀ ଏବଂ ଉଚ୍ଚଶିକ୍ଷାମନ୍ତ୍ରୀଙ୍କ ଇସ୍ତଫା ଦାବି କରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ଘେରିଛି ଯୁବଛାତ୍ର କ୍ରାନ୍ତିସେନା। ଏଭଳି ଘଟଣା ପାଇଁ ସରକାରଙ୍କୁ ଦାୟୀ କରିଛି ସଂଗଠନ। ଏକ ଶିକ୍ଷା ପ୍ରତିଷ୍ଠାନର ଏଚ୍ଓଡି ବିରୋଧରେ ଯୌନ ଉତ୍ପୀଡ଼ନ ଅଭିଯୋଗ କରି, ନ୍ୟାୟ ପାଇଁ ଲଢୁଥିବା ସୌମ୍ୟାଶ୍ରୀ ନିଜର ଶରୀରକୁ ନିଆଁ ଲଗାଇବାକୁ ବାଧ୍ୟ ହେଲେ, ଯାହା ଅତ୍ୟନ୍ତ ଦୁଃଖଦ ତଥା ଆମ ଶାସକୀୟ ବ୍ୟବସ୍ଥାର ନଗ୍ନ ଚିତ୍ର ବୋଲି ସଂଗଠନର ଆବାହକ ପାର୍ଥସାରଥୀ ମୁଦୁଲି ଅଭିଯୋଗ କରିଛନ୍ତି।

ଏହି ଘଟଣାରେ ଅଭିଯୁକ୍ତଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଦାବିରେ ଯୁବଛାତ୍ର କ୍ରାନ୍ତି ସେନା ତରଫରୁ ମାଷ୍ଟରକ୍ୟାଣ୍ଟିନରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ମୁଖ୍ୟମନ୍ତ୍ରୀଙ୍କ ବାସଭବନ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଏପରିସ୍ଥଳେ ଛାତ୍ରମାନଙ୍କ ଉପରକୁ ଲାଠିଚାର୍ଜ କରିଥିଲା ପୁଲିସ। ସଂଗଠନର ଅଭିଯୋଗ

## ଭୀମକୁଣ୍ଡରେ ଶୋଭାପାଇବ ୫ ଫୁଟିଆ ଶିବମୂର୍ତ୍ତି

ଭୁବନେଶ୍ୱର, ୧୬।୭(ସମିସ): ଦୀର୍ଘଦିନ ଧରି ପରିତ୍ୟକ୍ତ ଅବସ୍ଥାରେ ପଡ଼ି ରହିଥିବା ଭୀମକୁଣ୍ଡ ପୁଷ୍କରିଣୀରେ ଶୋଭା ପାଇବାକୁ ଯାଉଛି ୫ ଫୁଟିଆ ଶିବଙ୍କ ମୂର୍ତ୍ତି। ଏହି ମୂର୍ତ୍ତିରୁ ଗଙ୍ଗା ଅବତରଣ କରୁଥିବା ଦୃଶ୍ୟ ବି ଦେଖିବାକୁ ମିଳିବ। ଭୀମଟାଙ୍ଗୀସ୍ଥିତ ଭୀମେଶ୍ୱର ମନ୍ଦିର ପାଖରେ ଥିବା ଏହି ପୁଷ୍କରିଣୀ ଏବେ ଆଲୋକମାଳାରେ ଝଲସି ଉଠିବା ସହିତ ଚାରିପଟ ଷ୍ଟିଲ୍ ବ୍ୟାରିକେଡ୍ ବି ରହିବା ସହ ପୁଷ୍କରିଣୀ ପାଖରେ ବସିବା ପାଇଁ ଉପଯୁକ୍ତ ସ୍ଥାନ ମଧ୍ୟ ମିଳିବ।

ଏହି ପୁଷ୍କରୀଣୀ କାର୍ଯ୍ୟ ଚଳିତ ବର୍ଷ ମେ ମାସରୁ ଆରମ୍ଭ ହୋଇଛି। ପରିତ୍ୟକ୍ତ ଅବସ୍ଥାରେ ପଡ଼ିଥିବା ୧୫ ବର୍ଷ ତଳେ ଏହି ପୁଷ୍କରିଣୀକୁ ଅଳ୍ପ ଖୋଳାଯାଇଥିଲା। କିନ୍ତୁ ଗତବର୍ଷ ସ୍ଥାନୀୟ କର୍ପୋରେଟରଙ୍କ ପ୍ରଚେଷ୍ଟାରେ ୪୨ଲକ୍ଷ ଟଙ୍କାର ବ୍ୟୟବରାଦରେ ଏହାର ଟେଣ୍ଡର କରାଗଲା। ଚଳିତ ବର୍ଷ ୧୪.୯୯ ଲକ୍ଷରେ ଟେଣ୍ଡର ଅନୁମୋଦିତ ହୋଇ ବର୍ତ୍ତମାନ ଏହାର କାର୍ଯ୍ୟ ଚାଲୁଅଛି। ବିଶେଷ କରି ଏହି ପୁଷ୍କରିଣୀ ମଝିରେ ୫ଲକ୍ଷ ଟଙ୍କାରେ କଳା ମୁଗୁନି ପଥରରେ ନିର୍ମିତ ୫ଫୁଟ୍‌ର ଶିବ ଲିଙ୍ଗ ସ୍ଥାପନ କରାଯିବ।

ବର୍ଷା ହେଇଥିବାରୁ ପୁଷ୍କରିଣୀ ଭିତରେ ପାଣି ଥିବାରୁ କାମ ବନ୍ଦ ଅଛି। ବର୍ଷା ଛାଡ଼ିଲେ କାମ ପୁଣି ଆରମ୍ଭ ହେବ। ଏବେ ଖାଲି ମନ୍ଦିର ଚାରିପଟ କାମ ଚାଲୁଅଛି। ନଭେମ୍ବର ମାସ ସୁଧା କାମ ସମ୍ପୂର୍ଣ୍ଣ ହୋଇଯିବ ବୋଲି କର୍ପୋରେଟର ଶିବ ନାରାୟଣ ରାୟ କହିଛନ୍ତି। ଏହି ପଦକ୍ଷେପକୁ ସ୍ୱାଗତ କରିଛନ୍ତି ଭୀମେଶ୍ୱର ମନ୍ଦିରର ପୂଜକ ଗତିକୃଷ୍ଣ ମହାପାତ୍ର। ସୂଚନା ଯୋଗ୍ୟ ଲିଙ୍ଗରାଜ ମହାପ୍ରଭୁ ମାଘ ମାସ ଭୌମ୍ୟ ଏକାଦଶୀରେ ଏହି ଭୀମଶ୍ୱର ମନ୍ଦିରକୁ ବିଜେ ପାଇଁ ଆସିବା ବେଳେ ଏହି ପୁଷ୍କରିଣୀରୁ ପାଣି ଆସି ଠାକୁରଙ୍କୁ ସ୍ନାନ କରାଯାଉଥିଲା। ହେଲେ ପାଣି ଆସ୍ତେ ଆସ୍ତେ ଖରାପ ହେବାରୁ ପ୍ରାୟ ପଚିଶି ବର୍ଷ ହେଇଯିବ ପୁଷ୍କରିଣୀରୁ ଆଉ ପାଣି ଆସୁନାହିଁ। ମନ୍ଦିରରେ ଏକ କୂଅ କରାଯାଇ ସେହି କୂଅ ପାଣିରେ ଲିଙ୍ଗରାଜଙ୍କ ଚଳନ୍ତି ପ୍ରତିମା ଭୌମ୍ୟ ଏକାଦଶୀ ବେଳେ ଗାଧୋଉଛନ୍ତି।

## ବର୍ଷାଦିନେ ୱାଟ୍‌କୋର ରାସ୍ତାଖୋଳା

ଭୁବନେଶ୍ୱର, ୧୬।୭ (ସମିସ): ୱାଟ୍‌କୋର ବିଚିତ୍ର ବ୍ୟବସ୍ଥା ସାମ୍ନାକୁ ଆସିଛି। ଶୀତ ଗଲା, ଖରାଦିନ ଗଲା। ଯେମିତି ବର୍ଷା ଆସିଲା ସେମିତି ସ୍ୱେରେଜ୍ ଲାଇନ୍ ପାଇଁ ୱାଟ୍‌କୋର ରାସ୍ତାଖୋଳା ଆରମ୍ଭ ହେଲା। ବିଶେଷକରି ଢୁ ଢୁ ବର୍ଷା ବେଳେ ୱାଟକୋ ରାସ୍ତା ଖୋଳି ସ୍ୱେରେଜ ଲାଇନ୍ କାମ ଆରମ୍ଭ କରିଛି। ବିକଳ୍ପ ବ୍ୟବସ୍ଥା ନ କରି ଡୁମୁଡୁମା ପାଲାମଣ୍ଡପ ଅଞ୍ଚଳରେ ୩ ଦିନ ହେଲା ରାସ୍ତା ଖୋଳି ଚାଲିଛି। ଫଳରେ ସ୍ଥାନୀୟ ଅଞ୍ଚଳବାସୀ ଘରୁ ବାହରି ପାରୁ ନାହାନ୍ତି। ଏଭଳି ଭାବେ ରାସ୍ତା ଖୋଳା ହୋଇଛି ଜରୁରିକାଳୀନ ସ୍ଥିତିରେ ବାହାରକୁ ଲୋକେ ବାହାରି ପାରୁ ନାହାନ୍ତି। ଯାତାୟତ ଏବଂ ଜିନିଷପତ୍ର ନେବା ଆଣିବା କରିବା ବେଳେ ଅଞ୍ଚଳବାସୀ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୪ଦିନ ମଧ୍ୟରେ ପ୍ରାୟ ୪୦୦ ମିଟର ରାସ୍ତା ଖୋଳା ଶେଷ ହେଲାଣି। ଲୋକେ ଘରୁ ବାହାରକୁ ବାହାରିବାକୁ ବିକଳ୍ପ ବ୍ୟବସ୍ଥା କରାଯାଇ ନାହିଁ। ବାଇକ୍ କିମ୍ବା ଚାରି ଚକିଆ ନେବା ଦୂରର କଥା ଚାଲି ଚାଲି ଯିବା ମଧ୍ୟ କଷ୍ଟ ହୋଇପଡୁଛି। ଘରୁ ବାହାରକୁ ବାହାରିବା ପାଇଁ ଅସ୍ଥାୟୀ ବ୍ୟବସ୍ଥା ମଧ୍ୟ ସମ୍ଭବ ହୋଇପାରୁ ନାହିଁ। ଏହାକୁ ନେଇ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

■ ଘରୁ ବାହାରି ପାରୁନାହାନ୍ତି ଅଞ୍ଚଳବାସୀ




ଅଧ କିଲୋମିଟର ଦୂରରେ ଗାଡି ରଖି ଚାଲି ଚାଲି ଆସିବାକୁ ପଡୁଛି ବୋଲି ଅଭିଯୋଗ କରିଛନ୍ତି ଅଞ୍ଚଳବାସୀ। ବର୍ଷା ବେଳେ ଜଳବନ୍ଦୀ ଦେଖାଦେଲେ ଏହି ଅଞ୍ଚଳକୁ ଚାଲି ଚାଲି ଯିବା ଆସିବା କରିବା ବିପଦସଂକୁଳ ହୋଇଯିବ। ଏସମ୍ପର୍କରେ ଦୀପକ ବେହେରା ନାମକ ଜଣେ ଯୁବକ କହିଛନ୍ତି ସମାନ୍ୟତମ ରାସ୍ତା ଛଡା ଯାଇ ନାହିଁ ଯିବା ଆସିବା କରିବାକୁ। ଖରାଦିନ ଶୀତଦିନ ଚାଲିଗଲା କାମ ହେଲାନି କିନ୍ତୁ ବର୍ଷା ଢୁ ଢୁ ହେଉଛି ସହରରେ ଜଳବନ୍ଦୀ ପରିସ୍ଥିତି ସୃଷ୍ଟି ହେଲା ବେଳେ ୱାଟକୋର ରାସ୍ତା ଖୋଳା କଥା ମନେ ପଡୁଛି। ପିଙ୍କି ନାୟକ ନାମକ ଜଣେ ଯୁବତୀ କହିଛନ୍ତି ଅନ୍ତତ ୨ଚକିଆ ଯିବା ଆସିବା କରିବାକୁ ଏକ ଅସ୍ଥାୟୀ ବ୍ୟବସ୍ଥା କରିବା ଅତ୍ୟନ୍ତ ଜରୁରୀ। ନହେଲେ ଲୋକଙ୍କ ସ୍ୱାସ୍ଥ୍ୟଗତ ସମସ୍ୟା ଦେଖାଦେଲେ ହସ୍ପିଟାଲ ପର୍ଯ୍ୟନ୍ତ ନେବା ମୁସ୍କିଲ ହୋଇଯିବ।

### ମନ୍ତ୍ରୀଙ୍କ ବାସଭବନ ଘେରଉ

## ୪ ଛାତ୍ର କଂଗ୍ରେସ ସଦସ୍ୟ ଗିରଫ

ଭୁବନେଶ୍ୱର, ୧୬।୭ (ସମିସ): ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କ ବାସଭବନ ଘେରଉ ଘଟଣାରେ ୪ ଛାତ୍ର କଂଗ୍ରେସ ସଦସ୍ୟଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତମାନେ ହେଲେ ଆଦିତ୍ୟ ପ୍ରିତମ ଦାସ (୨୭), ସୌମ୍ୟରଞ୍ଜନ ଜେନା (୨୫), ଶୁଭଙ୍କର ସେଠୀ (୨୧) ଓ ବଳରାମ ସାହୁ (୨୨)।

ପୁଲିସ ସୂଚନା ଅନୁସାରେ, ଗତ କାଲି ସନ୍ଧ୍ୟାରେ ଉପରୋକ୍ତ ଛାତ୍ର କଂଗ୍ରେସ ସଦସ୍ୟଙ୍କ ନେତୃତ୍ୱରେ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ବାସଭବନ ଘେରାଉ କରିବା ସହିତ ଭିନ୍ନଭିନ୍ନ ସ୍ଲୋଗାନ ଦେଉଥିଲେ। ପୁଲିସ ଦ୍ୱାରା ଏହି ସ୍ଥାନଟି ବିକ୍ଷୋଭ ପାଇଁ ପ୍ରତିବନ୍ଧିତ ଅଞ୍ଚଳ ବୋଲି ସୂଚନା ଦିଆଯିବା ପରେ ମଧ୍ୟ ସେମାନେ ଜୋରଜବରଦସ୍ତି ଘର ମଧ୍ୟକୁ ପ୍ରବେଶ କରିବାକୁ ଚେଷ୍ଟା କରିଥିଲେ। ଏଥିସହିତ ଘର ଭିତରେ ଥିବା କର୍ମଚାରୀ ଓ ଅନ୍ୟାନ୍ୟ ବ୍ୟକ୍ତିଙ୍କୁ ଭୟଭୀତ କରିବା ପାଇଁ ଧମକ ମଧ୍ୟ ଦେଇଥିଲେ। ବାରମ୍ବାର ଚେତାବନୀ ସତ୍ତ୍ୱେ ମନ୍ତ୍ରୀଙ୍କ ବାସଭବନ ଭିତରକୁ ଅଣ୍ଡା, ଟମାଟୋ ଓ ପଥର ମାଡ଼ କରିଥିଲେ। ପୁଲିସ ହସ୍ତକ୍ଷେପ କରିବାରୁ ସେମାନେ ପୁଲିସ କର୍ମଚାରୀଙ୍କ ସହ ଧସ୍ତାଧସ୍ତି କରିବା ସହିତ ଗାଳିଗୁଲଜ କରିଥିଲେ। ସେମାନଙ୍କୁ ସରକାରୀ କାର୍ଯ୍ୟ କରିବାରୁ ନିବୃତ୍ତ କରିଥିଲେ। ଧସ୍ତାଧସ୍ତି ସମୟରେ ଦୁଇ ପୁଲିସ କର୍ମଚାରୀ ସାମାନ୍ୟ ଆହତ ହୋଇଥିଲେ। କ୍ୟାପିଟାଲ ଥାନା ପୁଲିସ ଏନେଇ ଏକ ମାମଲା ରୁଜୁ କରି ୪ ଜଣଙ୍କୁ ଗିରଫ କରିଛି।

## ଆଇନଜୀବୀଙ୍କୁ ସଂଘବଦ୍ଧ ଆକ୍ରମଣ

ଭୁବନେଶ୍ୱର, ୧୬।୭ (ସମିସ): ରାଜଧାନୀରେ ଆଇନଶୃଙ୍ଖଳା ବ୍ୟବସ୍ଥା ଦିନକୁ ଦିନ ବିଗିଡ଼ିବାରେ ଲାଗିଛି। ବୁଧବାର ସନ୍ଧ୍ୟାରେ ଜଣେ ଆଇନଜୀବୀଙ୍କୁ ସଂଘବଦ୍ଧ ଆକ୍ରମଣ କରିଛନ୍ତି। ଆଇନଜୀବୀ ଆୟୁଷ ଶୁଭଦର୍ଶୀ ଏନେଇ ଇନ୍‌ଫୋସିଟି ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ଅନୁଯାୟୀ, ବୁଧବାର ସନ୍ଧ୍ୟାରେ ଆୟୁଷ କଟକରୁ ଭୁବନେଶ୍ୱର ଆଡ଼କୁ ଆସୁଥିଲେ। ସେ ନନ୍ଦନକାନନ ରୋଡରେ ପାଇଥିବା ବେଳେ ଗାଡ଼ି ଓଭରଟେକକୁ ନେଇ ବାଇକରେ ଯାଉଥିବା ଦୁଇ ଜଣଙ୍କ ସହିତ କଥା କଟାକଟି ହୋଇଥିଲା। ହଠାତ୍ ସେମାନେ ବାଇକରୁ ଓହ୍ଲାଇ ସହଯୋଗୀଙ୍କୁ ଡକାଇଥିଲେ। ଆଉ ଦୁଇ ଜଣ ଘଟଣାସ୍ଥଳରେ ପହଞ୍ଚିବା ପରେ ୪ ଜଣ ମିଶି ଆୟୁଷଙ୍କୁ ଆକ୍ରମଣ କରିଥିଲେ। ଆୟୁଷ ଅନୁରୋଧ କରୁଥିବା ବେଳେ ଅଭିଯୁକ୍ତମାନେ ଲଗାତାର ଆକ୍ରମଣ କରି ଚାଲିଥିଲେ। ସ୍ଥାନୀୟ ଲୋକେ ଏକାଠି

## ୭୨ ଗ୍ରାମ୍ ବ୍ରାଉନ୍‌ସୁଗର ଜବତ; ଜଣେ ଗିରଫ

ଭୁବନେଶ୍ୱର, ୧୬।୭ (ସମିସ): ବେଆଇନ ବ୍ରାଉନସୁଗର କାରବାର କରୁଥିବା ଅଭିଯୋଗରେ ଅବକାରୀ ଥାନା ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ମଇଁଷି ଖାଲ ବସ୍ତିର ଲକ୍ଷ୍ମୀଧର ବେହେରା (୪୩)। ମିଳିଥିବା ସୂଚନା ଅନୁସାରେ, ବଡ଼ଗଡ଼ ଥାନା ଅଞ୍ଚଳରେ ବ୍ରାଉନସୁଗର ବିକ୍ରି ହେଉଥିବା ନେଇ ଅବକାରୀ ଥାନା ଖବର ପାଇଥିଲା। ଥାନା ଅଧିକାରୀ ଚିତ୍ତରଞ୍ଜନ ଜେନା ଓ ତାଙ୍କ ଟିମ୍ ମଇଁଷି ଖାଲ ବସ୍ତିରେ ଚଢ଼ଉ କରିଥିଲା। ସେଠାରୁ ଲକ୍ଷ୍ମୀଧରକୁ ଗିରଫ କରିବା ସହିତ ତା' ଠାରୁ ୭୨ ଗ୍ରାମ ଓଜନର ବ୍ରାଉନସୁଗର ଜବତ କରିଥିଲା। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ୭୨ ଲକ୍ଷ ଟଙ୍କା ହେବ ବୋଲି ଅବକାରୀ ଥାନା ପକ୍ଷରୁ କୁହାଯାଇଛି। ଏନେଇ ଅବକାରୀ ଥାନା ପିଆର୍ ନଂ - ୮୧/୨୫ ଆଧାରରେ ଲକ୍ଷ୍ମୀଧରକୁ କୋର୍ଟ ଚାଲାଣ କରିଛି।

**ଅନୁକମ୍ପା ନା ଅପାରଗତା ?**

## ଏନ୍‌କାଉଣ୍ଟର କଲେ; ଚାର୍ଜସିଟ୍ ଦେବାକୁ ଭୁଲିଗଲେ

ଭୁବନେଶ୍ୱର, ୧୬।୭ (ସମିସ)

ନିଶା କାରବାର କ୍ଷେତ୍ରରେ ଶୂନ୍ୟ ସହନଶୀଳତା ନୀତି ଆପଣାଯାଉଛି ବୋଲି ରାଜ୍ୟ ପୁଲିସର ବରିଷ୍ଠ ଅଧିକାରୀମାନେ କହି ଆସୁଛନ୍ତି। ରାଜଧାନୀ ଠାରୁ ଆରମ୍ଭ କରି ଉପାନ୍ତ ଅଞ୍ଚଳ ଯାଏଁ, ନିଶାଦ୍ରବ୍ୟ ମଧ୍ୟ ଜବତ କରାଯାଉଛି। ଭୁବନେଶ୍ୱର ଡିସିପି ମଧ୍ୟ ମାମଲାଗୁଡ଼ିକର ତଦନ୍ତ ଶୀଘ୍ର ସାରିବା ଉପରେ ଗୁରୁତ୍ୱ ଦେଉଛନ୍ତି। ଆଉ ଠିକ୍ ଏତିକି ବେଳେ କିଛି ଅଧିକାରୀଙ୍କ ପାଇଁ ରାଜ୍ୟ ପୁଲିସ ପ୍ରଶାସନର ଛବି ମଳିନ ପଡ଼ିଯାଇଛି। ଯେଉଁ ନିଶା ବେପାରୀକୁ ପୁଲିସ ଏନକାଉଣ୍ଟର କରି ବ୍ରାଉନସୁଗର ଆଉ ବନ୍ଧୁକ ଜବତ କରିଥିଲା, ସେଇ ଅଭିଯୁକ୍ତ ବିରୋଧରେ ନିର୍ଦ୍ଧାରିତ ସମୟ ମଧ୍ୟରେ ଚାର୍ଜସିଟ ଦାଖଲ କରିପାରିଲା ନାହିଁ। ଫଳରେ ଅଭିଯୁକ୍ତକୁ କୋର୍ଟରୁ ଜାମିନ ମିଳିଗଲା। କେବଳ ଜାମିନ କଥା ନୁହେଁ ବରଂ ଏହି ମାମଲାକୁ ସଠିକ୍ ଭାବେ ତଦନ୍ତ କରାଯାଇନଥିବା ମଧ୍ୟ କୁହାଯାଉଛି। ତେବେ ଏହା ଅଭିଯୁକ୍ତ ସହ ସଲାସୁତରା ନା ଅପାରଗତା ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

■ ତଦନ୍ତର ଅବହେଳା ପାଇଁ ଅଭିଯୁକ୍ତକୁ ମିଳିଲା ଜାମିନ

■ ଜବତ ହୋଇଥିଲା ୨୦ ଲକ୍ଷର ବ୍ରାଉନ୍‌ସୁଗର ଓ ବନ୍ଧୁକ

ସୂଚନା ଅନୁଯାୟୀ, ଗତ ଏପ୍ରିଲ ମାସ ୧୦/୧୧ ତାରିଖ ରାତିରେ ମଙ୍ଗରାଜ ପଏଣ୍ଟ ଅଞ୍ଚଳର ଶେଖ୍ ଜାମସେଦ ବ୍ରାଉନସୁଗର ନେଇ ଯାଉଥିଲା। ସେହି ସମୟରେ କମିସନରେଟ ପୁଲିସର ସ୍ୱତନ୍ତ୍ର ଅପରାଧିକ ଶାଖା (ଏସସିୟୁ) ଓ ଖଣ୍ଡଗିରି ଥାନା ପୁଲିସ ତାକୁ ଧରିବା ପାଇଁ ପିଛା କରୁଥିଲା। ଜୟଦେବ ବାଟିକା ନିକଟରେ ଜାମସେଦ ଓ ପୁଲିସ ମଧ୍ୟରେ ଗୁଳି ବିନିମୟ ହୋଇଥିଲା। ପୁଲିସର ଗୁଳି ଜାମସେଦର ଗୋଡ଼ରେ ବାଜିବାରୁ ସେ ବାଇକରୁ ତଳେ ପଡ଼ି ଯାଇଥିଲା। ଏନକାଉଣ୍ଟର ପରେ ପୁଲିସ ତା'କୁ ପ୍ରଥମେ କ୍ୟାପିଟାଲ ଓ ପରେ ଏମ୍?ସ ଡାକ୍ତରଖାନାରେ ଭର୍ତ୍ତି କରିଥିଲା। ତା' ଠାରୁ ୨୦ ଲକ୍ଷ ଟଙ୍କାର ୨୦୦ ଗ୍ରାମ ଓଜନର ବ୍ରାଉନସୁଗର, ବନ୍ଧୁକ, ଦୁଇଟି ଗୁଳି, ବାଇକ୍ ଓ ଟଙ୍କା ଜବତ କରିଥିଲା। ୧୦ ଦିନର ଚିକିତ୍ସା ପରେ ଅର୍ଥାତ୍ ଏପ୍ରିଲ ୨୧ ତାରିଖ ଦିନ ଜାମସେଦକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା ପୁଲିସ।

ସେବେଠାରୁ ଅଭିଯୁକ୍ତ ଜାମସେଦ ଜେଲରେ ରହିଥିଲା। ଗତମାସ ୨୧ ତାରିଖ ଦିନ ଜାମସେଦ ଜେଲରେ ରହିବାର ୬୨ ଦିନ ପୂରଣ କରିଥିଲା। ଅଭିଯୁକ୍ତର ଗିରଫ ଠାରୁ ୬୦ ଦିନ ମଧ୍ୟରେ ଚାର୍ଜସିଟ୍ ଦାଖଲ କରିବାର ନିୟମ ରହିଥିଲେ ମଧ୍ୟ ଘଟଣାର ତଦନ୍ତକାରୀ ଅଧିକାରୀ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ କୋର୍ଟରେ ଚାର୍ଜସିଟ୍ ଦାଖଲ କରିପାରି ନ ଥିଲେ। ଫଳରେ ଅଭିଯୁକ୍ତ ଜାମସେଦର ଆଇନଜୀବୀ ସୁକାନ୍ତ କୁମାର ସାହୁ ଭାରତୀୟ ନାଗରିକ ସଂହିତା ଧାରା ୧୮୭(୨) ଆଧାରରେ କୋର୍ଟରେ ଜାମିନ ଆବେଦନ କରିଥିଲେ। ତଦନ୍ତକାରୀ ଅଧିକାରୀ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ଦାଖଲ କରିନଥିବାରୁ କୋର୍ଟ ଅଭିଯୁକ୍ତ ଜାମସେଦକୁ ଜାମିନ ପ୍ରଦାନ କରିଥିଲେ।

ଥାନା ସ୍ତରର କାର୍ଯ୍ୟ ତଦାରଖ କରିବା ପାଇଁ ପ୍ରତି ଜୋନରେ ଏସିପି ରାଙ୍କର ଅଧିକାରୀ ରହିଛନ୍ତି। ଏଥିସହିତ କେବଳ କେସ୍ ସୁପରଭିଜନ୍ (ମାମଲା ନିରୀକ୍ଷଣ) ପାଇଁ ପ୍ରତି ଜୋନରେ ଜଣେ ଲେଖାଏଁ ଅତିରିକ୍ତ ଡିସିପି ରାଙ୍କର ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ତେବେ ନିର୍ଦ୍ଧାରିତ ସମୟରେ ଚାର୍ଜସିଟ୍ ଦାଖଲ ନହେବା କେବଳ ତଦନ୍ତକାରୀ ଅଧିକାରୀ ନୁହଁ, ବରଂ ବରିଷ୍ଠ ଅଧିକାରୀମାନଙ୍କ ଆଡ଼କୁ ମଧ୍ୟ ଆଙ୍ଗୁଳି ନିର୍ଦ୍ଦେଶନା କରିଛି। ରାଜ୍ୟ ପୁଲିସରେ ସବୁଠାରୁ ଦକ୍ଷ କୁହାଯାଉଥିବା କମିସନରେଟ ପୁଲିସର ଅଧିକାରୀ ନିଶାଦ୍ରବ୍ୟ କାରବାର ଭଳି ସମ୍ବେଦନଶୀଳ ମାମଲାରେ ସମୟସୀମା ଭିତରେ ଚାର୍ଜସିଟ୍ ଦାଖଲ କରି ନ ପାରିବା ପୁଲିସର ଖାମଖିଆଲି ମନୋଭାବକୁ ପଦାରେ ପକାଇଛି। ତଦନ୍ତକାରୀ ଅଧିକାରୀଙ୍କ ଅବହେଳା କେବଳ ଅଭିଯୁକ୍ତକୁ ଜାମିନ ପ୍ରଦାନରେ ସହାୟକ ହୋଇଛି ତାହା ନୁହଁ, ବରଂ ମାମଲାର ବିଚାରକୁ ମଧ୍ୟ ପ୍ରଭାବିତ କରିବାର ସମ୍ଭାବନା ରହିଛି।

# ସମ୍ପାଦକୀୟ



ଅନିର୍ବଚନୀୟ ଅସୀମ ଐଶ୍ୱରୀୟ ସତ୍ତାକୁ ପରିପ୍ରକାଶ କରିବାର ପ୍ରୟାସ ହିଁ ଆଧ୍ୟାତ୍ମିକତା ବା ଆତ୍ମାର ବିଜ୍ଞାନ।
-ସ୍ୱାମୀ ବିବେକାନନ୍ଦ

ସକାଳ
THE SAKALA

## ଅନ୍ଧବିଶ୍ୱାସର ଅନ୍ଧଗଳି

ସଂପର୍କ ଆମ ସାମାଜିକ ବ୍ୟବସ୍ଥାର ଚାରିକାନ୍ଥ ମଧ୍ୟରେ ଆବଦ୍ଧ ହୋଇ ରହିନାହିଁ। କ୍ରମେ ଏହା ଉନ୍ମୁକ୍ତ ଓ ସଂକୁଚିତ ଅବସ୍ଥାରୁ ମୁକ୍ତ ହେଉଥିବାର ପରିଲକ୍ଷିତ ହେଉଛି। ଏସବୁ ସତ୍ତ୍ୱେ ଆମ ଜୀବନଧାରା ଓ ଚଳଣିରେ ପରମ୍ପରା ନାମରେ ରହିଥିବା ଅଙ୍କୁଶ ତଥା ଅନ୍ଧବିଶ୍ୱାସ ପରିସ୍ଥିତିକୁ ଏତେ ଜଟିଳ କରିଦେଇଛି ଯେ ତାହା ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନର ବାଧ୍ୟବାଧକତା ସୃଷ୍ଟି ହୋଇଛି। କୋରାପୁଟ ଓ ରାୟଗଡ଼ା ଜିଲ୍ଲାର ଆଦିବାସୀ ଅଧ୍ୟୁଷିତ ଗ୍ରାମରେ ପ୍ରେମ ବ୍ୟାପରକୁ ନେଇ ଯେଉଁ ଦଣ୍ଡବିଧାନ କରାଯାଇଛି ତାହା ସମସ୍ତଙ୍କୁ ଚକିତ କରିଛି। ୭୨ ଘଣ୍ଟା ବ୍ୟବଧାନରେ ଏଭଳି ଦୁଇଟି ଘଟଣାକୁ ନେଇ ବିଭିନ୍ନ ମହଲରେ ତର୍ଜମା ଚାଲିଛି। ଗୋଟିଏ ବଂଶର ସମାନ ଜାତିରେ ବିବାହ ଆଦିବାସୀ ସମାଜରେ ଗ୍ରହଣୀୟ ନୁହେଁ। ସେମାନଙ୍କ ବିଶ୍ୱାସ ଯେ ଧରଣୀ ପେନୁ ଏପ୍ରକାର ବିବାହରେ ଅସନ୍ତୁଷ୍ଟ ହେବ। ତାହାର ପ୍ରଭାବରେ ବର୍ଷାଭାବ ଜନିତ ଫସଲହାନି ଘଟିବ। ତେଣୁ ପ୍ରେମୀଯୁଗଳଙ୍କ ବେକରେ ଜୁଆଳି ଯୋଚି ହଳ ଲଙ୍ଗଳରେ ସାତ ଘେରା ଠାକୁରାଣୀଙ୍କ ପରିକ୍ରମା କରିବାକୁ ହେବ। ଏହାପରେ ସେମାନେ ପତି-ପତ୍ନୀର ସ୍ୱାଭାବିକ ଜୀବନଯାପନ ପାଇଁ ସ୍ୱୀକୃତି ଲାଭ କରିବେ। ସବୁଠାରୁ ଉଲ୍ଲେଖଯୋଗ୍ୟ କଥା ହେଲା, ପ୍ରଥମ ଘଟଣାକୁ ନେଇ ପୁଲିସର ଖୋଳତାଡ଼ ପରେ ମଧ୍ୟ ଦ୍ୱିତୀୟ ଘଟଣା ଉପରେ ତାହାର କିଛି ପ୍ରଭାବ ପଡ଼ିନାହିଁ। ଯେତେଦୂର ମନେ ହୁଏ ବସ୍ତିବାସିନ୍ଦାଙ୍କ ଏହି ସମ୍ମିଳିତ ନିଷ୍ପତ୍ତି ଆଗାମୀ ଦିନରେ ମଧ୍ୟ ବଳବତ୍ତର ରହିବ।

ପ୍ରେମ କେବଳ ଏକ ପ୍ରବୃତ୍ତି ନୁହେଁ, ବରଂ କୋମଳ ଭାବାବେଗର ଅଭିବ୍ୟକ୍ତି କୁହାଯାଇପାରେ। ତେଣୁ ଏହା କ୍ରମେ ଅଧିକରୁ ଅଧିକ ମୁକ୍ତ ଏବଂ ଧର୍ମ ଓ ଜାତିଗତ କଟକଣାକୁ ଭାଙ୍ଗିଦେଇଛି। କିନ୍ତୁ ସାମଜିକ ବ୍ୟବସ୍ଥାରେ ଉଚ୍ଚଜାତିର ଅହଂକାର ଏବେ ମଧ୍ୟ ତିଷ୍ଠି ରହିଛି। ତେଣୁ ଦେଶର ବିଭିନ୍ନ ଅଞ୍ଚଳରେ ଜାତିଗତ କଟକଣାରୁ ଅନରକିଲିଂ ଭଳି ଭୟଙ୍କର ନିର୍ଯାତନା ଓ ଅପରାଧ ପରିଲକ୍ଷିତ ହେଉଛି। ସେ ଦୃଷ୍ଟିରୁ ବିଚାର କଲେ ଅପୋକ୍ଷକୃତ ନିରୀହ ଓ ସରଳ ଆଦିବାସୀ ପ୍ରେମୀଯୁଗଳଙ୍କୁ 'ବଳଦଦଣ୍ଡ' ଦେଇଥିଲେ ମଧ୍ୟ ସେମାନଙ୍କୁ ନିଜ ପରିବେଶରେ ଗୃହସ୍ଥ ଜୀବନ ବିତାଇବାକୁ ସୁଯୋଗ ଦେଇଛନ୍ତି। ଏକ୍ଷେତ୍ରରେ ସେମାନଙ୍କୁ ଅନ୍ଧବିଶ୍ୱାସ କବଳିତ କରି ରଖିଛି ସତ, ଅହଂକାରୀ ସଭ୍ୟ ସମାଜର ନୃଶଂସତାକୁ ସେମାନେ ପ୍ରଶୟ ଦେଇନାହାନ୍ତି। ଅଶିକ୍ଷା ଓ ଅନ୍ଧବିଶ୍ୱାସ ଯୋଗୁଁ ଗୁଣିଗାରେଡ଼ି ଏବଂ ରୋଗ ଚିକିତ୍ସା ସକାଶେ ଝଡ଼ାଫୁଙ୍କା ଓ ଠାକୁରାଣୀଙ୍କ ନିକଟରେ ବଳି ଦେବା ବ୍ୟବସ୍ଥା ଏବେ ମଧ୍ୟ ପ୍ରଚଳିତ ଅଛି। ଏବେ ମଧ୍ୟ ଆମ ରାଜ୍ୟରେ ଗୁଣିଗାରେଡ଼ି କରୁଥିବା ଅଭିଯୋଗରେ ଜଘନ୍ୟ ହତ୍ୟାକାଣ୍ଡ ଘଟୁଛି। ସାମାଜିକ ସ୍ତରରେ ସେମାନଙ୍କ ମଧ୍ୟରେ ସଚେତନା ସୃଷ୍ଟି ସକାଶେ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟକ୍ରମ ଆରମ୍ଭ ହୋଇନାହିଁ। ସ୍ୱାସ୍ଥ୍ୟ ସେବାରୁ ବଞ୍ଚିତ ଏହି ବର୍ଗଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଧର୍ମାନ୍ତର କରାଯାଇଥିବାର ମଧ୍ୟ ଅଭିଯୋଗ ହୁଏ।

ଆମକୁ ଏଠାରେ ଦୁଃଖ ଓ କ୍ଷୋଭର ସହ କହିବାକୁ ପଡୁଛି ଯେ ଚଳଣି ଓ ପରମ୍ପରାକୁ ନେଇ ସୃଷ୍ଟି ହେଉଥିବା ବିଚାରଗତ ବିଦ୍ୱେଷ କେବଳ ଆଦିବାସୀ ସମାଜରେ ସୀମିତ ନାହିଁ। ତଥାକଥିତ ସଭ୍ୟ ଓ ସମ୍ଭ୍ରାନ୍ତ ସହରୀ ଜୀବନର ନାକତଳେ କଙ୍ଗାରୁକୋର୍ଟ ଚାଲେ। ସେଠାରେ କଠୋର ଦଣ୍ଡବିଧାନ ସହ ସାମାଜିକ ବାସନ୍ଦ ଭଳି କଟକଣା ମଧ୍ୟ ଲାଗୁ କରାଯାଏ। ଏପରିକି ଜାତିଆଣ ବିଚାର ମାଧ୍ୟମରେ ସାମଜିକ ଓ ପାରମ୍ପାରିକ ତ୍ରୁଟି ବିରୋଧରେ ଦଣ୍ଡବିଧାନ କରାଯାଇଛି। ଏମିତିରେ ଧର୍ମୀୟ ବିଶ୍ୱାସ ଓ ଆଚାର ବ୍ୟବହାର ମଧ୍ୟ ଅସଙ୍ଗତ ଓ ଅବୈଜ୍ଞାନିକ ଶୃଙ୍ଖଳାକୁ ଆମେ ପରମ୍ପରା ଖାତିରରେ ମାନି ଆସୁଛେ। ଅନେକ କ୍ଷେତ୍ରରେ ତାହା ଅହିତକର ଓ ଅସ୍ୱାସ୍ଥ୍ୟକର ମଧ୍ୟ। ଏକଥା ସତ ଯେ ଜ୍ଞାନର ଆଲୋକ ଦିନକୁ ଦିନ ଏକ୍ଷେତ୍ରରେ ସଚେତନତା ସୃଷ୍ଟି କରୁଛି। ତଥାପି ଅନ୍ଧବିଶ୍ୱାସରୁ ଆମେ ସଂପୂର୍ଣ୍ଣ ମୁକ୍ତ ହୋଇନାହୁଁ। କେତେକ କ୍ଷେତ୍ରରେ ଧର୍ମୀୟ ବିଶ୍ୱାସର ଚାଦର ତଳେ କିଛି ଅପସଂସ୍କୃତିର ପ୍ରଚାର ଓ ପ୍ରସାର ପାଇଁ ସୁଯୋଗ ମିଳୁଛି। ବିନା ବିଚାରବିମର୍ଶରେ ସେସବୁକୁ ମାନିନେବାର ଅତ୍ୟାଗ୍ରହକୁ ଦେଖିଲେ ଚକିତ ହେବାକୁ ପଡ଼େ। ଆମର ପ୍ରଚଳିତ ପ୍ରଥା ଓ ପରମ୍ପରାକୁ ପରିମାର୍ଜିତ ଓ ପୁନଃ ବିନ୍ୟାସ କରିବା ପରିବର୍ତ୍ତେ ସେଥିରେ ଯଦି ଆଉକିଛି ନୂଆ ଯୋଡ଼ିବାର ପ୍ରୟାସ ହୁଏ ତାହାକୁ ଆରମ୍ଭରୁ ରୋକାଯିବା ଜରୁରୀ।

ମାନବାଧିକାର ଓ ସାମ୍ବିଧାନିକ ବ୍ୟବସ୍ଥାରେ ବ୍ୟକ୍ତିର ସ୍ୱାଚ୍ଛନ୍ଦ୍ୟ ନେଇ ଯେତେ ସ୍ୱୀକୃତି ଓ ପ୍ରତିଶ୍ରୁତି ଦିଆଯାଉନା କାହିଁକି ତାହାର କାର୍ଯ୍ୟକାରିତା ଓ କାର୍ଯ୍ୟାନ୍ୱୟନରେ ଏତେ ପ୍ରତିବନ୍ଧକ ରହିଛି ଯେ ସେସବକୁ ସାବ୍ୟସ୍ତ ବା ଜାହିର କରିବା ସହଜ ନୁହେଁ। ଏପରିକି ଶିକ୍ଷିତ ଓ ସଚେତନ ନାଗରିକର ବୋଧଗମ୍ୟ ବାହାରେ ଏସବୁ ନଥିଲେ ମଧ୍ୟ ଉଲ୍ଲଘଂନକୁ ରୋକିବା ସକାଶେ ତଳୁ ଉପର ପର୍ଯ୍ୟନ୍ତ ତା'କୁ ପ୍ରତିରୋଧର ସମ୍ମୁଖୀନ ହେବାକୁ ପଡୁଛି। ଏକଥା ସତ ଯେ ଆଦିବାସୀ ସମାଜ ଭିତରେ ସଚେତନା ସୃଷ୍ଟିର ଆବଶ୍ୟକତା ରହିଛି। ସେମାନଙ୍କ ଚଳଣିରେ ରହିଥିବା ଅନ୍ଧବିଶ୍ୱାସ ଦୂର କରିବା ଦିଗରେ ଗ୍ରାମ ଓ ପଞ୍ଚାୟତ ସ୍ତରରେ ସେମାନଙ୍କ ଭଷା ଓ ସଂସ୍କୃତିର ଯଥୋଚିତ ଉପଯୋଗ କରି ସଚେତନାର ବାର୍ତ୍ତା ଦିଆଯିବା ଉଚିତ। ସେମାନଙ୍କ ମଧ୍ୟରେ ଥିବା ଅନ୍ଧବିଶ୍ୱାସକୁ ଦୂର କରାଯାଇପାରିଲେ ସଭ୍ୟତାର ନୂତନ ଜ୍ଞାନାଲୋକ ଠକି ଯାଇଥିବା ଜୀବନକୁ ଅଧିକ ସରସ ସୁନ୍ଦର କରିପାରିବ ।

ଅନ୍ଧବିଶ୍ୱାସର ଅନ୍ଧଗଳିରେ ଆମେ ସମସ୍ତେ ଏକପ୍ରକାର ଆଲୋକର ସନ୍ଧାନରେ ଧାଇଁ ଚାଲିଛେ। ଏହା ପଛରେ ଅଛି ଅଭାବ ଓ ଅନଟନର ପୀଡ଼ା। ପରିଶ୍ରମ ସତ୍ତ୍ୱେ ପ୍ରାପ୍ତିର ଦୂରତା କ୍ରମେ ବଢ଼ି ଚାଲିଥିବାରୁ ଅନ୍ଧବିଶ୍ୱାସ କାୟାଛନ୍ନ କରି ରଖିଛି ଆମକୁ। ତେଣୁ ସବୁ ଅବିଶ୍ୱାସର ନିଦାନ ବିଶ୍ୱାସବୋଧ ମନେ ହେଉଛି। ପ୍ରାପ୍ତି ଆଶରେ କି ଧନୀ କି ଗରିବ ଏକ ମୁହାଁ ହୋଇ ଧାଇଁଛନ୍ତି ସବୁ ବାସ୍ତବତାକୁ ପଛରେ ପକାଇ ଅବିଶ୍ୱସନୀୟ ସତ ପଛରେ। ●

## ଭାଷା ରାଷ୍ଟ୍ରୀୟ ଭାବନାର ପରିପନ୍ଥୀ ନୁହେଁ

**ଦୁର୍ଗାପ୍ରସାଦ ଆଚାର୍ଯ୍ୟ**

'ମୁଁ ମୋ ଘରର ସବୁ ଝରକା ସବୁବେଳେ ଖୋଲା ରଖିବି। ମୁଁ ଚାହେଁ ବାହାର ଦୁନିଆର ପବନ ଅବାଧରେ ପ୍ରବେଶ କରୁ ମୋ ଘରେ'- ଏହି ମର୍ମରେ କହିଥିଲେ ଜାତିର ପିତା ମହାତ୍ମା ଗାନ୍ଧୀ। ଏ 'ପବନ' ହେଉଛି ବାହାର ଦୁନିଆର ଜ୍ଞାନବିଜ୍ଞାନ, ଚିନ୍ତାଚେତନାର ପବନ। ଗାନ୍ଧୀ ଓ ତାଙ୍କର ନିକଟତମ ପୂର୍ବସୂରୀଙ୍କ କାଳଖଣ୍ଡରେ ଇଂରାଜୀ ଭାଷା ମାଧ୍ୟମରେ ସେ ପବନ ପ୍ରବେଶ କରୁଥିଲା କାଶ୍ମୀରଠାରୁ କନ୍ୟାକୁମାରୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ଭାରତ ଭୂଖଣ୍ଡରେ ଏବଂ ଭାରତୀୟ ମାଟିରେ ପୂର୍ଣ୍ଣ ବିକଶିତ ହୋଇଥିବା ବିବିଧ ଆଞ୍ଚଳିକ ଭାଷାର ସ୍ନିଗ୍ଧ ସୌରଭରେ ସୁରଭିତ ଭାରତୀୟ ଚିନ୍ତାଚେତନା ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହେଉଥିଲା ସେହି ପବନର ସ୍ପର୍ଶ ଓ ପ୍ରବାହରେ। ଗାନ୍ଧୀଙ୍କ ପରି ଗୁରୁଦେବ ରବୀନ୍ଦ୍ରନାଥ ବି ଚାହିଁଥିଲେ- 'ମହାଭାରତର ସାଗରତୀର'ରେ ଦୁନିଆର ସବୁ ନଦ, ନଦୀ, ସାଗର ତୀରରେ ବହୁଥିବା ପବନର ଅନୁପ୍ରବେଶ ଓ ମହାମିଳନ। ଗାନ୍ଧୀଙ୍କ ପରି ସେ ବି ଜାଣିଥିଲେ ସେ ଅନୁପ୍ରବେଶ, ସେ ମହାମିଳନକୁ ସୁଗମ କରିପାରିବ ଇଂରାଜୀ ଭାଷା କେବଳ। ସେଇଥିପାଇଁ ମାତୃଭାଷା ବଙ୍ଗଳାରେ ସେ ଲେଖିଥିବା ବଛା ବଛା ଗୀତଗୀତିକାର ଅନୁବାଦ ନିଜେ କରିଥିଲେ ଇଂରାଜୀ ଭାଷାରେ-କାରଣ ସେ ଜାଣିଥିଲେ ଇଂରାଜୀ ଭାଷା ମାଧ୍ୟମରେ ହିଁ ସେ ବାଢ଼ି ଦେଇପାରିବେ ବାହାର ଦୁନିଆ ପାଖରେ ସନାତନୀ ଭାରତୀୟ ଚିନ୍ତାଚେତନାର 'ଗୀତାଞ୍ଜଳି'; ବିଚ୍ଛୁରିତ କରି ଦେଇପାରିବେ ଭାରତୀୟ ଆଧ୍ୟାତ୍ମିକ ଜ୍ଞାନର ଆଲୋକ। ତାତ୍ପର୍ଯ୍ୟପୂର୍ଣ୍ଣ ଭାବରେ ତେଣୁ ଆପଣା ହାତରେ ଗଢ଼ା 'ବିଶ୍ୱଭାରତୀ'ର ସ୍ୱାତନ୍ତ୍ର୍ୟ ସଂପର୍କରେ କବି ରବୀନ୍ଦ୍ରନାଥ କହିଥିଲେ, 'ଏଇଠି ସାରା ପୃଥିବୀ ନିବାସ କରିବ ଗୋଟିଏ ନୀଡ଼ରେ'-ଅର୍ଥାତ୍, ବିଶ୍ୱଭାରତୀ ଶାନ୍ତିନିକେତନରେ ପ୍ରବେଶ କରିବ ବାହାର ଦୁନିଆର ପବନ ମୁକ୍ତ ଭାବରେ ଏବଂ ସେଇଠୁ ମଧ୍ୟ ସଂଚରିତ ହୋଇଚାଲିବ 'ଭାରତୀୟ ଚିନ୍ତନ'ର ପବନ ବାହାର ଦୁନିଆରେ। ଉଭୟେ ଗାନ୍ଧୀ ଓ ରବୀନ୍ଦ୍ରନାଥ ଥିଲେ ଆପଣା ଆପଣା ମାତୃଭାଷାର ପ୍ରତିଶ୍ରୁତିବଦ୍ଧ ପୂଜାରୀ। ଗାନ୍ଧିଜୀଙ୍କ ଅଧିକାଂଶ ଲେଖାମାନ ଥିଲା ମାତୃଭାଷା ଗୁଜରାଟୀରେ ଏବଂ ରବୀନ୍ଦ୍ରଙ୍କ ଶ୍ରେଷ୍ଠ, ସ୍ମରଣୀୟ ଗୀତଗୀତିକା, ନାଟକ, ଗଳ୍ପ, ଉପନ୍ୟାସ, ପ୍ରବନ୍ଧ ସବୁ ଥିଲା ମାତୃଭାଷା ବଙ୍ଗଳାରେ। କିନ୍ତୁ ଏ ଦୁଇ ମହାମାନବ କେବେ ଇଂରାଜୀ ହେଉ କି ଅନ୍ୟ କେଉଁ ଭାଷା ହେଉ କାହାରି ଅନନ୍ୟତାକୁ ହେୟ ଦୃଷ୍ଟିରେ ଦେଖୁ ନ ଥିଲେ କି ଆପଣାର ଦେଶପ୍ରେମ, ରାଷ୍ଟ୍ରପ୍ରେମର ପ୍ରମାଣ ଦେବାକୁ ଯାଇ ଏବେକାର ଆତ୍ମଘୋଷିତ ରାଷ୍ଟ୍ରବାଦୀ ନେତାଙ୍କ ପରି ଇଂରାଜୀ ଭାଷାକୁ 'ଲଜ୍ଜା'ର ଭାଷା (ଲାଙ୍ଗୁଏଜ୍ ଅଫ୍ ସେମ୍) ବୋଲି କହୁ ନ ଥିଲେ।

ଏହା ସର୍ବବିଦିତ ଯେ ମହାତ୍ମା ଗାନ୍ଧୀ ଏବଂ କବି ରବୀନ୍ଦ୍ରନାଥ ଉଭୟେ ମାତୃଭାଷାରେ ଶିକ୍ଷା ଓ ଶିକ୍ଷାପ୍ରଦାନକୁ ସର୍ବାଧିକ ମହତ୍ତ୍ୱ ଦେଇଥିଲେ। ମାତ୍ର ତତ୍‌ସହିତ ସେମାନେ ଇଂରାଜୀ ଭାଷାର ମହତ୍ତ୍ୱ ତଥା ଉପାଦେୟତା ସଂପର୍କରେ ଯଥେଷ୍ଟ ସଚେତନ ଥିଲେ ଏବଂ ଇଂରାଜୀ ଭାଷାରେ ଈର୍ଷଣୀୟ ଦକ୍ଷତା ବି ହାସଲ କରିଥିଲେ। ଗାନ୍ଧିଜୀ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ପତ୍ରିକା 'ଇଣ୍ଡିଆନ୍ ଓପିନିଅନ୍'ର ସଂପାଦନା ଓ ପ୍ରକାଶନ ଇଂରାଜୀ ଭାଷା ସହ ଅନ୍ୟ ତିନୋଟି ଭାରତୀୟ ଭାଷାରେ କରିଥିଲେ ଏବଂ ଦୀର୍ଘକାଳ ବନ୍ଦୀ ଜୀବନ କାଟୁଥିବା ବେଳେ ଏପରିକି ସମୟେ ସମୟେ ଦୀର୍ଘ ଜଳଯାତ୍ରା କରୁଥିବା ବେଳେ ସେ ତାମିଲ୍ ଓ ଉର୍ଦ୍ଦୁ ଭାଷା ଦୁଇଟିକୁ ଯଥାସାଧ୍ୟ ଆୟତ୍ତ କରିବାକୁ ଫଳପ୍ରଦ ପ୍ରଚେଷ୍ଟା କରିଥିଲେ। ଦକ୍ଷିଣ ଆଫ୍ରିକାରେ ସେ ଭାରତୀୟ ପ୍ରବାସୀମାନଙ୍କ ପାଇଁ ପ୍ରତିଷ୍ଠା କରିଥିବା ବିଦ୍ୟାଳୟରେ ଇଂରାଜୀ ଭାଷାର ପ୍ରଚଳନକୁ ବାଧ୍ୟତାମୂଳକ କରିଥିଲେ। କାରଣ ସେ ବୁଝିଥିଲେ ଭିନ୍ନ ଭିନ୍ନ ଭାଷାଭାଷୀ ଭାରତୀୟମାନଙ୍କ ମଧ୍ୟରେ ଭାବଗତ ଐକ୍ୟ ସମ୍ଭବ କରିବା ପାଇଁ ଇଂରେଜମାନଙ୍କ ଇଂରାଜୀ ଭାଷା ହିଁ ସର୍ବୋତ୍ତମ।

ଭାରତୀୟ ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରେ ଥିବା ଶ୍ରେଷ୍ଠତମ ବୁଦ୍ଧିଜୀବୀମାନେ- ଗାନ୍ଧୀ, ତିଳକ, ଗୋଖଲେ, ସୁରେନ୍ଦ୍ରନାଥ ବାନାର୍ଜୀ, ଜବାହାରଲାଲ ନେହରୁ, ସୁଭାଷ ବୋଷ, ଶ୍ରୀଅରବିନ୍ଦ, ସରୋଜିନୀ ନାଇଡୁ, ଭଗତ୍‌ସିଂହ - ପ୍ରତ୍ୟେକ ଥିଲେ ଇଂରାଜୀ ଭାଷାରେ ଧୁରୀଣ। ସାମ୍ରାଜ୍ୟବାଦୀ, ଉପନିବେଶବାଦୀ ଇଂରେଜମାନଙ୍କ ସହିତ ଯେଉଁ ଦୀର୍ଘ ସଂଗ୍ରାମ ସେମାନେ ଲଢ଼ିଥିଲେ ସେଥିରେ ସେହିମାନଙ୍କ ଭାଷାକୁ ବ୍ୟବହାର କରିଥିଲେ ମୁଖ୍ୟ ଆୟୁଧ ଭାବରେ। ସମାନତା, ସ୍ୱାଧୀନତା, ଗଣତାନ୍ତ୍ରିକ ବିଚାରଧାରା, ବୈଜ୍ଞାନିକ ଚିନ୍ତନ ଓ କ୍ରିୟାଶୀଳତା ପରି ଆଧୁନିକ ମତାଦର୍ଶ ସବୁର ଗୋଳାବାରୁଦ ସେମାନେ ସଂଗ୍ରହ କରିଥିଲେ ଇଂରାଜୀ ଭାଷାର ସାହିତ୍ୟ ଓ ଦର୍ଶନ ଶାସ୍ତ୍ରମାନଙ୍କରୁ। ଏହା ନିଃସନ୍ଦେହ ଯେ ଭାରତୀୟ ଚିନ୍ତାଚେତନାରେ ଯେଉଁ ନବଜାଗରଣ ଅଷ୍ଟାଦଶ ଶତାବ୍ଦୀର ଶେଷଭାଗରୁ ଆରମ୍ଭ ହୋଇଥିଲା, ତା'ର ସମସ୍ତ ଶ୍ରେୟ ହେଉଛି ଇଂରାଜୀ ଭାଷାର। ଆଧୁନିକତାର ନବଔଜଲ୍ୟ ଇଂରାଜୀ ଭାଷା ମାଧ୍ୟମରେ କ୍ରମଶଃ ବିଚ୍ଛୁରିତ ହୋଇଥିଲା ସମଗ୍ର ଭାରତରେ ଏବଂ ପ୍ରାଚୀନ ଭାରତର ସନାତନୀ ଜ୍ଞାନଐତିହ୍ୟ, ଧର୍ମଦର୍ଶନ ସ୍ପଷ୍ଟରୁ ସ୍ପଷ୍ଟତର ହୋଇ ସମଗ୍ର ବିଶ୍ୱରେ ଆପଣାର ସୌରଭ ବିକିରଣ କରିବାରେ ଯେଉଁ ସାମର୍ଥ୍ୟ ଅର୍ଜନ କଲା, ସେଥିରେ ମୁଖ୍ୟ ଭୂମିକା ନେଇଥିଲା ଏହି ଇଂରାଜୀ ଭାଷା।

ବର୍ତ୍ତମାନ ଆମ ଦେଶରେ କତିପୟ ରୂଢ଼ିବାଦୀ ଓ ରକ୍ଷଣଶୀଳ ପ୍ରତିକ୍ରିୟାଶୀଳ ଗୋଷ୍ଠୀ ଇଂରାଜୀ ଭାଷା ଔପନିବେଶିକ ମାନସିକତାର ବିଲୋପନ କ୍ଷେତ୍ରରେ ଏକମାତ୍ର ପ୍ରତିବନ୍ଧକ ବୋଲି କହି ଯେଉଁ ଅରୁଚିକର ତମ୍ବିତୋଫାନ ସୃଷ୍ଟି କରିଚାଲିଛନ୍ତି, ତାହା ପ୍ରତ୍ୟେକ ସଚେତନ ଭାରତୀୟମାନଙ୍କୁ କ୍ଷୁବ୍ଧ, ମର୍ମାହତ କରିବା ସ୍ୱାଭାବିକ। ଯେଉଁ ସମୟରେ ସମଗ୍ର ବିଶ୍ୱ ଜାଣିସାରିଲାଣି ଯେ ଏକବିଂଶ ଶତାବ୍ଦୀରେ ପ୍ରତିମୁହୂର୍ତ୍ତରେ ସଂଘଟିତ ହୋଇଚାଲିଥିବା ଜ୍ଞାନବିଜ୍ଞାନ ତଥା ପ୍ରଯୁକ୍ତିବିଦ୍ୟା ସବୁର ନବୋନ୍ମେଷ ସହିତ ତାଳ ଦେଇ ଚାଲିବାକୁ ହେଲେ ଇଂରାଜୀ ଭାଷାରେ ପାରଙ୍ଗମତା ହେଉଛି ଅନିବାର୍ଯ୍ୟ, ସେହି ସମୟରେ ଆମେ ଯଦି ରାଷ୍ଟ୍ରପ୍ରେମ, ମାତୃଭାଷା ପ୍ରେମର ଆଳ ଦେଖାଇ ଆମର ଆଗାମୀ ବଂଶଧରଙ୍କୁ ଇଂରାଜୀ ଭାଷା ବିମୁଖ କରିବା ପାଇଁ ମସୁଧା କରିବା, ତାହା ଭୟଙ୍କର ଭାବରେ ଆତ୍ମଘାତୀ ହିଁ ହେବ।

ଏହ ପରିପ୍ରେକ୍ଷୀରେ ଦୁଇଜଣ ବିଶ୍ୱପ୍ରସିଦ୍ଧ ଆଫ୍ରିକୀୟ ସାହିତ୍ୟିକ - 'ଚିନୁଆ ଆଚ୍‌ବେ' ଓ 'ନୁଗି ୱା ଥିଓଙ୍ଗ'ଙ୍କ ସଂପର୍କରେ ଉଲ୍ଲେଖ କରିବା ଖୁବ୍ ପ୍ରାସଙ୍ଗିକ ହେବ ନିଶ୍ଚୟ। ଏ ଦୁଇ ତୁଙ୍ଗ ସାହିତ୍ୟିକ ଥିଲେ ସାମ୍ରାଜ୍ୟବାଦୀ ଇଂରେଜମାନଙ୍କ ବିରୋଧୀ ଏବଂ ଆଫ୍ରିକାର ଜନଜୀବନ, ଲୋକସଂସ୍କୃତି ତଥା ଜୀବନଧାରାର ସମ୍ୟକ ପ୍ରତିଫଳନ ପାଇଁ ସେମାନଙ୍କ ସୃଜନୀ ଥିଲା ପ୍ରତିଶ୍ରୁତିବଦ୍ଧ। ମାତ୍ର ଚିନୁଆ ଆଚ୍‌ବେଙ୍କ ସାହିତ୍ୟ କୃତିର ଭାଷା ଥିଲା ଇଂରାଜୀ। ତାଙ୍କର ପ୍ରସିଦ୍ଧ ଉପନ୍ୟାସ 'ଥିଙ୍ଗ୍ସ୍ ଫଲ୍ ଆପାର୍ଟ' ପ୍ରଥମ ଥର ପାଇଁ ବିଶ୍ୱବାସୀଙ୍କ ପାଖରେ ବାଢ଼ି ଦେଇଥିଲା ତଥାକଥିତ ଅନ୍ଧାରିମୂଳକ ଆଫ୍ରିକା ମହାଦେଶର ଜୀବନ ଓ ସଂସ୍କୃତିର ସ୍ୱାତନ୍ତ୍ର୍ୟ ଏବଂ ଅନନ୍ୟତା। ସେଇ ଉପନ୍ୟାସଟି ସେ ଲେଖିଥିଲେ ଇଂରାଜୀରେ। ଅନ୍ୟପକ୍ଷରେ, କେନିୟାର ସାହିତ୍ୟିକ ଥିଓଙ୍ଗ୍ ଇଂରାଜୀ ଭାଷାରେ ନ ଲେଖି ଲେଖିଥିଲେ ମାତୃଭାଷା 'ଗିକାୟୁ'ରେ ଏବଂ ପ୍ରକାଶ୍ୟ ଭାବରେ ଇଂରାଜୀ ଭାଷାର ବିରୋଧାଚରଣ କରିଥିଲେ ସେ। କିନ୍ତୁ ଖୁବ୍‌ଶୀଘ୍ର ସେ ବୁଝିଗଲେ ଯେ ଇଂରାଜୀ ଭାଷା ମାଧ୍ୟମରେ ହିଁ ସେ ସ୍ପଷ୍ଟ ଓ ପରିଚ୍ଛନ୍ନ ଭାବରେ ଦୁନିଆକୁ ଜଣାଇ ଦେଇପାରିବେ ତାଙ୍କ ଦେଶର, ତାଙ୍କ ମାତୃଭୂମିର ସାରଐତିହ୍ୟ। ତେଣୁ ସେ ନିଜେ 'ଗିକାୟୁ' ଭାଷାରେ ଲିଖିତ ତାଙ୍କ ପୁସ୍ତକଗୁଡ଼ିକୁ ଇଂରାଜୀରେ ଅନୁବାଦ କରିବାକୁ ଏକପ୍ରକାର ବାଧ୍ୟ ହୋଇଥିଲେ।

ପ୍ରତ୍ୟେକ ଭାଷା ହେଉଛି ଗୋଟିଏ ଗୋଟିଏ ହୀରକ ପେଟିକା- ଯେଉଁଥିରେ ଭରି ରହିଛି ଯୁଗଯୁଗର ଲୋକାନୁଭୂତି, ଭାବଭାବନାର ବୈଚିତ୍ର୍ୟ ଓ ଜୀବନବୋଧ। କୌଣସି ଭାଷା ତେଣୁ ହେୟ କି ପରିତ୍ୟଜ୍ୟ ନୁହେଁ। ତେବେ ଏହା ଆମକୁ ସ୍ୱୀକାର କରିବାକୁ ହେବ ଯେ ବର୍ତ୍ତମାନର ଏଇ କାଳଖଣ୍ଡରେ ଇଂରାଜୀ ଭାଷାର ଆବଶ୍ୟକତା ଓ ଉପାଦେୟତା ସବୁଠାରୁ ଅଧିକ। ଯେଉଁମାନେ ଅସୂୟା-ଜର୍ଜରିତ ଭାବାବେଗରେ ଏହି ସର୍ବଶ୍ରେଷ୍ଠ ଅନ୍ତର୍ଜାତୀୟ ଇଂରାଜୀ ଭାଷାର ବିରୋଧ କରୁଛନ୍ତି, ସେମାନଙ୍କ ପ୍ରତି ଆମକୁ ସଜାଗ ରହିବାକୁ ହେବ। ନା, ଇଂରାଜୀ 'ଲଜ୍ଜା'ର ଭାଷା ନୁହେଁ, ଏହା ହେଉଛି ଆମ 'ଗର୍ବ ଓ ଗୌରବ'ର ଭାଷା। ଆମର ମାନସଲୋକ ଓ ଚିନ୍ତାକ୍ଷେତ୍ରରୁ ସମସ୍ତ ସୀମିତତା, ସଂକୀର୍ଣ୍ଣତା ଦୂର କରି ଦେଇ ନବଔଜଲ୍ୟ, ଶାଣିତ ବୁଦ୍ଧିମତ୍ତା ଭରିଦେଇଥା'ନ୍ତି ଇଂରାଜୀ ଭାଷାରେ ରଚିତ ଅନେକାନେକ ଶାସ୍ତ୍ର ଓ ପୁସ୍ତକ। ସୁତରାଂ ଆମ ମାତୃଭାଷା ପରି ଏହି ସୁନ୍ଦର, ସମୃଦ୍ଧ, ସାବଲୀଳ ଇଂରାଜୀ ଭାଷା ଆମର ନିଃସର୍ତ୍ତ ଶ୍ରଦ୍ଧା, ପ୍ରେମ ଓ ସମ୍ମାନର ହକ୍‌ଦାର ନିଶ୍ଚୟ। ●

(ଅବସରପ୍ରାପ୍ତ ଇଂରାଜୀ ପ୍ରାଧ୍ୟାପକ)
କୋଡିଆଁ ବାରଙ୍ଗ, ମୋ: ୯୮୫୩୩୫୫୧୦୭

## ଆମ ଶିକ୍ଷା ବ୍ୟବସ୍ଥାରେ ସୌମ୍ୟାଶ୍ରୀମାନେ

**ଡ.ବିମଳ ଷଡ଼ଙ୍ଗୀ**

ବାଲେଶ୍ୱରର ଫକୀରମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟର ୨୦ ବର୍ଷୀୟା ବିଏଡ୍ ଛାତ୍ରୀ ସୌମ୍ୟାଶ୍ରୀ ଜନୈକ ପ୍ରଫେସରଙ୍କ ଦ୍ୱାରା ଯୌନ ନିର୍ଯାତନା ଶିକାର ଅଭିଯୋଗ ଆଣିବା ପରେ ଦୀର୍ଘ ୬ ମାସ ଧରି ନ୍ୟାୟ ନ ପାଇବାରୁ ମାନସିକ ଭାରସାମ୍ୟ ହରାଇ ଆତ୍ମାହୁତି ଦେଇଛନ୍ତି। ଗତ ୧୪ ତାରିଖ ଦିନ ଭୁବନେଶ୍ୱର ଏମ୍ସରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ଜଣେ ମେଧାବୀ ଛାତ୍ରୀର ଏଭଳି ଅକାଳମୃତ୍ୟୁ ଜନିତ ହୃଦୟବିଦାରକ ଘଟଣା ଆମ ସାମାଜିକ ବ୍ୟବସ୍ଥାର ଏକ ବାସ୍ତବ ଉଦାହରଣ କହିଲେ ଅତ୍ୟୁକ୍ତି ହେବ ନାହିଁ। କିଛିଦିନ ପର୍ଯ୍ୟନ୍ତ ଏହି ଘଟଣା ଗଣମାଧ୍ୟମର ପୃଷ୍ଠା ମଣ୍ଡନ କରିବ। କେତେ ନେତା, ଆଗଧାଡ଼ିର ଜନତା ପୁଷ୍ପଗୁଚ୍ଛରେ ତାଙ୍କ ଆତ୍ମାର ସଦଗତି ନିମନ୍ତେ ପାର୍ଥନା କରିବେ ଏବଂ ଜନତାକୁ ସୁହାଇଲା ଭଳି ବାର୍ତ୍ତା ଦେବେ। କିଛିଦିନପରେ ପୁଣି ଯେଉଁକଥାକୁ ସେହିକଥା। ଏହି ଧାରା ବହୁକାଳରୁ ଚାଲିଆସିଛି ଏବଂ କେତେଦିନ ପର୍ଯ୍ୟନ୍ତ ଚାଲିଥିବ ତାହା ଜଣାନାହିଁ।

ଭାରତରେ ଛାତ୍ରଛାତ୍ରୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଏକ ଗମ୍ଭୀର ସମସ୍ୟା। ଏହାର ନିରାକରଣ ପାଇଁ ପୋକ୍ସୋ ଆଇନ, କାର୍ଯ୍ୟସ୍ଥଳରେ ମହିଳାମାନଙ୍କ ଯୌନ ଉତ୍ପୀଡ଼ନ ଆଇନ, ଏସସିଏସଟି ଆଇନ, ଆଣ୍ଟି ରାଗିଂ ବ୍ୟବସ୍ଥା ପ୍ରଚଳିତ ଅଛି। ସମସ୍ତ ଶିକ୍ଷାନୁଷ୍ଠାନରେ ଅଭିଯୋଗ କମିଟି/ ପ୍ରକୋଷ୍ଠ ଗଠନ, ସିସିଟିଭି ସ୍ଥାପନ, ଶିକ୍ଷାର୍ଥୀଙ୍କୁ ପରାମର୍ଶ ଓ ସହାୟତା କମିଟି, ହେଲ୍ପଲାଇନ୍ ନମ୍ବର, ବିଶ୍ୱବିଦ୍ୟାଳୟରେ ଜଣେ ଶିକ୍ଷା ନ୍ୟାୟାଧୀଶ ନିଯୁକ୍ତି ଇତ୍ୟାଦି ଅନେକ ବ୍ୟବସ୍ଥା ମଧ୍ୟ ଧାର୍ଯ୍ୟ କରାଯାଇଛି। ମାତ୍ର ସେଗୁଡ଼ିକର ଆବଶ୍ୟକତାକୁ କେହି କେବେ ଗମ୍ଭୀରତାର ସହିତ ନେଇ ନଥା'ନ୍ତି। ଏପରିକି ଶିକ୍ଷାନୁଷ୍ଠାନର ମୁଖ୍ୟ କର୍ମକର୍ତ୍ତା, ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ ସେ ବିଷୟରେ ସଚେତନ ନୁହନ୍ତି। ଯେତେବେଳେ କୌଣସି ଅଘଟଣ ଘଟିଥାଏ ସେ ସମୟରେ ସମସ୍ତଙ୍କର ଏଗୁଡ଼ିକ ବିଷୟରେ କିଛିଦିନ ପର୍ଯ୍ୟନ୍ତ ମନେପଡ଼େ।

ସୌମ୍ୟାଶ୍ରୀ ଗୋଟିଏ ମାତ୍ର ଉଦାହରଣ। କିଛିଦିନ ତଳେ ଛତିଶଗଡ଼ର ରାଜନନ୍ଦଗାଓଁରେ ଜଣେ ୧୩ ବର୍ଷୀୟା ଛାତ୍ରୀ ପାଠ ବୁଝି ନପାରି ପୁଣି ଥରେ ପଢ଼ାଇବାକୁ ସାମାଜିକ ବିଜ୍ଞାନ ଶିକ୍ଷକଙ୍କୁ ଅନୁରୋଧ କରି ପ୍ରତିବଦଳରେ ଚାପୁଡ଼ା ଖାଇ ୭୦-୮୦% ଶ୍ରବଣ ଶକ୍ତି ହରାଇଛନ୍ତି। ଗତବର୍ଷ ଏଭଳି ଘଟଣା ବହୁ ଅଧିକ ଘଟିଛି। ମଧ୍ୟପ୍ରଦେଶର ତାଲାଲଓ୍ୱାଲି ଚନ୍ଦାରେ ଜଣେ ୪୫ ବର୍ଷର କମ୍ପ୍ୟୁଟର ଶିକ୍ଷକ ଶ୍ରେଣୀ ମଝିରେ ଜଣେ ୧୧ ବର୍ଷୀୟା ଝିଅକୁ ଯୌନ ଉତ୍ପୀଡ଼ନ ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ମହାରାଷ୍ଟ୍ରର ପୁଣେରେ ଜଣେ ୪୨ ବର୍ଷୀୟ ଶିକ୍ଷକ ଜଣେ ଷ୍ଟାଣ୍ଡାର୍ଡ ୭ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ପରେ ସମ୍ପୃକ୍ତ ବ୍ୟକ୍ତି ଏବଂ ଅବହେଳା କରିଥିବା ଅଧ୍ୟକ୍ଷ ଉଭୟଙ୍କୁ ପୋକ୍ସୋ ଆଇନରେ ଗିରଫ କରାଯାଇଥିଲା। ତାମିଲନାଡୁର ତିରୁନେଲଭେଲିରେ ଏକ ସରକାରୀ ସହାୟତାପ୍ରାପ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦୁଇଜଣ ଶିକ୍ଷକ ଓ ଜଣେ ଛାତ୍ରଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ଗିରଫ କରାଯାଇଥିଲା। ଆଇଆଇଟି ରୁରକି, ଗୁଜରାଟ, କେରଳ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଆଦିରେ ଏହିପରି ଅନେକ ଘଟଣା ଘଟିଥିବାର ଜଣାପଡ଼ିଛି। ସେଥିମଧ୍ୟରୁ କିଛି ନ୍ୟାୟିକ ଓ ରାଜନୈତିକ ବ୍ୟବସ୍ଥା ଭିତରେ ସତ୍ୟକୁ ଚାପିଦେବାର ପ୍ରୟାସ ହୋଇଛି। ୨୦୨୩ ମସିହାରେ ଜେଏନୟୁର ଛାତ୍ରମାନେ ଜଣେ ପ୍ରଫେସରଙ୍କୁ ଏକାଧିକ ଛାତ୍ରୀଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗ ନିଲମ୍ବନ କରାଯାଇଥିଲା। ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟରେ ୨୦୧୭ ମସିହାରେ ନିର୍ଯାତନା ଅଭିଯୋଗ ଆଣିଥିବା ଜଣେ ଝିଅକୁ ପ୍ରଶାସନ ଅଣଦେଖା କରିବାରୁ ଛାତ୍ରୀମାନେ ବିକ୍ଷୋଭ କରିଥିଲେ। ଏଠାରେ ର୍‍ୟାଗିଂ ଜନିତ ହତ୍ୟା ଓ ଆତ୍ମହତ୍ୟା କଥା ଉଲ୍ଲେଖ କଲେ ତାଲିକା ଲମ୍ବି ଚାଲିବ।

ସ୍ୱାଧୀନତାର ୭୮ବର୍ଷ ପରେ ମଧ୍ୟ ଆମ ଭବିଷ୍ୟତଙ୍କ ପାଇଁ ନିଜର ସଚ୍ଚୋଟ ମନୋଭାବର ଅଭାବ ଏବଂ ଆମ କର୍ତ୍ତବ୍ୟରେ ଅବହେଳା ପରିଲକ୍ଷିତ। ଇତିହାସକୁ ସାକ୍ଷୀ ରଖୀ ଇଂରେଜ ଓ ମୋଗଲମାନଙ୍କୁ ମାନବିକତା ବିରୋଧୀ ବୋଲି ଆମେ ଅଭିଯୋଗ କରୁଛେ। ମାତ୍ର ଯେତେବେଳେ ଆମେ ଇତିହାସ ହୋଇଯାଇଥିବା ସେତେବେଳେ ଆଜି ଆମେ ଯେଉଁ ଅଭିଯୋଗ ଇଂରଜ ଓ ମୋଗଲମାନଙ୍କ ବିରୋଧରେ ଆଣୁଛନ୍ତି ହୁଏତ ଉତ୍ତରପିଢ଼ି ସମାନ ଅଭିଯୋଗ ଆମର ପ୍ରଚଳିତ ବ୍ୟବସ୍ଥା ଓ ଆମ ମାନସିକତା ବିରୋଧରେ ଆଣିବେ।

ନ୍ୟାୟ ଆଶାରେ ପୁଲିସ, ପ୍ରଶାସନ, ନେତା, ଅଧ୍ୟକ୍ଷ, ପିତାମାତା, ସାଙ୍ଗସାଥୀ ସମସ୍ତଙ୍କ ପାଖରେ ଗୁହାରୀ କରିଥିଲେ ସୌମ୍ୟାଶ୍ରୀ। ନେତୃତ୍ୱ ନେବାର ଯୋଗ୍ୟତା ଥିବା ଜଣେ ମେଧାବୀ ଛାତ୍ରୀର ଅକାଳ ମୃତ୍ୟୁ କେବଳ ତାଙ୍କ ପରିବାର ପାଇଁ ନୁହେଁ, ବରଂ ଏ ଦେଶର ଭବିଷ୍ୟତ ପାଇଁ ଏକ ଅପୂରଣୀୟ କ୍ଷତି। ଯେଉଁମାନେ ଦେଶର କ୍ଷତି କରନ୍ତି ସେମାନେ ଦେଶଦ୍ରୋହୀ। ଜଣାନାହିଁ ସେମାନଙ୍କୁ ଆମ ଶାସନ ବ୍ୟବସ୍ଥା କେଉଁ ପ୍ରକାରର ଦଣ୍ଡ ଦେବ। ନା ଅତୀତର ଘଟିଥିବା ଘଟଣା ଭଳି ସବୁ ଭୁଲିଯାଇ ପୁଣିଥରେ ନୂଆ ଘଟଣାକୁ ଅପେକ୍ଷା କରିବେ ସବୁ ରାଜନୈତିକ ଦଳ, ଶିକ୍ଷାବିତ, ଛାତ୍ରସଂଗଠନ, ଜନସାଧାରଣ, ଶାସନାଧୀଶ ଓ ଅନ୍ୟମାନେ। ନୂଆ ପିଢ଼ିଙ୍କୁ ସୁରକ୍ଷା କବଚ ସୁନିଶ୍ଚିତ କଲେ ଯାଇ ମିଳିବ ସୌମ୍ୟଶ୍ରୀଙ୍କୁ ପ୍ରକୃତ ନ୍ୟାୟ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

## ସେହି ଅବିସ୍ମରଣୀୟ ଶହେରାତିର ଯାଦୁକର କାଳୀଚରଣ

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

ସାହିତ୍ୟ ସରିତ୍

ସମ୍ପ୍ରତି କେହି କ'ଣ ବିଶ୍ୱାସ କରିବେ ଯେ କାଳୀଚରଣ ପଟ୍ଟନାୟକଙ୍କ ରଚିତ 'ଭାତ' ନାଟକ ଦେଖିବା ସକାଶେ ଓଡ଼ିଆ ଜାତି ଓ ଓଡ଼ିଶାର ମାଟି ରହିଥିଲେ ଜାଗ୍ରତ ହୋଇ ଶହେଟି ରାତି! କି ଅଲୌକିକ ଆକର୍ଷଣ ଥିଲା ସେ ନାଟକ ଭିତରେ? କାଳୀଚରଣ ସତରେ ଥିଲେ ନାଟ୍ୟକାର ନା ଅଦ୍ଭୁତ ପ୍ରତିଭାର ଯାଦୁକର? ଏପରି ଏକ ଏକ ସତ୍ୟାବିଷ୍କାର ହିଁ ଦୋହଲାଇ ଦିଏ ପ୍ରକୃତରେ ଆମର ଛାତି।

ଅଗଣିତ ଦର୍ଶକଙ୍କ ଅଣାୟତ୍ତ ଆବେଗକୁ କେଉଁ ଶକ୍ତି ରଖିପାରୁଥିଲା ଏପରି ଅପୂର୍ବ ମମତାରେ ଆବଦ୍ଧ କରିଦେଇ? ତାହା କଳ୍ପନା କରିବା ମାତ୍ରକେ ନାଟ୍ୟକାର କାଳୀଚରଣ ପଟ୍ଟନାୟକଙ୍କ ପ୍ରତି ଯେକୌଣସି ଦରଦୀ ମଣିଷର ଛାତି ପରିପୂର୍ଣ୍ଣ ହୋଇଉଠେ ଅସାମାନ୍ୟ ଶ୍ରଦ୍ଧା ଆଉ ସଂପ୍ରୀତିରେ। ମଣିଷ ଜୀବନର ନିରାଟ ବାସ୍ତବତାକୁ କାଳୀଚରଣ ଯେପରି ପ୍ରତ୍ୟକ୍ଷ କରିଛନ୍ତି, ଅନୁରୂପ ଭାବରେ ତାହାକୁ ଦୃଶ୍ୟାଙ୍କିତ କରିଛନ୍ତି ପ୍ରାଣର ଅସୀମ ଭାବାବେଗ ଉତ୍ସର୍ଗ କରିଦେଇ। ତାହା ହିଁ ତାଙ୍କ ନାଟକକୁ ପ୍ରଦାନ କରିପାରିଥିଲା ଚିର ଆକାଂକ୍ଷିତ ମାର୍ମିକ ସ୍ୱାଭାବିକତା। କେଉଁ ନାଟକ ବା ତାଙ୍କର ହୃଦୟସ୍ପର୍ଶୀ ନୁହେଁ! କେଉଁ ନାଟକ ପୁଣି ଆଧୁନିକ ଶୈଳ୍ପିକ ରୀତିରେ ନୁହେଁ ସୁସଜ୍ଜିତ! ସୁଶୃଙ୍ଖଳିତ! 'ଶ୍ରୀଗୀତଗୋବିନ୍ଦ', 'ଆଖିରଦେଖା', 'ଶକୁନ୍ତଳା', 'ହରିଶ୍ଚନ୍ଦ୍ର', 'ଅଭିଯାନ', 'ରକ୍ତ ମନ୍ଦାର', 'ଗାର୍ଲ୍ସସ୍କୁଲ', 'ରକ୍ତମାଟି', 'ହୀରାଖଣ୍ଡ' ଆଦି ନାଟକ ଯେଉଁ ବିପୁଳ ଆଲୋଡ଼ନ ସୃଷ୍ଟି କରିଥିଲା ତାହାର ସାକ୍ଷ୍ୟ ହେଉଛି 'ଓଡ଼ିଶା ଥିଏଟର'। ପୌରାଣିକ, ଐତିହାସିକ, ସାମାଜିକ, ଜୀବନୀ ଆଧାରିତ ନାଟକ ରଚନା କରି ଯେପରି ଭାବରେ ଓଡ଼ିଶା ମାଟିରେ କମ୍ପନ ସୃଷ୍ଟି କରିଥିଲେ କାଳୀଚରଣ ତାହା ଅନତିକ୍ରମଣୀୟ ହୋଇ ରହି ନାହିଁ କି? ସେ ଥିଲେ ସର୍ବାଂଶରେ ନାଟ୍ୟପ୍ରାଣ। ନାଟ୍ୟାଭିନୟକୁ ପ୍ରାଣବନ୍ତ ରୂପ ଦେବା ନିମିତ୍ତ ସେ ନାରୀ ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ ନିଃସଂକୋଚ ଚିତ୍ତରେ। କିଏ ପୁଣି କ'ଣ ଏକଥା ଚିନ୍ତା କରିପାରିବେ ଯେ ୧୯୩୯ ମସିହାରେ 'ଗାର୍ଲ୍ସସ୍କୁଲ' ନାଟକ ଅଭିନୟରେ ସର୍ବପ୍ରଥମେ ନାରୀ କଳାକାରମାନେ ସ୍ୱକୀୟ ପ୍ରତିଭା ପ୍ରଦର୍ଶନ କରିବାର ପାଇଥିଲେ ଅପୂର୍ବ ସୁଯୋଗ। ଚରିତ୍ରଗୁଡ଼ିକୁ କିପରି ପ୍ରାଣବନ୍ତ ଭାବରେ ଉପସ୍ଥାପନ କରାଗଲେ ଦର୍ଶକର ହୃଦୟ ମନ୍ଥିତ, ଚକ୍ଷୁ ଯୁଗଳ ଲୋତକାପ୍ଳୁତ, ଅନ୍ତର ମଧ୍ୟସ୍ଥ ସୂକ୍ଷ୍ମ ଅଂଶଟି ଭାବାଚ୍ଛନ୍ନ ହୋଇଯାଇପାରିବ ସୁତୀବ୍ର ଭାବରେ, ସେହି ଅନ୍ତର୍ଗତ କଳାର ଅଧିକାରୀ ଥିଲେ ସେ। ଅତୀତର ଅନ୍ଧକାର ବକ୍ଷ ଭେଦ କରି ସେ ଉଦ୍ଧାର କରିପାରିଥିଲେ ପ୍ରେରଣା ଗର୍ଭିତ ଚରିତ୍ର ସକଳ। ଓଡ଼ିଶାର ମହାନ କବି, ଲେଖକମାନଙ୍କ ଅସାମାନ୍ୟ ବ୍ୟକ୍ତିତ୍ୱ ଓ ପ୍ରତିଭାରେ ସେ ଥିଲେ ଅଭିଭୂତ। ସେମାନଙ୍କ ପ୍ରତି ତାଙ୍କ ମନରେ ଭରି ରହିଥିଲା ଯେଉଁ ଆନ୍ତରିକ ଅନୁରକ୍ତି ତାହାର ସାର୍ଥକ ଅଭିବ୍ୟକ୍ତି ହେଉଛି 'ଜୟଦେବ', 'ସାରଳା ଦାସ' ଓ 'ଜଗନ୍ନାଥଙ୍କ ଦାସ' ଆଦି ନାଟକ। ଏହି ମହାନ କବିମାନଙ୍କ ଆତ୍ମିକ ସତ୍ତା ସତେଯେମିତି ଅବତରଣ କରିଆସି ଅଭିନେତାମାନଙ୍କ ଶରୀର ଓ ପ୍ରାଣ ମଧ୍ୟରେ ପ୍ରବେଶ କରିଛି।

'କୁମ୍ଭାରଚକ' ଆତ୍ମଜୀବନୀ ମଧ୍ୟରେ ଅନୁରଣିତ ହୋଇ ଉଠିଛି ତାଙ୍କ ସମର୍ପିତ ନାଟ୍ୟପ୍ରେମୀ ଅନ୍ତରଟି। ଓଡ଼ିଶୀ ନୃତ୍ୟ ମଧ୍ୟରେ ସେ ଆବିଷ୍କାର କରିପାରିଥିଲେ କଳାତ୍ମକ ପରିପକ୍ୱତାର ପ୍ରତିଫଳନ। ସେଥିପାଇଁ ସିଏ ପୁଣି ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟ ମର୍ଯ୍ୟାଦାରେ ବିଭୂଷିତ କରିବା ପାଇଁ ନେଇଥିଲେ ଅଗ୍ରଣୀ ଭୂମିକା।

ଖୋର୍ଦ୍ଧା ସ୍କୁଲରେ ଅଧ୍ୟୟନ କରୁଥିବା ସମୟରୁ ସଙ୍ଗୀତ ଓ ନାଟକ ପ୍ରତି ସୃଷ୍ଟି ହୋଇଥିଲା ତାଙ୍କର ସୁଗଭୀର ଅନୁରାଗ। ବିଶିଷ୍ଟ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ଓସ୍ତାଦ ଖନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କଠାରୁ ଶାସ୍ତ୍ରୀୟ ସଙ୍ଗୀତ ଶିକ୍ଷା ଲାଭ କରି ତାଙ୍କ କଳାବୋଧ ପରିଗ୍ରହ କରିଥିଲା ପରିମାର୍ଜିତ ରୂପ। 'ସାକ୍ଷୀଗୋପାଳ ନାଟକ ସଂଗଠନ' କରନ୍ତି ପ୍ରଥମ ପର୍ଯ୍ୟାୟରେ ସେ। ପରବର୍ତ୍ତୀ ସମୟରେ 'ଓଡ଼ିଶା ଥିଏଟର' ରଙ୍ଗମଞ୍ଚ ନିର୍ମାଣ କରି ସେ ଆଧୁନିକ ଓଡ଼ିଶାର ମାଟି ପାଣି ପବନରେ ଭରିଦେଲେ ଅଭିନବ ଉଚ୍ଛ୍ୱାସ। କାଳୀଚରଣଙ୍କ ସାମଗ୍ରିକ ଅବଦାନର ଆକଳନ କରି ତାଙ୍କୁ 'ଓଡ଼ିଶାର ଭରତ ମୁନି' ବୋଲି ଅଭିହିତ କରାଯାଏ ଯଥାର୍ଥରେ। 'ଲଳିତା' ଓ 'ମାଟିର ମଣିଷ' ଚଳଚ୍ଚିତ୍ର ପାଇଁ ସେ ଗୀତ ରଚନା କରିଛନ୍ତି ଭାବ ନିମଗ୍ନ ଧ୍ୟାନରେ।

କାଳୀଚରଣ ପଟ୍ଟନାୟକ ଏକ ପ୍ରଭାବଶାଳୀ କିମ୍ବଦନ୍ତୀ। ପ୍ରତିଟି ନାଟ୍ୟପ୍ରେମୀ ଅନ୍ତରରେ ସେ ନିତ୍ୟସ୍ପନ୍ଦିତ। ସେହି ସ୍ପନ୍ଦନ ଓଡ଼ିଶାର ଜନମାନସ ଓ ଓଡ଼ିଶାର ସଂସ୍କୃତି ମଧ୍ୟରେ ରହିଥିବ ଚିର ସଞ୍ଜୀବିତ, ଏଥିରେ ଅଣୁମାତ୍ର ସନ୍ଦେହ ଅନୁପସ୍ଥିତ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପାରିବାରିକ କଳହର କରୁଣ ପରିଣତି

# ବନ୍ଦ ଘରୁ ସ୍ୱାମୀ-ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ରାଜନଗର,୧୬ା୭(ସମିସ): ତାଳଚୁଆ ସାମୁଦ୍ରିକ ଥାନା ଅଧୀନ ଖମାରସାହି ପଞ୍ଚାୟତ ନଳିତାପାଟିଆ ଗାଁରେ ବନ୍ଦ ଘରୁ ସ୍ୱାମୀ-ସ୍ତ୍ରୀଙ୍କ ଝୁଲନ୍ତା ମୃତଦେହ ପୁଲିସ ଉଦ୍ଧାର କରିଛି। ମୃତ ଦମ୍ପତି ହେଲେ ପ୍ରତାପ ନାୟକ (୨୯) ଓ ଶଶୀରେଖା ନାୟକ। ବୁଧବାର ରାତି ୮ଟା ବେଳେ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ କବାଟ ଭଙ୍ଗାଯିବା ପରେ ସ୍ୱାମୀ-ସ୍ତ୍ରୀ ଆତ୍ମହତ୍ୟା କରିଥିବା ସ୍ପଷ୍ଟ ହୋଇଛି। ପାରିବାରିକ କଳହରୁ ଉଭୟେ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି। ସାଇଣ୍ଟିଫିକ ଟିମ୍, ମାଜିଷ୍ଟ୍ରେଟ ଓ ତାଳଚୁଆ ସାମୁଦ୍ରିକ ଥାନାର ଆଇଆଇସି ବିମଳ କୁମାର ମଲ୍ଲିକ ଘଟଣାର ତଦନ୍ତ କରୁଛନ୍ତି। ନଳିତାପାଟିଆ ଗାଁର ପଞ୍ଚାନନ ନାୟକଙ୍କ ପୁଅ ପ୍ରତାପ ଗୁଜୁରାଟରେ କାମ କରନ୍ତି। ଘରେ ଶାଶୂ ଶ୍ୱଶୁରଙ୍କ ସହ ପ୍ରତାପଙ୍କ ସ୍ତ୍ରୀ ଶଶିରେଖା ନାୟକ ରୁହନ୍ତି। ୧୦ଦିନ ତଳେ ଶାଶୂ ଶ୍ୱଶୁର ଓ ବୋହୂ ପାଟିତୁଣ୍ଡ ଲାଗି ଥାନାରେ ପହଞ୍ଚିଥିଲେ। ବୋହୂ ତାଙ୍କୁ ଖାଇବାକୁ ଦେଉନି ହଇରାଣ କରୁଛି ବୋଲି ଶାଶୂ ଶ୍ୱଶୁର ଶଶିରେଖାଙ୍କ ନାଁରେ ତାଳଚୁଆ ସାମୁଦ୍ରିକ ଥାନାରେ ଅଭିଯୋଗ କରିଥିଲେ। ସ୍ୱାମୀ ବାହାରେ ରହୁଛନ୍ତି, ଶାଶୂ ଶ୍ୱଶୁର ଗାଳି ଗୁଲଜ କରିବା ସହ ହଇରାଣ କରୁଛନ୍ତି ବୋଲି ବୋହୂ ପାଲଟା ଅଭିଯୋଗ କରିଥିଲେ। ଏନେଇ ତାଳଚୁଆ ସାମୁଦ୍ରିକ ଥାନାରେ ଦୁଇଟି ମାମଲା ରୁଜୁ ହୋଇଛି। ପାଟିତୁଣ୍ଡ ଖବର ଜାଣିବା ପରେ ଗୁଜୁରାଟରେ ଦାଦନ ଖଟୁଥିବା ପୁଅ ପ୍ରତାପ ଗାଁକୁ ଫେରିଥିଲେ। ମାତ୍ର ବୁଧବାର ସକାଳେ ପ୍ରତାପ ଘରର କବାଟ ଖୋଲିନଥିଲେ। ରାଜକନିକା ତହସିଲଦାର ଭାନୁମତୀ ମାଝୀ ପହଞ୍ଚିବା ପରେ ରାତି ୮ଟାରେ ଘରର କବାଟ ତଡ଼ା ଯାଇଥିଲା। ଘର ଭିତରେ ସ୍ତ୍ରୀ ଶଶିରେଖା ଓ ଡାଇନିଂରେ ସ୍ୱାମୀ ପ୍ରତାପ ରଶି ଲଗାଇ ଆତ୍ମହତ୍ୟା କରିଥିବା ଦେଖିବାକୁ ମିଳିଛି। ପାରିବାରିକ କଳହରୁ ଏପରି ହୋଇଥିବା କୁହାଯାଉଛି।

# ୬୦୮ ଫୁଟ୍ ଟପିଲା ହୀରାକୁଦ ଜଳସ୍ତର

ସମ୍ବଲପୁର, ୧୬ା୭ (ସମିସ): ହୀରାକୁଦ ଜଳଭଣ୍ଡାରର ଜଳସ୍ତର ପୁଣି ବୃଦ୍ଧି ପାଇବାରେ ଲାଗିଛି। ଆଜି ଜଳସ୍ତର ୬୦୮.୬୫ ଫୁଟ୍ ଥିବାବେଳେ ୨ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସନ ହେଉଛି। ଗତ ୬ ତାରିଖ ଜଳଭଣ୍ଡାରର ଜଳସ୍ତର ୬୧୦ ଫୁଟ୍ ଅତିକ୍ରମ କରିବାପରେ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ଆରମ୍ଭ ହୋଇଥିଲା। ନିଷ୍କାସନ ସମୟରେ ୨୦ଟି ପର୍ଯ୍ୟନ୍ତ ଗେଟ୍ ଖୋଲାଯାଇଥିବା ବେଳେ ଜଳସ୍ତର ହ୍ରାସ ପାଇବାରୁ ପର୍ଯ୍ୟାୟକ୍ରମେ ଗେଟ୍‌ଗୁଡ଼ିକ ବନ୍ଦ କରିଦିଆଯାଇଛି। ଉଲ୍ଲେଖଯୋଗ୍ୟ, ହୀରାକୁଦ ନଦୀବନ୍ଧର କର୍ଭରୁଲ୍ ଅନୁଯାୟୀ ଜୁଲାଇ ୩୧ ତାରିଖ ସୁଦ୍ଧା ଜଳସ୍ତର ୬୦୫ ଫୁଟ୍ ରହିବା ଆବଶ୍ୟକ। ବୁଧବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୦୮.୬୫ ଫୁଟ ରହିଛି। ନଦୀବନ୍ଧର ବାମପଟ ଓ ଡାହାଣପଟର ଗୋଟିଏ ଲେଖାଏ ମୋଟ ୨ଟି ସ୍ଲୁଇସ ଗେଟ୍ ଖୋଲାଯାଇ ବନ୍ୟାଜଳ ନିଷ୍କାସନ କରାଯାଉଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୧,୦୫,୨୬୧ ଘନଫୁଟ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚେନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୬୭,୮୩୬ ଘନଫୁଟ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨୯୪୯୬ ଘନଫୁଟ, ପାୱାର ଚେନାଲ ଦେଇ ୩୪୩୧୨ ଘନଫୁଟ, ଶିଳ୍ପାନୁଷ୍ଠାନ ସକାଶେ ୨୩୪ ଘନଫୁଟ, କେନାଲ ପାଇଁ ୩୭୯୪ ଘନଫୁଟ ଜଳ ନିଷ୍କାସିତ ହେଉଛି।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ବର୍ବରତାର ସୀମା...

ସରକାର ସମ୍ପୂର୍ଣ୍ଣ ଦାୟୀ ବୋଲି ଅଭିହିତ କରି ମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ଇସ୍ତଫା ଦାବି କରିଥିଲେ। ଗଣତାନ୍ତ୍ରିକ ଭାବେ ଶାନ୍ତି ଶୃଙ୍ଖଳା ସହିତ ଘେରାଉ ଚାଲିଥିବା ବେଳେ କୌଣସି ବିନା ସୂଚନାରେ ବିଜେଡି କର୍ମୀମାନଙ୍କ ଉପରକୁ ପାଣି ମାଡ଼ କରିଥିଲା ପୁଲିସ। ପାଣିମାଡ଼କୁ ଖାତିର ନ କରି ପ୍ରତିବାଦକାରୀମାନେ କାର୍ଯ୍ୟକ୍ରମ ଜାରି ରଖିବାରୁ ପୁଲିସ ପକ୍ଷରୁ ଲୁହବୁହା ଗ୍ୟାସ ଓ ରବର ବୁଲେଟ ମରା ଯାଇଥିଲା। ଲୁହବୁହା ଗ୍ୟାସ ସେଲ୍ ମାଡ଼ରେ ଦଳର ବରିଷ୍ଠ ନେତା ପ୍ରଣବପ୍ରକାଶ ଦାସଙ୍କ ଗୋଡ଼ ଓ ଦେହରେ ଗଭୀର ଆଘାତ ଲାଗିଛି। ସେହିପରି ପ୍ରୀତିରଞ୍ଜନ ଘଡ଼ାଇଙ୍କ ଆଣ୍ଠୁରେ ଗୁରୁତର ଆଘାତ ଲାଗିଛି। ସେହିପରି ସାଂସଦ ସୁଲତା ଦେଓ ମଧ୍ୟ ପୁଲିସ ଆକ୍ରମଣରେ ଆହତ ହୋଇଛନ୍ତି। ସେହିପରି ଶତାଧିକ କର୍ମୀ ପାଣି ଓ ରବର ଗୁଳିମାଡ଼ରେ ଆହତ ହୋଇଛନ୍ତି। ଏହାପରେ ପୁଲିସ ଦଳର ଅନେକ ବରିଷ୍ଠ ନେତାଙ୍କ ସହ କର୍ମୀଙ୍କୁ ବଳପୂର୍ବକ ଘଟଣାସ୍ଥଳରୁ ଉଠାଇ ନେଇଛି।

ବିଜେଡି ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କାର୍ଯ୍ୟକ୍ରମ ଆୟୋଜିତ ହେଉଥିବା ବେଳେ ପୁଲିସର ମାତ୍ରାଧିକ କାର୍ଯ୍ୟକଳାପକୁ ବିଜେଡି ପକ୍ଷରୁ ଦୃଢ଼ ନିନ୍ଦା କରା ଯାଇଛି। ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର କହିଛନ୍ତି ଯେ ସୌମ୍ୟାଶ୍ରୀଙ୍କ ଆତ୍ମାହୁତି ଘଟଣା ସମଗ୍ର ରାଜ୍ୟବାସୀଙ୍କ ମନରେ ଗଭୀର ଆଲୋଡନ ସୃଷ୍ଟି କରିଛି। ଦୀର୍ଘ ଛଅ ମାସ ଧରି ସୌମ୍ୟାଶ୍ରୀ ନ୍ୟାୟ ପାଇବା ପାଇଁ କଲେଜ ଅଧ୍ୟକ୍ଷ, ଏସପି, ବିଧାୟକ, ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ଓ ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ମାନଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ ସେ ନ୍ୟାୟ ପାଇବାରୁ ବଞ୍ଚିତ ହୋଇଥିଲା, ଯାହାଯୋଗୁ ସେ ଆତ୍ମଦାହ ଭଳି ଚରମ ପଦକ୍ଷେପ ନେଇଥିଲା। ସୌମ୍ୟାଶ୍ରୀଙ୍କୁ ନ୍ୟାୟ ପ୍ରଦାନରେ ବିଫଳ ରାଜ୍ୟ ସରକାର ଆନ୍ଦୋଳନରେ ରାଜ୍ୟବାସୀଙ୍କ ଆକ୍ରୋଶରେ ଭୟଭୀତ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆନ୍ଦୋଳନ କରୁଥିବା ଲୋକଙ୍କ ଉପରେ ପୋଲିସ ବର୍ବୋରଚିତ ଆକ୍ରମଣ କରିଛି। ଏହି ଆନ୍ଦୋଳନ ବନ୍ଦ ହେବ ନାହିଁ, ବରଂ ଆହୁରି ତୀବ୍ର ହେବ। ସୌମ୍ୟାଶ୍ରୀଙ୍କ ପରିବାରକୁ ନ୍ୟାୟ ମିଳିବା ପର୍ଯ୍ୟନ୍ତ ବିଜେଡି ଆନ୍ଦୋଳନ ଜାରି ରଖିବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ଏହି ଘେରାଉରେ ଦଳର ବହୁ ବରିଷ୍ଠ ନେତା, ସାଂସଦ, ବିଧାୟକ, ପୂର୍ବତନ ସାଂସଦ, ବିଧାୟକ, ମେୟର, କର୍ପୋରେଟର, ଦଳର ସମସ୍ତ ଛାମୁଆ ସଂଗଠନ ଯଥା ଯୁବ ଛାତ୍ର, ସଂଖ୍ୟାଲଘୁ, ଏସସି ସେଲ, ଏସଟି ସେଲ, କୃଷକ ସେଲ ଓ ଅନ୍ୟ କର୍ମକର୍ତ୍ତା ଓ ସାଧାରଣ ବ୍ୟକ୍ତିବିଶେଷ ସାମିଲ ହୋଇଥିଲେ।

## ୮ ଘଣ୍ଟା ଅଟକିଲା...

ଶେଷରେ ଆତ୍ମାହୁତି ଭଳି ଚରମ ନିଷ୍ପତ୍ତି ନେଇଗଲେ। ଏହି ଘଟଣା ପାଇଁ କେବଳ କଲେଜ କର୍ତ୍ତୃପକ୍ଷ ନୁହଁ; ସଂପୂର୍ଣ୍ଣ ସରକାରୀ କଳ ଦାୟୀ। ବାଲେଶ୍ୱର ଛାତ୍ରୀଙ୍କ ଆତ୍ମାହୁତିକୁ ନେଇ ରାଜ୍ୟ ସରକାର ସମ୍ବେଦନଶୀଳ ନ ଥିବା ପ୍ରମାଣିତ ହୋଇସାରିଛି। ଛାତ୍ରୀ ମୃତ୍ୟୁ ପଛରେ ଥିବା ଷଡ଼ଯନ୍ତ୍ରକାରୀ ଏବେ ବି ବାହାରେ ବୁଲୁଛନ୍ତି। ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଲେ ଯାଇ ଆଇନ ଉପରେ ଲୋକଙ୍କ ବିଶ୍ୱାସ ଅତୁଟ ରହିବ। ସମସ୍ତ ଦୋଷୀଙ୍କୁ କାଠଗଡ଼ାକୁ ଟଣା ନ ଗଲେ ବାଲେଶ୍ୱର ଜିଲ୍ଲାର ଗାଁ ଠାରୁ ସହର ସବୁଠି ବିରୋଧ ତୀବ୍ର ହେବ ବୋଲି ବର୍ଷିଛନ୍ତି ବିଜେଡି ନେତା।

ବାଲେଶ୍ୱର ସହରରେ ବିଜେଡି ନେତା ଓ କର୍ମୀମାନେ ଆଜି ସକାଳ ୬ଟାରୁ ଅପରାହ୍ଣ ୨ଟା ପର୍ଯ୍ୟନ୍ତ ଜୋରଦାର ପ୍ରତିବାଦ କରି ସାଂସଦ, ଉଚ୍ଚ ଶିକ୍ଷା ମନ୍ତ୍ରୀଙ୍କ ଇସ୍ତଫା ଦାବି କରିଥିଲେ। ରାସ୍ତାରେ ଟାୟାର ଜାଳି ପିକେଟିଂ କରିବା ସହ ରେଳଷ୍ଟେସନ, ସରକାରୀ କାର୍ଯ୍ୟାଳୟ ଆଦି ବନ୍ଦ କରିଥିଲେ। ବାଲେଶ୍ୱର ସହରର ପ୍ରବେଶ ପଥ କୁରୁଡ଼ା ଓ ଫୁଲାଡ଼ିରେ ଗାଡ଼ିମୋଟର ଚଳାଚଳ ବନ୍ଦ କରିଥିଲେ। ବନ୍ଦକୁ ସମର୍ଥନ କରି ବ୍ୟବସାୟୀମାନେ ମଧ୍ୟ ଦୋକାନବଜାର ବନ୍ଦ ରଖିଥିଲେ।

ବାଲେଶ୍ୱରରେ ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର ଜେନାଙ୍କ ନେତୃତ୍ୱରେ ବିଜେଡିର ଛାତ୍ର, ଯୁବ ଓ ମହିଳା ସଂଗଠନ ନେତୃତ୍ୱ ନେଇ ବିଭିନ୍ନ ସ୍ଥାନରେ ବନ୍ଦ କରିଥିଲେ। ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ ଓ ବରିଷ୍ଠ ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାରଙ୍କ ନେତୃତ୍ୱରେ ଭୋଗରାଇ ଥାନା ଛକଠାରେ ଜଳେଶ୍ୱର-ଚନ୍ଦନେଶ୍ୱର ରାସ୍ତା ଅବରୋଧ କରାଯାଇଥିଲା। ଭୋଗରାଇ ମାଟିର ଦିବଂଗତ ଝିଅକୁ ଉଚିତ ନ୍ୟାୟ ଏବଂ ଘଟଣାର ବିଚାର ବିଭାଗୀୟ ତଦନ୍ତ ପାଇଁ ବିଧାୟକ ଶ୍ରୀ ଦାସ ଦାବି କରିଥିଲେ। ସେହିପରି ବସ୍ତା ବିଧାୟିକା ସୁବାସିନୀ ଜେନାଙ୍କ ନେତୃତ୍ୱରେ ଛାତ୍ରୀଙ୍କୁ ଉଚିତ ନ୍ୟାୟ ପ୍ରଦାନ ଓ ଦୋଷୀଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଦାବିରେ ବାଲିଆପାଳ ଓ ବସ୍ତା ବ୍ଲକରେ ହୋଇଥିବା ବନ୍ଦର ବ୍ୟାପକ ପ୍ରଭାବ ପଡ଼ିଥିଲା। ଜରୁରୀକାଳିନ ସେବାକୁ ଛାଡ଼ି ଦୋକାନବଜାର, ଯାନବାହନ ଚଳାଚଳ ସଂପୂର୍ଣ୍ଣ ବନ୍ଦ ରହିଥିଲା। ବିଜେଡି ନେତୃବର୍ଗ ବସ୍ତା, ଗାନ୍ଧିଛକ, ଦରଡ଼ା, ବାଲିଆପାଳର ସିମୁଳିଆ ବଜାର, ବାଲିଆପାଳ ବଜାର, କାଳିପଦା ଓ ଲଙ୍ଗଳେଶ୍ୱର ବଜାରରେ ପିକେଟିଂ କରିଥିଲେ। ସୋର ବିଧାୟକ ମାଧବ ଧଡ଼ାଙ୍କ ନେତୃତ୍ୱରେ ବିଜେଡି କର୍ମୀମାନେ ଉତ୍ତରେଶ୍ୱରଠାରେ ୧୬ ନମ୍ବର ଜାତୀୟ ରାଜପଥ ଅବରୋଧ କରିଥିଲେ। ଫଳରେ ରାଜପଥରେ ହଜାର ହଜାର ଭାରୀଯାନ ଅଟକି ରହିଥିଲା। ସୋର ଷ୍ଟେସନରେ ରେଳଧାରଣା ଉପରେ ବିଜେଡି କର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିବା ଫଳରେ ଖଡ଼ଗପୁର-ଖୋର୍ଦ୍ଧା ଫାଷ୍ଟ ପାସେଞ୍ଜର ଓ ଜନଶତାବ୍ଦୀ ଏକ୍ସପ୍ରେସ୍ ଅଟକି ରହିଥିଲା।

ସେହିପରି ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ନେତୃତ୍ୱରେ ଖଇରା ଓ ସିମୁଳିଆ ବଜାର ବନ୍ଦ ହୋଇଥିଲା। ସିମୁଳିଆ କଲେଜରେ ଛାତ୍ରୀମାନେ ଆନ୍ଦୋଳନ କରିଥିବାବେଳେ ଖଇରା ଓ ସିମୁଳିଆ ବ୍ଲକ କାର୍ଯ୍ୟାଳୟ ବନ୍ଦ ରହିଥିଲା। ସେହିପରି ପୂର୍ବତନ ବିଧାୟକ ସୁକାନ୍ତ ନାୟକଙ୍କ ନେତୃତ୍ୱରେ ନୀଳଗିରି ବାଇପାସ୍ ଛକରେ ରାସ୍ତା ଅବରୋଧ କରାଯିବା ସହ ପୀଡ଼ିତାଙ୍କୁ ନ୍ୟାୟ ଦାବିରେ ତୀବ୍ର ବିରୋଧ କରାଯାଇଥିଲା। ଜିଲ୍ଲାର ୮ଟି ଯାକ ନିର୍ବାଚନମଣ୍ଡଳୀରେ ବିଜେଡିର ଆଜିର ବନ୍ଦ ଶାନ୍ତିପୂର୍ଣ୍ଣ ରହିଥିବା ବେଳେ ଆଇନଶୃଙ୍ଖଳା ସ୍ଥିତି ନିୟନ୍ତ୍ରଣ ପାଇଁ ଜିଲ୍ଲାରେ ୧୨ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ ହୋଇଥିଲେ।

## ପୁଲିସର ଆକ୍ରମଣ...

ପ୍ରତିବାଦର ଅଧିକାର ଗୁରୁତର ଭାବେ ବିପଦରେ ଅଛି। ବ୍ୟବସ୍ଥାଗତ ଉଦାସୀନତାର ଶିକାର ହୋଇ ଜଣେ ୨୦ ବର୍ଷୀୟା ଛାତ୍ରୀର ମୃତ୍ୟୁ ପ୍ରତିବାଦରେ ବିଜେଡି ଲୋକସେବା ଭବନ ଘେରାଉ ଡ଼ାକରା ଦେଇଥିବାବେଳେ ପୁଲିସ ବିନା କାରଣରେ ଯେପରି ଆକ୍ରମଣ କରିଛି ତାହା ଅତ୍ୟନ୍ତ ଅମାନୁଷିକ। ବିଜେଡି ନେତା ଓ କର୍ମୀମାନେ ଶାନ୍ତିପୂର୍ଣ୍ଣ ଭାବରେ ଲୋକସେବା ଭବନ ଅଭିମୁଖେ ବାହାରିଥିବା ବେଳେ ପୁଲିସ ସେମାନଙ୍କୁ ଘଉଡାଇବା ପାଇଁ ପାଣି ମାଡ଼ ଆରମ୍ଭ କରିଥିଲା। ଏପରିକି ବିନା କୌଣସି କାରଣରେ ପୁଲିସ ରବର ଗୁଳି ବ୍ୟବହାର କରିଛି। ଶୋଭାଯାତ୍ରାକୁ ଭଣ୍ଡୁର କରିବା ପାଇଁ ପୁଲିସ ଓ ସରକାର ଗ୍ରହଣ କରିଥିବା କଠୋର ପଦକ୍ଷେପ ନିନ୍ଦା କରିବା ସହ ପୁଲିସ ପକ୍ଷପାତିତା ପ୍ରଦର୍ଶନ କରିଥିବା ନବୀନ ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ ରବର ଗୁଳି ବ୍ୟବହାର ପରି ଅତ୍ୟଧିକ ବଳ ପ୍ରୟୋଗର କୌଣସି ଆବଶ୍ୟକତା ନ ଥିଲା। ଗତ କିଛିଦିନ ତଳେ ମୁଖ୍ୟମନ୍ତ୍ରୀଙ୍କ ବାସଭବନ ନିକଟରେ ଜଣେ ବରିଷ୍ଠ ଆଇପିଏସ ଅଧିକାରୀ ପୁଲିସ ବାହିନୀକୁ ପ୍ରଦର୍ଶନକାରୀଙ୍କ ଗୋଡ ଭାଙ୍ଗିବାକୁ ନିର୍ଦ୍ଦେଶ ହେବା ସହ ଏଥିରେ ସଫଳ ହେଲେ ପୁରସ୍କାର ପ୍ରଦାନ କରିବାର ପ୍ରତିଶ୍ରୁତି ଦେଉଥିବା ନେଇ କ୍ୟାମେରାରେ ଧରାପଡ଼ିଥିଲା। ଆଜି ପୁଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ଫଳରେ ୨ ଜଣ ପୂର୍ବତନ ମନ୍ତ୍ରୀଙ୍କ ଗୋଡ଼ ଭାଙ୍ଗିଛି। ଏପରିକି ଏଥିପାଇଁ ଅସ୍ତ୍ରୋପଚାରର ମଧ୍ୟ ଆବଶ୍ୟକ ପଡ଼ିପାରେ। ସେହିପରି ଦଳର ଅନ୍ୟଜଣେ ବରିଷ୍ଠ ନେତ୍ରୀ ତଥା ରାଜ୍ୟସଭା ସାଂସଦଙ୍କ ସମେତ ଶତାଧିକ ଦଳୀୟ କାର୍ଯ୍ୟକର୍ତ୍ତା ପୁଲିସର ଆକ୍ରମଣ କାରଣରୁ ଆହତ ହୋଇଛନ୍ତି। ଏପରି ଆକ୍ରମଣ ପାଇଁ କାହିଁକି ନିର୍ଦ୍ଦେଶ ଦିଆଗଲା ସେନେଇ ସ୍ପଷ୍ଟୀକରଣ ଦେବାକୁ ସରକାର ବାଧ୍ୟ ବୋଲି ନବୀନ କହିଛନ୍ତି। ନ୍ୟାୟ ପାଇଁ ଲଢ଼େଇରେ ଏବଂ ଓଡ଼ିଶାବାସୀଙ୍କ ଗଣତାନ୍ତ୍ରିକ ଅଧିକାରକୁ ବଜାୟ ରଖିବା ପାଇଁ ଆମର ପ୍ରତିବଦ୍ଧତାକୁ କୌଣସି ଶକ୍ତି ଦମନ କରିପାରିବ ନାହିଁ ବୋଲି ନବୀନ କହିଛନ୍ତି। ଏହାସହ ପୁଲିସ ଆକ୍ରମଣରେ ଆହତ ସାଂସଦ ସୁଲତା ଦେଓ, ପୂର୍ବତନ ମନ୍ତ୍ରୀ ପ୍ରଣବ ପ୍ରକାଶ ଦାସ ଓ ପ୍ରୀତିରଞ୍ଜନ ଘଡ଼ାଇଙ୍କ ସହ ନବୀନ ଫୋନ୍ ଯୋଗେ କଥା ହୋଇ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ପଚାରି ବୁଝିବା ସହ ସେମାନଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ସଂସଦ ଘେରିବ...

ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ଦୁଇ ଦିନ ହେବ ଲଗାତର ସୋସିଆଲ ମିଡିଆରେ କ୍ଷୋଭ ପ୍ରକାଶ କରିଛନ୍ତି। ଆଜି ସକାଳେ ସୌମ୍ୟାଶ୍ରୀଙ୍କ ପରିବାର ସହିତ ସେ କଥା ହେଇଛନ୍ତି। ରାଜ୍ୟରେ ବୃଦ୍ଧି ପାଉଥିବା ମହିଳା ନିର୍ଯାତନା ସଂପର୍କରେ ବିଧାନସଭାରେ ପୂର୍ବରୁ ଆମ ବିଧାୟକମାନେ ମହିଳା ସୁରକ୍ଷା ପାଇଁ ଆଲୋଚନା କରିବାକୁ ଦାବି କରିବାରୁ ତାଙ୍କୁ ବିଧାନସଭାରୁ ବାହାର କରି ଦିଆଯାଇଛି। ଏବେ ପୁଣି ଫକୀରମୋହନ ମହାବିଦ୍ୟାଳୟରେ ଛାତ୍ରୀ ଯୌନ ନିର୍ଯାତନାର ଶିକାର ହୋଇଛନ୍ତି। ଶାସକ ବିଜେପି ନେତାମାନେ ଏ ସମ୍ପର୍କରେ ସବୁକିଛି ଜାଣିଥିଲେ ମଧ୍ୟ ନିରବ ରହିଲେ। ରାଷ୍ଟ୍ରପତି ଏହାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି। ହେଲେ ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଶିକ୍ଷା ମନ୍ତ୍ରୀ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ, ସାଂସଦ, ବିଧାୟକ ସବୁ ଜାଣି ବି ନିରବ ରହିଲେ। ଝିଅକୁ ଆତ୍ମହତ୍ୟା କରିବାକୁ ବାଧ୍ୟ କଲେ। ପ୍ରଧାନମନ୍ତ୍ରୀ ଯଦି ଏହି ଝିଅକୁ ଦେଖା କରିଥାନ୍ତେ ତେବେ ସେ ଆଜି ମରିନଥାନ୍ତା। ଓଡ଼ିଶାରେ ନାରୀ ନିର୍ଯାତନା ମାମଲା ସାରା ଦେଶକୁ ହଲାଇ ଦେଇଛି। ରାଜସ୍ଥାନ, ଉତ୍ତରପ୍ରଦେଶ, ଓଡ଼ିଶା ସମେତ ୯ ବିଜେପି ଶାସିତ ରାଜ୍ୟରେ ମହିଳା ଅତ୍ୟାଚାର ବଢ଼ିଛି। ଓଡିଶାରେ ପୁଲିସ କାର୍ଯ୍ୟାନୁଷ୍ଠାନ କରିବାକୁ ଡ଼ରୁଛି। ରାଜନୈତିକ ହସ୍ତକ୍ଷେପ ବଢ଼ିଛି। ପୁଲିସ ଉପରେ ଚାପ ବଢ଼ିଛି। ଏହା ବିରୋଧରେ ପ୍ରତି ଜିଲ୍ଲା, ପ୍ରତି ବିଧାନସଭା ନିର୍ବାଚନ ମଣ୍ଡଳୀକୁ ମହିଳା କଂଗ୍ରେସ ଯିବ ବୋଲି ସେ କହିଛନ୍ତି। ସେଥିପାଇଁ ଆସନ୍ତା କାଲି ଓଡ଼ିଶାବନ୍ଦ ଡ଼ାକରା ଦିଆଯାଇଛି। ଓଡିଶା ବନ୍ଦ ଡାକରାକୁ ସମସ୍ତେ ସମର୍ଥନ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ମହିଳା କଂଗ୍ରେସ ରାଜ୍ୟ ସଭାପତି ମିନାକ୍ଷୀ ବାହିନୀପତି, ବିଧାୟିକା ସୋଫିଆ ଫିର୍ଦୋଷ, ମୁଖପାତ୍ର ଡଃ ମନୀଷା ଦାସପଟ୍ଟନାୟକ, ଜୟଶ୍ରୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଆଜି ୧୨ ଘଣ୍ଟିଆ...

ଦିଆଯାଇଛି। ମହିଳାଙ୍କ ସମ୍ମାନ ଏବଂ ସୁରକ୍ଷା ପାଇଁ ଓଡ଼ିଶା ବନ୍ଦ କରାଯାଉଛି। ତେବେ ଅତ୍ୟାବଶ୍ୟକ ସେବାକୁ ବନ୍ଦପାଳନରୁ ବାଦ୍ ରଖାଯାଇଛି। ବଜାର, ପରିବହନ, ଶିକ୍ଷାନୁଷ୍ଠାନ, ସରକାରୀ ଅଫିସ୍, ଅଦାଲତ, ବ୍ୟାଙ୍କ୍ ଏବଂ ବୀମା ଭଳି ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଇତ୍ୟାଦିକୁ ସମ୍ପୂର୍ଣ୍ଣ ବନ୍ଦ ରଖିବା ପାଇଁ ଆହ୍ୱାନ ଦିଆଯାଇଛି। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟବ୍ୟାପୀ ବନ୍ଦ ସମ୍ପୂର୍ଣ୍ଣ ଶାନ୍ତିପୂର୍ଣ୍ଣ ଭାବେ ପାଳନ କରାଯିବାକୁ ନିଷ୍ପତ୍ତି ହୋଇଛି। ଏଥିପାଇଁ ଜନସାଧାରଣ ସହଯୋଗ କରିବା ନିମନ୍ତେ ଅନୁରୋଧ କରାଯାଇଛି। ଏହାସହିତ ଫକୀର ମୋହନ ମହାବିଦ୍ୟାଳୟ ଛାତ୍ରୀ ମୃତ୍ୟୁ ଘଟଣାର ବିଚାର ବିଭାଗୀୟ ତଦନ୍ତ, ଉଚ୍ଚଶିକ୍ଷା ମନ୍ତ୍ରୀ, ବାଲେଶ୍ୱର ସାଂସଦ, ବାଲେଶ୍ୱର ସଦର ବିଧାୟକ ନିଜ ପଦରୁ ଇସ୍ତଫା ଦେବା ପାଇଁ ମିଳିତ ବିରୋଧୀ ଦଳ ପକ୍ଷରୁ ଦୃଢ଼ ଭାବରେ ଦାବି କରାଯାଇଛି। ବାଲେଶ୍ୱର ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧୀକ୍ଷକଙ୍କ ବିରୋଧରେ ତ୍ୱରିତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରାଯାଇଛି।

କଂଗ୍ରେସ ଭବନରେ ଅନୁଷ୍ଠିତ ମିଳିତ ସାମ୍ବାଦିକ ସମ୍ମିଳନୀରେରେ ପିସିସ ସଭାପତି ଭକ୍ତ ଚରଣ ଦାସ, କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଦାମ୍, ପୂର୍ବତନ ପିସିସି ସଭାପତି ଜୟଦେବ ଜେନା, ବରିଷ୍ଠ ବିଧାୟକ ତାରା ପ୍ରସାଦ ବାହିନୀପତି, ବରିଷ୍ଠ ନେତା ଜଗନ୍ନାଥ ପଟ୍ଟନାୟକ, ସିପିଆଇ ରାଜ୍ୟ ସମ୍ପାଦକ ଆଶିଷ କାନୁନ୍‌ଗୋ, ସିପିଆଇ(ଏମ୍) ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ସିପିଆଇ(ଏମ୍‌ଏଲ)- ଲିବେରେସନ୍ ରାଜ୍ୟ ସମ୍ପାଦକ ଯୁଧିଷ୍ଠିର ମହାପାତ୍ର, ଅଲ୍ ଇଣ୍ଡିଆ ଫରୱାର୍ଡ ବ୍ଲକ୍ ରାଜ୍ୟ ସାଧାରଣ ସମ୍ପାଦକ ଜ୍ୟୋତିରଞ୍ଜନ ମହାପାତ୍ର, ଏନ୍‌ସିପି ରାଜ୍ୟ ସଭାପତି ବିକ୍ରମ ସ୍ୱାଇଁ, ସମାଜବାଦୀ ପାର୍ଟି ରାଜ୍ୟ ସାଧାରଣ ସମ୍ପାଦକ ପ୍ରତାପ ବାରିକ, ଆର୍‌ଜେଡି ରାଜ୍ୟ ସାଧାରଣ ସମ୍ପାଦକ ହେମନ୍ତ କୁମାର ପ୍ରମୁଖ ରାଜ୍ୟ ନେତୃବୃନ୍ଦ ବନ୍ଦକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଛନ୍ତି।

ଅନ୍ୟପଟେ ଗୁରୁବାର ସାରା ରାଜ୍ୟରେ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବ। ସୁରକ୍ଷା ବ୍ୟବସ୍ଥାକୁ ଦୃଷ୍ଟିରୁ ରଖି ପେଟ୍ରୋଲ ପମ୍ପମାଲିକମାନେ ଟାଙ୍କି ବନ୍ଦ ରଖିବାକୁ ନିଷ୍ପତ୍ତି ନେଇଛନ୍ତି। ଫଳରେ ଗୁରୁବାର ସକାଳେ ୬ଟାରୁ ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବ। ତେବେ ଡିପୋଗୁଡିକରୁ ମଧ୍ୟ ଏହି ସମୟରେ ସେବା ପ୍ରଭାବିତ ହେବ। ଏ ସମ୍ପର୍କରେ ସର୍ବଭାରତୀୟ ପେଟ୍ରୋଲ ପମ୍ପ ଡିଲର ମହାସଂଘର ମହାସଚିବ ସଞ୍ଜୟ ଲାଠ୍ କହିଛନ୍ତି ଯେ, କଂଗ୍ରେସର ଓଡ଼ିଶା ବନ୍ଦକୁ ନଜରରେ ରଖି ପେଟ୍ରୋଲ ପମ୍ପ ଡିଲରମାନେ ନିଜ ଆଡୁ ଟଙ୍କା ବନ୍ଦ ରଖିବେ। ଏଥିଯୋଗୁ ରାଜ୍ୟରେ ପ୍ରାୟ ୩୧୦୦ ପେଟ୍ରୋଲ ପମ୍ପ ବନ୍ଦ ରହିବ। ଅପରାହ୍ଣ ୪ଟା ପରେ ପେଟ୍ରୋଲ ପମ୍ପଗୁଡିକ ଖୋଲିବା ସହ ଡିପୋରେ ତେଲ ଲୋଡିଂ କାମ ଜାରି ରହିବ। ତେବେ ଗୁରୁବାର ଅପରାହ୍ଣ ୪ଟା ପର୍ଯ୍ୟନ୍ତ ପେଟ୍ରୋଲ ପମ୍ପଗୁଡିକ ବନ୍ଦ ରହିବା ଯୋଗୁ ସାରା ରାଜ୍ୟରେ ପ୍ରାୟ ୭୫ କୋଟି ଟଙ୍କାର କାରବାର ପ୍ରଭାବିତ ହେବା ଆଶଙ୍କା କରାଯାଉଥିବା ଶ୍ରୀ ଲାଠ୍ କହିଛନ୍ତି।


**REQUEST FOR PROPOSAL (RFP)**

Kalinga Nagar Development Authority (KNDA), Jajpur Road invites RFP in the prescribed format from the Agencies for"SELECTION OF AGENCY FOR OPERATION AND MAINTENANCE SERVICES AT VYASA SAROVAR, VYASANAGAR, JAJPUR ON LICENSE BASIS".

The detail of the RFP is available in the district web portal i.e.**www.jajpur.odisha.gov.in**

CAD-1134

OIPR-13226/11/0004/2526

Sd/-Secretary,
Kalinga Nagar Development Authority,
Jajpur Road, Jajpur

OFFICE OF THE SECRETARY
**BINODINI SCIENCE HIGHER SECONDARY SCHOOL**
AT-PADMAMPUR, PO-JOGIPADU, BLOCK-GUMMA, DIST-GAJAPATI
Email: binodinisccollege@gmail.com, Mob: 8895515909

A walk-in-interview for the engagement of the guest faculty for the subject of Odia for Higher Secondary classes is on **25.07.2025** between **10 A.M to 2 P.M** in the H.S School Premises. Interested candidates having **55% marks** in PG in respective subject may attend the interview with their complete Bio-data. The candidates having B.Ed will be given weightage.

No TA/DA is admissible for attending the interview.

**Sd/- Secretary**

**SHREE JAGANNATH EDUCATIONAL FOUNDATION DEGREE COLLEGE**
ESTD - 1991
BARUNSING, SERGARH, BALASORE - 756060

**TENDER CALL NOTICE**

Sealed quotations are invited from the Authorised Dealers/Suppliers (Bidders having valid GST, PAN and I.T. Clearance Certificate) of any authorized electronic partner for upgrading the I.T. infrastructure of the college of **₹ 4,50,000/-** as per the guideline issued by the DHE, Odisha letter issue No. 12655 Dt. 05/03/2025 on or before Dt. **24/07/2025 by 01:00 PM** through Regd./ Speed Post / e-mail **sjefdegreecollege1991@gmail.com** & the same will be opened on **Dt. 26/07/2025 at 11:00 AM** in the office of the college.

The authority reserves the right to cancel or reject any or all quotations without assigning any reason thereof.

**Sd/- Principal cum Secretary**

**ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ**
ଆକାଶ ଶୋଭା ବିଲ୍ଡିଂ, ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ, ଭୁବନେଶ୍ୱର-୭୫୧୦୦୧
CAD-1123

ପତ୍ର ସଂଖ୍ୟା ୧୨୮୩୮/ ଭୁ.ଉ.କ., ଭୁବନେଶ୍ୱର
SRB-319/88

**ସୂଚନା**

ତା. ୦୭.୦୭.୨୦୨୫ରିଖ

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଚନ୍ଦ୍ରଶେଖରପୁର ଫେଜ୍-୨ ପ୍ଲଟେଡ୍ ଡେଭଲପମେଣ୍ଟ ସ୍କିମ୍, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର ଅନ୍ତର୍ଗତ ପ୍ଲଟ୍ ନଂ.- S-2-144କୁ ଶ୍ରୀମତୀ ମିନତୀ ପ୍ରଧାନ, ସ୍ୱାମୀ- ସାଧୁ ଚରଣ ପ୍ରଧାନ, ଗ୍ରାମ/ପୋଷ୍ଟ- ହଜ, ଥାନା- ଜଙ୍କିଆ, ଜିଲ୍ଲା- ଖୋର୍ଦ୍ଧା, ଓଡ଼ିଶାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ଆବଣ୍ଟନଗ୍ରାହୀ ମିନତୀ ପ୍ରଧାନ ଗତ ତା.୨୮.୦୧.୨୦୨୪ରିଖ ରେ ମୃତ୍ୟୁବରଣ କରିଅଛନ୍ତି । (Death certificate Registration No. 3240/2024 dated 11.03.2024)

Legal heir certificate No. E-LHC/2025-20704 dated 21.03.2025 ଅନୁଯାୟୀ ମିନତୀ ପ୍ରଧାନଙ୍କର ଉତ୍ତରାଧିକାରୀ (୧) ସାଧୁ ଚରଣ ପ୍ରଧାନ (ସ୍ୱାମୀ) ଓ (୨) ଦୀପକ କୁମାର ପ୍ରଧାନ (ପୁତ୍ର) ଅଟନ୍ତି। ବର୍ତ୍ତମାନ ଉକ୍ତ ଉତ୍ତରାଧିକାରୀମାନେ ସେମାନଙ୍କ ନାମରେ ମାଲିକାନା ଉତ୍ତରାଧିକାରୀ ସୂତ୍ରେ ପରିବର୍ତ୍ତନ କରିବା ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କୁ ଆବେଦନ କରିଅଛନ୍ତି।

ଏଣୁ ଉକ୍ତ ପ୍ଲଟ୍‌ର ମାଲିକାନା ସତ୍ୱ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ କରିବା ପାଇଁ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ସୂଚନା ପ୍ରକାଶନର ପନ୍ଦର (୧୫) ଦିନ ମଧ୍ୟରେ ନିମ୍ନ ସାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଦାବି ବା ଆପତ୍ତି ଶୁଣାଯିବ ନାହିଁ ଏବଂ ପ୍ଲଟ୍‌ର ମାଲିକାନା ସତ୍ୱ ସେମାନଙ୍କ ନାମରେ ଉତ୍ତରାଧିକାରୀ ସୂତ୍ରରେ ପରିବର୍ତ୍ତନ ଆଇନ ଅନୁଯାୟୀ ସମ୍ପାଦନ କରାଯିବ।

ସା/- ଆବଣ୍ଟନ ଅଧିକାରୀ-୧
ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ

OIPR-13033/11/0332/2526

बैंक ऑफ महाराष्ट्र
Bank of Maharashtra
भारत सरकार का उद्यम
एक परिवार एक बैंक

**ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର**
ଅଞ୍ଚଳ କାର୍ଯ୍ୟାଳୟ : ଭୁବନେଶ୍ୱର
ପ୍ରଥମ ମହଲା, ଦୂର ସଞ୍ଚାର ଭବନ, ୟୁନିଟ୍-୯, ରୁପାଲି ଛକ ନିକଟ, ଭୁବନେଶ୍ୱର-୭୫୧୦୨୨, ଇ-ମେଲ୍: dzmbbsr@mahabank.co.in

**ଦଖଲ ନୋଟିସ୍**
[ନିୟମ - ୮ (୧)]

ନିମ୍ନ ସ୍ୱାକ୍ଷରକାରୀ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ୫୪) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ, ୨୦୦୨ର ରୁଲ୍ ୩ ସହିତ ଧାରା ୧୩ର ଉପଧାରା (୧୨)ରେ ଦିଆଯାଇଥିବା କ୍ଷମତା ବଳରେ ନିମ୍ନଲିଖିତ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କୁ ଡ଼ିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ମାଧ୍ୟମରେ ନିମ୍ନଲିଖିତ ଋଣ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ କଥିତ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଋଣଗ୍ରହୀତା ଋଣ ପଇଠ କରିପାରିଲେ ନାହିଁ, ତେଣୁ ଏହି ନୋଟିସ୍ ମାଧ୍ୟମରେ ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇଦିଆଯାଉଅଛି ଯେ ଉପରକଥିତ ଆକ୍ଟର ଧାରା ୧୩ର ଉପଧାରା(୪) ସହିତ କଥିତ ରୁଲ୍ସର ରୁଲ୍ ୮ ରେ ଦିଆଯାଇଥିବା କ୍ଷମତା ଅନୁଯାୟୀ ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ଦର୍ଶାଯାଇଥିବା ସମ୍ପତ୍ତିଗୁଡିକୁ **ସାଙ୍କେତିକ ଦଖଲ** ନେଇଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ସହ-ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଅଛି ଯେ, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଉକ୍ତ ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର ପାଇଁ ନୋଟିସ୍ ଦର୍ଶିତ ରାଶି ଏବଂ ସେବାବଦ ସୁଧ ଓ ଖର୍ଚ୍ଚ ନିମନ୍ତେ **ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିଗୁଡିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଶାଖା / ଋଣଗ୍ରହୀତା/ସହ-ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତାଙ୍କ ନାମ ଓ ଠିକଣା | ଦଖଲ ନିଆଯାଇଥିବା ବନ୍ଧକପ୍ରାପ୍ତ ସମ୍ପତ୍ତିଗୁଡିକର ବିବରଣୀ | ନୋଟିସ୍ ଅନୁଯାୟୀ ଧାର୍ଯ୍ୟ ତାରିଖ ସୁଦ୍ଧା ବକେୟା ଦେୟ | ଡିମାଣ୍ଡ ନୋଟିସ୍ ତାରିଖ / ଦଖଲ ତାରିଖ |
|---|---|---|---|
| **ଭୁବନେଶ୍ୱର ଶାଖା /** **ଋଣଗ୍ରହୀତା: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳ,** ପିତା: ଗଣେଶ ଚନ୍ଦ୍ର ବିଶ୍ୱାଳ / **ଗ୍ୟାରେଣ୍ଟିଦାତା: ଶ୍ରୀମତୀ ଇନ୍ଦୁମତି ବିଶ୍ୱାଳ,** ସ୍ୱାମୀ: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳ, ଉଭୟଙ୍କ **ଠିକଣା-** ସା: ନାନକାର ଉପରସାହି, ପୋ: ଜଗତ୍‌ପୁର, ଜିଲ୍ଲା: କଟକ, ଓଡ଼ିଶା-୭୫୪୦୨୧ | ଶ୍ରୀମତୀ ଇନ୍ଦୁମତି ବିଶ୍ୱାଳ, ସ୍ୱାମୀ: ଶ୍ରୀ ଚନ୍ଦ୍ରଶେଖର ବିଶ୍ୱାଳଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହ ଯାହାର ଖାତା ନଂ.: ୭୭୨/୪୧୦୬, ପ୍ଲଟ୍ ନଂ.: ୧୯୬୮/୫୨୫୯, କ୍ଷେତ୍ର: ଏକର ୦.୦୮ଡିସିମିଲି, ମୌଜା: ନିମପୁର, ଥାନା: ଟାଙ୍ଗୀ ଏବଂ ନଂ.: ୭୧, ତହସିଲ: ଟାଙ୍ଗୀ-ଚୌଦ୍ୱାର ଏବଂ ନଂ.: ୧୬୭, ଜିଲ୍ଲା: କଟକ, ପିନ୍-୭୫୪୦୨୧, ଏହାର ଚାରିପାର୍ଶ୍ୱରେ ଉତ୍ତର: ରାସ୍ତା, ପୂର୍ବ: ସରକାରୀ ରାସ୍ତା, ପଶ୍ଚିମ: ଶରତ ଚନ୍ଦ୍ର ସାହୁ, ଦକ୍ଷିଣ: ମୁରଲୀଧର ପଣ୍ଡା ଏବଂ ଯୋଗେନ୍ଦ୍ର ପରିଡା | ତା.୩୦.୦୪.୨୦୨୫ରିଖ ସୁଦ୍ଧା ଟ.୧,୦୧,୨୫,୨୮୨.୬୩ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୩୦.୦୪.୨୦୨୫ / ୧୧.୦୭.୨୦୨୫ |
| **ବାଲେଶ୍ୱର ଶାଖା /** ୧) (ଏଚ୍‌ଏସ୍‌ଜି ନିମନ୍ତେ)**ଋଣଗ୍ରହୀତା: ଶ୍ରୀମତୀ ଶାନ୍ତିଲତା ପତ୍ରୀ,** ସ୍ୱାମୀ: ଶ୍ରୀ ସଦାନନ୍ଦ ପତ୍ରୀ / **ସହ-ଋଣଗ୍ରହୀତା: ଶ୍ରୀ ସଦାନନ୍ଦ ପତ୍ରୀ,** ପିତା: ଶ୍ରୀ ଉପେନ୍ଦ୍ର ପତ୍ରୀ, ଉଭୟଙ୍କ **ଠିକଣା-** ସା: ମୁରୁଣା (ଧୋବଗଡିଆ), ପୋ: ଗୋବିନ୍ଦପୁର, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୧୨୬, **୨) (କ୍ୟାଶ କ୍ରେଡିଟ୍ ନିମନ୍ତେ) ଋଣଗ୍ରହୀତା: ମେସର୍ସ ଏସ୍ ପି ଇଲେକ୍ଟ୍ରିକାଲ୍ସ, ସ୍ୱତ୍ୱାଧିକାରୀ: ଶ୍ରୀ ସଦାନନ୍ଦ ପତ୍ରୀ,** ପିତା: ଶ୍ରୀ ଉପେନ୍ଦ୍ର ପତ୍ରୀ, **ଠିକଣା-** ସା: ମୁରୁଣା (ଧୋବଗଡିଆ), ପୋ: ଗୋବିନ୍ଦପୁର, ଥାନା: ସିମୁଳିଆ, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା-୭୫୬୧୨୬ | ଶ୍ରୀମତୀ ଶାନ୍ତିଲତା ପତ୍ରୀ, ସ୍ୱାମୀ: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ନାମରେ ଥିବା ଆଇନଗତ ବନ୍ଧକପ୍ରାପ୍ତ ବାସୋପଯୋଗୀ ଜମି ଏବଂ ଗୃହର ସମସ୍ତ ଅଂଶବିଶେଷ ଯାହାର ମୌଜା: ମୁରୁଣା, ଥାନା: ସିମୁଳିଆ, ଥାନା: ନଂ.: ୧୩୬, ରେଜିଷ୍ଟ୍ରେସନ୍ ଡିଷ୍ଟ୍ରିକ୍ଟ: ବାଲେଶ୍ୱର, ଖାତା ନଂ.: ୬୬୦/୨୯୩, ପ୍ଲଟ୍ ନଂ.: ୧୮, କ୍ଷେତ୍ର: ଏକର୦.୧୧ଡିସିମିଲି, କିସମ: ଘରବାରୀ, ଅନୁରୂପ ଖାତା ନଂ.: ୫୭୩, ଏହାର ଚାରିପାର୍ଶ୍ୱରେ ପୂର୍ବ: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ପ୍ଲଟ୍, ପଶ୍ଚିମ: ନିତ୍ୟାନନ୍ଦ ପତ୍ରୀଙ୍କ ପ୍ଲଟ୍, ଉତ୍ତର: ଶ୍ରୀ ସଦାନନ୍ଦ ପତ୍ରୀଙ୍କ ପ୍ଲଟ୍, ଦକ୍ଷିଣ: ରାସ୍ତା | ତା.୨୪.୦୪.୨୦୨୫ରିଖ ସୁଦ୍ଧା ଟ.୨୫,୨୭,୬୯୩.୬୧ + ସେବାବଦ ସୁଧ ଓ ଅନ୍ୟାନ୍ୟ ଦେୟ | ୨୪.୦୪.୨୦୨୫ / ୧୧.୦୭.୨୦୨୫ |

ସ୍ଥାନ : ଭୁବନେଶ୍ୱର
ତାରିଖ : ୧୭.୦୭.୨୦୨୫

କ୍ଷମତାପ୍ରାପ୍ତ ଅଧିକାରୀ
ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର

**AFFIDAVIT**

By virtue of my Affidavit Name of my self is changed from Pradhan Uprendranath to Upendranath Pradhan, S/o- Gayadhar Pradhan, At/Post- Pikarali, PS- Patkura, Dist-Kendrapara. Who Hence be called Upendranath Pradhan.

**AFFIDAVIT**

By virtue of an affidavit sworn before the Executive Magistrate, Rairakhol, dated 15.07.2025, I, Beauty Bagh D/o- Subash Bagh, At- Harijanpada, Rairakhol, P.O./P.S. - Rairakhol, Dist- Sambalpur, Odisha, Pin-768106 declare that I have changed my name from Rupeli Bagh to Beauty Bagh. Henceforth, I shall be known as **Beauty Bagh** for all purposes.

**AFFIDAVIT**

I, Saraswati Malik, aged about 62 years, W/o- Kumuda Chandra Mallik, resident of Vill- Birabarpur, Po- Balichaturi, PS- Tihidi, Dist- Bhadrak, PIN- 756130, Odisha declared by this affidavit Cf No. 3755, dtd- 15/07/2025 that now onwards I shall be known as **SARASWATI MALLIK** for all future purposes.

**AFFIDAVIT**

I, Kumuda Chandra Malik, aged about 63 years, S/o- Gayadhar Malik, resident of Vill- Birabarpur, Po- Balichaturi, PS- Tihidi, Dist- Bhadrak, PIN- 756130, Odisha declared by this affidavit No. 3899, dtd- 23/05/2025 that now onwards I shall be known as **KUMUDA CHANDRA MALLIK** for all future purposes.

**AFFIDAVIT**

I, Dipti Mallik, aged about 37 years, W/o- Bidyut Kumar Mallik, resident of Kapumal, Ward No. 09, PO- Industrial Estate, Ps/Dist- Jharsuguda, PIN- 768203, Odisha declared by this affidavit Cf No. 3754, dtd- 15/07/2025 that now onwards I shall be known as **DIPTI DAS** for all future purposes.

**AFFIDAVIT**

I, Shkh Abdul Rahman, aged about 62 years, S/o- Aloddin, resident of At- Rahamat Nagar, PO- Brahma Barada, Ps- Brahma Barada, Dist- Jajpur, PIN- 755005, Odisha declared by this affidavit No. 1392, dtd- 16/07/2025 that now onwards I shall be known as **SHKH ABDUL REHMAN** for all future purposes.

**AFFIDAVIT**

I, Priyattama Sahoo, aged about 48 years, W/o- Prakash Chandra Sahoo, resident of Plot No-2154, Saptasati Nagar, Satyavihar, Pandara, Po-Mancheswar Railway Colony, Bhubaneswar, Dist- Khurda, PIN- 751017, Odisha declared by this affidavit No- 530, dtd- 26/06/2025 that now onwards I shall be known as **PRIYATAMA SAHOO** for all future purposes.

**AFFIDAVIT**

I, Sekh Monazir, aged about 34 years, S/o- Shkh Abdul Rehman, resident of At- Rahamat Nagar, PO- Brahma Barada, Ps- Brahma Barada, Dist- Jajpur, PIN- 755005, Odisha declared by this affidavit No. 1391, dtd- 16/07/2025 that now onwards I shall be known as **SEKH MONAJIR** for all future purposes.

**AFFIDAVIT**

I, Narayanasinthi Badri Narayana Choudhury, aged about 38 years, S/o- N Dinabandhu Choudhury, resident of At/Po/Ps-Sorada Badadanda, Berhampur, Dist- Ganjam, PIN-761108, Odisha declared by this affidavit No. 1303, dtd- 09/07/2025 that now onwards I shall be known as **N BADRI NARAYANA CHOUDHURY** for all future purposes.

**ପୂର୍ବ ତଟ ରେଳପଥ**

(1) ଟେଣ୍ଡର ସଂ. eT-M-KUR-WR-YARD-305-2025
**କାର୍ଯ୍ୟର ନାମ :** ଦୁଇ ବର୍ଷର ସମୟାବଧି ନିମନ୍ତେ ଖୋର୍ଦ୍ଧା ରୋଡ଼ ୟାର୍ଡ଼ ଠାରେ ୱ୍ୟାଗନ୍ ମରାମତି କାର୍ଯ୍ୟକଳାପ।
**ବିଜ୍ଞାପିତ ମୂଲ୍ୟ :** ₹ 2,18,12,690.86, EMD : ₹ 2,59,100/-.
(2) ଟେଣ୍ଡର ସଂ. eT-M-BOB-SPL-PRDP-306-25
**କାର୍ଯ୍ୟର ନାମ :** ଏକ ବର୍ଷର ସମୟାବଧି ନିମନ୍ତେ ROH ଡିପୋ ପାରାଦୀପ ଠାରେ BOBRN ୱ୍ୟାଗନଗୁଡ଼ିକର ବିଶେଷ ବଡ଼ି ମରାମତି କାର୍ଯ୍ୟ (ମାନବଶକ୍ତି, ମେସିନାରୀ ଏବଂ ସମସ୍ତ ଆବଶ୍ୟକ ସାମଗ୍ରୀ ସହିତ)।
**ବିଜ୍ଞାପିତ ମୂଲ୍ୟ :** ₹ 5,96,33,332.92, EMD : ₹ 4,48,200/-.
ଶେଷ ହେବା ଅବଧି: 24 ମାସ (କ୍ରମ ସଂ. 1 ପାଇଁ) ଏବଂ 12 ମାସ (କ୍ରମ ସଂ. 2 ପାଇଁ)।
ବିଡ୍ ଆରମ୍ଭ ହେବା ତାରିଖ : ତା. 18.07.2025ରିଖ (କ୍ରମ ସଂ. 1 ପାଇଁ) ଏବଂ ତା. 17.07.2025ରିଖ (କ୍ରମ ସଂ. 2 ପାଇଁ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.01.08.2025ରିଖ 1530 ଘଟିକାରେ (କ୍ରମ ସଂ. 1 ପାଇଁ) ଏବଂ ତା.31.07.2025ରିଖ 1530 ଘଟିକାରେ (କ୍ରମ ସଂ. 2 ପାଇଁ)।
ଏହି ଟେଣ୍ଡର ସନ୍ଦର୍ଭରେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।
ଇ-ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିସ୍ତୃତ ବିବରଣୀ ଏବଂ ଶୁଦ୍ଧିପତ୍ର www.ireps.gov.inରେ ଉପଲବ୍ଧ ଅଟେ।
ସିନିୟର ଡିଭିଜନାଲ୍ ମେକାନିକାଲ୍ ଇଞ୍ଜିନିୟର(Frt)/ ଖୋର୍ଦ୍ଧା ରୋଡ଼
PR-362/Q/25-26

**AFFIDAVIT**

I, Ruparaj Chowdhury, aged about 67 years, S/o- Brajaraj Chowdhury, resident of At- Sekhbazar, PO- Tulasipur, Dist- Cuttack, PIN- 753008, Odisha declared by this affidavit No. 1393, dtd- 16/07/2025 that now onwards I shall be known as **RUPRAJ CHOWDHURY** for all future purposes.






# ଆଉ ମିଳୁନି ମଞ୍ଚ ରିହାତି

ଭୁବନେଶ୍ୱର, ୧୬।୭ (ସମିସ)

ଓଡ଼ିଶାରେ ସବୁବେଳେ ମଞ୍ଚ ନାଟକର ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଛି। ସେହି ପରିପେକ୍ଷୀରେ ରାଜଧାନୀର ପୁରାତନ ତିନୋଟି ମଣ୍ଡପ ମଧ୍ୟ ରହିଛି। ଯେଉଁଠି ଆଗ ଅପେକ୍ଷା ମଞ୍ଚ ନାଟକ ପରିବେଷଣ ମଧ୍ୟ ବଢ଼ିଛି। ହେଲେ ନାଟ୍ୟ ସଂସ୍ଥାକୁ ମଞ୍ଚ ବୁକିଂରେ ଆଉ ମିଳୁନି ରିହାତି।

ସୂଚନା ଅନୁଯାୟୀ ରାଜଧାନୀରେ ଥିବା ପୁରାତନ ତିନୋଟି ମଣ୍ଡପ ତଥା ରବୀନ୍ଦ୍ର ମଣ୍ଡପ, ଉତ୍କଳ ମଣ୍ଡପ ଏବଂ କଳ୍ପନାରେ ଭଞ୍ଜକଳା ମଣ୍ଡପ ରହିଛି। ଯେଉଁଠି ବର୍ଷ ବର୍ଷ ଧରି ନାଟକ ପରିବେଷଣ ହେଉଛି। ବର୍ତ୍ତମାନ ରାଜଧାନୀରେ ବର୍ଷକୁ ପାଖାପାଖି ୧୫୦ରୁ ଅଧିକ ନାଟକ ପରିବେଷଣ ହେଉଛି। ସେ ନେଇ ଉଭୟ ରାଜ୍ୟ ତଥା କେନ୍ଦ୍ର ସରକାରଙ୍କ ତରଫରୁ ପରିବେଷଣ ଅନୁଯାୟୀ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥାଏ। କେବଳ ସେତିକି ନୁହଁ ବରଂ ପ୍ରତି ମଞ୍ଚ ନାଟକ ପାଇଁ ମଣ୍ଡପ ବୁକିଂ ସମୟରେ ସଂସ୍ଥାକୁ ସରକାରୀ ଅନୁଦାନ ପୂର୍ବକ ୫୦ ପ୍ରତିଶତ ରିହାତି ବା ଛାଡ଼ ହେଉଥିଲା। ସେହିପରି ବାହାର



ଫାଇଲ ଫଟୋ

ରାଜ୍ୟରେ ନାଟକ ମାଧ୍ୟମରେ ନିଜ ରାଜ୍ୟକୁ ପ୍ରତିନିଧିତ୍ୱ ପୂର୍ବକ ଓଡିଆ ନାଟକ ପରିବେଷଣ କଲେ ସେଥିରେ ମଧ୍ୟ ସଂସ୍ଥାକୁ କିଛି ପରିମାଣରେ ରିହାତି ପ୍ରଦାନ କରାଯାଉଥିଲା। ହେଲେ ସେସବୁ କରୋନା ପରଠାରୁ ବନ୍ଦ ହୋଇଯାଇଥିବା କିଛି ନାଟ୍ୟ ସଂସ୍ଥାଙ୍କଠୁ ଜାଣିବାକୁ

## ମଞ୍ଚ ନାଟକ ପାଇଁ ବାଧକ ସାଜୁଛି ଅନ୍‌ଲାଇନ ବୁକିଂ

ମିଳିଛି। ତାଙ୍କ କହିବା ଅନୁଯାୟୀ କରୋନା ପୂର୍ବରୁ ପ୍ରତି ନାଟକ ପାଇଁ ବୁକିଂ ଅଫଲାଇନ ହେଉଥିଲା ଏବଂ ୫୦ ପ୍ରତିଶତ ରିହାତି ମଧ୍ୟ ଦିଆଯାଉଥିଲା। ହେଲେ କରୋନା ପରଠାରୁ ସବୁ ବୁକିଂ ଅନଲାଇନ ହୋଇଯାଇଛି ଏବଂ ମଞ୍ଚ ନାଟକକୁ ପ୍ରୋତ୍ସାହନ ଦେବା ଉଦ୍ଦେଶ୍ୟରେ ଯେଉଁ ବ୍ୟବସ୍ଥା ହୋଇଥିଲା ତାହା ବନ୍ଦ ହୋଇଯାଇଛି। ଫଳରେ ନାଟ୍ୟ ସଂସ୍ଥାଗୁଡିକୁ ବୁକିଂ ପାଇଁ ଅଧିକ ଟଙ୍କା ଦେବାକୁ ପଡୁଛି। ଅନେକଥର ଅଭିଯୋଗ ସତ୍ୱେ ସେହି ବ୍ୟବସ୍ଥାକୁ ଲାଗୁ କରାଯାଉ ନ ଥିବା ଅଭିଯୋଗ ହେଉଛି। ବର୍ତ୍ତମାନ ସମୟରେ ମଞ୍ଚ ନାଟକ ବହୁଳ ଭାବରେ ହେଉଛି। ନୂଆ ନୂଆ ସଂସ୍ଥା ମଧ୍ୟ ଆଗେଇ ଆସିଲେଣି। ହେଲେ ମଞ୍ଚ ନାଟକ ପାଇଁ କରୋନା ପୂର୍ବରୁ ଯେଉଁ ମଞ୍ଚ ପାଇଁ ରିହାତି ବ୍ୟବସ୍ଥା ଥିଲା ସେଥିରେ ସଂସ୍ଥାଗୁଡିକ ଅଧିକ ପ୍ରୋତ୍ସାହିତ ହେଉଥିଲେ ଏବଂ ନାଟକ ଆୟୋଜନ ଦିଗରେ ବେଶ ମନ ବଳାଉଥିଲେ। ହେଲେ ଏବେ ବନ୍ଦ ହେବା ଫଳରେ ତାହା ସଂସ୍ଥା ଉପରେ ପ୍ରଭାବ ପକାଉଛି। ଆମେ ଅନେକ ଥର ଏ ଦିଗରେ ଅଭିଯୋଗ କରିଛୁ ହେଲେ ଏଯାଏଁ ସେ ବ୍ୟବସ୍ଥା ଲାଗୁ ହେଲା ନାହିଁ ବୋଲି ଅଭିଯୋଗ କରିଛନ୍ତି ନାଟ୍ୟ ନିର୍ଦ୍ଦେଶକ ଶତ୍ରୁଘ୍ନ ସାମଲ।

ଏ ସମ୍ପର୍କରେ ରଙ୍ଗମ ନାଟ୍ୟ ସଂସ୍ଥାର ନାଟ୍ୟ ନିର୍ଦ୍ଦେଶକ ଦର୍ପ ନାରାୟଣ ସେଠୀ କୁହନ୍ତି, ମଞ୍ଚ ନାଟକ ଓଡ଼ିଶାରେ ଏକ ସ୍ୱତନ୍ତ୍ର ସ୍ଥାନ ରହିଆସିଛି। ଆଗ ଅପେକ୍ଷା ନାଟକ ପରିବେଷଣ ମଧ୍ୟ ବଢ଼ିଛି। ଗୋଟେ ସଂସ୍ଥା ଯେତେବେଳେ ମଞ୍ଚ ନାଟକ ପରିବେଷଣ କରେ ତାକୁ ସରକାରୀ ପ୍ରୋତ୍ସାହନ ହିସାବରେ କିଛି ରାଶି ମିଳିଥାଏ। ହେଲେ ପୂର୍ବରୁ ଯେଉଁ ବ୍ୟବସ୍ଥା ରହିଥିଲା ମଞ୍ଚ ବୁକିଂ ପାଇଁ ତାହା କରୋନା ପରଠୁ ବନ୍ଦ ହେବା ଫଳରେ ସଂସ୍ଥାକୁ ହାତରୁ ପୁରା ଖର୍ଚ୍ଚ ଉଠାଇବାକୁ ପଡୁଛି। ଏହି ରିହାତି ସଂସ୍ଥାକୁ ଅଧିକ ନାଟକ ପରିବେଷଣ କରିବାରେ ସାହାଯ୍ୟ ହେଉଥିଲା।

## ବିଜେଡି ପକ୍ଷରୁ ବରପୁତ୍ରଙ୍କୁ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର, ୧୬।୭ (ସମିସ): ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ପକ୍ଷରୁ ରାଜଭବନ ସମ୍ମୁଖରେ ଅବସ୍ଥିତ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ଜୟନ୍ତୀ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଅବସ୍ଥିତ ଗୁରୁ ଦେବ ପ୍ରସାଦ ଦାସଙ୍କ ପୁଣ୍ୟ ତିଥି ପାଳିତ ହୋଇଯାଇଛି। ଏହି ସଭାରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି, ସ୍ୱାଧୀନତା ସଂଗ୍ରାମୀ ଦାୟଦ କମିଟିର ସମ୍ପାଦକ ବିଜୟ କୁମାର ତ୍ରିପାଠୀ, ବିରେନ୍ଦ୍ର ନାଥ ମେହେର, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ଅଶ୍ୱିନୀ ପଟ୍ଟନାୟକ, ପ୍ରାଧ୍ୟାପକ ରଙ୍ଗାଧର ସାହୁ, ସମାଜସେବୀ ମନୋରଞ୍ଜନ ମହାନ୍ତି, ଅମିତ୍ ପାତାଳ ସିଂ, ପ୍ରମୁଖ ଯୋଗଦାନ କରି ବରପୁତ୍ର ମାନଙ୍କୁ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।



ଆସାମ ବିଧାନସଭା ପବ୍ଲିକ୍ ଅଣ୍ଡରଟେକିଙ୍ଗ୍ କମିଟିର ସଦସ୍ୟଙ୍କ ସହ ବାଚସ୍ପତି ସୁରମା ପାଢ଼ୀଙ୍କ ସୌଜନ୍ୟମୂଳକ ସାକ୍ଷାତ

## ନୃତ୍ୟ ଓ ସଙ୍ଗୀତ ମାଧ୍ୟମରେ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କୁ ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୧୬।୭ (ସମିସ): ଗୁରୁ କେଳୁଚରଣ ମହାପାତ୍ର ଓଡ଼ିଶୀ ଗବେଷଣା କେନ୍ଦ୍ର ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ମିଳିତ ଆନୁକୂଲ୍ୟରେ ପ୍ରସିଦ୍ଧ ବେହେଲା ବାଦକ ତଥା ସୁର୍‌ର ବାଦ୍‌ଶାହା ସ୍ୱର୍ଗତ ପଣ୍ଡିତ ଭୁବନେଶ୍ୱର ମିଶ୍ରଙ୍କର ୯୮ ତମ ଜନ୍ମ ଜୟନ୍ତୀ ଉପଲକ୍ଷେ 'ପଣ୍ଡିତ ଭୁବନେଶ୍ୱର ମିଶ୍ର ସ୍ମୃତି ସନ୍ଧ୍ୟା' ଅନୁଷ୍ଠିତ ହୋଇଯାଇଛି। ଗବେଷଣା କେନ୍ଦ୍ର ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡ. ଚନ୍ଦ୍ରଶେଖର ହୋତା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଉପ ନିର୍ଦ୍ଦେଶିକା ଶୁଚିସ୍ମିତା ମନ୍ତ୍ରୀ, ସଂସ୍କୃତି ବିଭାଗର ସ୍ୱତନ୍ତ୍ର କର୍ତ୍ତବ୍ୟରତ ଅଧିକାରୀ ଅନୁଜା ତାରିଣୀ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱର୍ଗତ ମିଶ୍ରଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଗୁରୁ କେଶବ ଚନ୍ଦ୍ର ରାଉତଙ୍କ ପରିଚାଳନାରେ ସ୍ମୃତିରେଖା ପ୍ରତିହାରୀ, ନୀଳିମା ପ୍ରଧାନ ଓ ସୁନିତାରାଣୀ ବିଶ୍ୱାଳ ପରିବେଷଣ କରିଥିଲେ। ପରେ ପରେ 'ଶ୍ୟାମ ସମ କମନୀୟ ନାହିଁ କେ ଆଉ' ପରିବେଷଣ କରିଥିଲେ ଶିଳ୍ପୀ ସୁନୀତାରାଣୀ ବିଶ୍ୱାଳ ଏବଂ ପରିଚାଳନା କରିଥିଲେ ଗୁରୁ କେଶବ ଚନ୍ଦ୍ର ରାଉତ। ସେହିପରି 'ଶଙ୍କରାଭରଣ ପଲ୍ଲବୀ' ପରିବେଷଣ କରିଥିଲେ ଜ୍ୟୋତିରାଣୀ ନାୟକ ଓ ସୂର୍ଯ୍ୟକାନ୍ତ ପ୍ରଧାନ। ଗୁରୁ ସଚ୍ଚିଦାନନ୍ଦ ଦାସ ମଞ୍ଚ ପରିଚାଳନା କରିଥିବା ବେଳେ ସୁଚିସ୍ମିତା ମନ୍ତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ପରେଶ ନାୟକଙ୍କ ଜୟନ୍ତୀରେ ବୃକ୍ଷରୋପଣ



ଭୁବନେଶ୍ୱର, ୧୬।୭ (ସମିସ): ଓଡ଼ିଶା ଇନଟରନେସନାଲ ସେଣ୍ଟର ତରଫରୁ ଏହାର ପ୍ରତିଷ୍ଠାତା ତଥା ପୂର୍ବତନ ସଭାପତି ସ୍ୱର୍ଗତ ପରେଶ ନାଏକ (ପରେଶ ଭାଇ)ଙ୍କ ୬୬ତମ ଜୟନ୍ତୀ ଅବସରରେ ଲିମ୍ବବୃକ୍ଷ ରୋପଣ କରାଯାଇଥିଲା। କାର୍ଯ୍ୟକ୍ରମରେ ଅନୁଷ୍ଠାନର ମ୍ୟାନେଜିଙ୍ଗ ଟ୍ରଷ୍ଟି ଭାବଗ୍ରାହୀ ଶାନ୍ତି, ଟ୍ରଷ୍ଟି କୁମୁଦିନୀ ପଣ୍ଡା, ସାଧାରଣ ସମ୍ପାଦକ ତଥା ଅନ୍ୟତମ ସମ୍ପାଦକ ଉଦୟ କୁମାର ଶାନ୍ତି, ବରିଷ୍ଠ କାର୍ଯ୍ୟ କର୍ତ୍ତା ଚିତ୍ର ଶିଳ୍ପୀ ଓ ପ୍ରକୃତି ପ୍ରେମୀ ସୁନାରାମ ସିଂହ, ଅକ୍ଷୟ କୁମାର ସାହୁ, ଅନସୁୟାନନ୍ଦ, ରିଙ୍କି ବାରିକ, ସୂର୍ଯ୍ୟ ପ୍ରସାଦ ନାୟକ, ଉପସଭାପତି ସୁମିତ୍ରା ପଣ୍ଡା, ସମସ୍ମିତା ଜେନା, ରଞ୍ଜନ କୁମାର ସାହୁ, ବରିଷ୍ଠ କର୍ମକର୍ତ୍ତା ପ୍ରମୋଦ କୁମାର ବିଶ୍ୱାଳ, ଦିନବନ୍ଧୁ ନାୟକ, ବରିଷ୍ଠ ସଭ୍ୟା ଭାରତୀ ଶାନ୍ତି ତଥା ଆଧ୍ୟାତ୍ମିକ ଗୁରୁ ସ୍ୱାମୀ ଆନନ୍ଦ ରାଜା ଏବଂ ଆମପ୍ରୀୟ ନେତା ଜଗନ୍ନାଥ ପ୍ରଧାନ ଓ ୨୯ନମ୍ବର ୱାର୍ଡ କର୍ପୋରେଟର ଜୀବନ ରାଉତ, ସହକର୍ମୀ ସଂଗ୍ରାମ ଜେନା ତଥା ଅନେକ ସ୍ଥାନୀୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନେଇ ନମ୍ବର ବାୟାବାବା ରୋଡ ସ୍ଥିତ ମା ବାହୁଡ଼ା ଶୁଣି ମନ୍ଦିର ପ୍ରାଙ୍ଗଣରେ ଓ ରାସ୍ତା ପାର୍ଶ୍ୱରେ ଅନେକ ଲିମ୍ବ ବୃକ୍ଷ ରୋପଣ କରାଯାଇଛି। ଚିତ୍ରଶିଳ୍ପୀ ସୁନା ଭାଇ ଙ୍କ ଦ୍ୱାରା ଅଙ୍କନ ୨୫ଖଣ୍ଡ ଚିତ୍ର ଫୋଟ ଚିତ୍ର ବୃକ୍ଷ ରୋପଣର ସନ୍ଦେଶ ଥାଇ ପ୍ରଦର୍ଶିତ ହୋଇଥିଲା।

## ଓଡ଼ିଶୀ ଫାଉଣ୍ଡେସନ ଦ୍ୱାରା ବୃକ୍ଷରୋପଣ ଅଭିଯାନ



ଭୁବନେଶ୍ୱର, ୧୬।୭ (ସମିସ): ଓଡ଼ିଶୀ ଫାଉଣ୍ଡେସନ ପକ୍ଷରୁ ପରିବେଶ ସୁରକ୍ଷା ଓ ତାର ସଂରକ୍ଷଣ ପାଇଁ ଏକ ବୃକ୍ଷରୋପଣ ଅଭିଯାନ ବରମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ଆୟୋଜିତ ହୋଇଯାଇଛି। ଏହି କାର୍ଯକ୍ରମରେ ଓଡ଼ିଶୀ ଫାଉଣ୍ଡେସନର ପ୍ରତିଷ୍ଠାତା ସୋନାଲିସା ମହାପାତ୍ର, ମୁଖ୍ୟ ଅତିଥି ପୂର୍ବତନ ବିଧାୟକ ଡ. ଦିଲ୍ଲୀପ୍ ଶ୍ରୀଚନ୍ଦନ, ବିଶେଷ ଅତିଥି ସ୍ଥାନୀୟ କର୍ପୋରେଟର ରାମଚନ୍ଦ୍ର ରଣସିଂହ, ନିବେଦିତା ଶତପଥୀ, ଦୀପିକା ମିଶ୍ର ଏବଂ ଓଡ଼ିଶୀ ଫାଉଣ୍ଡେସନର ସମସ୍ତ ସଦସ୍ୟ ଏବଂ ବିଦ୍ୟାଳୟର ଶିକ୍ଷକ ଓ ଛାତ୍ରଛାତ୍ରୀମାନଙ୍କ ମିଳିତ ସହଯୋଗରେ ବୃକ୍ଷରୋପଣ କରାଯାଇଥିଲା।

## ଅଙ୍ଗଦାନ କରି ୨ଜଣଙ୍କୁ ନୂଆ ଜୀବନ ଦେଲେ ସୌମ୍ୟ

ଭୁବନେଶ୍ୱର, ୧୬।୭ (ସମିସ): ନୟାଗଡ଼ର ୩୭ ବର୍ଷୀୟ ଯୁବକ ସୌମ୍ୟରଞ୍ଜନ ବେହେରାଙ୍କ ବ୍ରେନ୍ ଷ୍ଟ୍ରୋକ୍ ହେବା ପରେ ଜୁଲାଇ ୧୦ ତାରିଖରେ ତାଙ୍କୁ କିମ୍ସରେ ଭର୍ତ୍ତି କରାଯାଇଥିଲା। କିମ୍ସ ଡାକ୍ତରଙ୍କ ଅକ୍ଳାନ୍ତ ପରିଶ୍ରମ ସତ୍ତ୍ୱେ ସୌମ୍ୟଙ୍କ ସ୍ୱାସ୍ଥ୍ୟରେ ସୁଧାର ନ ଆସିବାରୁ ସୌମ୍ୟଙ୍କ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବାକୁ ସୌମ୍ୟଙ୍କ ପରିବାର ଚିନ୍ତା କରିଥିଲେ। ସୌମ୍ୟଙ୍କଠାରୁ ଦୁଇଟି ବୃକକ୍ ଏବଂ ଯକୃତ କଢ଼ାଯାଇ ଗୋଟିଏ ବୃକକ୍ କଟକର ଏସସିବି ମେଡିକାଲ୍ କଲେଜ ଓ ହସ୍ପିଟାଲକୁ ପଠାଯିବା ସହ ଅନ୍ୟ ବୃକକ୍ ଏବଂ ଯକୃତ କିମ୍ସରେ ଦୁଇଜଣ ରୋଗୀଙ୍କଠାରେ ସଫଳ ପ୍ରତିରୋପଣ କରାଯାଇଥିଲା। ଫଳରେ ୨ଜଣ ଗୁରୁତର ରୋଗୀଙ୍କୁ ନୂତନ ଜୀବନ ପାଇଥିଲେ।

## ନୃତ୍ୟଗୁରୁଙ୍କ ପୁଣ୍ୟତିଥିରେ କଳା ପ୍ରଦର୍ଶନ

ଭୁବନେଶ୍ୱର, ୧୬।୭ (ସମିସ): ନୃତ୍ୟଗୁରୁ ଦେବପ୍ରସାଦ ଦାସଙ୍କ ୩୯ତମ ପୁଣ୍ୟତିଥି ଅବସରରେ ତ୍ରିଧାରା ଓ ଓଡ଼ିଶା ସରକାରଙ୍କ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସହଯୋଗରେ ଆୟୋଜିତ ୩୯ତମ ଶ୍ରଦ୍ଧାଞ୍ଜଳି ସମାରୋହ ୨୦୨୫ ବୁଧବାର ରବୀନ୍ଦ୍ର ମଣ୍ଡପରେ ଉଦଯାପିତ ହୋଇଯାଇଛି। ଏହି ଉଦଯାପନୀ ସମାରୋହ ଅବସରରେ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ପରିସରରେ ଗୁରୁ ଦେବପ୍ରସାଦ ଦାସଙ୍କ ପ୍ରତିମୂର୍ତ୍ତିକୁ ପୁଷ୍ପାଞ୍ଜଳି ପ୍ରଦାନ କରାଯାଇଥିଲା ଏବଂ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ଠାରୁ ରବୀନ୍ଦ୍ର ମଣ୍ଡପ ପର୍ଯ୍ୟନ୍ତ କଳା ପ୍ରଦର୍ଶନର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଛତ୍ରପୁରର ସମୀର ନୃତ୍ୟ କେନ୍ଦ୍ର ଦ୍ୱାରା ବାଘ ନାଚ, କାଠ ପାଦ ନୃତ୍ୟ ପରିବେଷଣ ହୋଇଥିବା ବେଳେ ତ୍ରିଧାରା, ନିର୍ଝର କାଲ୍‌ଚୁରାଲ ଏକାଡେମୀ, ନୃତ୍ୟ କଳା ଡ୍ୟାନ୍ସ ଏକାଡେମୀ ଆଦି ପ୍ରାୟ ୨୫ରୁ ଅଧିକ ନୃତ୍ୟ ଅନୁଷ୍ଠାନ ପକ୍ଷରୁ ଓଡିଶୀ ନୃତ୍ୟ ପରିବେଷଣ କରାଯାଇଥିଲା। ସନ୍ଧ୍ୟାରେ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ପ୍ରଫେସର ଦେବୀ ପ୍ରସନ୍ନ ପଟ୍ଟନାୟକ, ସ୍ଥପତି ସଂରକ୍ଷକ ପ୍ରଭାକର ମହାରଣା, ନାଟ୍ୟକାର ରମେଶ ପ୍ରସାଦ ପାଣିଗ୍ରାହୀ, ଓଡିଶୀ ନୃତ୍ୟାଙ୍ଗନା ପ୍ରତିଭା ପଣ୍ଡା, ଚିନ୍ତା ଓ ଚେତନାର ସମ୍ପାଦକ ସୁରେନ୍ଦ୍ର ଦାସ, ତ୍ରିଧାରାର କାର୍ଯ୍ୟକାରୀ ସଭାପତି ସୀମାଞ୍ଚଳ ପଣ୍ଡା ଏବଂ ତ୍ରିଧାରାର ନିର୍ଦ୍ଦେଶକ ଗୁରୁ ଡକ୍ଟର ଗଜେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହିଥିଲେ।



### ମେଟ୍ରୋ ପ୍ରକଳ୍ପ ନେଇ ମନ୍ତ୍ରୀସ୍ତରୀୟ ସବ୍‌କମିଟି ବୈଠକ

## କମ୍ପ୍ରେସିଭ ମୋବିଲିଟି ପ୍ଲାନ, ନୂଆ ଢାଞ୍ଚା ଉପରେ ଆଲୋଚନା

ଭୁବନେଶ୍ୱର, ୧୬।୭ (ସମିସ)

ଭୁବନେଶ୍ୱର ମେଟ୍ରୋ ରେଳ ପ୍ରୋଜେକ୍ଟ ନିମନ୍ତେ ଉପ-ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ଅଧ୍ୟକ୍ଷତାରେ ମନ୍ତ୍ରୀସ୍ତରୀୟ ବୈଠକ ବୁଧବାର ଲୋକସେବା ଭବନ କନଫରେନ୍ସ ହଲରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶରେ ଏକ ସବ୍ କମିଟି ଗଠନ କରାଯାଇଥିଲା। ଯାହାର ଚେୟାରମ୍ୟାନ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଅଛନ୍ତି। ଓଡ଼ିଶାରେ ମେଟ୍ରୋ ପ୍ରକଳ୍ପ କାର୍ଯ୍ୟର ମୋବିଲିଟି ଓ ପରବର୍ତ୍ତୀ ପଦକ୍ଷେପ କଣ ରହିବ ସେନେଇ ବୈଠକରେ ଆନ୍ତଃ ବିଭାଗୀୟ ସମନ୍ୱୟ ବିଷୟରେ ଆଲୋଚନା କରାଯାଇଛି। ଏଥି ସହିତ ଭୁବନେଶ୍ୱର ସହରର ଦୃଢ ଓ ଦକ୍ଷ ସାର୍ବଜନୀନ ପରିବହନ ବ୍ୟବସ୍ଥା, ସୁଗମ ଟ୍ରାଫିକ ପରିଚାଳନା ନିମନ୍ତେ କମ୍ପ୍ରେସିଭ ମୋବିଲିଟି ପ୍ଲାନ, ରେଳ-ସଡ଼କ ପରିବର୍ତ୍ତନ ପଥ ବିଷୟରେ ବୈଠକରେ ଆଲୋଚନା କରାଯାଇଛି। ଜନସାଧାରଣଙ୍କ ହିତ ଓ ଟ୍ରାଫିକ ଡ଼ିକଞ୍ଜେସ୍କନକୁ ଦୃଷ୍ଟିରେ ରଖି ମେଟ୍ରୋ ପ୍ରକଳ୍ପ ଉପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ। ଏନେଇ ଦିଲ୍ଲୀ ମେଟ୍ରୋ ରେଳ କର୍ପୋରେସନର ସିଇଓ କଲ୍ୟାଣ ପଟ୍ଟନାୟକ, ବିକାଶ କୁମାର, ପ୍ରମିତ ଗର୍ଗ ପ୍ରମୁଖଙ୍କ ସହ ଆଲୋଚନା କରାଯାଇଛି। ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଶିଳ୍ପ ଓ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷାମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ବୈଠକରେ ଯୋଗଦେଇ ସୁଚିନ୍ତିତ ମତାମତ ଉପସ୍ଥାପନ କରିଥିଲେ। ପ୍ରମୁଖ ଶାସନ ସଚିବ ମନୋଜ ଆହୁଜା, ଅର୍ଥବିଭାଗ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ଗୃହ ଓ ନଗର ଉନ୍ନୟନ ନଗର ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ବିଏମ୍‌ସି କମିଶନର ରାଜେଶ ପ୍ରଭାକର ପାଟିଲ ବୈଠକରେ ଉପସ୍ଥିତ ନିଜର ମତାମତ ଉପସ୍ଥାପନ କରିଥିଲେ।

## 'ବିପ୍ଳବୀ ଚକ୍ରଧର ଥିଲେ କନିକାକ୍ରାନ୍ତିର ମହାନାୟକ'

ଭୁବନେଶ୍ୱର, ୧୬।୭ (ସମିସ): କନିକା ପ୍ରଜା ଆନ୍ଦୋଳନର କର୍ଣ୍ଣଧାର ଥିଲେ ମହାନ୍ ବିପ୍ଳବୀ ଚକ୍ରଧର ବେହେରା। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ଓ ଗରିବ କୃଷକ ସମାଜର ଶୁଭଚିନ୍ତକ ଭାବେ ସେ ସର୍ବଦା ଏ ଜାତିର ଚିରନମସ୍ୟ ଓ ପ୍ରାତଃସ୍ମରଣୀୟ ବୋଲି ଅତିଥିମାନେ ମତପ୍ରକାଶ କରିଛନ୍ତି।

ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ବୁଧବାର ଜୟଦେବ ଭବନଠାରେ ମହାନ୍ ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ଅତିଥି ଭାବେ ସାହିତ୍ୟିକ ଡ. ଗୌରହରି ଦାସ ସମ୍ମାନିତ ବକ୍ତା ଭାବେ ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ସ୍ୱାଗତ ଭାଷଣ ଦେଇଥିଲେ। ବିଭାଗର ନିର୍ଦ୍ଦେଶକ (ବୈଷୟିକ) ଗୁର୍‌ବୀର ସିଂହ ଯୋଗ ଦେଇଥିଲେ। ଏଥିରେ ଚକ୍ରଧର ବେହେରାଙ୍କ ନାତି ପ୍ରଭାକର ପରିଡ଼ା ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶେଷରେ ବିଭାଗୀୟ ଉପନିର୍ଦ୍ଦେଶକ (କ୍ଷେତ୍ର) ସୁଚେତା ପ୍ରିୟଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଲୋକସମ୍ପର୍କ ଅଧିକାରୀ ରୋଜାଲିନ ସାହୁ ସଂଯୋଜନା କରିଥିଲେ।

ସେହିଭଳି ବିପ୍ଳବୀ ଚକ୍ରଧର ବେହେରାଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ପାଳନ ଅବସରରେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ରାଜଭବନ ଛକସ୍ଥିତ ଚକ୍ରଧର ବେହେରାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ଭୁବନେଶ୍ୱର ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜିତେନ୍ଦ୍ରିୟ ଜେନା, ପ୍ରଦର୍ଶନୀ ଅଧିକାରୀ, ଦୀପକ କୁମାର ସାହୁ, ପ୍ରମୋଦିନୀ ଟେଟେ ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବିପ୍ଳବୀଙ୍କ ଦାୟାଦ ସ୍ୱପ୍ନଶ୍ରୀ ମାହୁନ୍ତ ସୁରେନ୍ଦ୍ର ମାହୁନ୍ତ, ଦିଲ୍ଲୀପ ଦାସ ଉପସ୍ଥିତ ଥିଲେ। ଅକ୍ଷୟ ସାହୁ ବିପ୍ଳବୀଙ୍କ ସ୍ମୃତିରେ କବିତା ପାଠ କରିଥିଲେ।

## ବାଲିଅନ୍ତା ବ୍ଲକରେ ଯୋଗଦେଲେ ନୂତନ ବିଡିଓ

ବାଲିଅନ୍ତା, ୧୬।୭ (ସମିସ): ବାଲିଅନ୍ତା ବ୍ଲକରେ ନୂଆ ବିଡିଓ ଭାବେ ଯୋଗଦାନ୍ କଲେ ରଶ୍ମିତା ନାଥ। ସେ ପୂର୍ବରୁ ଜଟଣୀ ବ୍ଲକରେ କାର୍ଯ୍ୟରତ ଥିଲେ। ତାଙ୍କର କାର୍ଯ୍ୟରେ ଯୋଗ ଦେବା କଥା ଶୁଣି ଅଞ୍ଚଳର ବିଭିନ୍ନ ସାମାଜିକ ଅନୁଷ୍ଠାନ ର କର୍ମୀ ଓ ରାଜନେତା ତାଙ୍କୁ ସାକ୍ଷାତ କରି ଫୁଲ ତୋଡା ଓ ଉତାରି ପ୍ରଦାନ କରିଥିଲେ। ରଞ୍ଜନ ମହାପାତ୍ର, ଦୀନବନ୍ଧୁ ଭୋଇ, ପ୍ରଦୀପ୍ତ କୁମାର ମହାନ୍ତି, ଜଗମୋହନ ସେଠୀ, ବରିଷ୍ଠ ବିଜେପି ନେତା ସିଦ୍ଧେଶ୍ୱର ନାଥ, ସାଂସଦ ପ୍ରତିନିଧି ବିଜୟ ମହାରଣା, ମଣ୍ଡଳ ସମ୍ପାଦକ ଦେବେନ୍ଦ୍ର ନାଥ ସାହୁ, ଯୁବନେତା ସନ୍ତୋଷ ଜେନା, ଭାଗିରଥି ତ୍ରିପାଠୀ, ସିଦ୍ଧାନ୍ତ ବେହେରା, ବାସୁଦେବ ମହାପାତ୍ର।

## ଯୌନ ନିର୍ଯାତନା ଓ ଅମ୍ବହତ୍ୟାର ପ୍ରତିରୋଧ ସଂକ୍ରାନ୍ତ ଆଲୋଚନା



ଭୁବନେଶ୍ୱର, ୧୬।୭ (ସମିସ): ଆଞ୍ଚଳିକ ଶିକ୍ଷା ପ୍ରତିଷ୍ଠାନ ସଭାଗୃହରେ ଯୌନ ନିର୍ଯାତନା ଓ ଅମ୍ବହତ୍ୟାର ପ୍ରତିରୋଧ ସଂକ୍ରାନ୍ତ ଏକ ସ୍ୱତନ୍ତ୍ର ଆଲୋଚନା ଅନୁଷ୍ଠିତ ଅନୁଷ୍ଠିତ ହୋଇଯାଇଛି। ପ୍ରତିଷ୍ଠାନର ଯୌନ ନିର୍ଯାତନା ପ୍ରତିରୋଧ ପ୍ରକୋଷ୍ଠର ମୁଖ୍ୟ ପ୍ରଫେସର ରୀତାଞ୍ଜଳି ଦାଶଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଭାରପ୍ରାପ୍ତ ଅଧ୍ୟକ୍ଷା ପ୍ରଫେସର ମାନସୀ ଗୋସ୍ୱାମୀ, ଡିଏମ୍ ସ୍କୁଲର ପ୍ରଧାନଶିକ୍ଷକ ଡ. ଅଖିଳେଶ୍ୱର ମିଶ୍ର, ବିଜ୍ଞାନ ବିଭାଗର ମୁଖ୍ୟ ଡ. ଦେବପ୍ରକାଶ ବର୍ମା, କଳା ବିଭାଗର ମୁଖ୍ୟ ଡ. କଳିଙ୍ଗ କେତକୀ ପ୍ରମୁଖ ନିଜ ନିଜ ବକ୍ତବ୍ୟ ରଖିଥିଲେ।

### ପରିତ୍ୟକ୍ତ ଶ୍ମଶାନ

## ସନ୍ଧ୍ୟା ହେଲେ ନିଶାଡ଼ିଙ୍କ ଆଡ୍ଡା

ଭୁବନେଶ୍ୱର, ୧୬।୭ (ସମିସ)

ମଶାଣି ପାଲଟିଛି ଜଙ୍ଗଲ। ରକ୍ଷଣାବେକ୍ଷଣ ଅଭାବରୁ ମଶାଣି ପରିସରରେ ଭର୍ତ୍ତି ହେଲାଣି ଅନାବନା ଗଛ। ତା ସାଙ୍ଗକୁ ଅସାମାଜିକ ବ୍ୟକ୍ତିଙ୍କ ଦୌରାତ୍ମ୍ୟ। ସନ୍ଧ୍ୟା ହେଲେ ବିଭିନ୍ନ ନିଶାଦ୍ରବ୍ୟ ସାଙ୍ଗରେ ଧରି ମେଳି ବାନ୍ଧି ଚାଲିଆସୁଛନ୍ତି ଅସାମାଜିକ ବ୍ୟକ୍ତି। ନାଁ ଅଛି ପୁଲିସ୍ ଭୟ ନାଁ ଅଛି ସ୍ଥାନୀୟ ଲୋକଙ୍କୁ ଡର। ତା ସାଙ୍ଗକୁ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ରସୁଲଗଡ଼ସ୍ଥିତ ୱାର୍ଡ ନମ୍ବର ୧୮ ଅଧୀନରେ ରହିଥିବା ରସୁଲଗଡ଼ ଶ୍ମଶାନରେ। ଜନବସତି ମଧ୍ୟରେ ରହିଥିବା ଏହି ମଶାଣି ଏବେ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି।

ପ୍ରାୟ ୪୦ବର୍ଷ ତଳେ ରସୁଲଗଡ଼ରେ ଏହି ମଶାଣି ନିର୍ମାଣ କରାଯାଇଥିଲା। ସେତେବେଳେ ଲୋକସଂଖ୍ୟା କମ୍ ଥିବାବେଳେ ବର୍ତ୍ତମାନ ଏଠାରେ ହୁ ହୁ ହୋଇ ଜନସଂଖ୍ୟା ବୃଦ୍ଧି ପାଉଛି। ପାଣ୍ଡରା, ଜଗନ୍ନାଥ ବିହାର, ରସୁଲଗଡ଼ ଗାଁ ଆଦି ଅଞ୍ଚଳରେ ବାସ କରୁଥିବା ପ୍ରାୟ ୧୫ରୁ ୨୦ ହଜାର ଲୋକ ଶବଦାହ ପାଇଁ ଏହି ଶ୍ମଶାନ ଉପରେ ନିର୍ଭର କରିଥାନ୍ତି। ସହର ମଧ୍ୟରେ ଶବଦାହ କରିବାକୁ ଜାଗାଟିଏ ପାଇବା ବଡ଼ କଷ୍ଟ ହୋଇଥିବା ବେଳେ ଏଠାରେ ପ୍ରାୟ ଦେଢ଼ ଏକର ପରିମିତ ଜାଗାରେ ରହିଥିବା ବହୁ ପୁରୁଣା ଶ୍ମଶାନ ଏବେବି ପରିଚୟ ଭାବେ ଛିଡ଼ା ହୋଇଛି। ହେଲେ ଏହାର ରକ୍ଷଣାବେକ୍ଷଣ କରାଯାଉ ନଥିବାରୁ ତାହା ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ି ରହିଛି। ଶ୍ମଶାନ ପରିସରରେ ଗଛଲତା ମାଡ଼ି ଯାଇଥିବା ବେଳେ ଅପରିଷ୍କାର ପାଣି ଜମି



ରହି ଦୁର୍ଗନ୍ଧ ସୃଷ୍ଟି ହେଉଛି। ଅନେକ ସମୟରେ ସ୍ଥାନୀୟ ଲୋକେ ମଧ ବିଭିନ୍ନ ଆବର୍ଜନା ଗଦା କରୁଛନ୍ତି। ଫଳରେ ବୁଲା କୁକୁରମାନେ ଆବର୍ଜନାଗୁଡ଼ିକ ଚାରିଆଡ଼େ ଖେଳାଇ ଏଣେତେଣେ ପକାଉଥିବା ବେଳେ ଘର ବାହାରକୁ ଆସିଲେ ଦୁର୍ଗନ୍ଧ ହେଉଥିବା ଆଖପାଖରେ ବାସ କରୁଥିବା ଲୋକେ କହିଛନ୍ତି। ସବୁଠୁ ବଡ଼କଥା ହେଉଛି ଏହି ଶ୍ମଶାନର ମୁଖ୍ୟ ଫାଟକ ଦିନରାତି ଖୋଲା ରହୁଥିବାରୁ ପ୍ରବେଶରେ କୌଣସି କଟକଣା ନାହିଁ। କେବଳ ସେତିକି ନୁହେଁ ଏଠାରେ ସୁରକ୍ଷାକର୍ମୀ ନଥିବାରୁ ଦିନକୁ ଦିନ ଅସାମାଜିକ ବ୍ୟକ୍ତିଙ୍କ ପ୍ରାଦୁର୍ଭାବ ଅସହ୍ୟ ହେଉଥିବା ଅଞ୍ଚଳବାସୀ କହିଛନ୍ତି। ସ୍ଥାନୀୟ ଲୋକଙ୍କ କହିବା ଅନୁସାରେ, ୧୦ ବର୍ଷ ପୂର୍ବରୁ ଶ୍ମଶାନରେ ପାଚେରୀ ନିର୍ମାଣ କରାଯିବା ସହ ପିଏଚ୍‌ଡି ପାଣି ସଂଯୋଗ କରାଯାଇଥିଲା। ହେଲେ ଏବେ ପାଚେରୀ ନଷ୍ଟ ହେବା ସହ ପରିସର ଜଙ୍ଗଲ ପାଲଟିଛି। ବାରମ୍ବାର ଅଭିଯୋଗ ପରେ ସ୍ଥାନୀୟ କର୍ପୋରେଟରଙ୍କ ଉଦ୍ୟମରେ ଜଙ୍ଗଲ ସଫା କରାଯାଇଥିଲା। ହେଲେ ୨ମାସ ପରେ ପୁଣି ସେହି ଅବସ୍ଥା ହୋଇଛି। ଶ୍ମଶାନର ଚାରିପାଖରେ ଜନବସତି ରହିଥିବାରୁ ଶ୍ମଶାନରେ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରାଯିବା ଆବଶ୍ୟକ ବୋଲି

### ରକ୍ଷଣାବେକ୍ଷଣ ଅଭାବରୁ ମାଡ଼ିଗଲାଣି ଅନାବନା ଗଛ

ସ୍ଥାନୀୟ ଲୋକେ କହିଛନ୍ତି। ଏନେଇ ୱାର୍ଡ କର୍ପୋଟର ବିପ୍ଳବ ବେହରା କହିଛନ୍ତି ଯେ, ପୂର୍ବରୁ ଏଠାରେ ସ୍ଥାନୀୟ ଲୋକେ ଅଳିଆ ପକାଉଥିଲେ। ଏବେ ତାହା ହେଉ ନାହିଁ। ଶ୍ମଶାନ ସଫା କରାଯାଇଥିବାରୁ ଏବେ ତାହା ହେଉ ନାହିଁ। ଶ୍ମଶାନର ପୁନରୁଦ୍ଧାର କାର୍ଯ୍ୟ ପାଇଁ ବିଏମ୍‌ସି କମିଶନର ପରିଦର୍ଶନ କରିଥିଲେ। ଏଠାରେ ଏକ ଇଲେକ୍ଟ୍ରିକ୍ ଚୂଲା, ସୁରକ୍ଷାକର୍ମୀଙ୍କ ପାଇଁ ଘର ନିର୍ମାଣ ସହ ପାଚେରୀ ରଙ୍ଗ, ଏବଂ ସୌନ୍ଦର୍ଯ୍ୟୀକରଣ କରାଯିବ। ଏଥିପାଇଁ ପ୍ରାୟ ଏକ କୋଟି ଟଙ୍କାର ଟେଣ୍ଡର ହେବ। ଟେଣ୍ଡର ପାଇଁ ଡିପିଆର ପ୍ରସ୍ତୁତ ସରିଥିବା ବେଳେ ଚଳିତ ମାସ ଶେଷ ସୁଦ୍ଧା ଟେଣ୍ଡର ହୋଇ ଖୁବ୍‌ଶିଘ୍ର କାମ ଆରମ୍ଭ ହେବ।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୬.୭୫ ● ପାଉଣ୍ଡ ୧୧୫.୨୧
- ୟୁରୋ ୯୯.୮୩ ● ୟେନ୍ ୦.୫୭

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୧,୪୪୦ (ନୂଆଦିଲ୍ଲୀ)
- ରୁପା : ୧,୧୪,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୬୩୪.୦୦
- ନିଫ୍ଟି ୨୫,୨୧୨.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# ରୁଷ ସହ କାରବାର ବନ୍ଦ ନ କଲେ ୧୦୦% ଟାରିଫ୍

## ଭାରତକୁ ନାଟୋର ଖୋଲା ଧମକ



ନୂଆଦିଲ୍ଲୀ,୧୬।୭(ଏଜେନ୍ସି): ଭାରତକୁ ନାଟୋ ଦେଇଛି ଖୋଲା ଧମକ। ରୁଷ ସହ ବାଣିଜ୍ୟ କାରବାର ବନ୍ଦ ନ କଲେ ଭାରତ ଉପରେ ୧୦୦% ଟାରିଫ୍ ଲଗାଯିବ। କେବଳ ଭାରତ ନୁହେଁ ନାଟୋ ଚୀନ୍ ଏବଂ ବ୍ରାଜିଲ୍ ଉପରେ ମଧ୍ୟ ଏହି ଶତ ପ୍ରତିଶତ ଶୁଳ୍କ ଲଗାଇବାକୁ ଧମକ ଦେଇଛି। ନାଟୋର ମହାସଚିବ ମାର୍କ ରୁଟ୍ ବୁଧବାର କହିଛନ୍ତି ଯେ, ଯଦି ଆପଣ ଚୀନ୍ ରାଷ୍ଟ୍ରପତି, ଭାରତର ପ୍ରଧାନମନ୍ତ୍ରୀ କିମ୍ବା ବ୍ରାଜିଲ୍ ରାଷ୍ଟ୍ରପତି ତେବେ ବୁଝିବାକୁ ପଡିବ ଯେ ରୁଷ ସହିତ ବାଣିଜ୍ୟ କାରବାର ଜାରି ରଖିବା ବହୁତ ମହଙ୍ଗା ପଡିପାରେ। ବୁଧବାର ଆମେରିକୀୟ ସିନେଟରମାନଙ୍କୁ ଭେଟିବା ପରେ ସାମ୍ବାଦିକମାନଙ୍କ ସହ ଆଲୋଚନା କରି ରୁଟ୍ କହିଛନ୍ତି ଯେ ଏହି ତିନୋଟି ଦେଶ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଉପରେ ଚାପ ପକାଇବା ଉଚିତ ଯାହାଦ୍ୱାରା ସେ ଶାନ୍ତି ଆଲୋଚନାକୁ ଗମ୍ଭୀରତାର ସହ ନେଇପାରିବେ। ରୁଟ୍ ତିନୋଟି ଦେଶ ଉପରେ ଦ୍ୱିତୀୟ ପ୍ରତିବନ୍ଧକ ଲଗାଇବାକୁ ମଧ୍ୟ ଧମକ ଦେଇଛନ୍ତି। ସେ କହିଛନ୍ତି ଯେ ଯଦି ଏହି ଦେଶଗୁଡ଼ିକ ରୁଷଠାରୁ ତେଲ ଏବଂ ଗ୍ୟାସ କିଣିବା ଜାରି ରଖନ୍ତି, ତେବେ ଏହି ଦେଶଗୁଡ଼ିକ ଉପରେ ୧୦୦% ଟାରିଫ୍‌ର ଦ୍ୱିତୀୟ ପ୍ରତିବନ୍ଧକ ଲଗାଯିବ। ଅରପପକ୍ଷେ ରୁଷ ଉପ-ବୈଦେଶିକ ମନ୍ତ୍ରୀ ସେରଗେଇ ରିଆବକୋଭ୍ ଆମେରିକା ଏବଂ ନାଟୋର ଧମକକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସେ କହିଛନ୍ତି ରୁଷ ଟ୍ରମ୍ପଙ୍କ ସହିତ ଆଲୋଚନା ପାଇଁ ପ୍ରସ୍ତୁତ, କିନ୍ତୁ ଏପରି ଚରମବାଣୀ ଗ୍ରହଣୀୟ ନୁହେଁ। ରିଆବକୋଭ କହିଛନ୍ତି ଯେ ଆର୍ଥିକ ଚାପ ସତ୍ତ୍ୱେ ରୁଷ ତାର ନୀତି ପରିବର୍ତ୍ତନ କରିବନାହିଁ ଏବଂ ବିକଳ୍ପ ବ୍ୟବସାୟିକ ବାଟ ଖୋଜିବ। ନାଟୋ ମହାସଚିବଙ୍କ ଏହି ଚେତାବନୀ ଏପରି ସମୟରେ ଆସିଛି ଯେତେବେଳେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ୟୁକ୍ରେନକୁ ନୂତନ ଅସ୍ତ୍ରଶସ୍ତ୍ର ଦେବା ଏବଂ ରୁଷର ବାଣିଜ୍ୟିକ ଅଂଶୀଦାରମାନଙ୍କ ଉପରେ ଭାରି ଟିକସ ଲଗାଇବାକୁ ଘୋଷଣା କରିଛନ୍ତି। ଆମେରିକା ଏବେ ୟୁକ୍ରେନକୁ ପାଟ୍ରିଅଟ୍ କ୍ଷେପଣାସ୍ତ୍ର ଭଳି ଆଧୁନିକ ଅସ୍ତ୍ରଶସ୍ତ୍ର ଦେବାକୁ ଯାଉଛି, ଯାହା ଦ୍ୱାରା ସେ ରୁଷ ଆକ୍ରମଣରୁ ରକ୍ଷା ପାଇପାରିବ।

# ଜିନ୍ଦଲ ଫାଉଣ୍ଡେସନକୁ ସିଏସ୍‌ଆର ଟାଇମ୍ସ ସ୍ୱର୍ଣ୍ଣ ପୁରସ୍କାର



ଭୁବନେଶ୍ୱର, ୧୬।୭(ସମିସ): ତୃଣମୂଳ ସ୍ତରରେ କ୍ରୀଡାର ବିକାଶ ପାଇଁ ଜିନ୍ଦଲ ଷ୍ଟିଲର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନକୁ ସିଏସ୍‌ଆର ଟାଇମ୍ସ ସ୍ୱର୍ଣ୍ଣ ପୁରସ୍କାର ପ୍ରଦାନ କରାଯାଇଛି। ଭାରତରେ ରୱାଣ୍ଡା ଗଣରାଜ୍ୟର ମାନ୍ୟବର ହାଇକମିଶନର ଜ୍ୟାକଲିନ୍ ମୁକାଙ୍ଗିରା ନୂଆଦିଲ୍ଲୀରେ ଅନୁଷ୍ଠିତ ଦ୍ୱାଦଶ ସିଏସଆର ସମ୍ମିଳନୀରେ ଜିନ୍ଦଲ ଷ୍ଟିଲର ପ୍ରେସିଡେଣ୍ଟ ଏବଂ ଗ୍ରୁପ ହେଡ୍ (ସିଏସଆର) ପ୍ରଶାନ୍ତ ହୋତାଙ୍କୁ ଏହି ପୁରସ୍କାର ପ୍ରଦାନ କରିଥିଲେ। ଭାରତରେ ଭିଏତନାମ୍‌ର ରାଷ୍ଟ୍ରଦୂତ ମାନ୍ୟବର ଗୁୟେନ ଥାନ ହାଇ, ମହିଳା ଏବଂ ଶିଶୁ ବିକାଶ ବିଭାଗ ସଚିବ ଡକ୍ଟର ରଶ୍ମି ସିଂହ (ଆଇଏଏସ୍), ରାଷ୍ଟ୍ରିୟ ରକ୍ଷା ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ମେଜର ଜେନେରାଲ୍ (ଡ.) ରମେଶ କେ ରାଇନା (ଅବସର ପ୍ରାପ୍ତ), ଦି ଆୱେର କଞ୍ଜ୍ୟୁମରର ପ୍ରକାଶକ ଏବଂ ସମ୍ପାଦକ ପ୍ରଫେସର ବେଜନ୍ ମିଶ୍ର, ଏବଂ ଜୁରି ସଦସ୍ୟ ଏୟାର ମାର୍ଶାଲ ଭି.ପି.ଏସ. ରାଣା, (ଅବସର ପ୍ରାପ୍ତ), ଜୁରି ସଦସ୍ୟ, ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ଉଶୁ, ତୀରନ୍ଦାଜୀ, ଫୁଟବଲ୍, କ୍ରିକେଟ୍, କବାଡି, ହକି, ଖୋ ଖୋ ଏବଂ ଅନ୍ୟାନ୍ୟ ବିଭାଗରେ ବିଭିନ୍ନ କାର୍ଯ୍ୟକ୍ରମ ମାଧ୍ୟମରେ ଗ୍ରାମୀଣ କ୍ରୀଡ଼ା ପ୍ରତିଭାକୁ ପ୍ରୋତ୍ସାହିତ କରିବା ଏବଂ କ୍ରୀଡ଼ା ଭିତ୍ତିଭୂମି ଉନ୍ନତି କ୍ଷେତ୍ରରେ ଅବଦାନ ନିମନ୍ତେ ଜିନ୍ଦଲ ଫାଉଣ୍ଡେସନକୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ଏହି ପୁରସ୍କାର ପାଇଁ ଜୁରିଙ୍କୁ ଧନ୍ୟବାଦ ଜଣାଇ ଜିନ୍ଦଲ ଫାଉଣ୍ଡେସନର ଚେୟାରପର୍ସନ୍ ଶ୍ରୀମତୀ ଶାଲୁ ଜିନ୍ଦଲ କହିଛନ୍ତି, ଆମେ ବିଶ୍ୱାସ କରୁ ଯେ ପ୍ରତ୍ୟେକ ଯୁବକଙ୍କୁ ନିଜ କ୍ରୀଡା କୌଶଳ ଦେଖାଇବାର ସୁଯୋଗ ମିଳିବା ଉଚିତ। କ୍ରୀଡା କେବଳ ଶାରୀରିକ ଉତ୍କର୍ଷତା ପାଇଁ ଏକ ପ୍ଲାଟଫର୍ମ ନୁହେଁ - ଏହା ସଶକ୍ତିକରଣ, ଶୃଙ୍ଖଳା ଏବଂ ସାମାଜିକ ପରିବର୍ତ୍ତନ ପାଇଁ ଏକ ଶକ୍ତିଶାଳୀ ମାଧ୍ୟମ।

# ଆଇସିଏଆଇ ପକ୍ଷରୁ ସିଏ ସମ୍ମିଳନୀ



ଭୁବନେଶ୍ୱର,୧୬।୭(ସମିସ) : ଦ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଚାର୍ଟାଡ୍ ଅକାଉଟାଣ୍ଟସ୍ ଅଫ୍ ଇଣ୍ଡିଆ (ଆଇସିଏଆଇ) ପକ୍ଷରୁ ଦୁଇଦିନିଆ ଜାତୀୟ ଚାର୍ଟାର୍ଡ ଅକାଉଟାଣ୍ଟସ୍ (ସିଏ) ଛାତ୍ର ସମ୍ମିଳନୀର ଅନୁଷ୍ଠିତ ହୋଇଯାଇଛି। ଆଇସିଏଆଇର ବୋର୍ଡ ଅଫ୍ ଷ୍ଟଡିଜ୍ (ଅପରେସନ୍ସ) ଓ ଆଇସିଏଆଇର ପୂର୍ବାଞ୍ଚଳ ପରିଷଦର ଭୁବନେଶ୍ୱର ଶାଖା ଦ୍ୱାରା ଆୟୋଜିତ ଏହି ସମ୍ମିଳନୀ ରେଳ ଅଡିଟୋରିଅମ୍‌ଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏଥିରେ ବ୍ରହ୍ମଗିରି ବିଧାୟିକା ଉପାସନା ମହାପାତ୍ର, ଆଇଜି (ଏନଏସଜି) ସିଏ ଦୀପକ କୁମାର କେଡିଆ ଓ ସିଏ ପ୍ରଶାନ୍ତ ପାଣ୍ଡା ବିଶିଷ୍ଟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଉପସଭାପତି, ବିଓଏସ୍ ସିଏ ସଂଜୀବ ସାଂଘୀ, ଆଇସିଏଆଇ ଭୁବନେଶ୍ୱର ଅଧ୍ୟକ୍ଷ ସିଏ ମହେନ୍ଦ୍ର କୁମାର ସାହୁ, ସିଏ ସୌମ୍ୟ ସୁନୀଲ ସାହୁ, ଅଧ୍ୟକ୍ଷ, ଇଆଇସିଏଏସ୍‌ଏ ଏବଂ ଇଆଇସିଏଏସ୍‌ଏର ଉପାଧ୍ୟକ୍ଷ ସତ୍ୟପ୍ରକାଶ ସେନା ପ୍ରମୁଖ ଯୋଗଦେଇଥିଲେ।

**ଇପିଏଫ୍ ପାଣ୍ଠି ଉଠାଣ ନିୟମରେ ବଡ଼ ପରିବର୍ତ୍ତନ**

# ଅବସର ପୂର୍ବରୁ ଉଠାଇହେବ ସବୁ ଇପିଏଫ୍ ଟଙ୍କା




ନୂଆଦିଲ୍ଲୀ,୧୬।୭(ଏଜେନ୍ସି): ଆଗାମୀ ଦିନରେ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି (ଇପିଏଫ୍) ସଦସ୍ୟମାନଙ୍କୁ ସେମାନଙ୍କର ଆକାଉଣ୍ଟରୁ ଟଙ୍କା ଉଠାଇବା ନିୟମରେ ଏକ ବଡ଼ ପରିବର୍ତ୍ତନ ହୋଇପାରେ। ଯାହାଫଳରେ ଜରୁରୀ ସମୟରେ ସଦସ୍ୟଙ୍କୁ ଆଉ ଚାକିରି ଛାଡିବାକୁ ପଡିବନାହିଁ କିମ୍ବା ଅବସର ପାଇଁ ଅପେକ୍ଷା କରିବାକୁ ପଡିବନାହିଁ। କାରଣ କେନ୍ଦ୍ର ସରକାର ଅବସରକାଳୀନ ପାଣ୍ଠିରୁ ଟଙ୍କା ଉଠାଇବା ପାଇଁ କର୍ମଚାରୀମାନଙ୍କ ଲାଗି ରହିଥିବା କଠୋର ନିୟମକୁ କୋହଳ କରିବା ବିଷୟରେ ବିଚାର କରୁଛନ୍ତି। ଏହି ଅନୁଯାୟୀ, ଇପିଏଫ୍ ସଦସ୍ୟମାନେ ପ୍ରତି ୧୦ ବର୍ଷରେ ଥରେ ସମ୍ପୂର୍ଣ୍ଣ ରାଶି କିମ୍ବା ଏହାର କିଛି ଅଂଶ ଉଠାଇବାକୁ ଅନୁମତି ପାଇପାରିବେ। ପ୍ରଚଳିତ ନିୟମରେ ଜଣେ ସଦସ୍ୟ ଅବସର ପରେ ହିଁ ପିଏଫ୍‌ର ସମ୍ପୂର୍ଣ୍ଣ ରାଶି ଉଠାଇପାରିବେ। ଏହାବ୍ୟତୀତ, ସାଧାରଣତଃ ୫୮ ବର୍ଷ ବୟସରେ କିମ୍ବା ଯଦି ଆପଣ ଦୁଇ ମାସରୁ ଅଧିକ ସମୟ ପାଇଁ ବେକାର ଅଛନ୍ତି ତେବେ ଟଙ୍କା ଉଠାଇହେବ।

ରିପୋର୍ଟ ଅନୁଯାୟୀ, ଯଦି ଏହି ପରିବର୍ତ୍ତନଗୁଡ଼ିକ କାର୍ଯ୍ୟକାରୀ ହୁଏ, ତେବେ ସଦସ୍ୟମାନେ ୩୦ ବର୍ଷ ବୟସରେ ମଧ୍ୟ ଇପିଏଫ୍‌ରୁ ସେମାନଙ୍କର ସମ୍ପୂର୍ଣ୍ଣ ଅର୍ଥ ରାଶି ଉଠାଇପାରିବେ। ଏହା ସଦସ୍ୟମାନଙ୍କୁ ସେମାନଙ୍କର ଇପିଏଫ୍ ସଞ୍ଚୟ କିପରି ବ୍ୟବହାର କରିବେ ତାହା ବାଛିବାକୁ ଅନୁମତି ଦେବ। ସରକାର ପ୍ରତି ୧୦୦ ବର୍ଷରେ ସଂଗୃହୀତ କର୍ପସ୍ ବା ବଳକା ଅର୍ଥରୁ କେବଳ ୬୦ ପ୍ରତିଶତ ଉଠାଇବାକୁ ଅନୁମତି ଦେଇପାରନ୍ତି, ଯାହା ଉପରେ ଏବେ ବିଚାର ଚାଲିଛି। ସମ୍ପ୍ରତି ଦେଶରେ ଇପିଏଫ୍‌ଓର ୭.୪ କୋଟିରୁ ଅଧିକ ସଦସ୍ୟ ରହିଛନ୍ତି। ଇପିଏଫ୍‌ଓରେ ପଡିରହିଥିବା କର୍ମଚାରୀଙ୍କ ବଳକା ରାଶି ପରିମାଣ ପ୍ରାୟ ୨୫ ଲକ୍ଷ କୋଟି ଟଙ୍କା ହେବ। ବର୍ତ୍ତମାନ ଇପିଏଫ୍‌ରୁ ଆଂଶିକ ଅର୍ଥ ଉଠାଣ ଅନୁମତି କେବଳ ଗୃହ, ଜରୁରୀକାଳୀନ ଚିକିତ୍ସା, ଶିକ୍ଷା କିମ୍ବା ବିବାହ ଭଳି ବିଶେଷ ଆବଶ୍ୟକତା କ୍ଷେତ୍ରରେ ସୀମିତ।

ଇପିଏଫ୍ ସଦସ୍ୟମାନେ ଜମି କିଣିବା କିମ୍ବା ଘର ନିର୍ମାଣ କରିବା ପାଇଁ ସେମାନଙ୍କର ଜମାର ୯୦ ପ୍ରତିଶତ ପର୍ଯ୍ୟନ୍ତ ଅର୍ଥ ଉଠାଣ କରିପାରିବେ। ପୂର୍ବରୁ, କେବଳ ସେହି ଲୋକମାନେ ଯେଉଁମାନଙ୍କର ସଞ୍ଚୟ ୫ ବର୍ଷ ଧରି ସ୍ଥିର ଭାବରେ ବୃଦ୍ଧି ଜାରି ରହିଥିଲା ସେମାନେ ଗୃହ ଆବଶ୍ୟକ ସମୟରେ ୯୦ ପ୍ରତିଶତ ଟଙ୍କା ଉଠାଇପାରିବେ, କିନ୍ତୁ ବର୍ତ୍ତମାନ ଏହି ସୀମାକୁ ତିନି ବର୍ଷକୁ ହ୍ରାସ କରାଯାଇଛି। ଇପିଏଫ୍‌ଓ ମଧ୍ୟ ଅଗ୍ରିମ ଦାବି ସୀମା ୧ ଲକ୍ଷ ଟଙ୍କାରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛି, ଯାହାପାଇଁ ଅବସର ପାଣ୍ଠିରୁ ଅତିରିକ୍ତ ଅନୁମୋଦନ ଦରକାର ହେବନି। ଏହା ସଦସ୍ୟମାନଙ୍କୁ ଜରୁରୀ ସମୟରେ ଶୀଘ୍ର ପାଣ୍ଠି ପାଇବାରେ ସାହାଯ୍ୟ କରିବ ବୋଲି ସଂଗଠନ ପକ୍ଷରୁ ଜୁନ୍ ୨୪ରେ ଜାରି ହୋଇଥିବା ଏକ ବିଜ୍ଞପ୍ତିରେ କୁହାଯାଇଛି।

## ଗୁଣାତ୍ମକ ଶିକ୍ଷା, ଗବେଷଣା ଓ ଉତ୍ତମ ସ୍ୱାସ୍ଥ୍ୟ ସେବାର ଉତ୍କର୍ଷ କେନ୍ଦ୍ର

# ଶିକ୍ଷା ଓ ଅନୁସନ୍ଧାନ ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ




**ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ**
କୁଳପତି

ଗୁଣାତ୍ମକ ଉଚ୍ଚଶିକ୍ଷା ଓ ଉତ୍ତମ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଦେଶରେ ଅଗ୍ରଣୀ ଭୂମିକା ନେଇଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ) ଡିମ୍‌ଡ ଟୁ ବି ବିଶ୍ୱବିଦ୍ୟାଳୟ ୧୯ ବର୍ଷରେ ପଦାର୍ପଣ କରିଛି। ଉତ୍କୃଷ୍ଟ ବୃତ୍ତିଗତ ଉଚ୍ଚଶିକ୍ଷା ଓ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନର ଉତ୍କର୍ଷ କେନ୍ଦ୍ର ଭାବେ ନିଜକୁ ଗଢ଼ି ତୋଳିଥିବା ଶିକ୍ଷା ଓ ଅନୁସନ୍ଧାନ (ସୋଆ)ର ରହିଛି ଦୀର୍ଘ ୩ ଦଶନ୍ଧିର ସମୃଦ୍ଧ ପରମ୍ପରା। ୧୯୯୬ ମସିହାରେ ଏକ ନମ୍ର ପ୍ରୟାସରୁ ଆରମ୍ଭ ହୋଇଥିବା ଏହି ଶିକ୍ଷାନୁଷ୍ଠାନ ଆଜି ଏକ ଉତ୍କୃଷ୍ଟ ବିଶ୍ୱବିଦ୍ୟାଳୟ ଭାବେ ନିଜକୁ ପ୍ରତିଷ୍ଠା କରିପାରିଛି। ସୋଆ ୨୦୦୭ ମସିହା ଜୁଲାଇ ୧୭ ତାରିଖରେ ଶିକ୍ଷା ମନ୍ତ୍ରଣାଳୟ ଦ୍ୱାରା ଡିମ୍‌ଡ ଟୁ ବି ୟୁନିଭର୍ସିଟିର ମାନ୍ୟତା ପାଇଥିଲା। ୧୯୯୬ ମସିହାରେ ଏକ ଇଞ୍ଜିନିୟରିଂ କଲେଜର ସ୍ଥାପନାରୁ ସୋଆର ଯାତ୍ରା ଆରମ୍ଭ ହୋଇଥିଲା। ଆଜି ଏହି କଲେଜ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର) ନାମରେ ବିଖ୍ୟାତ। ସୋଆରେ ୩୦ଟି ଦେଶରୁ ପ୍ରାୟ ୪୦୦ ବିଦେଶୀ ଛାତ୍ରଛାତ୍ରୀଙ୍କ ସହ ପ୍ରାୟ ୧୮ ହଜାରରୁ ଉଦ୍ଧ୍ୱର୍ ଛାତ୍ରଛାତ୍ରୀ ଶିକ୍ଷା ଗ୍ରହଣ କରୁଛନ୍ତି। ଏଠାରେ ୧୨ ହଜାରରୁ ଉର୍ଦ୍ଧ୍ୱ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ କାର୍ଯ୍ୟରତ ଅଛନ୍ତି। ସୋଆର ଶିକ୍ଷାର୍ଥୀଙ୍କ ମଧ୍ୟରୁ ୫୨ ପ୍ରତିଶତ ଛାତ୍ରୀ ଓ କର୍ମଚାରୀଙ୍କ ମଧ୍ୟରୁ ୪୨% ହେଉଛନ୍ତି ମହିଳା। ସୋଆର ପ୍ରତିଷ୍ଠାତା ସଭାପତି ପ୍ରଫେସର (ଡକ୍ଟର) ମନୋଜରଞ୍ଜନ ନାୟକ କେବଳ ଏହି ଶିକ୍ଷାନୁଷ୍ଠାନର ବିନ୍ଧାଣୀ ନୁହଁନ୍ତି ବରଂ ଶିକ୍ଷା କ୍ଷେତ୍ରର ଏଭଳି ଜଣେ ନେତୃସ୍ଥାନୀୟ ବ୍ୟକ୍ତିତ୍ୱ ଯିଏ କି ରାଜ୍ୟରେ ଏକ ବିଶ୍ୱସ୍ତରୀୟ ଶିକ୍ଷାକେନ୍ଦ୍ର ଗଢ଼ିତୋଳିବାର ସ୍ୱପ୍ନ ଦେଖିଥିଲେ। ଛୋଟ ପଦକ୍ଷେପରୁ ଏକ ବିଶାଳ ଅନୁଷ୍ଠାନ ଗଢ଼ିବାରେ ପ୍ରଫେସର ନାୟକଙ୍କର ଯାତ୍ରା କେବଳ ପ୍ରେରଣାଦାୟୀ ନୁହେଁ ବରଂ ଆମ ସମାଜ ପାଇଁ ଏକ ବିଶାଳ ଉଦାହରଣ ସୃଷ୍ଟି କରିଛି। ଉତ୍କର୍ଷ ମାନର ଉଚ୍ଚଶିକ୍ଷା ପ୍ରଦାନ ନିମନ୍ତେ ସୋଆ ପକ୍ଷରୁ ବାରଟି ବୃତ୍ତିଗତ ଶିକ୍ଷାନୁଷ୍ଠାନ ସ୍ଥାପିତ ହୋଇଛି।

ଏହିଅନୁଷ୍ଠାନ ଗୁଡିକ ହେଲା: -

୧. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍)
୨. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ବିଜିନେସ୍ ଆଣ୍ଡ କମ୍ପ୍ୟୁଟର ଷ୍ଟଡିଜ୍ (ଆଇବିସିଏସ୍)
୩. ସମ୍ ନର୍ସିଂ କଲେଜ (ଏସ୍‌ଏନ୍‌ସି) - ଫ୍ୟାକଲ୍ଟି ଅଫ୍ ନର୍ସିଂ
୪. ସ୍କୁଲ୍ ଅଫ୍ ହୋଟେଲ ମ୍ୟାନେଜମେଂଟ (ଏସ୍‌ଏଚ୍‌ଏମ୍)
୫. ସ୍କୁଲ ଅଫ୍ ଫାର୍ମାସ୍ୟୁଟିକାଲ୍ ସାଇନ୍‌ସେସ୍ (ଏସ୍‌ପିଏସ୍)
୬. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନସେସ୍ (ଆଇଡିଏସ୍)
୭. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନସେସ୍ ଆଣ୍ଡ ସମ୍ ହସ୍ପିଟାଲ
୮. ସୋଆ ନ୍ୟାସ୍‌ନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସଏନଆଇଏଲ)
୯. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଏଗ୍ରିକଲ୍‌ଚରାଲ୍ ସାଇନସେସ୍ (ଆଇଏଏସ୍)
୧୦. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଭେଟେରିନାରି ସାଇନ୍‌ସେସ ଆଣ୍ଡ ଆନିମଲ୍ ହଜ୍‌ବ୍ୟାଣ୍ଡରି (ଆଇଭିଏସ୍‌ଆଣ୍ଡଏଏଚ୍)
୧୧. ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ୍ ସାଇନ୍‌ସେସ୍ ଆଣ୍ଡ ସମ୍ ହସ୍ପିଟାଲ୍-୨, ଫୁଲନଖରା କ୍ୟାମ୍ପସ୍, (ଆଇଏମଏସ୍ ଆଣ୍ଡ ଏସ୍‌ଏଚ୍)
୧୨. ସମ୍ ନର୍ସିଂ କଲେଜ-୨ ଫୁଲନଖରା କ୍ୟାମ୍ପସ

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ପରିଚାଳିତ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁସନାଲ ରାଙ୍କିଙ୍ଗ୍ ଫ୍ରେମ୍‌ୱାର୍କ (ଏନ୍‌ଆଇଆରଏଫ୍) ରାଙ୍କିଙ୍ଗସ୍ ରେ ସୋଆ କ୍ରମାଗତ ଭାବେ ଦେଶର ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ତାଲିକାରେ ନିଜକୁ ସ୍ଥାନିତ କରିପାରିଛି। ୨୦୧୬ ମସିହାରୁ ଦୀର୍ଘ ୯ ବର୍ଷ ଧରି ଦେଶର ଶ୍ରେଷ୍ଠ ୨୫ଟି ଉଚ୍ଚ ଶିକ୍ଷାନୁଷ୍ଠାନ ମଧ୍ୟରେ ନିଜ ସ୍ଥାନ ବଜାୟ ରଖିଛି ସୋଆ। ୨୦୨୪ ମସିହାରେ ଏନ୍‌ଆଇଆରଏଫ୍ ର୍‌ୟାଙ୍କିଙ୍ଗ୍ ରେ ଦେଶର ୧୪ତମ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ସୋଆ ମାନ୍ୟତା ପାଇଛି। ଏନ୍‌ଆଇଆରଏଫ୍ ର୍‌ୟାଙ୍କିଙ୍ଗସ୍ ୨୦୨୪ରେ ସୋଆ ପରିଚାଳିତ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍‌ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍ ) ଦେଶର ୨୬ତମ ଶ୍ରେଷ୍ଠ ଇଞ୍ଜିନିୟରିଂ କଲେଜ ଓ ଫ୍ୟାକଲ୍ଟି ଅଫ୍ ମେଡିକାଲ୍ ସାଇନସେସ୍ (ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ) ୨୧ତମ ଶ୍ରେଷ୍ଠ ମେଡିକାଲ୍ କଲେଜର ମାନ୍ୟତା ପାଇଛି। ସୋଆ ନ୍ୟାସନାଲ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲ' (ଏସଏନଆଇଏଲ) ଏନ୍‌ଆଇଆରଏଫ୍ ର୍‌ୟାଙ୍କିଙ୍ଗସ୍ ୨୦୨୪ରେ ଦେଶର ଶ୍ରେଷ୍ଠ ୯ମ ଆଇନ ଶିକ୍ଷା ପ୍ରତିଷ୍ଠାନ, ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡେଂଟାଲ୍ ସାଇନସେସ୍ (ଆଇଡିଏସ୍) ଦେଶର ୯ମ ଶ୍ରେଷ୍ଠ ଦନ୍ତ ଚିକିତ୍ସା ପ୍ରତିଷ୍ଠାନ ମାନ୍ୟତା ଲାଭ କରିଛି। ନ୍ୟାସନାଲ୍ ଆସେସ୍‌ମେଂଟ ଆଣ୍ଡ ଆକ୍ରେଡିଟେସନ୍ କାଉନସିଲ (ନାକ୍) ଦ୍ୱାରା ସୋଆକୁ ୨୦୨୨ରେ ସର୍ବାଧିକ ଗ୍ରେଡ୍ ଏ ++ ସହ ପୁନଃ ସ୍ୱୀକୃତି ପ୍ରଦାନ କରାଯାଇଛି। ସୋଆକୁ ବିଶ୍ୱସ୍ତରୀୟ ମାନ୍ୟତା ପ୍ରଦାନକାରୀ ସଂସ୍ଥା କ୍ୟୁଏସ୍ ଏବଂ ଟିଏଚ୍‌ଇ ୱାର୍ଲଡ ୟୁନିଭର୍ସିଟି ର୍‌ୟାଙ୍ଗିସ୍ ଦ୍ୱାରା ମଧ୍ୟ ମାନ୍ୟତା ମିଳିଛି।






ସୋଆରେ ୩୧ଟି ଅଣ୍ଡର ଗ୍ରାଜୁଏଟ୍ ଏବଂ ୭୯ଟି ପୋଷ୍ଟ ଗ୍ରାଜୁଏଟ୍, ୧୫ଟି ପୋଷ୍ଟ ମାଷ୍ଟର, ପିଏଚ୍‌ଡି ଓ ପୋଷ୍ଟ ଡକ୍ଟରାଲ୍ ପ୍ରୋଗ୍ରାମ୍ ପ୍ରଦାନ କରାଯାଉଛି। ୧୮ଟି ଗବେଷଣା କେନ୍ଦ୍ରରେ ୨୭ଟି ବିଭିନ୍ନ ବିଷୟବସ୍ତୁକୁ ନେଇ ଗବେଷଣା କରାଯାଉଛି। ୪ଟି ଇଂଟର ଡିସିପ୍ଲିନାରି ଗବେଷଣା କେନ୍ଦ୍ର - ସେଂଟର ଫର୍ କ୍ଲାଇମେଟ୍ ସ୍ମାର୍ଟ ଏଗ୍ରିକଲଚର୍, ସେଂଟର ଫର କ୍ୱାଂଟମ୍‌ସାଇନ୍ସ ଆଣ୍ଡ କ୍ୱାଂଟମ୍ ଟେକ୍ନୋଲଜି, ସେଂଟର ଫର ଇଣ୍ଡଷ୍ଟ୍ରିଆଲ୍ ବାୟୋଟେକ୍ନୋଲଜି ଏବଂ ସେଂଟର ଫର ନାନୋ ସାଇନ୍ସ ଆଣ୍ଡ ନାନୋ ଟେକ୍ନୋଲଜି ପରିଚାଳିତ ହେଉଛି। ଏହା ଛଡ଼ା ବାୟୋ ମେଡିକାଲ୍ ଇଞ୍ଜିନିୟରିଂ ଆଣ୍ଡ ଆପ୍ଲିକେସନ୍ସ ଉପରେ ଗବେଷଣା ନିମନ୍ତେ ଏକ କେନ୍ଦ୍ର ଆରମ୍ଭ କରାଯାଇଛି। ଏହାଛଡା ୬୦ଟି ବିଜ୍ଞାନାଗାର ପ୍ରତିଷ୍ଠା କରାଯାଇ ସୋଆର ବିଭିନ୍ନ କ୍ୟାମ୍ପସ୍ ରେ ଗବେଷଣା କାର୍ଯ୍ୟ ଜାରି ରହିଛି। ବିଶ୍ୱବିଦ୍ୟାଳୟର ୩୨ଜଣ ଗବେଷକଙ୍କୁ ୨୦୨୪ରେ ଆମେରିକାର ଷ୍ଟାନଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରସ୍ତୁତ ବିଶ୍ୱର ୨ ପ୍ରତିଶତ ଶ୍ରେଷ୍ଠ ବୈଜ୍ଞାନିକଙ୍କ ତାଲିକାରେ ସ୍ଥାନ ମିଳିଛି।

ଜଟିଳ ଏବଂ ଗୁରୁତର ସ୍ୱାସ୍ଥ୍ୟ ସମସ୍ୟାରେ ପୀଡିତ ଥିବା ରୋଗୀଙ୍କ ଚିକିତ୍ସା ନିମନ୍ତେ ସୋଆର ଗବେଷକମାନେ ସାଧାରଣ ଓ ସୁଲଭ ମୂଲ୍ୟରେ ଫାର୍ମାସ୍ୟୁଟିକାଲ୍ ଫର୍ମୁଲେସନ୍ ଉଦ୍ଭାବନ କରିପାରିଛନ୍ତି। ଏହି ସଂକ୍ରାନ୍ତରେ ନିକଟରେ ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞାନ ଓ ପ୍ରଯୁକ୍ତି ମନ୍ତ୍ରଣାଳୟ ଅଧିନସ୍ଥ ନ୍ୟାସନାଲ ରିସର୍ଚ୍ଚ ଡେଭେଲପମେଂଟ କର୍ପୋରେସନ୍ ସହିତ ଏକ ଟେକ୍ନୋଲୋଜି ଲାଇସେନ୍ସ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଅଟଳ ଇନୋଭେଟିଭ ମିଶନର ଏକ ଅଙ୍ଗ ଭାବେ ଆଇଟିଇଆର କ୍ୟାମ୍ପସ୍‌ରେ ଅଟଳ ଇନ୍‌କ୍ୟୁବେସନ୍ ସେଂଟର ପ୍ରତିଷ୍ଠା କରାଯାଇଛି ଯାହାକୁ କି ଏଆଇସି – ସୋଆ ଫାଉଣ୍ଡେସନ୍ ନାମରେ ନାମିତ କରାଯାଇଛି। ସେହିପରି ଭାରତ ସରକାରଙ୍କ ପକ୍ଷରୁ ୫ଜି ଲାବ୍ ପ୍ରତିଷ୍ଠା ନିମନ୍ତେ ଚୟନ କରାଯାଇଥିବା କେନ୍ଦ୍ରମାନଙ୍କ ମଧ୍ୟରେ ସୋଆ ସ୍ଥାନପାଇଛି। ୩୦୦୦ ଶଯ୍ୟା ବିଶିଷ୍ଟ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ରାଜ୍ୟର ନିର୍ଭର ଯୋଗ୍ୟ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ଅନୁଷ୍ଠାନ ଭାବେ ନିଜକୁ ପ୍ରତିପାଦିତ କରିପାରିଛି। ସୁଲଭ ମୂଲ୍ୟରେ ଏଠାରେ ରୋଗୀଙ୍କୁ ଉତମ ଚିକିତ୍ସା ପ୍ରଦାନ କରାଯାଉଛି। ସମ୍ ଅଲ୍ଟିମେଟ ମେଡିକେୟାର ନାମରେ ଏକ ସ୍ୱତନ୍ତ୍ର ମଲ୍ଟି ସୁପର ସ୍ପେଶିଆଲିଟି କ୍ୱାର୍ଟରନାରୀ କେୟାର ହସ୍ପିଟାଲ ୨୦୨୦ରେ ଆରମ୍ଭ କରାଯାଇଛି।ଉଭୟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ ଓ ସମ୍ ଅଲ୍ଟିମେଟ୍ ମେଡିକେୟାରକୁ ଏନ୍‌ଏବିଏଲ୍ ଓ ଏନ୍‌ଏବିଏଚ୍‌ର ମାନ୍ୟତା ମିଳିଛି।ଅନୁରୂପ ଭାବରେ ଭୁବନେଶ୍ୱର – କଟକ ଜାତୀୟ ରାଜପଥ ପାର୍ଶ୍ୱବର୍ତୀ ଫୁଲନଖରା ଠାରେ ୧୨୦୦ ଶଯ୍ୟା ବିଶିଷ୍ଟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ -୨ ଆରମ୍ଭ କରାଯାଇଥିବାବେଳେ ବ୍ରହ୍ମପୁର ନିକଟସ୍ଥ ଶୀତଳାପଲ୍ଲୀ ଠାରେ ୨୦୦ ଶଯ୍ୟା ବିଶିଷ୍ଟ ଆଇଏମଏସ୍ ଆଣ୍ଡ ସମ୍ ହସ୍ପିଟାଲ -୩ ପ୍ରତିଷ୍ଠା କରାଯାଇଛି।

୨୦୨୦ ମସିହାରେ କୋଭିଡ୍ ମହାମାରୀ ସାରା ବିଶ୍ୱକୁ କବଳିତ କରିଥିବାବେଳେ ଓଡିଶା ସରକାରଙ୍କ ସହଯୋଗରେ ଏହି ପରିସ୍ଥିତିର ମୁକାବିଲା ନିମନ୍ତେ ସୋଆ ପକ୍ଷରୁ ୫ଟି କୋଭିଡ୍ ହସ୍ପିଟାଲ ରାଜ୍ୟରେ ଆରମ୍ଭ କରାଯିବା ସହ ଏହାର ଡାକ୍ତର, ନର୍ସ ଓ ପାରାମେଡିକ ଅବିରତ ସ୍ୱାସ୍ଥ୍ୟସେବା ପ୍ରଦାନ କରି ଅନେକ ଜୀବନ ବଂଚାଇବାରେ ସହାୟକ ହୋଇଥିଲେ।କୋଭିଡ ମହାମାରୀ ବେଳେ ପ୍ରାୟ ଅଢ଼େଇ ବର୍ଷରୁ ଉର୍ଦ୍ଧ୍ୱ ସମୟ ମଧ୍ୟରେ ୫୦,୦୦୦ ରୁ ଉର୍ଦ୍ଧ୍ୱ ରୋଗୀଙ୍କର ସଫଳ ଚିକିତ୍ସା କରାଯାଇଥିଲା। ସୋଆର ଛାତ୍ରଛାତ୍ରୀମାନଙ୍କ ପକ୍ଷରୁ ଆରମ୍ଭ କରାଯାଇଥିବା ଜାଗୋ କ୍ଲବ୍ ଦ୍ୱାରା ଗରିବ ଓ ଅବହେଳିତ ବସ୍ତିର ପିଲାମାନଙ୍କ ଶିକ୍ଷାଦାନର ଦାୟିତ୍ୱ ନିଆଯାଇଛି। ■






# ଗାଜା ଫୁଡ୍ ସେଣ୍ଟରରେ ଦଳାଚକଟା; ୪୩ ମୃତ




ଗାଜା, ୧୬ ।୭ (ଏଜେନ୍ସି): ଗାଜାରେ ପୁଣି ଏକ ଅଘଟଣ ଘଟିଛି । ବୁଧବାର ଖାନ ୟୁନିସ୍‌ଠାରେ ଏକ ଖାଦ୍ୟ ବଣ୍ଟନ କେନ୍ଦ୍ରରେ ହୋଇଥିବା ଦଳାଚକଟାରେ ୪୩ଜଣ ମୃତ୍ୟୁବରଣ କରିଛନ୍ତି । ୨୧ ଜଣ ବ୍ୟକ୍ତି ଖାଦ୍ୟ ନେବାକୁ ପ୍ରୟାସ କରୁଥିବା ବେଳେ ପ୍ରାଣ ହରାଇଛନ୍ତି । ସେହିପରି ଅନ୍ୟ ୧୫ ଜଣ ଦଳାଚକଟାରେ ଜୀବନ ହାରିଛନ୍ତି । ଗାଜାର ହ୍ୟୁମାନଟାରିଆନ ଫାଉଣ୍ଡେସନ (ଜିଏଚ୍‌ଏଫ୍)ରେ ଏହି ଅଘଟଣ ଘଟିଛି ବୋଲି ଗାଜାର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି । ଜାଣିଶୁଣି ଇସ୍ରାଏଲ ଓ ଆମେରିକା ଭୋକିଲା ଲୋକଙ୍କ ନରସଂହାର କରୁଛି ବୋଲି ମନ୍ତ୍ରଣାଳୟ ଅଭିଯୋଗ ଆଣିଛି । ଏହି ଘଟଣାରେ ହମାସ ସହିତ ଜଡିତ ଲୋକମାନେ ମଧ୍ୟ ହିଂସା ସୃଷ୍ଟି କରିଥିଲେ ବୋଲି ଅଭିଯୋଗ କରାଯାଇଛି । ପୂର୍ବରୁ ଜିଏଚ୍‌ଏଫ୍‌କୁ ଏକ ମୃତ୍ୟୁ ଜନ୍ତା ବୋଲି ଜାତିସଂଘ ତରଫରୁ କୁହାଯାଇଥିଲା । ଏହି ଫୁଡ୍ ସେଣ୍ଟର ଓ ଏହାର ଆଖାପାଖ ଅଞ୍ଚଳରେ ୮୭୦ଜଣ ପାଲେଷ୍ଟାଇନ୍ ନାଗରିକ ପ୍ରାଣ ହରାଇଛନ୍ତି ।

### ଲଦାଖରେ ଖାଇକୁ ଖସିଲା ମିନି ବସ୍

# ୨ ମୃତ, ୮ ଗୁରୁତର ଆହତ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଲଦାଖର କାରିଗିଲ ଜିଲ୍ଲାର ଗୁମରିରେ ବୁଧବାର ସାକାଳେ ଏକ ମିନି ବସ ଖାଇକୁ ଖସି ଦୁର୍ଘଟଣାର ସମ୍ମୁଖୀନ ହୋଇଛି । ଫଳରେ ୨ଜଣ ଯାତ୍ରୀ ଘଟଣାସ୍ଥଳରେ ହିଁ ମୃତ୍ୟୁବରଣ କରିଛନ୍ତି ଓ ୮ଜଣ ଗୁରୁତର ଆହତ ହୋଇଛନ୍ତି । ଅନ୍ୟ ୬ଜଣ ସାମନ୍ୟ ରୂପେ ଆହତ ହୋଇଛନ୍ତି । ତେବେ ବସ୍ ଡ୍ରାଇଭର ସୁରକ୍ଷତି ଭାବେ ବର୍ତ୍ତି ଯାଇଛନ୍ତି । ଏହି ମିନି ବସରେ ୧୭ ଜଣ ଦ୍ରାସ ସେକ୍ଟରକୁ ଯାତ୍ରା କରୁଥିଲେ । କିନ୍ତୁ ଅଚାନକ ବସ୍ ରାସ୍ତାରେ ନିୟନ୍ତ୍ରଣ ହରାଇ ଖାଇକୁ ଖସିପଡ଼ିଥିଲା । ଦୁର୍ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ସ୍ଥାନୀୟ ପ୍ରଶାସନ ଓ ଉଦ୍ଧାରକାରୀ ଦଳ ଘଟଣାସ୍ଥଳେ ପହଞ୍ଚି ଆହତଙ୍କୁ ନିକଟସ୍ଥ ହସ୍ପିଟାଲରେ ଭର୍ତ୍ତି କରାଇଥିଲେ । ଏହି ଘଟଣାର ଯାଞ୍ଚ ଆରମ୍ଭ କରାଯାଇଛି । ଦୁର୍ଘଟଣା କାରଣ ସମ୍ପର୍କରେ ଜାଣିବାକୁ ପ୍ରୟାସ କରାଯାଉଛି ବୋଲି ଅଧିକାରୀମାନେ କହିଛନ୍ତି । ଉଲ୍ଲେଖଥାଉ ଗତ ୪ ମାସରେ ଲଦାଖରେ ୪ଟି ଦୁର୍ଘଟଣାରେ ମୋଟ ୧୪ ଜଣ ପ୍ରାଣ ହରାଇଛନ୍ତି । ଗତ ମଙ୍ଗଳବରେ ଡୋଡାରେ ବସ୍ ଖସିବା ଫଳରେ ୫ ଜଣ ମୃତ୍ୟୁବରଣ କରିଥିଲେ ।

# ଆମେରିକାରେ ଚୋରି କରି ଧରାପଡ଼ିଲେ ଭାରତୀୟ ମହିଳା



ୱାଶିଂଟନ, ୧୬ ।୭ (ଏଜେନ୍ସି): ଆମେରିକାର ଇଲିନୋଇସ୍‌ର ଏକ ସୁପର ମାର୍କେଟ୍‌ରେ ଚୋରି କରିବା ଅଭିଯୋଗରେ ଜଣେ ଭାରତୀୟ ମହିଳା ଧରାପଡ଼ିଛନ୍ତି । ସେ ସୁପରମାର୍କେଟର ଟାର୍ଗେଟ ଷ୍ଟୋରରେ ଲକ୍ଷେ ଟଙ୍କାରୁ ଊର୍ଦ୍ଧ୍ୱ ମୂଲ୍ୟର ଜିନିଷ ଚୋରି କରିଥିବାର ଅଭିଯୋଗ ହୋଇଛି । ମହିଳା ଜଣକ ସୁପରମାର୍କେଟ୍‌ରେ ୭ ଘଣ୍ଟା ବିତାଇବା ପରେ ଓ ପଇସା ନ ଦେଇ ଜିନିଷଗୁଡ଼ିକୁ ବାହାରକୁ ନେବାକୁ ଚେଷ୍ଟା କରିବା ବେଳେ ଧରା ପଡ଼ିଥିଲେ । ୨୦୨୫ ମେ ୧ରେ ଏହି ଘଟଣା ଘଟିଥିଲା । ଏବେ ଏହାର ଭିଡିଓ ସୋସିଆଲ ମିଡିଆରେ ଭାଇରାଲ ହେବା ପରେ ଚର୍ଚ୍ଚା ସୃଷ୍ଟି ହୋଇଛି । ଏହି ମହିଳାଙ୍କ ନାମ ହେଉଛି ଅନୟା ଅବଲାନୀ । ତାଙ୍କ ଅଚରଣକୁ ନେଇ ଷ୍ଟୋର କର୍ମଚାରୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା । ଏହାପରେ ପୁଲିସକୁ ଡାକାଯାଇଥିଲା । ଧରା ପଡ଼ିବା ପରେ ମହିଳା ଜଣକ କ୍ଷମା ମାଗିବା ସହ ପଇସା ଦେବାକୁ ରାଜି ହୋଇଥିଲେ । ବିଲ୍ ଯାଞ୍ଚ କରିବା ପରେ ମହିଳା ପେମେଣ୍ଟ କରି ନଥିବା ଜଣାପଡ଼ିଥିଲା । ଏହାପରେ ହାତକଡ଼ି ପକାଇ ତାଙ୍କୁ ଥାନକୁ ଆଣାଯାଇଥିଲା । ମହିଳାଙ୍କ ବିରୋଧରେ ମାମଲା ରୁଜୁ କରାଯାଇଛି । କିନ୍ତୁ ଔପଚାରିକ ଭାବେ ତାଙ୍କୁ ଗିରଫ କରାଯାଇନାହିଁ । କିନ୍ତୁ ଖୁବ୍‌ଶୀଘ୍ର ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯିବ ବୋଲି କୁହାଯାଇଛି ।

# ନବଜାତ ଶିଶୁକୁ ବସ୍‌ରୁ ଫୋପାଡ଼ି ମାରିଲେ ଦମ୍ପତି

ମୁମ୍ବଇ, ୧୬ ।୭ (ଏଜେନ୍ସି): ଚଳନ୍ତା ବସ୍‌ରେ ଏକ ଶିଶୁକୁ ଜନ୍ମଦେବା ପରେ ତାକୁ ଫୋପାଡି ମାରିବା ଭଳି ଘଟଣା ସମ୍ନାକୁ ଆସିଛି । ଶିଶୁକୁ ଜନ୍ମଦେବା ପରେ ମହିଳା ଓ ତାଙ୍କ ସାଥିରେ ଥିବା ବ୍ୟକ୍ତି ଜଣକ ବସର ଝରକାରୁ ଫୋପାଡି ଦେଇଛନ୍ତି । ଫଳରେ ଶିଶୁଟି ମୃତ୍ୟୁବରଣ କରିଛି । ଏହି ଘଟଣା ମହାରାଷ୍ଟ୍ରର ପରଭଣୀର ପଥରୀ-ସେଲୁ ରୋଡ୍‌ରେ ମଙ୍ଗଳବାର ସକାଳ ୬.୩୦ରେ ଘଟିଛି । ଏହି ମହିଳା ଜଣକ ହେଉଛନ୍ତି ୧୯ ବର୍ଷୀୟା ରତିକା ଢେର । ସେ ଅଲତାଫ ଶେଖଙ୍କ ସହ ଯାତ୍ରା କରୁଥିଲେ । ଶେଖ ମହିଳା ସ୍ୱାମୀ ବୋଲି ପରିଚୟ ଦେଇଛି । ଯାତ୍ରା ଅବସରରେ ରତିକା ପ୍ରସବ ଯନ୍ତ୍ରଣା ଅନୁଭବ କରିଥିଲେ । ରତିକା ବସ୍‌ରେ ହିଁ ପିଲାକୁ ଜନ୍ମ ଦେଇଥିଲେ । ଏହାପରେ ପିଲାକୁ କପଡ଼ାରେ ଗୁଡାଇ ଦୁହେଁ ବାହାରକୁ ଫୋପାଡି ଦେଇଥିଲେ । ଦୁହେଁ ଏହି ପିଲାର ଲାଳନପାଳନ କରିବାକୁ ଅକ୍ଷମ ଓ ଏଥିପାଇଁ ଏହି ଚରମ ପଦକ୍ଷେପ ନେଇଛନ୍ତି ବୋଲି କହିଛନ୍ତି । ବାହାରକୁ କିଛି ଫୋପାଡିବାରେ ଦେଖାଯିବା ପରେ ଡ୍ରାଇଭର ଦୁହିଁଙ୍କୁ ପ୍ରଶ୍ନ କରିଥିଲେ । ମୋର ବାନ୍ତି ହେଉଛି ବୋଲି ରତିକା ତାଙ୍କୁ କହିଥିଲା । କିନ୍ତୁ ମଝି ରାସ୍ତାରେ ଶିଶୁକୁ ପଡ଼ିଥିବା ଦେଖି ଜଣେ ବ୍ୟକ୍ତି ପୁଲିସ୍‌କୁ ଫୋନ୍ କରିଥିଲେ । ପ୍ରାରମ୍ଭିକ ଯାଞ୍ଚ୍ ପରେ ରତିକା ଓ ଶେଖଙ୍କୁ ପୁଲିସ ଗିରଫ କରିଛି ।

# ପୁରୁଣା ଅସ୍ତ୍ରରେ ଆଧୁନିକ ଯୁଦ୍ଧ ଜିତିବା ଅସମ୍ଭବ: ସିଡିଏସ୍



ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଚିଫ୍ ଅଫ୍ ଆର୍ମି ଷ୍ଟାଫ୍ (ସିଡିଏସ୍) ଜେନେରାଲ ଅନିଲ ଚୌହାନ୍ ବୁଧବାର ଯୁଦ୍ଧ ସଂକ୍ରାନ୍ତରେ ଏକ ଗୁରୁତ୍ୱପୂର୍ଣ୍ଣ ମନ୍ତବ୍ୟ ଦେଇଛନ୍ତି । ପୁରୁଣା ଅସ୍ତ୍ରରେ ଆଧୁନିକ ଯୁଦ୍ଧରେ ବିଜୟ ଲାଭକରି ହେବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି । ବିଦେଶରୁ ଆଣାଯାଉଥିବା ଟେକ୍ନୋଲୋଜି ଉପରେ ନିର୍ଭର କରିବାର ଅର୍ଥ ଯୁଦ୍ଧ ପାଇଁ ପ୍ରସ୍ତୁତିକୁ ଦୁର୍ବଳ କରିବା । ଏହି ପ୍ରକ୍ରିୟା ହିଁ ଆମକୁ ଦୁର୍ବଳ କରୁଛି । ଅପରେସନ୍ ସିନ୍ଦୂର ଅବସରରେ ସ୍ୱଦେଶୀ ସି- ୟୁଏଏସ୍ (କାଉଣ୍ଟର- ଅନମ୍ୟାନ୍‌ଡ ଏରିଆଲ ସିଷ୍ଟମ) ଅର୍ଥାତ ଆଣ୍ଟି ଡ୍ରୋନ ସିଷ୍ଟମ ଆମ ପାଇଁ କାହିଁକି ଜରୁରୀ ଥିଲା ତାହା ସ୍ପଷ୍ଟ ହୋଇଛି । ଦିଲ୍ଲୀର ମାନିକସା ସେଣ୍ଟରରେ ୟୁଏଭି (ଅନମ୍ୟାନ୍‌ଡ ଏରିଆଲ ଭେଇକଲ) ଓ ସି- ୟୁଏଏସ୍ (କାଉଣ୍ଟର- ଅନମ୍ୟାନ୍‌ଡ ଏରିଆଲ ସିଷ୍ଟମ) ପ୍ରଦର୍ଶନୀରେ ଯୋଗ ଦେଇ ସିଡିଏସ୍ ଏହି କଥା କହିଛନ୍ତି ।

ନିଜର ସୁରକ୍ଷା ପାଇଁ ଆମକୁ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି । ଅପରେସନ୍ ସିନ୍ଦୂରରେ ପାକିସ୍ତାନ ଅନଆର୍ମଡ୍ ଡ୍ରୋନ ବ୍ୟବହାର କରିଥିଲା । ପାକିସ୍ତାନର ଅଧିକାଂଶ ଡ୍ରୋନକୁ ଆମେ ମାରି ଖସାଇବାରେ ସଫଳ ହୋଇଥିଲୁ । ଫଳରେ ଆମର କୌଣସ ସାମରିକ ତଥା ନାଗରିକ ଭିତ୍ତିଭୂମିର କ୍ଷତି ହୋଇ ନଥିଲା । ଆଧୁନିକ ଯୁଦ୍ଧରେ ଡ୍ରୋନର ଗୁରୁତ୍ୱ ଯଥେଷ୍ଟ ବୃଦ୍ଧିପାଇଛି ଓ ଏହା କ୍ରାନ୍ତିକାରୀ ସାବ୍ୟସ୍ତ ହୋଇଛି । ଭାରତୀୟ ସେନାବାହିନୀ ମଧ୍ୟ ବୈପ୍ଳବିକ ଢ଼ଙ୍ଗରେ ଡ୍ରୋନ ବ୍ୟବହାର କରିଥିଲା । ବିଦେଶୀ ଟେକ୍ନୋଲୋଜି ଉପରେ ଆମେ ନିର୍ଭରଶୀଳ ରହିବା ଉଚିତ ନୁହଁ । ବିଦେଶ ଉପରେ ନିର୍ଭର କଲେ ଆମର ପ୍ରସ୍ତୁତି ଦୁର୍ବଳ ହେବ । ତେଣୁ ବ୍ୟାପକ ଭାବେ ଆମକୁ ଏ ନେଇ ନିବେଶ କରିବାକୁ ହେବ ବୋଲି ସେ କହିଛନ୍ତି । ଅପରେସନ ସିନ୍ଦୂରରେ ପାକିସ୍ତାନର ଯୋଜନା ମାତ୍ର ୮ ଘଣ୍ଟାରେ ଫେଲ୍ ମାରିଥିଲା ବୋଲି ସେ ଜୁନ୍ ୩ରେ କହିଥିଲେ । ମେ ୧୦ରେ ପାକିସ୍ତାନରେ ଭାରତକୁ ୪୮ ଘଣ୍ଟାରେ ପରାସ୍ତ କରିବାକୁ ଯୋଜନା କରିଥିଲା । କିନ୍ତୁ ତା'ର ଯୋଜନା ମାତ୍ର ୮ ଘଣ୍ଟାରେ ହିଁ ଫେଲ୍ ମାରିଥିଲା ବୋଲି ସେ କହିଥିଲେ । ଉଲ୍ଲେଖଥାଉ କି, ମେ ୭ରେ ଭାରତ ଅପରେସନ ସିନ୍ଦୂର ଦ୍ୱାରା ପାକିସ୍ତାନର ୯ଟି ଆତଙ୍କବାଦୀ ଠିକଣା ଉପରେ ମିସାଇଲ୍ ମାଡ କରିଥିଲା ଓ ଏଥିରେ ୧୦୦ରୁ ଊର୍ଦ୍ଧ୍ୱ ଆତଙ୍କବାଦୀ ନିହତ ହୋଇଥିଲେ ବୋଲି ଭାରତୀୟ ସେନା ତରଫରୁ କୁହାଯାଇଥିଲା । ତେବେ ୪ ଦିନପରେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସନ୍ଧ୍ୟା ୫.୩୦ରେ ଭାରତ ଓ ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ଘୋଷଣା କରିଥିଲେ ।

# ଜମ୍ମୁ-କଶ୍ମୀରକୁ ରାଜ୍ୟ ମର୍ଯ୍ୟାଦା ମିଳୁ: ରାହୁଲ



ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଜମ୍ମୁ-କଶ୍ମୀରକୁ ରାଜ୍ୟ ପାହ୍ୟାର ମର୍ଯ୍ୟାଦା ମିଳୁ ବୋଲି ଲୋକସଭାର ବିପକ୍ଷ ନେତା ରାହୁଲ ଗାନ୍ଧୀ ଦାବି କରିଛନ୍ତି । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ସେ ଚିଠି ଲେଖି ଏ ନେଇ ଅବଗତ କରାଇଛନ୍ତି । ସଂସଦର ଆଗାମୀ ମୌସୁମୀ ଅଧିବେଶନରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ଭାବେ ମାନ୍ୟତା ଦେବା ପାଇଁ ବିଲ୍ ଆଣିବାକୁ ସେ କହିଛନ୍ତି । ଏ ସଂକ୍ରାନ୍ତରେ ରାହୁଲ ମୋଦୀଙ୍କର ଦୁଇଟି ପୁରୁଣା ମନ୍ତବ୍ୟକୁ ମନେ ପକାଇଛନ୍ତି । ୨୦୨୪ ମେ ୧୯ରେ ଭୁବନେଶ୍ୱରରେ ଓ ୨୦୨୪ ସେପ୍ଟେମ୍ବର ୧୯ରେ ଶ୍ରୀନଗର ରାଲିରେ ଜମ୍ମୁ-କଶ୍ମୀରକୁ ପୂର୍ଣ୍ଣ ରାଜ୍ୟ ମର୍ଯ୍ୟାଦା ଦେବାକୁ ନିଜ ଭାଷଣରେ କହିଥିଲେ । ପୁଣି ଲଦାଖକୁ ସମ୍ବିଧାନର ଷଷ୍ଠ ଅନୁସୂଚୀରେ ସାମିଲ କରିବାକୁ ସେ ଅନୁରୋଧ କରିଛନ୍ତି । ଉଲ୍ଲେଖଥାଉ କି, ୨୦୧୯ ୩୭୦ ଧାରା ଓ ୩୫ଏକୁ ହଟାଇବା ପରେ ଜମ୍ମୁ-କଶ୍ମୀର ଓ ଲାଦାଖକୁ କେନ୍ଦ୍ରଶାସିତ ପ୍ରଦେଶରେ ରୂପାନ୍ତରିତ କରାଯାଇଥିଲା । ସେତେବେଳେ ସ୍ଥିତି ସାମାନ୍ୟ ହେବା ପରେ ପୂର୍ଣ୍ଣ ରାଜ୍ୟର ମର୍ଯ୍ୟାଦା ଦେବାକୁ ସରକାର କଥା ଦେଇଥିଲେ । ଉଲ୍ଲେଖଥାଉ କି, ୩୭୦ ଧାରା ହଟାଇବା ପରେ ୨୦୨୪ରେ ରାଜ୍ୟରେ ପ୍ରଥମ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ମୋଟ ୯୦ଟି ଆସନରୁ ନ୍ୟାସନାଲ କନ୍‌ଫରେନ୍ସ ୪୨ ସିଟ୍ ଜିତି ସବୁଠାରୁ ବଡ଼ ପାର୍ଟି ଭାବେ ଉଭା ହୋଇଥିଲା । ସହଯୋଗୀ କଂଗ୍ରେସକୁ ୬ ଓ ସିପିଆଇ(ଏମ୍) ଗୋଟିଏ ଆସନ ଜିତିଥିଲା । ସେହିପରି ବିଜେପି ୨୯ଟି ସିଟ୍ ଜିତି ଦ୍ୱିତୀୟ ସ୍ଥାନରେ ରହିଥିଲା । ୨୦୧୪ ନିର୍ବାଚନରେ ସବୁଠାରୁ ବଡ଼ ପାର୍ଟି ଭାବେ ବିଜୟ ଲାଭ କରିଥିବା ପିଡିପି ୩ଟି ସିଟ୍ ଜିତିଥିଲା ।

# ରାଜସ୍ଥାନରେ ପ୍ରବଳ ବର୍ଷା: ୨ ଦିନରେ ୧୮ ଜଣଙ୍କ ମୃତ୍ୟୁ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଗତ ଦୁଇଦିନ ମଧ୍ୟରେ ରାଜସ୍ଥାନରେ ପ୍ରବଳ ବର୍ଷା ଜାରି ରହିଛି । ବର୍ଷା ଜନିତ ଘଟଣାରେ ଗତ ଦୁଇଦିନ ମଧ୍ୟରେ ୧୮ ଜଣ ଲୋକ ପ୍ରାଣ ହରାଇଛନ୍ତି । ଜୟପୁର, ଚୁରୁ, ବିକାନେର, ଶ୍ରୀଗଙ୍ଗାନଗର, ହନୁମାନଗଡ଼ ଜିଲ୍ଲାର କେତୋଟି ତଳିଆ ଅଞ୍ଚଳରେ ୪ରୁ ୫ ଫୁଟ ପର୍ଯ୍ୟନ୍ତ ପାଣି ଠିଆ ହୋଇ ରହିଛି । ସେହିପରି ବିହାର, ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ପ୍ରବଳ ବର୍ଷା ଜାରି ରହିଛି ।

# ସିରିଆ ଉପରେ ଇସ୍ରାଏଲ୍‌ର ଆକ୍ରମଣ



ଦାମାସକସ, ୧୬ ।୭ (ଏଜେନ୍ସି): ଇସ୍ରାଏଲ୍ ଆଉ ଏକ ମଧ୍ୟପ୍ରାଚ୍ୟ ଦେଶ ଉପରେ ଆକ୍ରମଣ କରିଛି । ଇସ୍ରାଏଲ୍ ପଡୋସୀ ଦେଶ ସିରିଆର ଉପରେ ବଡ଼ଧରଣର ଏୟାର ଷ୍ଟ୍ରାଇକ୍ କରିଛି । ରାଜଧାନୀ ଦାମାସକାସରେ ରାଷ୍ଟ୍ରପତି ଭବନ ନିକଟସ୍ଥ ସିରିଆ ସେନା ମୁଖ୍ୟାଳୟ ଓ ପ୍ରତିରକ୍ଷା ମନ୍ତ୍ରାଳୟ ଉପରେ ଆକାଶମାର୍ଗରୁ ଆକ୍ରମଣ କରିଛି । ଏ ନେଇ ଇସ୍ରାଏଲ ଡିଫେନ୍ସ ଫୋର୍ସ ତରଫରୁ ସୂଚନା ଦିଆଯାଇଛି । ଦକ୍ଷିଣ ସିରିଆର ଦ୍ରୁଜ ନାଗରିକଙ୍କ ଉପରେ ସିରିଆ ସରକାରଙ୍କ ଦାମନମୂଳକ ନୀତିକୁ ବିରୋଧ କରି ଇସ୍ରାଏଲ ଏହି ଆକ୍ରମଣ କରିଛି ବୋଲି କୁହାଯାଇଛି । ସିରିଆରେ ଦ୍ରୁଜ ହେଉଛନ୍ତ ଏକ ଧାର୍ମିକ ଅଳ୍ପସଂଖ୍ୟକ ସମୁଦାୟ । ବିଶ୍ୱରେ ପାଖାପାଖି ୧୦ ଲକ୍ଷ ଡ୍ରୁଜ୍ ରହୁଛନ୍ତି ଓ ଏମାନଙ୍କ ମଧ୍ୟରୁ ଅଧା ସିରିଆରେ ହିଁ ରହୁଛନ୍ତି । ଲେବାନନ ଓ ଇସ୍ରାଏଲ୍ ମଧ୍ୟରେ ବହୁ ସଂଖ୍ୟାରେ ଡ୍ରୁଜ ରହୁଛନ୍ତି । ଲାଇଭ୍ ଟିଭି ଶୋରେ ଇସ୍ରାଏଲ୍‌ର ବୋମା ମାଡ଼ର ଦୃଶ୍ୟ ଦେଖିବାକୁ ମଳିଛି । ଚଳିତ ସପ୍ତାହରେ ହିଁ ଡ୍ରୁଜ ଯୋଦ୍ଧାଙ୍କ କବ୍‌ଜାର ରହିଥିବ ସହର ସ୍ୱେଦାରେ ସିରିଆ ତାର ସୈନ୍ୟଙ୍କୁ ନିୟୋଜିତ କରିବା ପରେ ଏହି ସଂଘର୍ଷ ଆରମ୍ଭ ହୋଇଥିଲା । ଏହି ଆକ୍ରମଣରେ ଜଣେ ବ୍ୟକ୍ତି ମୃତ୍ୟୁ ବରଣ କରିଥିବା ବେଳେ ୩୪ ଜଣ ଆହତ ହୋଇଛନ୍ତି ।

# ନ୍ୟାୟାଳୟଗୁଡ଼ିକରେ ଟଏଲେଟ୍ ଅଭାବ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ଦେଶରେ ନ୍ୟାୟାଳୟଗୁଡ଼ିକରେ ଟଏଲେଟ ଭଳି ମୌଳିକ ସୁବିଧାସୁଯୋଗର ଅଭାବ ନେଇ ସୁପ୍ରିମକୋର୍ଟ କ୍ଷୁବ୍ଧ ହେବା ସହ ଆଭିମୁଖ୍ୟ କଡ଼ା କରିଛନ୍ତି । ଦେଶରୁ ୨୫ରୁ ୨୦ଟି ହାଇକୋର୍ଟ ଏପର୍ଯ୍ୟନ୍ତ ଟଏଲେଟ୍‌ର ସୁବିଧା ନେଇ କି ପଦକ୍ଷେପ ନେଇଛନ୍ତି, ସେନେଇ କିଛି କହିନାହାନ୍ତି । ୨୦୨୫ ଜାନୁଆରୀ ପହିଲାରେ ଏ ନେଇ ସୁପ୍ରିମକୋର୍ଟ ଏ ସଂକ୍ରାନ୍ତରେ ସବୁ ହାଇକୋର୍ଟ, ରାଜ୍ୟ ସରକାର ଓ କେନ୍ଦ୍ର ଶାସିତ ପ୍ରଦେଶଗୁଡ଼ିକୁ ନ୍ୟାୟାଳୟରେ ପୁରୁଷ, ମହିଳା, ଦିବ୍ୟାଙ୍ଗ ଓ ଟ୍ରାନ୍ସ ଜେଣ୍ଡରଙ୍କ ପାଇଁ ଭିନ୍ନ ଭିନ୍ନ ଟଏଲେଟ୍‌ର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସମ୍ବିଧାନର ଦାରା ୨୧ ଅନୁସାରେ ସମସ୍ତଙ୍କୁ ସ୍ୱଚ୍ଛତାର ସବୁପ୍ରକାର ମୌଳିକ ଅଧିକାର ମିଳିବା ଉଚିତ ବୋଲି କୁହାଯାଇଛି । ବିଚାରପତି ଜେବି ପାରଦିବାଲା ଓ ମହାଦେବନ ବୁଧବାର ସବୁ ହାଇକୋର୍ଟକୁ ଆଗମୀ ୮ ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି । ଯଦି ଏଥର ରିପୋର୍ଟ ନ ଦିଆଯାଏ, ତେବେ ହାଇକୋର୍ଟର ରେଜିଷ୍ଟ୍ରାର ଜେନେରାଲଙ୍କୁ ନିଜେ ସୁପ୍ରିମକୋର୍ଟରେ ହାଜର ହେବାକୁ ପଡ଼ିବ ବୋଲି କୁହାଯାଇଛି । ଏ ନେଇ ୫ଟି ହାଇକୋର୍ଟ ଯଥା ଝାଡଖଣ୍ଡ, ମଧ୍ୟପ୍ରଦେଶ, କୋଲକାତା, ଦିଲ୍ଲୀ ଓ ପାଟନା ସେମାନଙ୍କ ରିପୋର୍ଟ ଦେଇଛନ୍ତି । ତେବେ ବାକି ୨୦ଟି ହାଇକୋର୍ଟ ରିପୋର୍ଟ ଦେଇନାହାନ୍ତି ।

# ଉତ୍ତରାଖଣ୍ଡର ସରକାରୀ ବିଦ୍ୟାଳୟରେ ଗୀତା ଶ୍ଳୋକ ଆବୃତ୍ତି କରାଯିବ

ଡେରାଡୁନ, ୧୬ ।୭ (ଏଜେନ୍ସି): ଉତ୍ତରାଖଣ୍ଡର ସରକାରୀ ସ୍କୁଲଗୁଡ଼ିକରେ ଶ୍ରୀମଦ୍ ଭାଗବତ ଗୀତାର ଶ୍ଳୋକ ଆବୃତ୍ତି କରାଯିବ । ଏ ନେଇ ସରକାର ନିର୍ଦ୍ଦେଶ ଦେଇଛନ୍ତି । ବିଦ୍ୟାଳୟଗୁଡ଼ିକର ପ୍ରାର୍ଥନା ସଭାରେ ଗୀତାର ଗୋଟିଏ ଶ୍ଳୋକ ଉଚ୍ଚାରଣ କରାଯିବ ବୋଲି ମାଧ୍ୟମିକ ଶିକ୍ଷାର ନିର୍ଦ୍ଦେଶକ ମୁକୁଲ କୁମାର ସତି ସବୁ ମୁଖ୍ୟ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ପ୍ରତ୍ୟେକ ଦିନ ଉଚ୍ଚାରଣ କରାଯାଉଥିବା ଶ୍ଳୋକଗୁଡ଼ିକର ଅର୍ଥ ଓ ବୈଜ୍ଞାନିକ ପ୍ରାସଙ୍ଗିକତା ଛାତ୍ରମାନଙ୍କୁ ବୁଝାଇବାକୁ କୁହାଯାଇଛି । ଆଧୁନିକ ଶିକ୍ଷା ସହ ପାରମ୍ପରିକ ଭାରତୀୟ ଜ୍ଞାନ ଶୃଙ୍ଖଳାର ମିଶ୍ରଣ କରାଯିବା ସହ ଛାତ୍ରଛାତ୍ରୀଙ୍କ ଉତ୍ତମ ଚରିତ୍ର ଗଠନ ଉପରେ ଧ୍ୟାନ ଦେବାକୁ କୁହାଯାଇଛି ।

## ଅଳ୍ପକେ ବର୍ତ୍ତିଲେ ୧୭୩ ଯାତ୍ରୀ

# ରନ୍‌ୱେ ଛୁଇଁ ପୁଣି ଉଡ଼ିଲା ବିମାନ




ପାଟନା, ୧୬ ।୭ (ଏଜେନ୍ସି): ପାଟନା ବିମାନବନ୍ଦରରେ ଏକ ଇଣ୍ଡିଗୋ ବିମାନ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତିଯାଇଛି । ଦିଲ୍ଲୀରୁ ଆସୁଥିବା ଇଣ୍ଡିଗୋ ବିମାନ (୬ଇ-୨୪୮୨) ଅବତରଣ କରିବା ପରେ ଟଚିଂ ପଏଣ୍ଟକୁ ଛୁଇଁ ପାରି ନଥିଲା । ଫଳରେ ବିମାନଟି ଆଗକୁ ମାଡିଯାଇଥିଲା । ସ୍ଥିତିର ଗମ୍ଭୀରତାକୁ ଦେଖି ପାଇଲଟ୍ ତୁରନ୍ତ ବିମାନର ଟେକ୍‌ଅଫ୍ କରାଇଥିଲେ । ପାଇଲଟଙ୍କ ଉପସ୍ଥିତ ବୁଦ୍ଧି ଓ ବିଚକ୍ଷଣତା ଯୋଗୁଁ ବିମାନଟି ଦୁର୍ଘଟଣାରୁ ବର୍ତ୍ତିଯାଇଥିଲା ବୋଲି କୁହାଯାଉଛି । ଏହି ବିମାନରେ ୧୭୩ ଜଣ ଯାତ୍ରୀ ଥିଲେ ଓ ସେମାନଙ୍କ ଜୀବନ ବଞ୍ଚିଯାଇଛି ବୋଲି କୁହାଯାଉଛି । ସବୁ ଯାତ୍ରୀ ସୁରକ୍ଷିତ ରହିଛନ୍ତି । ଏୟାରପୋର୍ଟ କର୍ତ୍ତୃପକ୍ଷ ଏହି ମାମଲାର ଯାଞ୍ଚ ଆରମ୍ଭ କରିଛି । ବୁଧବାର ସକାଳ ୯ଟାରେ ଏହି ବିମାନ ଦିଲ୍ଲୀ ପାଟନା ଆସିଥିଲା । ବିମାନ ଦ୍ୱିତୀୟଥର ପାଇଁ ଟେକ୍‌ଅଫ୍ କରିବା ପରେ ଆକାଶରେ ୪ଥର ରାଉଣ୍ଡ ମାରିଥିଲା । ୫ ମିନିଟ୍ ପର୍ଯ୍ୟନ୍ତ ଯାତ୍ରୀମାନେ କ'ଣ ଘଟୁଛି କିଛି ବୁଝିବାକୁ ସକ୍ଷମ ହୋଇ ନଥିଲେ । ଫଳରେ ଯାତ୍ରୀମାନେ ଆତଙ୍କିତ ହୋଇପଡ଼ିଥିଲେ । ରନୱେ ଛୋଟ ଥିବାରୁ ବିମାନକୁ ଠିକ ସମୟରେ ରୋକି ପାରିବେ ନାହିଁ ବୋଲି ପାଇଲଟଙ୍କ ହୃଦୟଙ୍ଗମ ହୋଇଥିଲା । ଏଥିପାଇଁ ସେ ବିମାନକୁ ଦ୍ୱିତୀୟଥର ପାଇଁ ଟକ୍‌ଅଫ୍ କରାଇଥିଲେ । ଫଳରେ ଯାତ୍ରୀମାନେ ଭୟଭୀତ ହୋଇ ପଡ଼ିଥିଲେ । କିନ୍ତୁ କ୍ରୁ ମେମ୍ବରମାନେ ଯାତ୍ରୀମାନଙ୍କୁ ଏ ନେଇ ଅବଗତ କରାଇଥିଲେ ଓ ସମସ୍ତେ ସୁରକ୍ଷିତ ବୋଲି ବୁଝାଇବାକୁ ପ୍ରୟାସ କରିଥିଲେ । ୪ରୁ ୫ ମିନିଟ ଆକାଶରେ ରାଉଣ୍ଡ ମାରିବା ପରେ ବିମାନ ପୁଣି ଥରେ ଅବତରଣ କରିଥିଲା । ଫଳରେ ଯାତ୍ରୀମାନେ ଆଶ୍ୱସ୍ତ ଅନୁଭବ କରିଥିଲେ । ଉଲ୍ଲେଖଥାଉ କି, ୨୦୦୦ ଜୁଲାଇ ୧୭ରେ ଏହି ଭଳି ଘଟଣା ଘଟିଥିଲା । କୋଲାକାତାରୁ ଦିଲ୍ଲୀ ଯାଉଥିବା ବିମାନ ପାଟନାରେ ଲ୍ୟାଣ୍ଡିଂ କରିବାର ଥିଲା । କିନ୍ତୁ ଲ୍ୟାଣ୍ଡିଂର ଠିକ୍ ପୂର୍ବରୁ ବୈଷୟିକ ତ୍ରୁଟି କାରଣରୁ ପାଇଲଟ ବିମାନକୁ ପୁଣି ଟେକ୍‌ଅଫ୍ କରାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ବିଫଳ ହୋଇଥିଲେ । ଫଳରେ ବିମାନ ଯାଇ ଆଗକୁ ଯାଇ ଖସି ପଡ଼ିଥିଲା । ଏଥିରେ ମୋଟ୍ ୬୬ ଜଣ ମୃତ୍ୟୁବରଣ କରିଥିଲେ ।

# ପହଲ୍‌ଗାମ୍ ଆକ୍ରମଣ ପରେ ଗୁଳି ଫୁଟାଇ ଉତ୍ସବ ମନାଇଥିଲେ ଆତଙ୍କବାଦୀ

ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି): ପହଲଗାମ ଆତଙ୍କବାଦୀ ଆକ୍ରମଣର ତଦନ୍ତରେ ଏବେ ଚକିତ କଲା ଭଳି ଘଟଣା ସାମ୍ନାକୁ ଆସିଛି । ୨୬ ଜଣ ପର୍ଯ୍ୟଟକଙ୍କୁ ଧର୍ମ ପଚାରି ହତ୍ୟା କରି ଜଘନ୍ୟ କାଣ୍ଡ ଘଟାଇବା ପରେ ଆତଙ୍କବାଦୀମାନେ ଖୁସି ମନାଇଥିଲେ । ଏହି କ୍ରମରେ ଉପରକୁ ମନଇଚ୍ଛା ଗୁଳି କରି ୩ ଜଣ ଆତଙ୍କବାଦୀ ନିଆରା ଢଙ୍ଗରେ ଖୁସି ମନାଥିଲେ ବୋଲି ରାଷ୍ଟ୍ରୀୟ ଯାଞ୍ଚ୍ ଏଜେନ୍ସି (ଏନ୍‌ଆଇଏ)ର ଯାଞ୍ଚ୍‌ରୁ ଜଣାପଡ଼ିଛି । ପହଲଗାମ ଆକ୍ରମଣର ମୁଖ୍ୟ ସାକ୍ଷୀ ଏ ନେଇ ସୂଚନା ଦେଇଛି ବୋଲି ଏଜେନ୍ସି ତରଫରୁ କୁହାଯାଇଛି । ପର୍ଯ୍ୟଟକମାନଙ୍କୁ ନିର୍ମମ ଭାବେ ଗୁଳି କରି ହତ୍ୟା କରିବା ପରେ ୩ ଆତଙ୍କୀ ବାଇସରନ ଉପତ୍ୟାକାରେ ଉପରକୁ ୪ ରାଉଣ୍ଡ ଗୁଳି ଫୁଟାଇ ଆନନ୍ଦରେ ନାଚି ଥିଲେ ବୋଲି ସାକ୍ଷୀ ଜଣକ କହିଛି । ତଦନ୍ତ ଅବସରରେ ଏନ୍‌ଆଇଏକୁ ଏକ ସ୍ଥାନୀୟ ବ୍ୟକ୍ତି ମିଳିଥିଲେ ଓ ତଙ୍କୁ ମୁଖ୍ୟ ସାକ୍ଷୀ ବନା ଯାଇଛି ଓ ସେ ଏ ବିଷୟରେ ସୂଚନା ଦେଇଛନ୍ତି । ଏହି ମାମଲାରେ ଆତଙ୍କବାଦୀଙ୍କୁ ସଯୋଗ କରିବା ଅଭିଯୋଗରେ ପରଭେଜ ଅହମ୍ମଦ ଓ ବସିର ଅହମ୍ମଦଙ୍କୁ ଗିରଫ କରାଯାଥିଲା ।

# ବଙ୍ଗାଳୀଙ୍କ ସହ ଭେଦଭାବ ନେଇ ମମତାଙ୍କ ପଦଯାତ୍ରା



କୋଲକାତା, ୧୬ ।୭ (ଏଜେନ୍ସି): ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୁଧବାର ବିଜେପି ଶାସିତ ରାଜ୍ୟରେ ବଙ୍ଗାଳୀଙ୍କ ସହ ଭେଦଭାବ କରିବାକୁ ବିରୋଧ କରି ପଦଯାତ୍ରା ବାହର କରିଛନ୍ତି । ବଙ୍ଗଳା ଭାଷା କହୁଥିବା ନାଗରିକଙ୍କ ପ୍ରତି ବିଜେପିର ବୈମାତୃକ ମନୋଭାବ କାରଣରୁ ନିରାଶ ହୋଇଛି ବୋଲି ସେ କହିଛନ୍ତି । ଏବେଠାରୁ ଅଧିକରୁ ଅଧିକ ବଙ୍ଗଳା ଭାଷାରେ କହିବି । ଯଦି ମତେ ବିଜେପି ଡିଟେନସନ କ୍ୟାମ୍ପରେ ରଖିବାକୁ ଚାହେଁ, ତାହେଲେ ରଖୁ ବୋଲି ସେ କହିଛନ୍ତି । ଏହି ପଦଯାତ୍ରା କୋଲକାତାର କଲେଜ ସ୍କୋୟାରରୁ ବାହରି ଧର୍ମତାଲାର ଦୋରିନା କ୍ରସିଂ ପର୍ଯ୍ୟନ୍ତ ଚାଲିଥିଲା । ଏଥିରେ ମମତାଙ୍କ ପୁତୁରା ଅଭିଷେକ ବାନାର୍ଜୀଙ୍କ ସମେତ ତୃଣମୂଳ କଂଗ୍ରେସ୍‌ର ଏକାଧିକ ବଡ଼ ନେତା ଅଂଶଗ୍ରହଣ କରିଥିଲେ । କୋଲକାତାକୁ ବାଦ୍ ଦେଲେ ରାଜ୍ୟର ସବୁ ଜିଲ୍ଲା ମୁଖ୍ୟାଳୟରେ ଏହି ମାମଲାକୁ ନେଇ ବିରୋଧ ପ୍ରଦର୍ଶନ କରାଯାଇଥିଲା । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପଶ୍ଚିମବଙ୍ଗ ଆସିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏଭଳି ବିରୋଧ ପ୍ରଦର୍ଶନ ଜାରି ରହିଛି । ଅପରପକ୍ଷରେ ମମତାଙ୍କ ପଦଯାତ୍ରାକୁ ବିଜେପି ନେତା ଶୁଭେନ୍ଦୁ ଅଧିକାରୀ ନିନ୍ଦା କରିଛନ୍ତି । ଅବୈଧ ଭାବେ ଭାରତକୁ ପସି ଆସିଥିବା ଲୋକଙ୍କୁ ବଞ୍ଚାଇବାକୁ ମମତା ପ୍ରୟାସ କରୁଛନ୍ତି ବୋଲି ସେ କହିଛନ୍ତି । ବିଭିନ୍ନ ବିଷୟରେ ନିଜର ପ୍ରଶାସନିକ ବିଫଳତାକୁ ଲୁଚାଇବା ପାଇଁ ମମତା ଏପରି ପଦଯାତ୍ରାର ବାହନା କରୁଛନ୍ତି ବୋଲି ସେ ପାଲଟା ଅଭିଯୋଗ କରିଛନ୍ତି ।

# ବାଂଲାଦେଶରେ ସତ୍ୟଜିତ୍ ରୟଙ୍କ ପୈତୃକ ଘର ଭଙ୍ଗାଯିବା ନେଇ ରାଜନୀତି



 କୋଲକାତା, ୧୬ ।୭ (ଏଜେନ୍ସି): ପ୍ରଖ୍ୟାତ ଭାରତୀୟ ସିନେମା ନିର୍ଦ୍ଦେଶକ ସତ୍ୟଜିତ ରୟଙ୍କ ପୈତୃକ ଘର ଭଙ୍ଗାଯିବା ନେଇ ରାଜନୀତି ଆରମ୍ଭ ହୋଇଛି । ବାଂଲାଦେଶର ମିମେନସିଂ ସହରରେ ସତ୍ୟଜିତ୍‌ଙ୍କ ପୁରୁଣା ପୈତୃକ ଘର ରହିଛି । ଏହି ଘରକୁ ବାଂଲାଦେଶ ସରକାର ଭାଙ୍ଗିବା ପାଇଁ ଯୋଜନା କରୁଛନ୍ତି । ଏବେ ଏ ନେଇ ଶାସକ ତୃଣମୂଳ କଂଗ୍ରେସ ଓ ବିରୋଧୀ ବିଜେପି ତରଫରୁ ଚିନ୍ତା ପ୍ରକଟ କରାଯାଇଛି । ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଙ୍ଗଳବାର ଏ ସଂକ୍ରାନ୍ତରେ ସୂଚନା ଦେଇଥିଲେ । ତେବେ ଏହି ଘର ୧୦୦ରୁ ଊର୍ଦ୍ଧ୍ୱ ବର୍ଷ ପୂର୍ବରୁ ନିର୍ମାଣ କରାଯାଇଥିଲା ବୋଲି ବାଂଲାଦେଶ ଡିପାର୍ଟମେଣ୍ଟ ଅଫ୍ ଆର୍କିଓଲୋଜି ତରଫରୁ କୁହାଯାଇଛି । ୧୯୪୭ରେ ଦେଶ ବିଭାଜନ ହେବା ପରେ ଏହା ସରକାରଙ୍କ ଅଧିନକୁ ଆସିଥିଲା । ଗତ ୧୦ ବର୍ଷ ହେବ ଏହି ବଙ୍ଗଳା ପରିତ୍ୟକ୍ତ ହୋଇ ପଡ଼ିରହିଛି । ଏହା ସେଠାରେ ଖେଳୁଥିବା ଛୋଟପିଲାଙ୍କ ଜୀବନ ପ୍ରତି ବିପଦ ସୃଷ୍ଟି କରିଛି ବୋଲି କୁହାଯାଉଛି । ବାଂଲାଦେଶ ପ୍ରତିଷ୍ଠାତା ଶେଖ ମୁଜିବୁର ରହମାନ ଓ ରବୀନ୍ଦ୍ରନାଥ ଟାଗୋରଙ୍କ ପରେ ଏବେ ସତ୍ୟଜିତ ରୟଙ୍କ ଘରକୁ ଇସଲାମିକ କଟରପନ୍ଥୀମାନେ ଟାର୍ଗେଟ କରିଛନ୍ତି ବୋଲି କୁହାଯାଉଛି । ଅନ୍ୟପଟେ ଏହି ବଙ୍ଗଳାର ପୁନର୍ଗଠନ୍ ପାଇଁ ଭାରତ ସରକାର ସହଯୋଗ କରିବ ବୋଲି ବାଂଲାଦେଶକୁ କହିଛି । ମମତା ଏହି ବଙ୍ଗଳାର ରକ୍ଷଣାବେକ୍ଷଣ ପାଇଁ ବାଂଲାଦେଶର ମହମ୍ମଦ ୟୁନୁସ ସରକାରଙ୍କୁ ଅନୁରୋଧ କରିଛନ୍ତି । ଏହି ବାସଭବନ ବେଙ୍ଗଲର ସାଂସ୍କୃତିକ ଇତିହାସ ସହ ଗଭୀର ଭାବେ ଜଡିତ ରହିଛି । ଏ ନେଇ ଭାରତ ସରକାର ପଦକ୍ଷେପ ନିଅନ୍ତୁ ବୋଲି ମମତା ଅପିଲ କରିଛନ୍ତି । ଉଲ୍ଲେଖଥାଉ କି, ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ନିର୍ଯାତନା ଚରମସୀମାରେ ପହଞ୍ଚିଛି । ଶେଖ ହସିନାଙ୍କୁ ଗାଦିଚ୍ୟୁତ କରାଯିବା ପରେ ଏହା ଦେଶରେ ହିନ୍ଦୁ ସମ୍ପ୍ରଦାୟ ଉପରେ ଅତ୍ୟାଚାର ଦିନକୁ ଦିନ ବଢ଼ିବାରେ ଲାଗିଛି ।






## ଜୁଲାଇ ୧୮ରେ 'ଇନ୍ଦ୍ରଧନୁ'

ସାତୋଟି ଛୋଟ ଛୋଟ କାହାଣୀକୁ ଏକାଠି ଗୁନ୍ଥି ଖୁବ୍ ଶୀଘ୍ର ବଡ଼ପରଦାକୁ ଆସୁଛି ଓଡ଼ିଆ ଚଳଚ୍ଚିତ୍ର 'ଇନ୍ଦ୍ରଧନୁ'। ଆସନ୍ତା ଜୁଲାଇ ୧୮ ତାରିଖରେ 'ଇନ୍ଦ୍ରଧନୁ' ମୁକ୍ତିଲାଭ କରିବାକୁ ଯାଉଛି। ବାଇଗଣୀ, ଘନନୀଳ, ନୀଳ, ସବୁଜ, ହଳଦୀ, ନାରଙ୍ଗୀ ଓ ଲାଲ - କ୍ରମରେ ଆକାଶରେ ସତରଙ୍ଗର ଇନ୍ଦ୍ରଧନୁ ଦିଶିବା ପରି ପରଦାର ଏ ଇନ୍ଦ୍ରଧନୁରେ ବି ସମ-କ୍ରମିକତାରେ ରହିଛି ସାତୋଟି ରଙ୍ଗଭିତ୍ତିକ କାହାଣୀ। 'ଇନ୍ଦ୍ରଧନୁ'ର ନିର୍ଦ୍ଦେଶନା, ଚିତ୍ରୋତ୍ତୋଳନ ଓ ସମ୍ପାଦନା କରିଛନ୍ତି ଯୁବ ନିର୍ଦ୍ଦେଶକ ଅର୍ଜୁନ ସାମନ୍ତରାୟ। ସିନେମାର ପରିକଳ୍ପନା କରିଛନ୍ତି ଯୁବ ସାହିତ୍ୟିକ ସୂର୍ଯ୍ୟସ୍ନାତ ତ୍ରିପାଠୀ। ରାଜେନ୍ଦ୍ର ମହାନ୍ତଙ୍କ ଦ୍ୱାରା ପ୍ରଯୋଜିତ ଏ ସିନେମାଟିରେ ସହ-ପ୍ରଯୋଜକ ଭୂମିକାରେ ଅଛନ୍ତି ସୂର୍ଯ୍ୟସ୍ନାତ ଓ ସୁରଭି ପଟ୍ଟନାୟକ। 'ଇନ୍ଦ୍ରଧନୁ'ର କାହାଣୀ ନିଖିଳେଶ ମିଶ୍ର, ସରୋଜ ବଳ, ବାଦଲ ମହାନ୍ତି ଓ ସୂର୍ଯ୍ୟସ୍ନାତଙ୍କ ଦ୍ୱାରା ଲିଖିତ ହୋଇଥିବା ବେଳେ ସିନେମାଟିକୁ ସଂଗୀତରେ ସଜେଇଛନ୍ତି ଅନୁରାଗ ପଟ୍ଟନାୟକ। ଦେବଦାସ ଛୋଟରାୟଙ୍କ ଦ୍ୱାରା ଲିଖିତ ଶୀର୍ଷକ ଗୀତକୁ ବରିଷ୍ଠ ସଂଗୀତ ନିର୍ଦ୍ଦେଶକ ଓମ୍ ପ୍ରକାଶ ମହାନ୍ତିଙ୍କ ସଂଗୀତରେ ସ୍ୱର ଦେଇଛନ୍ତି ସୁସ୍ମିତା ଦାସ ଓ ରତିକାନ୍ତ ଶତପଥୀ। ଏହାର ମୁଖ୍ୟ ଭୂମିକାରେ ଅଛନ୍ତି ଚୌଧୁରୀ ବିକାଶ ଦାସ, ଦୀପନ୍ୱିତ ଦାଶମହାପାତ୍ର, ସ୍ମିତା ମହାନ୍ତି, ରମାକାନ୍ତ ମିଶ୍ର, ଭାସ୍ୱତୀ ବସୁ, ଦେବଦତ୍ତ ପତି, ଅଭିଷେକ ଗିରି, ଧରିତ୍ରୀ ଖଣ୍ଡୁଆଳ, ସୁଧାଶ୍ରୀ ମଧୁସ୍ମିତା, ରିଙ୍କୁ ପଧାନ, ସୌମ୍ୟ ରଞ୍ଜନ, ସମର୍ପିତା, ଦିଶାନୀ ଦେବଜ୍ଞାନା, ସାଗର ଷଡ଼ଙ୍ଗୀ, ଅମିଷା ମହାନ୍ତି, ରୂପଶ୍ରୀ ଓ ଅନ୍ୟମାନେ। 'ଇନ୍ଦ୍ରଧନୁ' ସିନେ ଦର୍ଶକଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଉଛି।

## ବର୍ଲିନରେ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର




ଓଲିଉଡ୍ ଅଭିନେତ୍ରୀ ପିଙ୍କି ପ୍ରଧାନଙ୍କ ଦକ୍ଷତା କେବଳ ଅଭିନୟରେ ସୀମିତ ନୁହେଁ, ଏବେ ସେ ନିର୍ଦ୍ଦେଶନାରେ ପାଦ ଥାପିଛନ୍ତି। ନିର୍ଦ୍ଦେଶନାରେ ବି ତାଙ୍କୁ ସଫଳତା ମିଳିଛି। 'ପିଙ୍କଉଡ୍ କ୍ରିଏସନ୍ସ' ନିବେଦିତ ତାଙ୍କ ନିର୍ଦ୍ଦେଶିତ ପ୍ରଥମ କ୍ଷୁଦ୍ର ଓଡ଼ିଆ ଚଳଚ୍ଚିତ୍ର 'ଅନୁଭବ- ଏ ଟେଲ୍ ଅଫ୍ ଲଭ୍ ଆଣ୍ଡ ସାକ୍ରିଫାଇଜ୍' ଇଂରାଜୀ ସବ୍‌ଟାଇଟଲ୍ ସହ ବର୍ଲିନରେ ପ୍ରଶଂସା ସାଉଁଟିଛି। ଏଠାରେ ଇଣ୍ଡୋ-ଜର୍ମାନ ଫିଲ୍ମ ୱିକ୍‌ରେ ଏହାକୁ ପ୍ରଦର୍ଶିତ କରାଯାଇଥିଲା। ଜୁଲାଇ ୫ରୁ ଜୁଲାଇ ୯ ପର୍ଯ୍ୟନ୍ତ ବେବିଲନ୍ ଥିଏଟର୍‌ରେ ଦର୍ଶକେ ଏହାକୁ ଦେଖିବାକୁ ପାଇଥିଲେ। ପୁଣି ଜୁଲାଇ ୧୪ ତାରିଖରେ ଏହାର ଦ୍ୱିତୀୟ ସ୍କ୍ରିନିଂ ହୋଇଛି। ଏହି ଫିଲ୍ମର ଅବଧି ୧୮ ମିନିଟ୍। ସିନେମାଟିରେ ଗୋଟିଏ ମଧ୍ୟବିତ୍ତ ପରିବାରର ବାପା-ମା ଓ ପୁଅର କାହାଣୀ ଦେଖିବାକୁ ମିଳିଛି। ସିନେମାରେ ପ୍ରେମ, ସ୍ନେହ, ତ୍ୟାଗ, ପରିବାର ଓ ସମ୍ପର୍କର କଥା ରହିଛି। ସେହିପରି ସିନେମାଟି ମଧୁସୂଦନ ରାଓଙ୍କ 'ବୈକୁଣ୍ଠ ସମାନ ଆହା ଅଟେ ସେହି ଘର'ରୁ ପ୍ରେରିତ ହୋଇ ନିର୍ମାଣ କରାଯାଇଛି। ସିନେମାର ମୁଖ୍ୟ ଚରିତ୍ରରେ ଚୌଧୁରୀ ଜୟ ପ୍ରକାଶ, ପିଙ୍କି ପ୍ରଧାନ, ସଂଶିତ ପ୍ରମୁଖ ଅଭିନୟ କରିଛନ୍ତି। ଏହି ସିନେମା ମାଧ୍ୟମରେ ପିଙ୍କି ଅଭିନୟ, ପ୍ରଯୋଜନା, ନିର୍ଦ୍ଦେଶନା, ଚିତ୍ରନାଟ୍ୟରେ ନିଜ ଦକ୍ଷତାକୁ ପ୍ରମାଣିତ କରିଛନ୍ତି। ସିନେମାର କାହାଣୀ ପବିତ୍ର କୁମାର ଗୌଡ଼ ଲେଖିଥିବା ବେଳେ ସଙ୍ଗୀତ ସହ କଣ୍ଠଦାନ କରିଛନ୍ତି ଦୀପ୍ତିମାନ। ସିନେମାର ଗୀତ ରଚନା କରିଛନ୍ତି ଦେବଦାସ ଛୋଟରାୟ।

## 'ମନ୍ତ୍ରମୁଗ୍ଧ'ର ସୁଟିଂ ଆରମ୍ଭ



ଭୁବନେଶ୍ୱରର ସିମ୍ଫୋନୀ ମଲ୍‌ରେ 'ମନ୍ତ୍ରମୁଗ୍ଧ'ର ସୁଟିଂ ଆରମ୍ଭ ହୋଇଛି। ସୁଟିଂ ଆରମ୍ଭ ହେବା ପୂର୍ବରୁ ଏହାର ଟିମ୍ ପୁରୀରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଆଶୀର୍ବାଦ ନେଇଛନ୍ତି। ଏହି ଚଳଚ୍ଚିତ୍ର ଓଡ଼ିଆ ସିନେମା କାହାଣୀରେ ନୂଆ ପର୍ବ ଯୋଡ଼ିବାକୁ ଯାଉଛି। 'ଅମିୟ ପଟ୍ଟନାୟକ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ହେବାକୁ ଥିବା ଏହି ସିନେମାର ପ୍ରଯୋଜନା ଭାର ସମ୍ଭାଳିଛନ୍ତି ବର୍ଷା ପଟ୍ଟନାୟକ। ପ୍ରଥମ ଥର ପାଇଁ ଭୂମିକା ଦାଶ ପ୍ରଯୋଜନା ସଂସ୍ଥା ସହ ଯୋଡ଼ି ହୋଇଛନ୍ତି। ଏଥିରେ ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର ଦମ୍‌ଦାର ଭୂମିକାରେ ନଜର ଆସିବେ। ସନୋଜ କୁମାର, ମନ୍ମୟ ଦେ, ସାର୍ଥକ ଭରଦ୍ୱାଜ, ଦୀପନ୍ୱିତ ଦାଶମହାପାତ୍ର ମଧ୍ୟ ଏଥିରେ ଅଭିନୟ କରୁଛନ୍ତି। ଅନ୍ୟ ପ୍ରମୁଖ କଳାକାରଙ୍କ ମଧ୍ୟରେ ହର ରଥ, ଚୌଧୁରୀ ଜୟପ୍ରକାଶ ଦାସ, ନିଶାନ୍ତ ମଜିଥିଆ, ସୋମା ହୋତା ଓ ଭକ୍ତି ଦାସ ରହିଛନ୍ତି। ଟେଲି ଅଭିନେତ୍ରୀ ପିହୁ ମହାପାତ୍ର ଓ ଡିଜିଟାଲ୍ କ୍ରିଏଟର୍ ମିଷ୍ଟର ଗାଉଡ଼ଙ୍କୁ ବି ଫିଲ୍ମରେ ନିଆଯାଇଛି। ଚଳଚ୍ଚିତ୍ରରେ ଉଦୀୟମାନ ନବାଗତମାନଙ୍କ ଏକ ସୁନ୍ଦର ସମନ୍ୱୟ ରହିଛି। କାହାଣୀ ଅନୁପମ ଓ ରୋଶନ ବିଶୋଇ ଲେଖିଥିବା ବେଳେ ଏହାକୁ ଚିତ୍ରନାଟ୍ୟରେ ସଜାଇଛନ୍ତି ରୋହିତ ଗେହେଲୋଟ ଓ ଅନୁପମ ପଟ୍ଟନାୟକ। ଏହାର ସଂଳାପ ରଚନା କରିଛନ୍ତି ପ୍ରଣବ ରଥ। ଚିତ୍ରନାଟ୍ୟ ଓ ସଂଳାପର ଅତିରିକ୍ତ ଦାୟିତ୍ୱରେ ଅଛନ୍ତି ନିଶାନ୍ତ ମଜିଥିଆ। ଆଶିଷ ପ୍ରଧାନ,ଅନୁରାଗ ପଟ୍ଟନାୟକ, ସଂଗୀତ ପଟ୍ଟନାୟକ, ଅନୁରାଗ ପଣ୍ଡା ଓ ଗୌମ୍ୟ ରାଜ ପ୍ରଧାନ ପ୍ରମୁଖ ପାଞ୍ଚ ଜଣ ଏଥିରେ ସଙ୍ଗୀତ ନିର୍ଦ୍ଦେଶନା ଦେଉଛନ୍ତି। ଯାହା ଓଡ଼ିଆ ଚଳଚ୍ଚିତ୍ର ଇତିହାସରେ ପ୍ରଥମ। ଏହାର ମୁଖ୍ୟ ଚରିତ୍ର ଓ କାହାଣୀ ହାସ୍ୟରସ ଓ ରୋମାଞ୍ଚରେ ଭରପୂର। ଏହି ସିନେମାରେ କେବଳ ହାସ୍ୟ ରସ କି ରୋମାଞ୍ଚ ନୁହେଁ, ବରଂ ପ୍ରଚଳିତ ସାମାଜିକ ବିଧି ବ୍ୟବସ୍ଥାକୁ ଆହ୍ୱାନ ଦେଉଥିବା ଏକ ବଳିଷ୍ଠ କାହାଣୀ ରହିଛି।

## ଶେଷ ପର୍ଯ୍ୟାୟରେ 'ଲାଙ୍ଗୋ'



'ସତ୍ୟଭାମା ସିନେ ପ୍ରଡକ୍ସନ' ବ୍ୟାନରରେ ନିର୍ମିତ ନୂଆ ଓଡ଼ିଆ ଚଳଚ୍ଚିତ୍ର 'ଲାଙ୍ଗୋ-ମାଟିର ମଣିଷ'ର ପ୍ରଥମ ପର୍ଯ୍ୟାୟ ସୁଟିଂ ଇତିମଧ୍ୟରେ ଶେଷ ହୋଇଛି। ସୁଟିଂ ପାଇଁ ପୂରା ୟୁନିଟ୍ ୨୫ ଦିନ ପର୍ଯ୍ୟନ୍ତ ନୟାଗଡ଼ ସହରରେ ଡେରା ପକେଇ ଥିଲା। ଏହି ୟୁନିଟ୍‌ରେ ନିର୍ମାତା, ନିର୍ଦ୍ଦେଶକ, କଳାକାର ଓ ଟେକ୍ନିସିଆନଙ୍କ ସମେତ ମୋଟ ୭୫ ଜଣ ସଦସ୍ୟ ଥିଲେ। ଦଶପଲ୍ଲା, ସିଙ୍ଗପଡ଼ା ଓ ଏହାର ଆଖ ପାଖ ଅଞ୍ଚଳରେ ସୁଟିଂ ସମ୍ପନ୍ନ ହୋଇଥିଲା। ଏବେ ମାତ୍ର ପାଞ୍ଚ ଦିନର ପ୍ୟାଚ୍ ୱାର୍କ ବାକି ରହିଛି, ଯାହା ଭୁବନେଶ୍ୱର, ଖୋର୍ଦ୍ଧା ଓ ଢେଙ୍କାନାଳରେ ଅନୁଷ୍ଠିତ ହେବ। 'ଲାଙ୍ଗୋ' କେବଳ ଏକ ମନୋରଞ୍ଜନ ଧର୍ମୀ ସିନେମା ନୁହେଁ, ଏଥିରେ ସମାଜ ପାଇଁ ବାର୍ତ୍ତା ବି ରହିଛି। ଚଳଚ୍ଚିତ୍ରର କାହାଣୀ ଓ ଚିତ୍ରନାଟ୍ୟ ରଚନା ସାଙ୍ଗକୁ ନାୟକ ଭୂମିକାରେ ଅଛନ୍ତି ଶୁଭମ ସାଗର। ତାଙ୍କ ବିପକ୍ଷରେ ନାୟିକା ସାଜିଛନ୍ତି ଅର୍ଲିନ ଅଙ୍କିତା ଓ ସଞ୍ଜନା ପ୍ରଧାନ। ଅନ୍ୟାନ୍ୟ ଚରିତ୍ରରେ ଅଭିନୟ କରିଛନ୍ତି ଅଶ୍ରୁମୋଚନ ମହାନ୍ତି, ଚୌଧୁରୀ ବିକାଶ ଦାସ, ଚୌଧୁରୀ ଜୟପ୍ରକାଶ ଦାସ, ସ୍ମିତା ମହାନ୍ତି, କେକେ, ଉଦିତ ଗୁରୁ, ବଡ୍ଡୁ ଭାଇ ଓ ରାଜଶ୍ରୀ। 'ଲାଙ୍ଗୋ'ର ନିର୍ଦ୍ଦେଶନା ଦେଇଛନ୍ତି ସନ୍ତୋଷ ବିଶ୍ୱାଳ। ବିଜୟ ରାଉଳ ସଂଳାପ ଲେଖିଥିବା ବେଳେ ଏଥିରେ ସଙ୍ଗୀତ ଦେଇଛନ୍ତି ସୋମେଶ ଶତପଥୀ। ଡ. ନିର୍ମଳ ନାୟକ ଓ ଜେପି ୱାର୍ଡସ୍ମିଥ୍‌ଙ୍କ ଗୀତରେ କଣ୍ଠଦାନ କରିଛନ୍ତି କୁଲଦୀପ, ଅନନ୍ୟା ଶ୍ରୀତମ ନନ୍ଦ, ଗୌରବ ଆନନ୍ଦ, ଅସୀମା ପଣ୍ଡା ଓ ମଣ୍ଟୁ ଛୁରିଆ। ନୃତ୍ୟ ନିର୍ଦ୍ଦେଶନାରେ ଅଛନ୍ତି ବିଦ୍ଦୁ। ଏହା ଏକ ବ୍ୟୟବହୁଳ ସିନେମା ହୋଇଥିବା ବେଳେ ସୁଟିଂରେ କୌଣସି ପ୍ରକାର ଊଣା କରାଯାଇ ନ ଥିବା ଏହାର ନିର୍ଦ୍ଦେଶକ କହିଛନ୍ତି।

### ପରଦା ପଛର କାହାଣୀ



## ବାଥରୁମରେ ଫିଲ୍ମ ଗୀତ ରେକର୍ଡିଂ

ଚଳଚ୍ଚିତ୍ର ନିର୍ମାଣ ପାଇଁ ବିଭିନ୍ନ ସୁନ୍ଦର ଓ ଆକର୍ଷଣୀୟ ସ୍ଥାନରେ ଫିଲ୍ମ ସୁଟିଂ ହୋଇଥାଏ। ସେଥିମଧ୍ୟରୁ କିଛି ଫିଲ୍ମ ହିଟ୍ ହୋଇଥିବାବେଳେ, କିଛି ଫ୍ଲପ୍ ସାବ୍ୟସ୍ତ ହୋଇଥାଏ। କିନ୍ତୁ କିଛି ଫିଲ୍ମ ଥାଏ, ଯାହା ଇତିହାସ ସୃଷ୍ଟି କରେ। ୧୯୬୦ ମସିହାରେ ମୁକ୍ତିଲାଭ କରିଥିବା ସେଭଳି ଏକ ହିନ୍ଦୀ ଫିଲ୍ମ ହେଉଛି 'ମୁଗଲ-ଏ-ଆଜମ'। ଏହି ଫିଲ୍ମ ନିର୍ମାଣ ହେବାକୁ ପାଖାପାଖି ୧୬ ବର୍ଷ ସମୟ ଲାଗିଥିଲା। କେ. ଆସିଫ୍‌ଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମର ଗୀତଗୁଡ଼ିକ ଏବେ ମଧ୍ୟ ବେଶ୍ ଲୋକପ୍ରିୟ। ସେଥିମଧ୍ୟରୁ ଗୋଟିଏ ହେଉଛି, 'ଜବ୍ ପ୍ୟାର୍ କିୟା ତୋ ଡରନା କ୍ୟା...'। ଏହି ଗୀତକୁ ଗାଇଥିଲେ ଲତା ମଙ୍ଗେସକର। ଆଜି ମଧ୍ୟ ଏହି ଗୀତ ଶୁଣିବାକୁ ଲୋକେ ବେଶ୍ ପସନ୍ଦ କରନ୍ତି। ନିର୍ଦ୍ଦେଶକ ଅସିଫ୍ ଗୀତକୁ ସୁପରହିଟ୍ କରିବା ପାଇଁ ଏଥିରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ତେବେ ସେ ସମୟରେ ଗୀତ ମିକ୍ସିଂ ସୁବିଧା ନ ଥିବାରୁ ସଂଗୀତ ନିର୍ଦ୍ଦେଶକ ନୌସାଦ ଏଥିରେ ପ୍ରତିଧ୍ୱନି ସୃଷ୍ଟି କରିବା ପାଇଁ ଲତା ମଙ୍ଗେସକରଙ୍କୁ ଏହି ଗୀତ ଷ୍ଟୁଡିଓରେ ଥିବା ବାଥରୁମରେ ଗାଇବା ପାଇଁ କହିଥିଲେ। ଏହି ଗୀତକୁ ଶକିଲ ବଦାୟୁନୀ ଲେଖିଥିଲେ। ସେ ଏହାକୁ ୧୦୫ ଥର ଲେଖିବା ପରେ ଗୀତଟିକୁ ଶେଷ କରିଥିଲେ। ଏହାପରେ ସଙ୍ଗୀତ ନିର୍ଦ୍ଦେଶକଙ୍କଠାରୁ ଏହି ଗୀତକୁ ସ୍ୱୀକୃତି ମିଳିଥିଲା। ଏହି ଗୀତ ମୁକ୍ତିଲାଭ କରିବା ପରେ ସୁପରହିଟ୍ ହୋଇଥିଲା। ଏହି ଯନ୍ତ୍ରଣାଦାୟକ ଗୀତ ଶୁଣି ଲୋକମାନେ ଦୁଃଖରେ କାନ୍ଦିଥିଲେ। 'ମୁଗଲ-ଏ-ଆଜମ' ହେଉଛି ଭାରତର ଦାମୀ ଫିଲ୍ମ ମଧ୍ୟରୁ ଅନ୍ୟତମ।

### ସାକ୍ଷାତକାର

## "କଳାକାର ହେବା ପାଇଁ ପରିଶ୍ରମ ଓ ଧୈର୍ଯ୍ୟ ଆବଶ୍ୟକ"

**ସମ୍ଭବ ମାନସିଂ, ଅଭିନେତା**



ନୃତ୍ୟ କେବଳ ଏକ କଳା ନୁହେଁ, ଏହା ହେଉଛି ଭାବ, ଅନୁଭୂତି ଓ ଆତ୍ମାର ଅଭିବ୍ୟକ୍ତି। ସେଥିପାଇଁ ସେ ନୃତ୍ୟକୁ ସବୁକିଛି ମାନି ନେଇଥିଲେ। ନୃତ୍ୟ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଥିଲା। ହେଲେ ନୃତ୍ୟ ପରିବେଷଣ କରିବା ଭିତରେ ଅଭିନୟ କରିବା ତାଙ୍କ ପାଇଁ ପେସା ହୋଇଗଲା। ସେଭଳି ଜଣେ କଳାକାର ହେଉଛନ୍ତି ନୟାଗଡ଼ର ସମ୍ଭବ ମାନସିଂହ। ଓଡ଼ିଆ ସିନେମା 'ମିଠା ମିଠା'ରୁ କ୍ୟାରିୟର ଆରମ୍ଭ କରିଥିବା ସମ୍ଭବ ୧୫୦ରୁ ଊର୍ଦ୍ଧ୍ୱ ମ୍ୟୁଜିକ୍ ଭିଡିଓ କରିଛନ୍ତି। 'ଆସିକ୍ ସରେଣ୍ଡର ହୁଆ' ଫିଲ୍ମରେ ଅଭିନୟ କରିବାକୁ ସେ ସୁଯୋଗ ପାଇଥିଲେ। ଏବେ ସେ 'ସୁନା ଝିଅ' ଧାରାବାହିକରେ ସମ୍ଭବ ଚରିତ୍ରରେ ଦମ୍‌ଦାର ଅଭିନୟ କରି ଦର୍ଶକଙ୍କ ହୃଦୟକୁ ଜିଣିଛନ୍ତି। ତେବେ ନୃତ୍ୟଶିଳ୍ପୀରୁ ରଙ୍ଗିନ ଦୁନିଆକୁ ସେ କେମିତି ଆସିଲେ ଜାଣିବା ତାଙ୍କ ମୁହଁରୁ।



**ନୃତ୍ୟଶିଳ୍ପୀରୁ ଅଭିନୟର ଯାତ୍ରା କେମିତି ଥିଲା?**
● ପିଲାଦିନରୁ ମୁଁ ନୃତ୍ୟ କରୁଥିଲି। ମୁଁ ଜଣେ ପ୍ରଫେସନାଲ ନୃତ୍ୟଶିଳ୍ପୀ। ନୃତ୍ୟ ସହିତ ଅଭିନେତା ହେବାକୁ ଇଚ୍ଛା ଥିଲା। ଆଉ ନୃତ୍ୟ ମୋତେ ଅଭିନୟ କ୍ଷେତ୍ରକୁ ଟାଣି ଆଣିଲା। 'ମିଠା ମିଠା' ଓଡ଼ିଆ ଚଳଚ୍ଚିତ୍ର ମୋର ପ୍ରଥମ ଫିଲ୍ମ। ସୌଭାଗ୍ୟବଶତଃ ବିଭିନ୍ନ ପ୍ଲାଟଫର୍ମରେ ଅଡିସନ୍ ଦେଇ ଅନେକ ମ୍ୟୁଜିକ୍ ଭିଡିଓ ଏବଂ ଦୁଇଟି ସିନେମାରେ କାମ କରିପାରିଥିଲି। 'ଏ ମନ ମୋ ମନ', 'ଫଗୁଣ', 'ରେ ମନ', 'ଆଖିରେ ଆଖି' ଆଦି ଅନେକ ମ୍ୟୁଜିକ୍ ଭିଡିଓ ମୋତେ ଲୋକପ୍ରିୟତା ଦେଇଛି। ଏବେ ପ୍ରତି ସପ୍ତାହକୁ ମୋର ଦୁଇରୁ ତିନିଟି ମ୍ୟୁଜିକ ଭିଡିଓ ରିଲିଜ୍ ହେଉଛି। ନିକଟରେ ଦେବକାନ୍ତଙ୍କ ସହ 'ଭାରି ବେଶ୍ରମ ଏହି ପୁରୁଷ ଜାତି' ମ୍ୟୁଜିକ୍ ଭିଡିଓ ରିଲିଜ୍ ହୋଇଛି। ୭ ବର୍ଷ ପୂର୍ବରୁ ମୁଁ ଓ ପ୍ରକୃତି ମିଶ୍ର ମିଶି ପ୍ରଥମ ମ୍ୟୁଜିକ୍ ଭିଡ଼ିଓ 'ନଜରିକିଆ' କରିଥିଲୁ। ସେତେବେଳେ ଏହା ବହୁତ ଟ୍ରେଣ୍ଡରେ ଥିଲା।

**'ସୁନାଝିଅ'ରେ କାମ କରିବାକୁ କାହିଁକି ମନ ବଳାଇଲେ?**
● ମୋ ମନ ଚାହୁଁଥିବା ପରି ସିନେମା ମିଳି ନ ଥିଲା, କି ଯେଉଁ ସିନେମା କରିଥିଲି ସେଥିରେ ସଫଳ ହେଲିନି। ହୃଦବୋଧ ହେଲା ଯେ, ଧାରାବାହିକରେ କାମ କରି ଓଡ଼ିଆ ଲୋକଙ୍କ ହୃଦୟରେ ରହିପାରିବି। ଆଉରୁ ଧାରାବାହିକରେ କାମ ପାଇଁ ଅଫର୍ ଥିଲା, ତେଣୁ ବିଳମ୍ବ ନ କରି 'ସୁନା ଝିଅ'ରେ ପିଡ଼ି ପରିବର୍ତ୍ତନ ହେବା ସମୟରେ ମୁଁ ମୁଖ୍ୟ ଚରିତ୍ରରେ କାମ ଆରମ୍ଭ କରିଥିଲି।

**ସମ୍ଭବ ଚରିତ୍ରକୁ ନେଇ କ'ଣ କହିବେ?**
● ଏଥିରେ ମୁଁ ଜଣେ କଲେଜ ପ୍ରଫେସର। ମୋ ଧର୍ମପତ୍ନୀଙ୍କୁ ସହଯୋଗ କରୁଛି, ଭୁଲକୁ ପ୍ରଶ୍ରୟ ଦେଉନି। ବାସ୍ତବ ଜୀବନରେ ବି ସମ୍ଭବ ଭୁଲ କଥାକୁ କେବେ ସମର୍ଥନ କରେନି। ଧାରାବାହିକ ନାଁରେ ଲୋକେ ଜଣେ ନାୟକକୁ ଚିହ୍ନିଥାଆନ୍ତି। ଏହି ଧାରାବାହିକରେ ମୋ ଚରିତ୍ରର ନାଁ, ନିଜ ନାଁ ସହିତ ସମାନ ରହିଛି।

**ସୁଟିଂ ନ ଥିଲେ କ'ଣ କରନ୍ତି?**
● ସୁଟିଂ ନଥିଲେ ମୁଁ ମୋ ପରିବାର ସହ ସମୟ ବିତାଏ। ଧର୍ମପତ୍ନୀଙ୍କ ସହ ସିନେମା ଦେଖେ।

**ଏ କ୍ଷେତ୍ରରେ ତିଷ୍ଠି ରହିବାକୁ ପରିଶ୍ରମ କେତେ ଜରୁରି?**
● ସିନେମା କି ମ୍ୟୁଜିକ୍ ଭିଡିଓ କରିବା ପୂର୍ବରୁ ମୋ ଜୀବନରେ ମୁଁ ବହୁତ ସଂଘର୍ଷ କରିଛି। କେବେ ବି କାହାରେ ଚିରକ୍ତି ପ୍ରକାଶ କରିନି। ବର୍ଷ ବର୍ଷ ଧରି ନିଜ ପ୍ରୋଫାଇଲ୍ ଧରି ମୁଁ ଧାଇଁଛି, ବୁଲିଛି ଆଉ ତା' ଭିତରେ ବି ଆଗକୁ ବଢ଼ିବାକୁ ସାହାସ ପାଇଛି। ତେଣୁ ଜଣେ କଳାକାର ପାଇଁ ପରିଶ୍ରମ, ଧୈର୍ଯ୍ୟ ଆଉ ଅଭ୍ୟାସ ଏ ସବୁ ନିହାତି ଆବଶ୍ୟକ।

**ଡ୍ରିମ୍ ରୋଲ କ'ଣ?**
● କୌଣସି ଏକ ନିର୍ଦ୍ଦିଷ୍ଟ ଚରିତ୍ର ନୁହେଁ, ଅନେକ ଚରିତ୍ରରେ ମୋର ଅଭିନୟ କରିବାକୁ ଇଚ୍ଛା ଅଛି।

**ପ୍ରଥମ ପାରିଶ୍ରମିକ କ'ଣ କରିଥିଲେ?**
● ମା'ଙ୍କୁ ଦେଇ ଦେଇଥିଲି।

**ଆପଣଙ୍କ ଜୀବନର ଲକ୍ଷ୍ୟ?**
● ଗୋଟିଏ ସିନେମା କରିବି, ତାହା ପ୍ୟାନ୍ ଇଣ୍ଡିଆରେ ରିଲିଜ୍ ହେବ।

# ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ ଜିତିଲେ ଦୀପିକା




**ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି):** ଭାରତୀୟ ମହିଳା ହକି ଦଳର ଯୁବ ଫରୱାର୍ଡ ଦୀପିକା ଇତିହାସ ରଚିଛନ୍ତି । ପ୍ରଥମ ଭାରତୀୟ ହକି ଖେଳାଳି ଭାବେ ସମ୍ମାନଜନକ 'ପଲିଗ୍ରାସ୍ ମ୍ୟାଜିକ୍ ସ୍କିଲ୍' ଆୱାର୍ଡ ଜିତିଛନ୍ତି । ଶେଷ ହୋଇଥିବା ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ସିଜନରେ ଭୁବନେଶ୍ୱରର କଳିଙ୍ଗ ଷ୍ଟାଡିୟମରେ ବିଶ୍ୱର ଏକ ନମ୍ବର ଦଳ ନେଦରଲାଣ୍ଡସ ବିପକ୍ଷ ମ୍ୟାଚରେ ଦୀପିକା ଚମତ୍କାର ଭାବେ ବଲ୍‌କୁ ଡ୍ରିବଲିଂ କରି ପ୍ରତିପକ୍ଷ ଖେଳାଳିଙ୍କୁ ଚକ୍‌ମା ଦେଖାଇ ଏକାକୀ ଗୋଲ୍‌ସ୍କୋର କରିଥିଲେ । ଭାରତ ଓ ନେଦରଲାଣ୍ଡସ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚର ୩୫ତମ ମିନିଟ୍‌ରେ ୨୧ ବର୍ଷୀୟା ଦୀପିକା ବାମ ପାର୍ଶ୍ୱରୁ ଏକାକୀ ବଲ୍‌କୁ ଧରି ଅଗ୍ରସର ହୋଇଥିଲେ । ସେ ଏଭଳି ଚମତ୍କାର ଡ୍ରିବଲିଂ କୌଶଳ ପ୍ରଦର୍ଶିତ କରିଥିଲେ ଯେ ଏକାଧିକ ନେଦରଲାଣ୍ଡସ ଡିଫେଣ୍ଡର ଓ ଗୋଲ୍‌ରକ୍ଷକଙ୍କୁ ପରାସ୍ତ କରି ବଲ୍‌କୁ ଗୋଲ୍‌ପୋଷ୍ଟ ମଧ୍ୟକୁ ପଠାଇଦେଇଥିଲେ । ଏହି ମ୍ୟାଚ୍ ୨-୨ ଗୋଲ୍‌ରେ ଡ୍ର ରହିଥିଲା । ପରେ ସୁଟ୍‌ଆଉଟ୍‌ରେ ଭାରତ ମ୍ୟାଚକୁ ବାଜିମାତ୍ କରିନେଇଥିଲା ।

## ପୁରସ୍କାର ପାଇବାରେ ପ୍ରଥମ ଭାରତୀୟ ହକି ଖେଳାଳି

ଉକ୍ତ ଦର୍ଶନୀୟ ଗୋଲ୍ ପାଇଁ ଦୀପିକାଙ୍କୁ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଛି । ଜୁଲାଇ ୪ରୁ ୧୩ ତାରିଖ ପର୍ଯ୍ୟନ୍ତ ହୋଇଥିବା ଭୋଟିଂ ପ୍ରକ୍ରିୟାରେ ବିଶ୍ୱର କୋଣ ଅନୁକୋଣରୁ ହକି ପ୍ରଶଂସକ ଭାଗନେଇ ଦୀପିକାଙ୍କ ଗୋଲ୍‌କୁ ଚଳିତ ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ର ସବୁଠାରୁ ଶ୍ରେଷ୍ଠ ସୃଜନଶୀଳ ଓ କୁଶଳୀ ମୁହୂର୍ତ୍ତ ଭାବେ ବିବେଚିତ କରିଛନ୍ତି । ଏହି ପୁରସ୍କାର ଦୌଡ଼ରେ ପୁରୁଷ ଓ ମହିଳା ବିଭାଗରେ ମୋଟ୍ ୬ଜଣ ଖେଳାଳି ରହିଥିଲେ । ପୁରୁଷ ବିଭାଗରେ ବେଲ୍‌ଜିୟମର ଭିକ୍ଟର ୱେଗନେଜ ଏହି ପୁରସ୍କାର ଜିତିଛନ୍ତି । ଉଲ୍ଲେଖଯୋଗ୍ୟ, ଏଫ୍‌ଆଇଏଚ୍ ପ୍ରୋ ଲିଗ୍‌ରେ 'ପଲିଗ୍ରାସ ମ୍ୟାଜିକ୍ ସ୍କିଲ୍ ଆୱାର୍ଡ' ଲିଗ୍‌ର ସବୁଠାରୁ ସୃଜନଶୀଳ ଓ କୁଶଳୀ ଗୋଲ୍ ମୁହୂର୍ତ୍ତକୁ ପ୍ରଦାନ କରାଯାଇଥାଏ । ପଲିଗ୍ରାସ ହକି ଟର୍ଫ ପ୍ରସ୍ତୁତ କରିଥାଏ । ଏହା ବିଶ୍ୱର ସର୍ବଶ୍ରେଷ୍ଠ ହକି ଟର୍ଫ ପ୍ରସ୍ତୁତ କରିବାରେ ଖ୍ୟାତି ଅର୍ଜନ କରିଛି । ଆଗାମୀ ୨୦୨୮ ଲସ୍‌ଆଞ୍ଜେଲ ଅଲିମ୍ପିକ୍ସର ହକିରେ ମଧ୍ୟ ପଲିଗ୍ରାସ ଟର୍ଫ ବ୍ୟବହୃତ ହେବ ।

# ଆରମ୍ଭ ହେଲା ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା



**ଭୁବନେଶ୍ୱର, ୧୬ ।୭ (ସମିସ):** ଜର୍ମାନୀର ଡୁଇସବର୍ଗ ସହରରେ ବୁଧବାର ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଉଦ୍‌ଘାଟିତ ହୋଇଯାଇଛି । ଅନ୍ତର୍ଜାତୀୟ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ମହାସଂଘ (ଏଫଆଇଏସ୍‌ୟୁ) ଆନୁକୂଲ୍ୟରେ ଆୟୋଜିତ ଏହି ମେଗା ଇଭେଣ୍ଟ ଜୁଲାଇ ୨୭ରେ ଉଦ୍‌ଯାପିତ ହେବ । ରଙ୍ଗାରଙ୍ଗ ଉଦ୍‌ଘାଟନୀ ଉତ୍ସବରେ ଅସି ଚାଳିକା ଜଗମିତ୍ କୌର (ଗୁରୁନାନକ ଦେବ ବିଶ୍ୱବିଦ୍ୟାଳୟ) ଓ ଅଭୟ ସିନ୍ଧେ (ବାବାସାହେବ ଆମ୍ବେଦକର ମରାଠୱାଡା ବିଶ୍ୱବିଦ୍ୟାଳୟ) ଭାରତୀୟ ପ୍ରତିନିଧି ଦଳର ପତାକା ବାହକ ରହିଥିଲେ । ଏହି ସମ୍ମାନଜନକ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ପ୍ରତିଯୋଗିତାରେ ଭାରତର ୩୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍ ଅଂଶଗ୍ରହଣ କରିଛନ୍ତି । କିଟ୍ ବିଶ୍ୱବିଦ୍ୟାଳୟର କ୍ରୀଡ଼ା ନିର୍ଦ୍ଦେଶକ ଡ. ଗଗନେନ୍ଦୁ ଦାସ ଭାରତୀୟ ଦଳର ଉପମୁଖ୍ୟ ଭାବେ କ୍ରୀଡ଼ାବିତ୍‌ଙ୍କ ସହ ଜୁଲାଇ ୧୪ରେ ଜର୍ମାନୀ ଗସ୍ତ କରିଥିଲେ । ଉଲ୍ଲେଖଯୋଗ୍ୟ, ବିଶ୍ୱ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ଲାଗି କିଟ୍ ନୋଡାଲ୍ ବିଶ୍ୱବିଦ୍ୟାଳୟ ରହିଥିଲା । ଏଠାରେ ଭାରତୀୟ ବିଶ୍ୱବିଦ୍ୟାଳୟ ଦଳର ବ୍ୟାଡ୍‌ମିଣ୍ଟନ, ଟେନିସ, ଟେବଲ୍ ଟେନିସ, ଆଥ୍‌ଲେଟିକ୍ସ, ମହିଳା ଭଲିବଲ୍ ଚୟନ ଓ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ପ୍ରଫେସର ଅଚ୍ୟୁତ ସାମନ୍ତ ଭାରତୀୟ ଦଳର ସମସ୍ତ କ୍ରୀଡ଼ାବିତ୍‌ଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଛନ୍ତି ।

## ଭାରତ-ଇଂଲଣ୍ଡ ପ୍ରଥମ ଯୁଥ୍ ଟେଷ୍ଟ ଡ୍ର

**ବେକେନହାମ୍, ୧୬ ।୭ (ଏଜେନ୍ସି):** ଘରୋଇ ଇଂଲଣ୍ଡ ଓ ଭାରତ ମଧ୍ୟରେ ଏଠାରେ ଅନୁଷ୍ଠିତ ପ୍ରଥମ ଯୁଥ୍ (୧୯ ବର୍ଷରୁ କମ୍) ଟେଷ୍ଟ ଡ୍ର' ରହିଛି । ଭାରତ ପକ୍ଷରୁ ଧାର୍ଯ୍ୟ ୩୫୦ ରନର ଲକ୍ଷ୍ୟକୁ ପିଛା କରି ଇଂଲଣ୍ଡ ଯୁଥ୍ ଦଳ ଅନ୍ତିମ ତଥା ୪ର୍ଥ ଦିବସରେ ଅଧିନାୟକ ହାମଜା ଶେଖ୍‌ଙ୍କ ଶତକୀୟ ପାଳି ସତ୍ତ୍ୱେ ୬୩ ଓଭରରେ ୭ ୱିକେଟ୍ ହରାଇ ୨୭୦ ରନ କରିପାରିଥିଲା । ଭାରତୀୟ ବୋଲର ମଧ୍ୟ ଆଉ ୩ଟି ୱିକେଟ୍ ନେଇ ମ୍ୟାଚକୁ ଜିତିବାକୁ ଶତ ଚେଷ୍ଟା କରିଥିଲେ ମଧ୍ୟ ସଫଳ ହୋଇପାରି ନ ଥିଲେ । ଭାରତ ଏହି ମ୍ୟାଚର ପ୍ରଥମ ପାଳିରେ ୫୪୦ ରନର ବିଶାଳ ସ୍କୋର କରିଥିଲା । ନିଜେ ଅଧିନାୟକ ଆୟୁଷ ମହାତ୍ରେ ୧୦୨ ରନର ପାଳି ଖେଳିଥିଲେ । ଜବାବରେ ଇଂଲଣ୍ଡ ୪୩୯ ରନରେ ପ୍ରଥମ ପାଳି ସୀମିତ ରହିଥିଲା । ୯୯ ରନରେ ଅଗ୍ରଣୀ ରହିଥିବା ଭାରତ ଏହାପରେ ୨ୟ ପାଳିରେ ୨୪୮ ରନରେ ଅଲ୍‌ଆଉଟ୍ ହୋଇଥିଲା । ଆଇପିଏଲ୍ ତାରକା ବୈଭବ ସୂର୍ଯ୍ୟବଂଶୀ ଏହି ମ୍ୟାଚରେ ୭୦ ରନ ସହ ୨ଟି ୱିକେଟ୍ ନେଇ ଅଲ୍‌ରାଉଣ୍ଡ ପ୍ରଦର୍ଶନ କରିଥିଲେ । ସିରିଜର ଅନ୍ତିମ ତଥା ୨ୟ ଟେଷ୍ଟ ଜୁଲାଇ ୨୦ରୁ ଆରମ୍ଭ ହେବ ।

# ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍ — ଶୀର୍ଷକୁ ଫେରିଲେ ରୁଟ୍

**ଦୁବାଇ, ୧୬ ।୭ (ଏଜେନ୍ସି):**

ଇଂଲଣ୍ଡର ପୂର୍ବତନ ଅଧିନାୟକ ଜୋ ରୁଟ୍ ସଦ୍ୟ ପ୍ରକାଶିତ ଆଇସିସି ଟେଷ୍ଟ ର୍‍ୟାଙ୍କିଙ୍ଗ୍‌ର ବ୍ୟାଟିଂ ତାଲିକାରେ ଶୀର୍ଷ ସ୍ଥାନକୁ ଫେରିଛନ୍ତି । ରୁଟ୍ ନିଜ ଦେଶର ହ୍ୟାରୀ ବ୍ରୁକଙ୍କୁ ପଛରେ ପକାଇ ଗୋଟିଏ ପାହାଚ ଲମ୍ଫ ପ୍ରଦାନ କରି ଏକ ନମ୍ବର ସ୍ଥାନ ହାସଲ କରିଛନ୍ତି । ଭାରତ ବିପକ୍ଷ ୩ୟ ଟେଷ୍ଟର ଉଭୟ ପାଳିରେ ରୁଟ୍ ଯଥାକ୍ରମେ ୧୦୪ ଓ ୪୦ ରନର ଉପଯୋଗୀ ପାଳି ଖେଳି ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେହିଭଳି ନ୍ୟୁଜିଲାଣ୍ଡର କେନ୍ ୱିଲିୟମସନ ମଧ୍ୟ ୩ୟରୁ ଦ୍ୱିତୀୟ ସ୍ଥାନକୁ ଉଠିଛନ୍ତି । ଅପରପକ୍ଷରେ ବ୍ରୁକ୍ ଶୀର୍ଷ ସ୍ଥାନ ହରାଇବା ସହ ୩ୟକୁ ଖସିଯାଇଛନ୍ତି ।

୩୪ ବର୍ଷୀୟ ରୁଟ୍ ତାଙ୍କ କ୍ୟାରିୟରରେ ୮ମ ଥର ଲାଗି ଶୀର୍ଷ ସ୍ଥାନ ହାସଲ କରିଛନ୍ତି । ସେହିଭଳି ଦ୍ୱିତୀୟ ବୟୋଜ୍ୟେଷ୍ଠ ଖେଳାଳି ଭାବେ ଏକ ନମ୍ବର ସ୍ଥାନରେ ରହିଛନ୍ତି । ବୟୋଜ୍ୟେଷ୍ଠ ଖେଳାଳି ଭାବେ କୁମାର ସାଙ୍ଗାକାରା ୨୦୧୪ରେ ୩୭ ବର୍ଷ ବୟସରେ ଟେଷ୍ଟରେ ଏକ ନମ୍ବର ସ୍ଥାନ ହାସଲ କରିଥିଲେ । ଅପରପକ୍ଷରେ ଇଂଲଣ୍ଡ ବିପକ୍ଷରେ ୩ୟ ଟେଷ୍ଟରେ ନୈରାଶ୍ୟଜନକ ପ୍ରଦର୍ଶନ କରିଥିବା ଯଶସ୍ୱୀ ଜୟସ୍ୱାଲ ଗୋଟିଏ ପାହାଚ ତଳକୁ ଖସି ୫ମ ସ୍ଥାନରେ ରହିଛନ୍ତି । ଚତୁର୍ଥ ସ୍ଥାନ ଲାଭ କରିଥିବା ଅଷ୍ଟ୍ରେଲିଆର ଷ୍ଟିଭ ସ୍ମିଥଙ୍କ ଗୋଟିଏ ସ୍ଥାନ ଉନ୍ନତି ହୋଇଛି । ଟେଷ୍ଟ ମାନ୍ୟତାର ବ୍ୟାଟିଂ ତାଲିକାରେ ଟପ୍-୧୦ରେ ଆଉ ଦୁଇ ଭାରତୀୟ ଭାବେ ଉପଅଧିନାୟକ ଋଷଭ ପନ୍ତ ୮ମ ଓ ଅଧିନାୟକ ଶୁବମନ ଗିଲ୍ ୯ମ ସ୍ଥାନରେ ରହିଛନ୍ତି । ପନ୍ତ ଗୋଟିଏ ସ୍ଥାନ ଓ ଗିଲ୍ ୩ଟି ସ୍ଥାନ ହରାଇଛନ୍ତି । ବୋଲିଂ ତାଲିକାରେ ଭାରତର ଯଶପ୍ରୀତ୍ ବୁମ୍‌ରା ଶୀର୍ଷ ସ୍ଥାନ ବଜାୟ ରଖିଛନ୍ତି । ୱେଷ୍ଟଇଣ୍ଡିଜ ବିପକ୍ଷ ୩ୟ ଟେଷ୍ଟରେ ହ୍ୟାଟ୍ରିକ ଅର୍ଜନ କରିଥିବା ଅଷ୍ଟ୍ରେଲିଆର ସ୍କଟ୍ ବୋଲାଣ୍ଡ ୧୨ରୁ ୬ଷ୍ଠ ସ୍ଥାନକୁ ଲମ୍ଫ ପ୍ରଦାନ କରିଛନ୍ତି । ବୋଲିଂ ତାଲିକାର ଟପ୍-୧୦ରେ ବୋଲାଣ୍ଡଙ୍କ ସହ ୫ଜଣ ଅଷ୍ଟ୍ରେଲୀୟ ଖେଳାଳି ରହିଛନ୍ତି । ସେମାନେ ହେଲେ ପ୍ୟାଟ୍ କମିନ୍ସ (୩ୟ), ଜୋଶ୍ ହାଜଲେଉଡ୍ (୪ର୍ଥ), ନାଥନ ଲାୟନ (୮ମ) ଓ ମିଚେଲ ଷ୍ଟାର୍କ (୧୦ମ) ।



## ଇଂଲଣ୍ଡ ଦଳକୁ ଜରିମାନା

**ଲର୍ଡ୍ସ, ୧୬ ।୭ (ଏଜେନ୍ସି):** ଚଳିତ ଆଣ୍ଡରସନ-ତେନ୍ଦୁଲକର ଟ୍ରଫିରେ ଲର୍ଡ୍ସ ଗ୍ରାଉଣ୍ଡରେ ଖେଳାଯାଇଥିବା ୩ୟ ଟେଷ୍ଟ ମ୍ୟାଚକୁ ଇଂଲଣ୍ଡ ରୋମାଞ୍ଚକ ଭାବେ ୨୨ ରନରେ ବିଜୟୀ ହୋଇଥିଲା । ତେବେ ଏହି ମ୍ୟାଚରେ ଧୀମା ବୋଲିଂ କରିଥିବାରୁ ଘରୋଇ ଇଂଲଣ୍ଡ ଦଳ ଉପରେ ଆଇସିସି ଜରିମାନା ଲଗାଇଛି । ଧାର୍ଯ୍ୟ ସମୟରେ ଇଂଲଣ୍ଡ ଦଳ ୨ ଓଭର କମ୍ ବୋଲିଂ କରିଥିଲା । ଫଳରେ ପ୍ରତ୍ୟେକ ଖେଳାଳିଙ୍କ ମ୍ୟାଚ୍ ପାଉଣାର ୧୦ ପ୍ରତିଶତ ଜରିମାନା କରାଯାଇଛି । ସେହିଭଳି ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ (ଡବ୍ଲ୍ୟୁଟିସି) ପଏଣ୍ଟରୁ ଇଂଲଣ୍ଡର ୨ ପଏଣ୍ଟ କାଟିଦିଆଯାଇଛି । ବିଶ୍ୱ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ଆଇସିସି'ର ମ୍ୟାଚ୍ ରେଫରି ରିଚି ରିଚାର୍ଡସନ୍ ଏହି ସୂଚନା ଦେଇଛନ୍ତି । ଇଂଲଣ୍ଡ ଅଧିନାୟକ ବେନ୍ ଷ୍ଟୋକ୍ସ ଏହି ଦଣ୍ଡକୁ ସ୍ୱୀକାର କରିଛନ୍ତି । ଦୁଇ ଦଳ ମଧ୍ୟରେ ୪ର୍ଥ ଟେଷ୍ଟ ମ୍ୟାଚ୍ ଜୁଲାଇ ୨୩ରୁ ଆରମ୍ଭ ହେବ ।

# ସାହାଣୀ କପ୍ ଉଦ୍‌ଘାଟିତ — ଅସୀମଙ୍କ ଦୁଇଟି ଗୋଲ୍; ଭୁବନେଶ୍ୱର ବିଜୟୀ


କେନ୍ଦୁଝର ଜୋନ୍

**କଟକ,୧୬।୭ (ସମିସ):** ୬୪ତମ ବରିଷ୍ଠ ପୁରୁଷ ଆନ୍ତଃଜିଲ୍ଲା ଫୁଟବଲ ଚାମ୍ପିଅନସିପ୍ ସାହାଣୀ କପ୍ ବୁଧବାରଠାରୁ ଆରମ୍ଭ ହୋଇଛି । ଫୁଟବଲ ଆସୋସିଏସନ ଅଫ ଓଡ଼ିଶା (ଫାଓ) ଏବଂ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ କେନ୍ଦୁଝର, କେନ୍ଦ୍ରାପଡ଼ା, ବ୍ରହ୍ମପୁର ଏବଂ ବୌଦ୍ଧ ଜୋନ୍‌ରେ ଏକ ସଙ୍ଗରେ ମ୍ୟାଚ୍ ଖେଳାଯାଉଛି । ପ୍ରତ୍ୟେକ ଜୋନ୍‌ରେ ଆଜି ୨ଟି ଲେଖାଏ ମ୍ୟାଚ୍ ଆୟୋଜନ ହୋଇଥିଲା ।

ବୌଦ୍ଧ ଜୋନ୍‌ରେ ଅନୁଷ୍ଠିତ ଏକ ମ୍ୟାଚ୍‌ରେ ସମ୍ବଲପୁର ୩-୦ ଗୋଲରେ କନ୍ଧମାଳକୁ ହରାଇଛି । ଏହି ଜୋନ୍‌ରେ ଖେଳାଯାଇଥିବା ଅନ୍ୟ ଏକ ମ୍ୟାଚରେ ବୌଦ୍ଧ ୧-୦ ଗୋଲରେ ନୂଆପଡାକୁ ହରାଇଥିଲା । ବୌଦ୍ଧ ତରଫରୁ ସମୀର ପ୍ରଧାନ ଏକମାତ୍ର ଗୋଲ ସ୍କୋର କରିଥିଲେ । କେନ୍ଦ୍ରାପଡ଼ା ଜୋନ୍‌ରେ ଝାରସୁଗୁଡା ୨-୧ ଗୋଲରେ ଜଗତସିଂହପୁରକୁ ଓ ଭଦ୍ରକ ୨-୦ ଗୋଲରେ କେନ୍ଦ୍ରାପଡ଼ାକୁ ପରାସ୍ତ କରିଥିଲା । ସେହିଭଳି କେନ୍ଦୁଝର ଜୋନ୍‌ରେ ଖେଳାଯାଇଥିବା ଦୁଇଟି ମ୍ୟାଚ୍‌ରେ ରାଉରକେଲା ଷ୍ଟିଲ ପ୍ଲାଣ୍ଟ ଏବଂ କେନ୍ଦୁଝର ବିଜୟୀ ହୋଇଥିଲେ । ଷ୍ଟିଲ ପ୍ଲାଣ୍ଟ ଦଳ ୪-୧ ଗୋଲରେ ଯାଜପୁରକୁ ଓ କେନ୍ଦୁଝର ୧-୦ ଗୋଲରେ ଅନୁଗୋଳକୁ ହରାଇଛି । ବ୍ରହ୍ମପୁର ଜୋନ୍‌ରେ ଅନୁଷ୍ଠିତ ପ୍ରଥମ ମ୍ୟାଚ୍‌ରେ ଭୁବନେଶ୍ୱର ୩-୦ ଗୋଲରେ ନବରଙ୍ଗପୁରକୁ ପରାସ୍ତ କରିଥିଲା । ଭୁବନେଶ୍ୱରର ଅସୀମ ଡୁଙ୍ଗଡୁଙ୍ଗ ୨ଟି ଗୋଲ୍ ଦେଇଥିଲେ । ଏଠାରେ ଗଞ୍ଜାମ ଓ ଗଜପତି ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ଗୋଲ ଶୂନ୍ୟ ଭାବେ ଶେଷ ହୋଇଥିଲା । କେନ୍ଦୁଝର ଜୋନ୍‌ରେ ଜିଲ୍ଲାପାଳ ବିଶାଳ ସିଂହ, ଏସପି ନୀତିନ କୁଶଲ କର, ସାହାଣୀ କପ୍ ଆବାହକ ଗଣେଶ୍ୱର ମହାତୋ, କେନ୍ଦ୍ରାପଡ଼ା ଜୋନରେ ବିଧାୟକ ପ୍ରତାପ କେଶରୀ ଦେବ, ଅତିରିକ୍ତ ଏସପି ଦେବାଶିଷ ଧଳ, ଫାଓ ଉପସଭାପତି ବିଜୟ ଦାସ, ବ୍ରହ୍ମପୁର ଜୋନରେ ଏସ୍‌ପି ସୁବର୍ଣ୍ଣା ବିବେକ, ଫାଓ କୋଷାଧ୍ୟକ୍ଷ ଭକ୍ତ ବତ୍ସଳ ଦାସ, ସଦସ୍ୟ ନବକିଶୋର ମିଶ୍ର, ବୌଦ୍ଧ ଜୋନରେ ସାଂସଦ ସୁକାନ୍ତ ପାଣିଗ୍ରାହୀ, ଜିଲ୍ଲାପାଳ ସୁବ୍ରତ ପଣ୍ଡା, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ ପ୍ରମୁଖ ଯୋଗ ଦେଇଥିଲେ ।

## ସେପ୍ଟେମ୍ବରରେ ଭାରତ ଆସିବେ ବୋଲ୍ଟ

**ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି):** ବିଶ୍ୱର ମହାନ ସ୍ପ୍ରିଣ୍ଟର ତଥା ଧାବକ ଉସେନ ବୋଲ୍ଟ ଆସନ୍ତା ସେପ୍ଟେମ୍ବର ୨୬ରେ ଭାରତ ଗସ୍ତରେ ଆସିବେ । ୮ଥରର ଅଲିମ୍ପିକ ଚାମ୍ପିଅନ ବୋଲ୍ଟ ଏହି ୩ ଦିନିଆ ଗସ୍ତରେ ଦିଲ୍ଲୀ ଓ ମୁମ୍ବଇରେ କେତୋଟି ପ୍ରମୋସନାଲ କାର୍ଯ୍ୟକ୍ରମରେ ଯୋଗଦେବାର ରହିଛି । ବୋଲ୍ଟଙ୍କ ଏହା ଦ୍ୱିତୀୟ ଭାରତ ଗସ୍ତ ହେବ । ଏଥିପୂର୍ବରୁ ୨୦୧୪ରେ ସେ ଭାରତ ଗସ୍ତରେ ଆସିଥିଲେ । ସେହି ସମୟରେ ସେ ୨୦୧୧ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଦଳର ଖେଳାଳିଙ୍କ ସହ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳିଥିଲେ ।

## ଟି-୨୦ ସିରିଜ ଜିତିଲା ବାଂଲାଦେଶ

**କଲମ୍ବୋ, ୧୬ ।୭ (ଏଜେନ୍ସି):** ସ୍ଥାନୀୟ ଆର୍ ପ୍ରେମଦାସ ଷ୍ଟାଡିୟମରେ ବୁଧବାର ଅନୁଷ୍ଠିତ ଅନ୍ତିମ ତଥା ୩ୟ ଟି-୨୦ ମ୍ୟାଚରେ ବାଂଲାଦେଶ ୮ ୱିକେଟ୍‌ରେ ଘରୋଇ ଶ୍ରୀଲଙ୍କାକୁ ପରାସ୍ତ କରିଛି । ଶ୍ରୀଲଙ୍କା ପକ୍ଷରୁ ଧାର୍ଯ୍ୟ ୧୩୩ ରନର ଲକ୍ଷ୍ୟକୁ ବାଂଲାଦେଶ ୧୬.୩ ଓଭରରେ ୨ ୱିକେଟ୍ ହରାଇ ବିଜୟୀ ହୋଇଥିଲା । ଓପନର୍ ତାନଜିଦ୍ ହାସନ ତାମିମଙ୍କ ଅପରାଜିତ ୭୩ ରନ ଓ ମେହଦୀ ହାସନଙ୍କ ୪ ୱିକେଟ୍ ସଫଳତା ଦଳକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା । ଏଥିସହ ଭ୍ରମଣକାରୀ ବାଂଲାଦେଶ ଟି-୨୦ ସିରିଜକୁ ୨-୧ରେ ଜିତିନେଇଛି । ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ଶ୍ରୀଲଙ୍କା ୭ ୱିକେଟ୍‌ରେ ଓ ଦ୍ୱିତୀୟ ମ୍ୟାଚକୁ ବାଂଲାଦେଶ ୮୩ ରନରେ ଜିତିଥିଲା ।

# ଦୌଡ଼କୁଦରେ ୧୫ ନୂଆ ଜାତୀୟ ରେକର୍ଡ




**ନୂଆଦିଲ୍ଲୀ, ୧୬ ।୭ (ଏଜେନ୍ସି):**

ବର୍ଷ ୨୦୨୫ ଭାରତୀୟ ଟ୍ରାକ୍ ଆଣ୍ଡ ଫିଲ୍ଡ ଆଥ୍‌ଲେଟ୍‌ଙ୍କ ପାଇଁ ବେଶ୍ ଉଲ୍ଲେଖନୀୟ ରହିଛି । ଚଳିତ ବର୍ଷର ପ୍ରଥମ ୭ ମାସ ଅତିକ୍ରାନ୍ତ କରିବାକୁ ଥିବାବେଳେ ଭାରତୀୟ ଆଥ୍‌ଲେଟ୍‌ମାନେ ଏସୀୟ ଓ ବିଶ୍ୱସ୍ତରରେ ଡର୍ଜନେରୁ ଊର୍ଦ୍ଧ୍ୱ ୧୫ଟି ନୂତନ ଜାତୀୟ ରେକର୍ଡ ପ୍ରତିଷ୍ଠା କରି ଏକ ସ୍ମରଣୀୟ ସଫଳତା ପାଇଛନ୍ତି । ଏଥିରେ ସ୍ପ୍ରିଣ୍ଟ ଇଭେଣ୍ଟ ସମେତ ଥ୍ରୋ ଓ ପୋଲ୍ ଉପରେ ଭାରତୀୟ ଆଥ୍‌ଲେଟ୍‌ମାନେ ଆଶ୍ଚର୍ଯ୍ୟଜନକ ଲମ୍ଫ ପ୍ରଦାନ କରିଛନ୍ତି । ଏହି ବର୍ଷ ଭାରତୀୟ ଆଥ୍‌ଲେଟ୍‌ମାନେ ଦୌଡ଼କୁଦରେ ପ୍ରତିଷ୍ଠା କରିଥିବା ରେକର୍ଡ ଉପରେ ସଂକ୍ଷେପରେ ନଜର ପକାଇବା ।

**ନୀରଜ ଚୋପ୍ରା:** ଦୁଇଥରର ଅଲିମ୍ପିକ୍ସ ପଦକ ବିଜେତା ନୀରଜ ଚୋପ୍ରା ମଧ୍ୟ ତାଙ୍କ କ୍ୟାରିୟରରେ ପ୍ରଥମଥର ୯୦ ମିଟର ଜାଭେଲିନ ଫିଙ୍ଗି ଦେଶ ପାଇଁ ନୂଆ ରେକର୍ଡ ସୃଷ୍ଟି କରିଥିଲେ । ଦୋହା ଡାଏମଣ୍ଡ ଲିଗରେ ସେ ୯୦.୨୩ ମିଟର ଜାଭେଲିନ ଫିଙ୍ଗିଥିଲେ ।

**ପୁରୁଷ ୮୦୦ ମିଟର:** ମେ ୯ ରେ ଦୁବାଇରେ ଅନୁଷ୍ଠିତ ୟୁଏଇ ଆଥ୍‌ଲେଟିକ୍ସ ଗ୍ରାଁପ୍ରିରେ ଭାରତର ମହମ୍ମଦ ଅଫଜାଲ ୧ ମିନିଟ୍ ୪୫.୬୧ ସେକେଣ୍ଡରେ ୮୦୦ ମିଟରକୁ ଶେଷ କରି ନୂଆ ଜାତୀୟ ରେକର୍ଡ କରିଥିଲେ । ଏହାପରେ ଜୁଲାଇ ୫ରେ ପୋଲାଣ୍ଡରେ ଏକ ଇଭେଣ୍ଟରେ ଅଫଜାଲ୍ ୧ ମିନିଟ୍ ୪୪.୯୩ ସେକେଣ୍ଡରେ ଫିନିଶ କରି ପୁଣିଥରେ ରେକର୍ଡ ନିଜ ନାମରେ କରିଥିଲେ ।

**୧୦୦୦୦ ମିଟର:** ୨୯ ମାର୍ଚ୍ଚରେ ଗୁଲବୀର ସିଂହ ୨୭ ମିନିଟ୍ ୦.୨୨ ସେକେଣ୍ଡରେ ଫିନିଶ କରି ନିଜ ନାମରେ ଥିବା ପୁରୁଣା (୨୭:୧୪.୮୮ ସେକେଣ୍ଡ) ରେକର୍ଡକୁ ପଛରେ ପକାଇଥିଲେ ।

**୪ ଗୁଣା ୧୦୦ମି. ରିଲେ:** ଅନିମେଶ, ମଣିକାନ୍ତ, ଗୁରିନ୍ଦର ଓ ଅମ୍ଲାନଙ୍କୁ ନେଇ ଗଠିତ ଭାରତୀୟ ରିଲେ ଦଳ ପୁରୁଷ ୪ ଗୁଣା ୧୦୦ ମିଟର ରିଲେ ରେସକୁ ୩୮.୬୯ ସେକେଣ୍ଡରେ ଫିନିଶ କରି ୧୫ ବର୍ଷ ତଳର ଜାତୀୟ ରେକର୍ଡ ଭାଙ୍ଗିଥିଲେ ।

**ପୁରୁଷ ପୋଲ୍ ଭଲ୍ଟ:** ଏପ୍ରିଲ ୨୨ରେ ଦେବ ମୀନା ପୁରୁଷ ପୋଲ୍ ଭଲ୍ଟରେ ୫.୩୫ ମିଟର ଉଚ୍ଚକୁ ଡେଇଁ ନୂଆ ଜାତୀୟ ରେକର୍ଡ କରିଥିଲେ । ଏଥିସହ ଦୁଇ ମାସ ପୂର୍ବରୁ ଜାତୀୟ କ୍ରୀଡ଼ାରେ ନିଜେ ପ୍ରତିଷ୍ଠା କରିଥିବା ରେକର୍ଡ (୫.୩୨ ମିଟର)କୁ ପଛରେ ପକାଇଥିଲେ ।

**ଷ୍ଟିପଲେଚେଜ୍:** ମହିଳା ୩୦୦୦ ମିଟର ଷ୍ଟିପଲେଚେଜ୍‌ରେ ପାରୁଲ ଚୌଧୁରୀ ଚଳିତ ବର୍ଷ ୨ଥର ଜାତୀୟ ରେକର୍ଡ କରିଛନ୍ତି । ପ୍ରଥମେ ୧୬ ମେ'ରେ ସେ ଏହି ଦୂରତାକୁ ୯ ମିନିଟ୍ ୧୩.୩୯ ସେକେଣ୍ଡରେ ଫିନିଶ କରି ଦୁଇ ବର୍ଷ ତଳେ ନିଜେ ପ୍ରତିଷ୍ଠା କରିଥିବା ରେକର୍ଡକୁ ଭାଙ୍ଗିଥିଲେ । ଏହାପରେ ମେ ୩୦ରେ ଏସିଆନ ଚାମ୍ପିଅନସିପ୍‌ରେ ପାରୁଲ ୯ ମିନିଟ୍ ୧୨.୪୬ ସେକେଣ୍ଡରେ ରେସ ଶେଷ କରି ପୁଣିଥରେ ନୂଆ ଜାତୀୟ ରେକର୍ଡ କରିଥିଲେ ।

ସ୍ମରଣୀୟ ୨୦୨୫

### ଅନିମେଶ କୁଜୁରଙ୍କ ସଫଳତା

ଓଡ଼ିଶାର ଧାବକ ଅନିମେଶ କୁଜୁର ଉଭୟ ୧୦୦ ଓ ୨୦୦ ମିଟରରେ ନିଜର ଶ୍ରେଷ୍ଠତ୍ୱ ନିକଟରେ ପ୍ରଦର୍ଶିତ କରିଛନ୍ତି । ୧୦୦ ମିଟରରେ ଚଳିତ ବର୍ଷ ୨ଥର ଜାତୀୟ ରେକର୍ଡ ପ୍ରତିଷ୍ଠା ହୋଇଛି । ମେ ୨୮ରେ ଗୁରିନ୍ଦରବୀର ସିଂହ ୧୦.୨୦ ସେକେଣ୍ଡ ସମୟ ନେଇ ମଣିକାନ୍ତ ହୋବ୍ଲିଦାର (୨୦୨୩ରେ ୧୦.୨୩ ସେକେଣ୍ଡ)ଙ୍କ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ । ତେବେ ଜୁଲାଇ ୫ରେ ଗ୍ରୀସରେ ଅନୁଷ୍ଠିତ ଏକ ଇଭେଣ୍ଟରେ ଅନିମେଶ ୧୦.୧୮ ସେକେଣ୍ଡରେ ୧୦୦ ମିଟରକୁ ଫିନିଶ କରି ଗୁରିନ୍ଦରଙ୍କୁ ପଛରେ ପକାଇ ନୂଆ ଜାତୀୟ ରେକର୍ଡ କରିଥିଲେ । ଅପରପକ୍ଷରେ ପୁରୁଷ ୨୦୦ ମିଟରରେ ଅନିମେଶ ଦୁଇଥରର ନୂଆ ରେକର୍ଡ କରିଛନ୍ତି । ଏପ୍ରିଲ ୨୪ରେ ସେ ୨୦.୪୦ ସେକେଣ୍ଡରେ ରେସ୍ ଶେଷ କରିଥିଲେ । ଫଳରେ ୨୦୨୨ରେ ଅମ୍ଲାନ ବୋରଗୋହେଁ (୨୦.୫୨ ସେକେଣ୍ଡ) ପ୍ରତିଷ୍ଠା କରିଥିବା ୨୦୦ ମିଟର ରେକର୍ଡକୁ ଅନିମେଶ ଭାଙ୍ଗିଥିଲେ । ଏହାର କିଛି ମାସ ପରେ ଦକ୍ଷିଣ କୋରିଆରେ ଅନୁଷ୍ଠିତ ଏସିଆନ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍‌ରେ ଅନିମେଶ ୨୦୦ ମିଟରକୁ ୨୦.୩୨ ସେକେଣ୍ଡରେ ଫିନିଶ କରି ନିଜ ନାମରେ ଥିବା ରେକର୍ଡକୁ ଭାଙ୍ଗିଥିଲେ ।

■ ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜ୍

## ନ୍ୟୁଜିଲାଣ୍ଡର ବିଜୟ ଅଭିଯାନ

**ହରାରେ, ୧୬ ।୭ (ଏଜେନ୍ସି):** ଜିମ୍ବାୱେରେ ଚାଲିଥିବା ତ୍ରି-ରାଷ୍ଟ୍ରୀୟ ଟି-୨୦ ସିରିଜରେ ନ୍ୟୁଜିଲାଣ୍ଡ ବିଜୟରୁ ଅଭିଯାନ ଆରମ୍ଭ କରିଛି । ବୁଧବାର ସ୍ଥାନୀୟ ହରାରେ ସ୍ପୋର୍ଟ୍ସ କ୍ଲବରେ ଅନୁଷ୍ଠିତ ଟୁର୍ଣ୍ଣାମେଣ୍ଟର ୨ୟ ମ୍ୟାଚରେ ନ୍ୟୁଜିଲାଣ୍ଡ ୨୧ ରନରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି । ଏଥିସହ ୨ ପଏଣ୍ଟ ପାଇଁ ନ୍ୟୁଜିଲାଣ୍ଡ ଖାତା ଖୋଲିଛି । ଅପରପକ୍ଷରେ ପ୍ରଥମ ମ୍ୟାଚରେ ଜିମ୍ବାୱେକୁ ହରାଇଥିବା ଦକ୍ଷିଣ ଆଫ୍ରିକା ୨ ମ୍ୟାଚରୁ ଗୋଟିଏ ଲେଖାଏ ବିଜୟ ଓ ପରାଜୟ ସହ ୨ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି । ସିରିଜର ପରବର୍ତ୍ତୀ ମ୍ୟାଚ୍ ଶୁକ୍ରବାର ଘରୋଇ ଜିମ୍ବାୱେ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଖେଳାଯିବ । ଟୁର୍ଣ୍ଣାମେଣ୍ଟରେ ପ୍ରତ୍ୟେକ ଦଳ ପରସ୍ପର ବିପକ୍ଷରେ ଦୁଇଥର ଲେଖାଏ ଖେଳିବେ । ଏହାପରେ ଦୁଇ ଶ୍ରେଷ୍ଠ ଦଳ ମଧ୍ୟରେ ଜୁଲାଇ ୨୬ରେ ଫାଇନାଲ ଅନୁଷ୍ଠିତ ହେବ ।



ବୁଧବାର ଖେଳାଯାଇଥିବା ମ୍ୟାଚରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ନ୍ୟୁଜିଲାଣ୍ଡ ଟିମ୍ ରବିନସନଙ୍କ ଅପରାଜିତ ଦ୍ରୁତ ଅର୍ଦ୍ଧଶତକ ବଳରେ ୫ ୱିକେଟ୍‌ରେ ୧୭୩ ରନ କରିଥିଲା । ରବିନସନ ୬ ଚୌକା ଓ ୩ ଛକା ସହ ୫୭ ବଲରୁ ୭୫ ରନ କରିଥିଲେ । ସେହିଭଳି ବେଭନ ଜାକବ୍ସ ମଧ୍ୟ ୩୦ ବଲରେ ୪୪ ରନ କରି ଅପରାଜିତ ରହିଥିଲେ । ଦକ୍ଷିଣ ଆଫ୍ରିକା ପାଇଁ କ୍ୱିନା ମଫାକା ୨ଟି ୱିକେଟ ନେଇଥିଲେ । ଜବାବରେ ୬୨ ରନରେ ଅଧା ବ୍ୟାଟର୍‌ଙ୍କୁ ହରାଇଥିବା ଦକ୍ଷିଣ ଆଫ୍ରିକା ୧୮.୨ ଓଭରରେ ୧୫୨ ରନରେ ଅଲ୍‌ଆଉଟ୍ ହୋଇଯାଇଥିଲା । ଡେୱାଲ୍ଡ ବ୍ରେଭିସ ୩୫, ଜର୍ଜ ଲିଣ୍ଡେ ୩୦, ଲୁଆନ-ଡ୍ରି ପ୍ରିଟୋରିଅସ ୨୭, ରିଜା ହେଣ୍ଡ୍ରିକ୍ସ ୧୬ ରନ କରିଥିଲେ ମଧ୍ୟ ଦଳକୁ ଜିତାଇପାରି ନ ଥିଲେ । ମ୍ୟାଟ୍ ହେନରୀ ଓ ଜାକବ ଡଫୀ ୩ଟି ଲେଖାଏ ଏବଂ ଇଶ୍ ସୋଧୀ ୨ଟି ୱିକେଟ୍ ନେଇ ନ୍ୟୁଜିଲାଣ୍ଡକୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS